NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8+16 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY
4 MAY 2025
ରବିବାର
୪ ମେ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 343 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ ● ସଂଖ୍ୟା ୩୪୩ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

## ଆଇରନ୍ ଟ୍ରକ୍ ପୁଣି ନେଲା ମୁଣ୍ଡ



**ପାରାଦୀପ,୩।୫/ଏନ୍ଏନ୍ଏସ୍:**

ପାରାଦୀପ ଉପକଣ୍ଠ ଇଫ୍କୋ ଛକ ନିକଟରେ ଶନିବାର ସକାଳେ ପୁଣି ଏକ ମୁଣ୍ଡ ଗଡ଼ିଛି। ଜଣେ ସ୍କୁଟି ଚାଳକଙ୍କ ଉପରେ ଏକ ଦ୍ରୁତଗାମୀ ଆଇରନ୍ ଟ୍ରକ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଉକ୍ତ ରାସ୍ତାରେ ବାରମ୍ବାର ଆଇରନ୍ ବୋଝେଇ ଟ୍ରକ୍ ଧକ୍କାରେ ଜୀବନ ଯାଉଥିବା ପ୍ରତିବାଦରେ ସ୍ଥାନୀୟ ଲୋକେ ଦୀର୍ଘ ୫ଘଣ୍ଟା କାଳ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିବା ଦେଖିବାକୁ ମିଳିଥିଲା।

**୫ଘଣ୍ଟା ରାସ୍ତା ଅବରୋଧ**

ପାରାଦୀପ ଗଡ଼ରେ ରହୁଥିବା କିଶୋର ଶିରୋମଣୀ ସ୍କୁଟିରେ ଅଠରବାଙ୍କୀ ମେଡିକାଲକୁ ଆସୁଥିଲେ। ଏହି ସମୟରେ ପାରାଦୀପ ଅଞ୍ଚଳର ମରଣଯନ୍ତା କୁହାଯାଉଥିବା ଦୋଛକି-ଅଠରବାଙ୍କୀ ରାସ୍ତାରେ ଏକ ଆଇରନ୍ ଟ୍ରକ୍ ଦ୍ରୁତଗତିରେ ଆସି କିଶୋରଙ୍କ ସ୍କୁଟିକୁ ପଛରୁ ଧକ୍କାଦେଇ ତାଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ କିଶୋରଙ୍କ ମୃତ୍ୟୁ ହୋଇଥିଲା ବେଳେ ଉପସ୍ଥିତ ଲୋକମାନେ ଟ୍ରକ୍ ଡ୍ରାଇଭର୍‌କୁ ଧରି ପୁଲିସ୍ ଜିମା ଦେଇଥିଲେ। ଏଠାରେ ବାରମ୍ବାର ଏପରି ଦୁର୍ଘଟଣାକୁ ବିରୋଧ କରି ଲୋକେ ରାସ୍ତା ଉପରେ ଟାୟାର୍ ଜାଳି ରାସ୍ତା ଅବରୋଧ କରିଥିଲେ। ଆଇରନ୍ ଟ୍ରକ୍ ଆସିବା ପାଇଁ ସ୍ୱତନ୍ତ୍ର ରାସ୍ତା ଥିବାବେଳେ କିପରି ସାଧାରଣ ଲୋକଙ୍କ ରାସ୍ତାରେ ଆସିଲା, ସେ ନେଇ ପୁଲିସ ପ୍ରଶାସନ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ପୁଲିସ୍ ଜାଣିଶୁଣି ଏହି ଆଇରନ୍ ଟ୍ରକ୍‌ଗୁଡିକୁ ସାଧାରଣ ଲୋକଙ୍କ ରାସ୍ତାରେ ଛାଡୁଛନ୍ତି ଯାହା ଦ୍ୱାରା ନିରୀହ ଜୀବନ ଅକାଳରେ ଚାଲିଯାଉଛି ବୋଲି ମୃତ କିଶୋରଙ୍କ ପୁଅ ବିଭୂତି ଶିରୋମଣୀ ଅଭିଯୋଗ କରିଛନ୍ତି। ପୁଲିସ୍ ଯଦି ଠିକ୍ ଭାବେ କାମ କରିବ ତେବେ ଧାଡି ଭାଙ୍ଗି ଟ୍ରକ୍ ଚାଳକମାନେ ଆଉ ସର୍ବସାଧାରଣଙ୍କ ରାସ୍ତାକୁ ଆସନ୍ତେ ନାହିଁ କି ଦୁର୍ଘଟଣା ହୁଅନ୍ତା ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଧୁନା ମହାନ୍ତି ଅଭିଯୋଗ କରିଛନ୍ତି।

## କଟକରେ ଅଘଟଣ
# ଭୁଶୁଡ଼ିଲା ବ୍ରିଜ୍ ସ୍ଲାବ୍, ୩ ମୃତ

**କଟକ,୩।୫/ଏନଏନ୍ଏସ୍:**

ଖାନନଗରସ୍ଥିତ ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ଚାଲିଥିବା ବ୍ରିଜ୍ ନିର୍ମାଣ ବେଳେ ଶନିବାର ଅଘଟଣ ଘଟିଛି। ବ୍ରିଜ୍ ନିର୍ମାଣ କାର୍ଯ୍ୟରେ ଲାଗିଥିବା କ୍ରେନ୍‌ରୁ ସ୍ଲାବ୍ ଖସି ପଡ଼ିବାରୁ ୩ ଜଣ

### କ୍ରେନ୍ ଫେଲ୍ ହେବାରୁ ଘଟିଛି ଦୁର୍ଘଟଣା: ଡିସିପି

### ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ମେୟର୍

ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଶ୍ରମିକମାନେ ହେଲେ ସାଇଟ୍ ଇଞ୍ଜିନିୟର ବାଲେଶ୍ୱରର ସୌମ୍ୟ ରଞ୍ଜନ ମଲ୍ଲିକ (୩୦), ଶିବ ଶଙ୍କର ପଟ୍ଟନାୟକ (୨୮) ଓ ପଶ୍ଚିମବଙ୍ଗ ରାଜ୍ୟର ସୁବାସ ଭକ୍ତ (୪୦) ବୋଲି ଜଣାପଡ଼ିଛି। ସେହିପରି ଆହତ ଶ୍ରମିକମାନେ ହେଲେ ଅରୁଣ ବାରିକ ଓ ବିକଳ ଜେନା। ଆହତ ୨ ଜଣ ଶ୍ରମିକଙ୍କୁ କଟକ ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ ସମ୍ପ୍ରତି ଖାନନଗରସ୍ଥିତ କାଠଯୋଡ଼ି ବ୍ରିଜ୍ କାମ ଜାରି ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାମ ପାଇଁ ଏକ ଘରୋଇ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ଏବେ କାର୍ଯ୍ୟକୁ



ତ୍ୱରାନ୍ୱିତ କରାଯାଇଥିବାରୁ ଅନ୍ୟ ଦିନ ଭଳି ଶନିବାର ଏଠାରେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ତେବେ ଅପରାହ୍ଣ ପ୍ରାୟ ସାଢ଼େ ୪ଟା ବେଳେ ଏହି ଅଘଟଣ ଘଟିଥିଲା। ବ୍ରିଜ୍ ଉପରେ କିଛି ଶ୍ରମିକ କାମ କରୁଥିବାବେଳେ ଆଉ କିଛି ଶ୍ରମିକ ବ୍ରିଜ୍ ତଳେ କାର୍ଯ୍ୟ କରୁଥିଲେ। ହଠାତ୍ କ୍ରେନ୍ ଭାଙ୍ଗି ପଡ଼ିବାରୁ ବ୍ରିଜ୍ ଉପରୁ ସ୍ଲାବ୍ ତଳକୁ ପଡ଼ିଯିବା ଯୋଗୁଁ ୫ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଥିଲେ। ଆହତ ଶ୍ରମିକମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ୩ ଜଣ ଶ୍ରମିକଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା ବେଳେ ବାଦାମବାଡ଼ି ଠାରୁ ପ୍ରେସ୍‌ଛକ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ତେବେ ପୁଲିସ ପରିସ୍ଥିତିକୁ ତୁରନ୍ତ ଆୟତ୍ତ କରିବା ଯୋଗୁ ସ୍ଥିତି ସ୍ୱାଭାବିକ୍ ହୋଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଉଦ୍ଧାର କାର୍ଯ୍ୟ ସଂକ୍ରାନ୍ତରେ ସମୀକ୍ଷା କରିଥିଲେ। ନିର୍ମାଣଧୀନ ବ୍ରିଜ୍‌ରେ

**ଦୁଇ ଗୁରୁତର**

ବ୍ୟବହାର ହୋଇଥିବା କ୍ରେନ୍ ଫେଲ୍ ଯୋଗୁ ଏଭଳି ଅଘଟଣ ଘଟିଛି ବୋଲି କଟକ ଡିସିପି ରିଶିକେଶ ଖିଲାରୀ ସୂଚନା ଦେଇଛନ୍ତି। ଆହତମାନଙ୍କୁ ପୁଲିସ ଉଦ୍ଧାର କରି ▶▶ ୫


### ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ
## ସହାୟତା ଘୋଷଣା କଲେ, ତଦନ୍ତ ନିର୍ଦ୍ଦେଶ ଦେଲେ

କଟକ ଖାନ୍‌ନଗରରେ ବ୍ରିଜ୍ ନିର୍ମାଣ ସମୟରେ ଶନିବାର ଅପରାହ୍ଣରେ ଘଟିଥିବା ଅଘଟଣ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ଏନେଇ ସେ ସାମାଜିକ ଗଣମାଧ୍ୟମରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ସମସ୍ତ



ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହ ଦୁର୍ଘଟଣାରେ ଆହତଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇବା ସହ ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଫୁଲଟାରେ ଘନଘନ ବୋମାମାଡ଼
### ୨ ପ୍ଲାଟୁନ ପୁଲିସ ମୁତୟନ




**କୁକୁଡାଖଣ୍ଡି,୩।୫/ଏନ୍ଏନ୍ଏସ୍:**

ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗ୍ରାମ ପୁଣିଥରେ ଅଶାନ୍ତ ହୋଇ ଉଠିଛି। ଶୁକ୍ରବାର ରାତିରେ ଘନଘନ ବୋମାମାଡ଼ ହୋଇଛି। ଏଥିରେ କେହି ମୃତାହତ ହୋଇନଥିବା ବେଳେ ଗାଁ'ରେ ଆତଙ୍କରାଜ ଖେଳିଯାଇଛି।


ସୂଚନା ମୁତାବକ ଦୁଇ ଅପରାଧୀ ଗୋଷ୍ଠୀ ମଧ୍ୟରେ ବହୁବର୍ଷ ହେଲା ଏଠାରେ ଛକପଞ୍ଝା ଲାଗି ରହିଛି। ଗୋଟିଏ ପଟେ କୋଠ ହିସାବ ଓ ଅନ୍ୟପଟେ ପତିଆରାକୁ କେନ୍ଦ୍ରକରି ଗ୍ରାମର ପୂର୍ବ ସାହି ଓ ବେଣୁସାହି ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହିଛି। ଏହାକୁ ନେଇ ଫୁଲଟା ଗ୍ରାମରେ ଏକାଧିକ ଥର ପୂର୍ବରୁ ବୋମାମାଡ଼ ହୋଇଛି। ଶୁକ୍ରବାର ରାତି ୧୦ଟା ବେଳେ ଉକ୍ତ ଗ୍ରାମରେ ପୁଣି ଘନଘନ ବୋମାମାଡ଼ ହୋଇଥିଲା। ସୌଭାଗ୍ୟବଶତଃ ଏଥିରେ କେହି ମୃତାହତ ହୋଇନଥିଲେ ମଧ୍ୟ ଆଗକୁ ଯେପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ ସେଥିପାଇଁ ଗ୍ରାମରେ ୨ ପ୍ଲାଟୁନ ପୁଲିସ ମୁତୟନ ରହିଥିବା ଥାନା ଅଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି। ପୁଲିସ ନିଜ ଆଡୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟଣାକୁ ନେଇ ଗ୍ରାମର କେହି ବି ଲୋକ ମୁହଁ ଖୋଲୁ ନଥିଲା ବେଳେ ତଦନ୍ତ ଚାଲିଛି, ଏଥିରେ ଯାହାର ବି ସମ୍ପୃକ୍ତି ଥିବା ଜଣାପଡ଼ିବ ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ସେ କହିଛନ୍ତି।

### ଦୀଘା ଦିଅଁ ବିବାଦ, ଆକ୍ସନ୍ ମୋଡ୍‌ରେ ଶ୍ରୀମନ୍ଦିର ପ୍ରଶାସନ
# ସମସ୍ତ ନିଯୋଗଙ୍କୁ ନୋଟିସ୍ ଜାରି

**ପୁରୀ,୩।୫/ଏନ୍ଏନ୍ଏସ୍:**

ପଶ୍ଚିମବଙ୍ଗର ଦୀଘାଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାକୁ ନେଇ ବିବାଦ ଜୋର୍ ଧରିଥିବା ବେଳେ ଗତକାଲି ଆଇନ ମନ୍ତ୍ରୀ ଅନୁସନ୍ଧାନ କରି ରିପୋର୍ଟ ଦେବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି କରିଥିଲେ। ଏ ନେଇ ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ତିନି ଗୋଟି ପର୍ଯ୍ୟାୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତାକାଲି ଅପରାହ୍ଣ ୫ଟା ସୁଦ୍ଧା ଏହି ବିବାଦ ସମ୍ପର୍କରେ ମତାମତ ଦେବା ପାଇଁ ସମସ୍ତ ନିଯୋଗଙ୍କୁ ଚିଠି ମାଧ୍ୟମରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଏହି ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ, ଉନ୍ନୟନ ପ୍ରଶାସକ, ସୁରକ୍ଷା ପ୍ରଶାସକ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

ସୂଚନା ମୁତାବକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିରରେ ନବକଳେବର ସମୟରେ ବଳକା ଥିବା ଦାରୁ ସମ୍ପର୍କରେ ଆଲୋଚନା ହୋଇଛି। ବୈଠକର ପ୍ରଥମ ପର୍ଯ୍ୟାୟରେ ଦେଉଳକରଣ, ତଢ଼ାଉକରଣ, ପାଟଯୋଶୀ ମହାପାତ୍ରଙ୍କ ସହ ଆଲୋଚନା କରାଯାଇଥିଲା। ଏହି ସଙ୍ଗୀନ ଧାର୍ମିକ ବିବାଦୀୟ ପରିସ୍ଥିତିରେ ରାଜ୍ୟ ସରକାର ହସ୍ତକ୍ଷେପ କରି ସମାଧାନ କରିବାକୁ ସେବାୟତମାନେ ମତ ରଖିଥିଲେ। ଯେ କୌଣସି ବି ସେବାୟତ ମହାପ୍ରଭୁଙ୍କୁ ନେଇ ବିବାଦୀୟ ମତ ରଖିବା ଏବଂ କାର୍ଯ୍ୟ କରିବା ନିନ୍ଦନୀୟ। ଦୀଘାରେ ମନ୍ଦିର ପ୍ରତିଷ୍ଠା ହୋଇଥିବା ବେଳେ ସେଠାରେ ଉଭୟ ପଥର ଓ ନିମକାଠ ମୂର୍ତ୍ତି ବିଜେ କରିବା ରାଜ୍ୟ ତଥା ଦେଶ ପ୍ରତି ବିପଦ ସୃଷ୍ଟିକରିବ। ଦେଶରେ ଚାରିଗୋଟି ଧାମ ରହିଥିବା



**୩ ପର୍ଯ୍ୟାୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ**


ବେଳେ ପୁରୀ ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମ ଭାବେ ବିବେଚିତ। ପୁରୀ ଛଡ଼ା ଅନ୍ୟ କୌଣସି ଧାମ ହୋଇପାରିବ ନାହିଁ ବୋଲି ଶ୍ରୀମନ୍ଦିର ବରିଷ୍ଠ ସେବାୟତ ମତ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବାଡ଼ଗ୍ରାହୀମାନଙ୍କ ସହ ବୈଠକ ବସିଥିବା ବେଳେ ୪ ବାଡ଼ଗ୍ରାହୀ ମଧ୍ୟରୁ ୩ ବାଡ଼ଗ୍ରାହୀ ଉପସ୍ଥିତ ରହିଥିଲେ। ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର ପ୍ରତିକ୍ରିୟା ଦେଇ କହିଥିଲେ ଯେ ଭାରତରେ ଚାରି ଧାମ, ଚାରି ଶଙ୍କରାଚାର୍ଯ୍ୟ ଅଛନ୍ତି। ଅନ୍ୟ କେଉଁଠାରେ ଧାମ ହୋଇପାରିବ ନାହିଁ। ଶ୍ରୀମନ୍ଦିର ଭିତରୁ ଦାରୁ ନେବାର ସୁଯୋଗ ନାହିଁ। ପ୍ରସ୍ତର ମୂର୍ତ୍ତି ସ୍ଥାପନା ଉତ୍ସବ ଶାସ୍ତ୍ର ବିରୋଧୀ। ପ୍ରତିଷ୍ଠା ଉତ୍ସବରେ ଦଇତାପତି ଯିବା କଥା ନୁହେଁ। ଯଦି ଦଇତାପତି ନିଯୋଗ ସମ୍ପାଦକ ଦାରୁ ନେଇଥିବେ, କେବେ ଓ କିପରି ନେଲେ ତାଙ୍କୁ ପଚରାଯାଉ। ଦୀଘାରେ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥ ମନ୍ଦିର ଧାମ ନୁହେଁ। ଏଣୁ ଧାମକୁ କାଟିବା ପାଇଁ ରାଜ୍ୟ ସରକାର ପଶ୍ଚିମବଙ୍ଗ ସରକାରଙ୍କୁ ଲିଖିତ ଭାବେ ଜଣାଇବା ଦରକାର। ପରେ ତୃତୀୟ ପର୍ଯ୍ୟାୟରେ ତିନି ବିଶ୍ୱକର୍ମା ମହାରଣାଙ୍କ ସହ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ସହ ଆଲୋଚନା ପରେ ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର ପ୍ରତିକ୍ରିୟା ଦେଇ କହିଥିଲେ ଯେ ଆମେ ଦୃଢ଼ ଭାବରେ କହୁଛୁ ନବକଳେବର ବଳକା ଖଣ୍ଡ କାଠରେ ମୂର୍ତ୍ତି ନିର୍ମାଣ ଅସମ୍ଭବ। ବିଗ୍ରହ ନିର୍ମାଣ ସରିବା ପରେ ତାହା ଦଇତାପତି ନିଯୋଗଙ୍କ ହେପାଜତରେ ରହିଥାଏ। ବଳକା କାଠରେ କୌଣସି ମୂର୍ତ୍ତି ନିର୍ମାଣ ମିଥ୍ୟା କଥା। ସେ ବାହାରୁ କେଉଁଠାରେ ମୂର୍ତ୍ତି କିଣି ନେଇଥିବେ ବୋଲି ଅନୁମାନ କରୁଛୁ।

### ପାକିସ୍ତାନୀ ମହିଳାଙ୍କୁ ବିବାହ ମହଙ୍ଗା ପଡ଼ିଲା
## ସିଆର୍‌ପିଏଫ୍ ଯବାନ ବରଖାସ୍ତ

**ନୂଆଦିଲ୍ଲୀ,୩।୫/ଏଜେନ୍ସି:**

କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ (ସିଆର୍‌ପିଏଫ୍) ୪୧ ବାଟାଲିଅନ୍‌ର ଜଣେ ଯବାନ ମୁନୀର୍ ଅହମଦଙ୍କୁ ତତ୍କାଳ ପ୍ରଭାବରେ ଚାକିରିରୁ ବରଖାସ୍ତ କରାଯାଇଛି। କନ୍‌ଷ୍ଟେବଲ ପଦରେ ନିଯୁକ୍ତ ମୁନୀର୍ ଜଣେ ପାକିସ୍ତାନୀ ମହିଳାଙ୍କୁ ବିବାହ କରିଥିଲେ ଏବଂ ଏହି ବିଷୟ ସମସ୍ତଙ୍କଠାରୁ ଲୁଚାଇ ରଖିଥିଲେ। ପତ୍ନୀ ପାକିସ୍ତାନୀ ନାଗରିକ ହୋଇଥିବା ଜାଣି ମଧ୍ୟ ଭିସା ଅବଧି ଶେଷ ପରେ ମୁନୀର୍ ତାଙ୍କୁ ପାଖରେ ରଖିଥିଲେ। ସେ ଜାଣିଶୁଣି ପାକିସ୍ତାନୀ ନାଗରିକଙ୍କୁ ନିଜ ଘରେ ଶରଣ ଦେଇଥିଲେ। ଏହା ଜଣାପଡ଼ିବା ପରେ ମୁନୀର୍‌ଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଧିକାରୀଙ୍କ ସୂତ୍ରରୁ ଶନିବାର କୁହାଯାଇଛି ମୁନୀର୍‌ଙ୍କ ଏହି ପଦକ୍ଷେପ ଜାତୀୟ ସୁରକ୍ଷା ପାଇଁ ହାନିକାରକ। ସିଆର୍‌ପିଏଫ୍ ମୁଖପାତ୍ର ଡିଆଇଜି ଏମ୍ ଦିନାକରନ୍ ମିଡିଆକୁ ଜଣାଇଛନ୍ତି, ଯେଉଁ ନିୟମ ଅଧୀନରେ ଯାଞ୍ଚର ଆବଶ୍ୟକତା ନଥାଏ ସେହି ନିୟମ ଅନୁସାରେ ମୁନୀର୍‌ଙ୍କୁ ସେବାର ବରଖାସ୍ତ କରାଯାଇଛି।

ସୂଚନାଯୋଗ୍ୟ, ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ପାକିସ୍ତାନୀ ନାଗରିକଙ୍କୁ ଦେଶ ଛାଡ଼ିବା ପାଇଁ କୁହାଯିବା ପରେ ମୁନୀର୍ ପାକିସ୍ତାନୀ ମହିଳା ମେନଲ୍ ଖାନ୍‌ଙ୍କୁ ବିବାହ କରିଥିବା ଜଣାପଡ଼ିଥିଲା। ଦୁହେଁ ଗତବର୍ଷ ମେ ୨୪ ତାରିଖରେ ଏକ ଭିଡିଓ କଲ୍ ଜରିଆରେ ବିବାହ କରିଥିଲେ। ସିଆର୍‌ପିଏଫ୍‌ର ତଦନ୍ତରୁ ଜଣାପଡ଼ିଥିଲା ଯେ ମୁନୀର୍ ନିଜ ବିବାହ ଏବଂ ମେନଲ୍ ଭାରତରେ ରହୁଥିବା ସମ୍ପର୍କରେ ସମ୍ବନ୍ଧିତ ଅଧିକାରୀଙ୍କୁ ସୂଚନା ଦେଇନଥିଲେ।



### ପାକିସ୍ତାନକୁ ଝଟ୍‌କା ପରେ ଝଟ୍‌କା
# ଆମଦାନୀ ଉପରେ ରୋକ୍ ଲଗାଇଲା ଭାରତ

**ନୂଆଦିଲ୍ଲୀ,୩।୫/ଏଜେନ୍ସି:**

ପହଲଗାମ ଆତଙ୍କୀ ଆକ୍ରମଣ ପରେ ପାକିସ୍ତାନକୁ ଗୋଟିଏ ପରେ ଗୋଟିଏ ଝଟ୍‌କା ଦେଇ ଚାଲିଛି ଭାରତ। ପ୍ରଥମେ ପାକିସ୍ତାନକୁ କୂଟନୈତିକ ଓ ଡିଜିଟାଲ୍ ଝଟ୍‌କା ଦେବା ପରେ ଏବେ ପାକିସ୍ତାନକୁ

- **ଭାରତୀୟ ବନ୍ଦରରେ ପାକିସ୍ତାନୀ ଜାହାଜର ନୋ-ଏଣ୍ଟ୍ରି**
- **ଡାକ ଓ ପାର୍ସଲ୍ ସେବା ବି ନିଷିଦ୍ଧ**

ଆର୍ଥିକ ସ୍ତରରେ ଦୁର୍ବଳ କରିବାକୁ ଭାରତ ସରକାର ଗୋଟି ଚାଳନା କରିଛନ୍ତି। ସାମରିକ ଷ୍ଟ୍ରାଇକ୍ ପୂର୍ବରୁ ଭାରତ ପକ୍ଷରୁ ପାକିସ୍ତାନକୁ ଚାରିପଟୁ ଘେରାବନ୍ଦୀ କରିବାକୁ ଚେଷ୍ଟା ହୋଇଛି।

ପୂର୍ବରୁ ପାକିସ୍ତାନୀଙ୍କୁ ମିଳିଥିବା ଭିସାକୁ ଭାରତ ସରକାର ରଦ୍ଦକରି ଏପ୍ରିଲ୍ ୩୦ ସୁଦ୍ଧା ଦେଶ ଛାଡ଼ିବାକୁ କହିଥିଲେ। ଏହା ପରେ ପାକିସ୍ତାନର ଏକାଧିକ ୟୁଟ୍ୟୁବ୍ ଚ୍ୟାନେଲ୍ ଭାରତରେ ବ୍ଲକ୍ ହୋଇଥିଲା। ପାକିସ୍ତାନ




ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସେଲିବ୍ରେଟି ଓ କ୍ରିକେଟର୍‌ଙ୍କ ସୋସିଆଲ୍ ମିଡିଆ ଆକାଉଣ୍ଟ୍ ମଧ୍ୟ ଭାରତରେ ନିଷିଦ୍ଧ ହୋଇଛି। ପାକିସ୍ତାନ ସହ ସିନ୍ଧୁ ଜଳ ଚୁକ୍ତି ଉପରେ ମଧ୍ୟ ଭାରତ ସରକାର ରୋକ୍ ଲଗାଇଛନ୍ତି। ଏସବୁକୁ ନେଇ ବିଚଳିତ ହୋଇପଡ଼ିଥିବା ପାକିସ୍ତାନକୁ ଆଜି ଭାରତ ସରକାର ପୁଣି ଏକାଧିକ ଝଟ୍‌କା ଦେଇଛନ୍ତି।

ପାକିସ୍ତାନୀଙ୍କ ଭଳି ପାକିସ୍ତାନ ସାମଗ୍ରୀ ମଧ୍ୟ ଭାରତରେ ବ୍ୟାନ୍ ହୋଇଛି। ପାକିସ୍ତାନରୁ ହେଉଥିବା ସମସ୍ତ ପ୍ରକାରର ଆମଦାନୀକୁ ଭାରତ ସରକାର ବନ୍ଦ କରି ଦେଇଛନ୍ତି। ଉଭୟ ପରୋକ୍ଷ ଓ ପ୍ରତ୍ୟକ୍ଷ ଆମଦାନୀ ଉପରେ ରୋକ୍ ଲଗାଯାଇଛି। ପୂର୍ବରୁ ପାକିସ୍ତାନରୁ ସିଧାସଳଖ ଆମଦାନୀ ଉପରେ ଏକ ପ୍ରକାରର ଅଘୋଷିତ ରୋକ୍ ଲାଗିଥିଲା। କିନ୍ତୁ କିଛି ସାମଗ୍ରୀ ତୃତୀୟ ପାର୍ଟି ଦ୍ୱାରା ପାକିସ୍ତାନରୁ ଭାରତକୁ ଆମଦାନୀ ହେଉଥିଲା। ଏବେ ତା' ଉପରେ ମଧ୍ୟ ଭାରତ ସରକାର ରୋକ୍ ଲଗାଇଛନ୍ତି।

ଏହାବାଦ ପାକିସ୍ତାନୀ ଜାହାଜଗୁଡ଼ିକ ମଧ୍ୟ ଆଉ ଭାରତୀୟ ବନ୍ଦରର ବ୍ୟବହାର କରିପାରିବେ ନାହିଁ। ପାକିସ୍ତାନକୁ ଅନ୍ୟ ଦେଶର ବନ୍ଦରକୁ ବ୍ୟବହାର କରି ନିଜ ସାମଗ୍ରୀ ତୃତୀୟ ଦେଶକୁ ରପ୍ତାନୀ କରିବାକୁ ପଡ଼ିବ। ଏହାର ପ୍ରଭାବ ପାକିସ୍ତାନର ଅର୍ଥନୀତିକ ଉପରେ ପଡ଼ିବ। ପୂର୍ବରୁ ପାକିସ୍ତାନ ବିମାନଗୁଡ଼ିକ ପାଇଁ ଭାରତ ସରକାର ଆକାଶ ପଥ ବନ୍ଦ କରିଥିଲେ।

ଆଜି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ବୈଦେଶିକ ବାଣିଜ୍ୟ ନୀତି (ଏଫ୍‌ଟିପି)ରେ ଗୋଟିଏ ନୂଆ ନିୟମ ଯୋଡ଼ାଯାଇ ପାକିସ୍ତାନରେ ଉତ୍ପାଦିତ କିମ୍ବା ପାକିସ୍ତାନରୁ ରପ୍ତାନୀ ହେଉଥିବା ସମସ୍ତ ପ୍ରକାରର ପ୍ରତ୍ୟକ୍ଷ, ପରୋକ୍ଷ ଓ ଟ୍ରାଞ୍ଜିଟ୍‌ରେ ଥିବା ସାମଗ୍ରୀ ଉପରେ ତତ୍କାଳ ପ୍ରଭାବରେ ନିଷେଧାଦେଶ ଲାଗୁ କରାଯାଇଥିବା କୁହାଯାଇଛି। ଜାତୀୟ ସୁରକ୍ଷା ଓ ସର୍ବସାଧାରଣ ନୀତିର ସ୍ୱାର୍ଥ ଦୃଷ୍ଟିରୁ ଏପରି କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ଅନ୍ୟପକ୍ଷରେ ଭାରତ ସରକାର ସାମୁଦ୍ରିକ ସୁରକ୍ଷାକୁ ଦୃଷ୍ଟିରେ ରଖି ଶନିବାର ଏକ କଡ଼ା ଆଦେଶ ଜାରି କରିଛନ୍ତି। ଏହି ଅନୁସାରେ ଏବେ ପାକିସ୍ତାନ ▶▶ ୫

## ଜୁନ୍ ପ୍ରଥମ ସପ୍ତାହରେ ଓଜେଇଇ ରେଜଲ୍ଟ

**ଭୁବନେଶ୍ୱର,୩।୫/ଏନ୍ଏନ୍ଏସ୍:**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ୨ରୁ ଆରମ୍ଭ ହୋଇଥିବା ବେଳେ ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ୩ଟି ସିଫ୍ଟରେ ପରୀକ୍ଷା ଚାଲିଛି। ତେବେ ଆସନ୍ତା ଜୁନ୍ ପ୍ରଥମ ସପ୍ତାହରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ସମସ୍ତ ପରୀକ୍ଷା କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ (ସିବିଟି) ମୋଡ୍‌ରେ ହେଉଛି। ପ୍ରଥମ ସିଫ୍ଟ ପରୀକ୍ଷା ସକାଳ ସାଢ଼େ ୮ଟାରୁ ସାଢ଼େ ୧୦ଟା। ଦ୍ୱିତୀୟ ସିଫ୍ଟ ମଧ୍ୟାହ୍ନ ସାଢ଼େ ୧୨ଟାରୁ ଅପରାହ୍ଣ ସାଢ଼େ ୨ଟା ଓ ତୃତୀୟ ସିଫ୍ଟ ଅପରାହ୍ଣ ସାଢ଼େ ୪ଟାରୁ ସନ୍ଧ୍ୟା ସାଢ଼େ ୬ଟା ଯାଏ ଚାଲିଛି। ୨ ତାରିଖରେ ୩ଟି ଯାକ ସିଫ୍ଟରେ ବି ଫାର୍ମାର ପରୀକ୍ଷା ହୋଇଥିବା ବେଳେ ଶନିବାର ପ୍ରଥମ ସିଫ୍ଟରେ ବି ଫାର୍ମା/ ଏଲ୍ଇ ଫାର୍ମା (ଏକ ଘଣ୍ଟାର ପରୀକ୍ଷା), ଦ୍ୱିତୀୟ ଓ ତୃତୀୟ ସିଫ୍ଟରେ ଏମ୍‌ବିଏ ପରୀକ୍ଷା ହୋଇଥିଲା। ସେହିପରି ୫ ତାରିଖରେ ପ୍ରଥମ ସିଫ୍ଟରେ ଏଲ୍ ଟେକ୍ (ଡିପ୍ଲୋମା), ଦ୍ୱିତୀୟ ସିଫ୍ଟରେ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ (ଏକ ଘଣ୍ଟା ପରୀକ୍ଷା), ତୃତୀୟ ସିଫ୍ଟରେ ବି କ୍ୟାଟ୍ (ସିନେମାଟୋଗ୍ରାଫି/ସାଉଣ୍ଡ୍ ରେକର୍ଡିଂ ଆଣ୍ଡ୍ ଡିଜାଇନ୍), ଏଲ୍‌ଟେକ୍ ବିଏସ୍‌ସି,
୬ ତାରିଖରେ ପ୍ରଥମ ଓ ଦ୍ୱିତୀୟ ସିଫ୍ଟରେ ଏମ୍‌ସିଏ ପରୀକ୍ଷା, ତୃତୀୟ ସିଫ୍ଟରେ ବି କ୍ୟାଟ୍ (ଫିଲ୍ମ ଏଡିଟିଂ), ଏମ୍ ଆର୍କ, ଏମ୍ ପ୍ଲାନ୍ ଓ ଏମ୍‌ଟେକ୍ ପରୀକ୍ଷା ରହିଛି। ସେହିପରି ▶▶ ୫

## ୨ଦିନ ପରେ ଖରା ଛୁଟି

**ଭୁବନେଶ୍ୱର,୩।୫/ଏନ୍ଏନ୍ଏସ୍:**

ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ନଜର ଦେଇ ଖରାଛୁଟି ପୂର୍ବରୁ ସ୍କୁଲ ଛୁଟି ହୋଇଯାଇଥିଲା। ମାତ୍ର ନିଷ୍ପତ୍ତି ଅନୁସାରେ ଆଉ ୨ଦିନ ଅର୍ଥାତ୍ ୬ ତାରିଖରୁ ବିଧିବଦ୍ଧ ଭାବେ ଖରାଛୁଟି ଆରମ୍ଭ ହେବ। ଜୁନ ୧୭ ତାରିଖ ପର୍ଯ୍ୟନ୍ତ ଖରାଛୁଟି ପାଇଁ ସମସ୍ତ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବ। ସେହିପରି ଜୁଲାଇ ଚତୁର୍ଥ ସପ୍ତାହରେ ଫରମେଟିଭ୍-୧, ସେପ୍ଟେମ୍ବର ଚତୁର୍ଥ ସପ୍ତାହରେ ସମ୍ମେଟିଭ୍-୧, ୨୦୨୬ ଜାନୁଆରୀ ପ୍ରଥମ ସପ୍ତାହରେ ଫରମେଟିଭ୍-୨ ଏବଂ ମାର୍ଚ୍ଚ ତୃତୀୟ ସପ୍ତାହରେ ସମ୍ମେଟିଭ୍-୨ ପାଇଁ ଧାର୍ଯ୍ୟ କରାଯାଇଛି। ତେବେ ପୂଜା ଛୁଟି ସେପ୍ଟେମ୍ବର ୨୯ ତାରିଖରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ରହିଛି। ଏକ୍ସ ମାସ ଛୁଟି ଡିସେମ୍ବର ୨୩ ତାରିଖରୁ ୩୧ତାରିଖ ପର୍ଯ୍ୟନ୍ତ ରହିଛି ବୋଲି ଜଣାପଡ଼ିଛି।

## ଶ୍ରୀରାମାନୁଜାଚାର୍ଯ୍ୟ ମହୋତ୍ସବରେ ଡକ୍ଟର ବଦ୍ରି ମିଶ୍ର ସମ୍ବର୍ଦ୍ଧିତ



**ପୁରୀ,୩।୫/ଏନ୍‌ଏନ୍‌ଏସ୍:** ଶ୍ରୀରାମାନୁଜାଚାର୍ଯ୍ୟଙ୍କ ୧୦୦୮ତମ ଜୟନ୍ତୀ ଉପଲକ୍ଷେ ପୁରୀର ଭେଙ୍କଟେଶ ବାଲାଜୀ ମନ୍ଦିର, ଥାନାପତି ଆଶ୍ରମ ପରିସରରେ ଆୟୋଜିତ ରାଷ୍ଟ୍ରୀୟ ମହୋତ୍ସବ ଅବସରରେ ଭାଗବତ ପୁନରୁଦ୍ଧାର ପାଇଁ ଭାଗବତ ଭାଷ୍ୟକାର ଡକ୍ଟର ବଦ୍ରି ମିଶ୍ର, ଆଧ୍ୟାତ୍ମିକ ଜନଜାଗରଣ ପାଇଁ ଉତ୍କଳ ବିଦ୍ୱତ ପରିଷଦର ମନୋଜ ରଥ, ଅଷ୍ଟଲକ୍ଷ୍ମୀ ଯଜ୍ଞ ପାଇଁ ପରିବର୍ତ୍ତନ ଓଡ଼ିଶାର ଜୀତେନ୍ଦ୍ର ମହାପାତ୍ର, ଐତିହାସିକ ଦେବୀପ୍ରସନ୍ନ ନନ୍ଦ, ଗୋ-ସେବକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ୱାମୀ ତ୍ରିଦଣ୍ଡୀ ଲକ୍ଷ୍ମୀ ପ୍ରପନ୍ନାଚାର୍ଯ୍ୟ, ଅଯୋଧ୍ୟା ର ସ୍ୱାମୀ ଅନନ୍ତାଚାର୍ଯ୍ୟ, ବୃନ୍ଦାବନର ସ୍ୱାମୀ ରାମ୍ ପ୍ରପନ୍ନାଚାର୍ଯ୍ୟ, ବିହାରର ସ୍ୱାମୀ ଉଦ୍ଧବ ପ୍ରପନ୍ନାଚାର୍ଯ୍ୟ, ଜୀୟରସ୍ୱାମୀ ମଠାଧୀଶ ଇନ୍ଦିରା ରମଣ ରାମାନୁଜ ଦାସ, କଟକି ମଠ ମହନ୍ତ ଡକ୍ଟର ବିଜୟ ରାମାନୁଜ ଦାସ ସମ୍ବର୍ଦ୍ଧିତ କରିଥିବା ବେଳେ, ଭାରତବର୍ଷର ବିଭିନ୍ନ ମଠାଧୀଶ, ସାଧୁସନ୍ଥ, ସନ୍ନ୍ୟାସୀ ଓ ଭକ୍ତ ଉପସ୍ଥିତ ଥିଲେ।

## ଜଗନ୍ନାଥ ମନ୍ଦିରରୁ ଚନ୍ଦନଗଛ ଚୋରି ଉଦ୍ୟମ ବିଫଳ



**କଣ୍ଟିଲୋ,୩।୫/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗ୍ରାମପଞ୍ଚାୟତ ଅଧୀନସ୍ଥ ସିଧାମୂଳା ଗ୍ରାମ ଭିତରେ ବିରାଜିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରଟି ବହୁପୁରୁଣା ଓ ପ୍ରାଚୀନ ଜଗନ୍ନାଥ ମନ୍ଦିର। ମନ୍ଦିର ପରିସରରେ ଥିବା ବିଭିନ୍ନ ପ୍ରକାର ମୂଲ୍ୟବାନ ଗଛ ମଧ୍ୟରୁ ବହୁ ବର୍ଷର ଚନ୍ଦନ ଗଛ ଅନ୍ୟତମ। ସୂଚନାରୁ ଜଣାପଡିଛି ଯେ, ଗତ ଏକ ତାରିଖ ମଧ୍ୟ ରାତ୍ରୀରେ କାଳବୈଶାଖୀର ପ୍ରବଳ ବର୍ଷା ଓ ପବନ ଯୋଗୁ, ବିଜୁଳି ଲାଇନ୍ କଟି ଚାରିଆଡ଼େ ଘୋର ଅନ୍ଧକାର ହୋଇଯାଇଥିଲା। ଦୁଃଖ, ଆଶ୍ଚର୍ଯ୍ୟ ଯେ, ଘୋର ଅନ୍ଧକାର ସୁଯୋଗରେ ପୂର୍ବରୁ ଯୋଜନା କରିଥିବା ଚନ୍ଦନ ଗଛ ଚୋରମାନେ ଝଡ଼ ତୋଫାନକୁ ପାଥେୟ କରି ରାତ୍ର ପ୍ରାୟ ୨ଟା ପରେ ୨ଫୁଟ ଗୋଲେଇର ବହୁ ପୁରୁଣା ଚନ୍ଦନଗଛକୁ ସମ୍ପୂର୍ଣ୍ଣ କାଟି ଦେଇଥିଲେ। କିନ୍ତୁ କୌଣସି କାରଣବଶତଃ ଚନ୍ଦନ ଗଛକୁ ସେମାନେ ନେବାରେ ବିଫଳ ହୋଇଥିଲେ। ଆଜି ଭୋର ସମୟରେ ମନ୍ଦିର ପୂଜକ ଖଲେଶ୍ୱର ଦାସ ପୂଜା କରିବାକୁ ଯିବା ସମୟରେ ଚନ୍ଦନ ଗଛ ସମ୍ପୂର୍ଣ୍ଣ ଦୁଇ ଖଣ୍ଡ ହୋଇ ଝୁଲୁଥିବା ଦେଖି ଗ୍ରାମକୁ ଖବର ଦେଇଥିଲେ। ଗ୍ରାମର ମୁଖ୍ୟ ଲୋକମାନେ ଆସି ଦେଖିବା ପରେ ଦୁଃଖପ୍ରକାଶ କରିଥିଲେ। ସିଧାମୂଳା ଗ୍ରାମ ସଭାପତି ଯୁଗଳ କିଶୋର ନାୟକ ଓ ଗ୍ରାମର ସମ୍ପାଦକ ଜୟକୃଷ୍ଣ ମହାଲିକ ଓ ଅନୁଷ୍ଠାନର ସଦସ୍ୟମାନଙ୍କ ଏକ ମିଳିତ ବୈଠକର ନିଷ୍ପତ୍ତି ଅନୁଯାୟୀ କଣ୍ଟିଲୋ ଫାଣ୍ଡିରେ ଲିଖିତ ଭାବରେ ଏତଲା ଦେଇଥିବା ଖବର ହସ୍ତଗତ ହେଉଛି। ଖବର ପାଇ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ସଦଳବଳେ ସରଜମିନ ତଦନ୍ତ କରିବା ପରେ ଯେହେତୁ ଚନ୍ଦନ ଗଛଟି ସିଫ୍ଟ ହୋଇନାହିଁ ସେଥି ପାଇଁ କୌଣସି କେଶ୍ ରୁଜୁ ହୋଇ ନଥିବା ଏବଂ ଚୋରି ସମ୍ପର୍କେ ଅଧିକ ତଦନ୍ତ ତଥା ଅନୁସନ୍ଧାନ ଜାରୀ ରହିଥିବା ଖବର ହସ୍ତଗତ ହୋଇଛି। ଏପଟେ ତୁରନ୍ତ ଦୋଷୀଙ୍କୁ ଗିରଫକରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀମାନେ କଣ୍ଟିଲୋ ଓ ଖଣ୍ଡପଡ଼ା ପୁଲିସ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## କେରଙ୍ଗର ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



**ଖୋର୍ଦ୍ଧା,୩।୫/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମ ତା'ର ଯୋଗ୍ୟ ସନ୍ତାନର ଅନନ୍ୟ ପ୍ରତିଭା ପାଇଁ ବେଶ ପରିଚିତ। ଦେଶ ମାତୃକା ସେବା ପାଇଁ ପ୍ରାଣ ଦେବା, ଦେଶ ସେବା ପାଇଁ ସୈନ୍ୟବାହିନୀରେ ସାମିଲ ହେବା, ଭଲ ଫୁଟବଲ ଖେଳିବା ଆଦିରେ ପାରଙ୍ଗମତା ଦେଖାଇ ଆସିଛି। ଏବେ ଓଡିଆ ସାହିତ୍ୟରେ ଯୁବ ପ୍ରତିଭାର ପରିଚୟ ସୃଷ୍ଟି କରିଛନ୍ତି, ମୌଲାନା ଫଜଲ ହକ ଖାନ। ସେ ସ୍ୱର୍ଗତ ମୌଲାନା ଶମସୁଲ ହକ ଖାନଙ୍କ ଦ୍ୱିତୀୟ ପୁତ୍ର। ସେ ଜଣେ ଧର୍ମ ପ୍ରଚାରକ, ସମାଜସେବୀ, ଲେଖକ, ଅନୁବାଦକ, ପ୍ରବନ୍ଧକ, ପ୍ରବଚକ ତଥା ଜଣେ ପରିଚିତ ଯୁବ ସ୍ତମ୍ଭକାର। ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ସ୍ଥିତ ପ୍ରଗତିବାଦୀ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ୫୪ତମ ପ୍ରଗତିବାଦୀ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟରୁ ଆସିଥିବା ଅନେକ ଲେଖକ, ଲେଖିକା, କବି ଓ ଗାଳ୍ପିକଙ୍କ ସହ କେରଙ୍ଗ ନିବାସୀ ମୌଲାନା ଫଜଲ ହକ ଖାନଙ୍କୁ ମଧ୍ୟ ଯୁବ ସ୍ତମ୍ଭକାର ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ତଥା ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ସଭାପତିତ୍ୱ କରିଥିଲେ। ଏହି ସମାରୋହକୁ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ତଥା ବିଶିଷ୍ଟ ସମାଜସେବୀକା ଗୁରୁମା ଡକ୍ଟର ଅରୁନ୍ଧତୀ ଦେବୀ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ରାଜନେତା ବିଧାୟକ ଡକ୍ଟର ଅରୁଣ କୁମାର ସାହୁ, ବିଶିଷ୍ଟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ଏବଂ ଅନ୍ୟତମ ବରେଣ୍ୟ ଅତିଥି ଭାବେ ଗାଳ୍ପିକ ତଥା ଅନୁବାଦକ ରାଧୁ ମିଶ୍ର ଯୋଗଦେଇଥିଲେ। ଏହି ସମାରୋହରେ କଟକ ବାଦାମବାଡି ବସଷ୍ଟାଣ୍ଡର ଜଣେ ଖବରକାଗଜ ବିତରକ ଦିନବନ୍ଧୁ ଦେହୁରୀଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା।

### ବାବା ଐଶାନେଶ୍ୱର ମନ୍ଦିରରେ ୧୦ମ କ୍ଷୀରସାଗର ମେଳା

## ୭ହଜାର ଲିଟର କ୍ଷୀର ଢାଳିଲେ ଶ୍ରଦ୍ଧାଳୁ

**କୋଣାର୍କ,୩।୫/ଏନ୍‌ଏନ୍‌ଏସ୍:** କୋଣାର୍କ ଓ ଏହାର ଆଖପାଖ ଅଞ୍ଚଳର ପ୍ରସିଦ୍ଧ ତଥା କୋଣାର୍କ କାକଟପୁର ମୁଖ୍ୟରାସ୍ତା ନିକଟରେ ଥିବା ପ୍ରସିଦ୍ଧ ଶୈବପୀଠ ବାବା ଐଶାନେଶ୍ୱର ମନ୍ଦିରରେ ଆଜି ବୈଶାଖ ମାସ ତୃତୀୟ ଶନିବାର ୧୦ମ କ୍ଷୀରସାଗର ମେଳା ମହାସମାରୋହରେ ପାଳିତ ହୋଇଯାଇଛି। ମନ୍ଦିର ମୁଖ୍ୟ ପୂଜକ ଅଭୟ ପାଢ଼ୀ ଓ ରବୀନ୍ଦ୍ରନାଥ ନନ୍ଦ ଓ କର୍ତ୍ତା ପ୍ରକାଶ ଚନ୍ଦ୍ର ଦାଶଙ୍କ ପକ୍ଷରୁ ମହାଦେବଙ୍କୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ କରିସାରିବା ପରେ ଆଖପାଖ ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଐଶାନେଶ୍ୱର ମନ୍ଦିରରେ ପହଞ୍ଚି ହୁଳହୁଳି, ଭଜନ କୀର୍ତ୍ତନ, ଓ ପୂଜାର୍ଚ୍ଚନା କରିବା ସହିତ ସ୍ଥାନୀୟ ସମସ୍ତ ଗୋପାଳ



ସମ୍ପ୍ରଦାୟର ଲୋକ ନିଜର କ୍ଷୀର ବ୍ୟବସାୟ ବନ୍ଦ କରି ଆଜିର ଏହି ମେଳାରେ ନିଜ ନିଜ ଗୋରୁଙ୍କ କ୍ଷୀର ଧରି ଲମ୍ବାଧାଡିରେ ଛିଡା ହୋଇ ଦିବା ୧୦ଘଣ୍ଟିକାରୁ ପ୍ରାୟ ୭ହଜାର ଲିଟର କ୍ଷୀର ଶ୍ରଦ୍ଧାଳୁମାନେ ମହାଦେବଙ୍କ ଉପରେ ଢାଳିଥିବା ଜଣାପଡିଛି। କରମଙ୍ଗା ଗୋପାଳ ସମ୍ପ୍ରଦାୟ ପକ୍ଷରୁ ଛୋଟ ଛୋଟ ପିଲାମାନଙ୍କୁ ନେଇ ଅତି ଉଚ୍ଚକୋଟିର ଲଉଡି ଖେଳ ସମଗ୍ର ମନ୍ଦିର ପରିସରରେ ପ୍ରକମ୍ପିତ ହେଉଥିଲା। ଦିନ ତମାମ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଭଜନ, କୀର୍ତ୍ତନ, ବାଡିଖେଳ ଆଦି ପରିବେଷଣ କରାଯାଇଥିଲା। ବାବା ଐଶାନେଶ୍ୱର କ୍ଷୀର ସାଗର କମିଟ ପକ୍ଷରୁ ଆୟୋଜିତ ଏହି କ୍ଷୀର ସାଗର ମେଳାରେ କମିଟର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କୁ ସାହାଯ୍ୟ ସହଯୋଗ କରିଥିଲେ। ପରେ ସେହି କ୍ଷୀରରେ ପ୍ରସାଦ ତିଆରି କରାଯାଇ ସମବେତ ହୋଇଥିବା ଶତାଧିକ ଶୈବ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ଆଜିର ଏହି କ୍ଷୀରସାଗର ମେଳାକୁ ଐଶାନେଶ୍ୱର ସେବାୟତ ପରିଚାଳନା କମିଟି, ବାବା ଐଶାନେଶ୍ୱର କ୍ଷୀର ସାଗର କମିଟିର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଦାଶ, ସଭାପତି ସଦାଶିବ ବେହେରା, ସମ୍ପାଦକ ନଟବର ମହାରଣା, ବାବୁଲି ବେହେରା, ଚିତ୍ତରଞ୍ଜନ ସାହୁ, ବିଜୁ ବାରିକ, ଗୋଲକ ଦାଶ, ଚନ୍ଦ୍ରମଣି ବେହେରା, ବିଜୟ ପରିଡା ପ୍ରମୁଖ ପରିଚାଳନା କରିଥିଲେ।

## ମାଟ୍ରିକ୍ ଫଳାଫଳରେ କୋଣାର୍କ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ସଫଳତା

**କୋଣାର୍କ,୩।୫/ଏନ୍‌ଏନ୍‌ଏସ୍:** କୋଣାର୍କ ଏନଏସି ଅଧୀନ ୫ଗୋଟି ସ୍କୁଲର ସମୁଦାୟ ୩୦୫ଜଣ ଛାତ୍ରଛାତ୍ରୀ ଚଳିତ ମାଟ୍ରିକ ପରୀକ୍ଷାରେ ବିଭିନ୍ନ ସେଣ୍ଟରରେ ପରୀକ୍ଷା ଦେଇଥିଲେ। ଶୁକ୍ରବାର ପରୀକ୍ଷା ଫଳାଫଳ ଘୋଷଣା ହେବା ପରେ କୋଣାର୍କ ହାଇସ୍କୁଲ୍‌ର ୮୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜଣେ ଛାତ୍ରକୁ ଛାଡ଼ି ସମସ୍ତେ ଉତ୍ତୀର୍ଣ୍ଣ ହୋଇଥିଲା



ବେଳେ ୫ଟି ସ୍କୁଲ୍‌ର ସମୁଦାୟ ୩୦୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୋଣାର୍କ ହାଇସ୍କୁଲର କୋଣାର୍କ ଏନଏସି ଅଧୀନ ୧୦ନମ୍ବର ୱାର୍ଡର ରମେଶ ଚନ୍ଦ୍ର ସାହୁଙ୍କ ପୁତ୍ର ଚିନ୍ମୟ ସାହୁ ସମୁଦାୟ ୫୬୫ ନମ୍ବର ରଖି ୯୪.୧୬ ମାର୍କ ପାଇ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିସହ କୋଣାର୍କ ଏନଏସିରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ କୋଣାର୍କ ହାଇସ୍କୁଲର ରାଜେନ୍ଦ୍ର ସାହୁ ପୁତ୍ରଙ୍କ ପୁତ୍ର ରଞ୍ଜିତ ସାହୁ ସମୁଦାୟ ୫୬୩ ନମ୍ବର ରଖି ୯୩.୮୩% ମାର୍କ ରଖି ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହେବାସହ କୋଣାର୍କ ଏନଏସିରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଏନେଇ କୋଣାର୍କ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଉତ୍କଳିକା ବେହେରା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ କୋଣାର୍କ ଏନଏସିର ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ଓ କୋଣାର୍କ ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ଉଭୟ ଛାତ୍ରଙ୍କୁ ଖୁବ ପ୍ରଶଂସା କରାଯାଇଥିଲାବେଳେ କୋଣାର୍କ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବେହେରା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ପାପର ପ୍ରଚେଷ୍ଟାରେ କୋଣାର୍କ ହାଇସ୍କୁଲ ସଫଳତା ପାଇଥିବା ନେଇ ମତପ୍ରକାଶ ପାଇଛି। ସେହିପରି କୋଣାର୍କ ବସଷ୍ଟାଣ୍ଡ ନିକଟସ୍ଥ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ର ଉଦିତା ସାମଲ ସମୁଦାୟ ୫୪୫ ନମ୍ବର ରଖି ୯୧% ମାର୍କ ରଖି ସ୍କୁଲରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହେବା ସହ କୋଣାର୍କ ଏନଏସିରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। କୋଣାର୍କ ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟର ସମୁଦାୟ ୫୧ ଜଣ ଛାତ୍ରୀ ପରୀକ୍ଷା ଦେଇ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। କୋଣାର୍କ ଆଦିବାସୀ ହରିଜନ ଉଚ୍ଚ ବିଦ୍ୟାଳୟର ସମୁଦାୟ ୮୪ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସମସ୍ତେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଉଳପାଟଣା ବାଳିକା ଉଚ୍ଚ ବିଦ୍ୟାଳୟର ସମୁଦାୟ ୩୦ଜଣ ଛାତ୍ରୀଙ୍କ ମଧ୍ୟରୁ ଜଣକୁ ଛାଡି ୨୯ଜଣ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଅନୁରୂପ ଭାବେ କୋଣାର୍କ ନିକଟସ୍ଥ ଗୋପ ବ୍ଲକ ସିମିଳି ପଞ୍ଚାୟତ ନୂଆଗାଁରେ ଥିବା ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ୭୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ସମସ୍ତେ ଉତ୍ତୀର୍ଣ୍ଣ ହୋଇଥିଲା ବେଳେ ଛାତ୍ର କୀର୍ତ୍ତିରାଜ ପାଣ୍ଡେ ୫୪୧ ନମ୍ବର ରଖି ୯୦% ମାର୍କ ରଖି ସ୍କୁଲ୍‌ରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ନେଇ ଛାତ୍ରଛାତ୍ରୀଙ୍କ ସଫଳତାରେ ପରିବାର ସମେତ ସ୍କୁଲ୍‌ର ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ସମେତ ସ୍କୁଲ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପଞ୍ଚାୟତବାସୀ ଧନ୍ୟବାଦ ଦେଇଛନ୍ତି।

## କୂଅ ଭିତରୁ ଗାଈ ଉଦ୍ଧାର

**ଟାଙ୍ଗୀ,୩।୫/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ରବିନ୍ଦ୍ର ଦାସ କୂଅରେ ଗାଈ ପଡ଼ିଯିବା ସହ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଦମକଳ କର୍ମଚାରୀ ଉଦ୍ଧାର କରିଥିବା ଦେଖିବାକୁ ମିଳିଛି। ସୂଚନାରୁ ପ୍ରକାଶ ଯେ ଖରା ଦିନ ହୋଇଥିବାରୁ ନାଳ ସବୁ ଶୁଖିଲା ପଡ଼ିଛି। ଫଳରେ ଗାଇଗୁଡିକ ବିଲ ବାଡ଼ି ଛାଡି ପାଣି ପାଇଁ ଗାଁ ଭିତରକୁ ଆସି ରବିନ୍ଦ୍ର ଦାସଙ୍କ ଛୋଟ କୂଅରେ ଖସି ପଡ଼ିଥିଲା। ତେବେ ସେଠାରେ ଥିବା କିଛି ଲୋକ ଗାଈଟିର ରଡ଼ି ଶୁଣି କୂଅ ଭିତରେ ଗାଈଟି ଖସି ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଦମକଳ ବାହିନୀ ପହଞ୍ଚି ଅକ୍ଲାନ୍ତ ପରିଶ୍ରମ ପରେ ଛୋଟ କୂଅ ଭିତରୁ ଗାଈଟିକୁ ଉଦ୍ଧାର କରିଥିବା ବେଳେ ଗାଈଟିର ଶିଙ୍ଗ ଭାଙ୍ଗିଯିବା ସହ ପେଟ ପିଠିରେ ଗଭୀର ଆଘାତ ଲାଗିଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ନୟାହାଟ,୩।୫/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତର କଦମ୍ବ ପାଟଣା ଗ୍ରାମରେ ଥିବା ୟୁଜିଏମ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ବେହେରାଙ୍କୁ ଶୁକ୍ରବାର ବିଦାୟକାଳୀନ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଉଦମ୍ ପ୍ରଧାନ ଯୋଗଦେଇ ଶିକ୍ଷକମାନେ ସମାଜର ମେରୁଦଣ୍ଡ ଓ ଦେଶ ଗଠନ ସମୟରେ ମୁଖ୍ୟ ଭୂମିକା ଶିକ୍ଷକମାନେ ଗ୍ରହଣ କରିଥାନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗୋପ ବ୍ଲକ୍‌ର ଏବିଓ ଦୀପ୍ତିକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଚିତ୍ରା ନନ୍ଦ ପାତ୍ର, ରାଧା ଦାମୋଦର ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁରେଶ ସ୍ୱାଇଁ, ଗୋପ ବ୍ଲକ ଶିକ୍ଷକମାନଙ୍କ ସଂପାଦକ ସରୋଜ କୁମାର ମିଶ୍ର, ଶିକ୍ଷକ ସଂଘର ସଭାପତି ଅଜୟ ରଥ, ଜିଲ୍ଲା ଶିକ୍ଷକ ସଙ୍ଘ ସଂପାଦକ ସୁଭଦତ ନାୟକ, ସିଆର୍‌ସି ଅରବିନ୍ଦ ସାହୁ, ଇସାଣପୁର ପଞ୍ଚାୟତର ସମିତି ସଭ୍ୟା ବିନୋଦିନୀ ପାତ୍ର ଓ ଅବସରପ୍ରାପ୍ତ ଶିକ୍ଷକ ପଦ୍ମ ଚରଣ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରକାଳୀନ ପ୍ରଧାନଶିକ୍ଷକ ଅଶୋକ ବେହେରାଙ୍କ ଗୁଣଗାନ କରିଥିଲେ। ଶିକ୍ଷୟିତ୍ରୀ କବିତା ମହାନ୍ତି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଠଗଡ଼ର ୯ ଓ ତିଗିରିଆର ୫ ଛାତ୍ରଛାତ୍ରୀ କୃତକାର୍ଯ୍ୟ

**ଆଠଗଡ଼,ତିଗିରିଆ,୩।୫/ଏନ୍‌ଏନ୍‌ଏସ୍:** ହାଇସ୍କୁଲ ପରୀକ୍ଷା ଫଳରେ ଆଠଗଡ଼ ବ୍ଲକର ଉତ୍କଳମଣି ବିଦ୍ୟାପୀଠ ଗୋପୀନାଥପୁରର ସ୍ୱର୍ଣ୍ଣମଞ୍ଜରୀ ସମାନ୍ତରାଏ ୫୭୭ ନମ୍ବର ରଖି ବ୍ଲକରେ ଟପ୍ପର ହୋଇଥିବା ବେଳେ ତିଗିରିଆ ବ୍ଲକର ପବିତ୍ର ମୋହନ ବିଦ୍ୟାପୀଠର ବୈଭବ କୁମାର ସେଠୀ ମୋଟ ୫୬୦ ନମ୍ବର ରଖି ସାରା ବ୍ଲକରେ ଟପ୍ପର ହୋଇଛନ୍ତି। ଏହାସହିତ ଆଠଗଡ ବ୍ଲକର




ମୋଟ ୧୯୨୪ ଜଣ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ୧୮୫୩ ଜଣ ପାସ କରି ୯୬ ପ୍ରତିଶତ ପାସ ହାର ରହିଥିବା ବେଳେ ତିଗିରିଆ ବ୍ଲକରେ ମୋଟ ୮୬୧ ଜଣ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ୮୪୧ ଜଣ ପାସ କରି ୯୮ ପ୍ରତିଶତ ପାସ ହାର ରହିଛି। ସେହିଭଳି ଏହି ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ଆଠଗଡରେ ଏ୧ରେ ୯ଜଣ, ଏ୨ରେ ୫୨ ଜଣ, ବି୧ ରେ ୧୬୧ ଜଣ, ବି୨ରେ ୩୮୧ ଜଣ ସି ଗ୍ରେଡରେ ୪୯୮ ଜଣ ଡି ଗ୍ରେଡ ରେ ୪୫୨ ଜଣ, ଇ ଗ୍ରେଡ ରେ ୨୫୨ଜଣ ଏବଂ ଏଫ ଗ୍ରେଡ ରେ ୫୬ଜଣ ପାସ କରିଛନ୍ତି। ଏବଂ ତିଗିରିଆ ବ୍ଲକରେ ଏ୧ରେ ୫ଜଣ, ଏ୨ ରେ ୨୮ଜଣ, ବି୧ ରେ ୭୧ ଜଣ, ବି୨ରେ ୧୮୦ ଜଣ ସି ଗ୍ରେଡ ରେ ୨୪୩ ଜଣ ଡି ଗ୍ରେଡ ରେ ୨୧୪ ଜଣ, ଇ ଗ୍ରେଡରେ ୧୦୦ ଜଣଏବଂ ଏଫ ଗ୍ରେଡ୍‌ରେ ୨୦ ଜଣ ପାସ କରିଛନ୍ତି। ୩ ଜଣ ଅନୁପସ୍ଥିତ ଥିବା ବେଳେ ୧୭ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଆଠଗଡ ବିଶ୍ୱନାଥ ବିଦ୍ୟାପୀଠର ଅର୍ପିତା ମହାପାତ୍ର ୫୫୮ ନମ୍ବର ରଖି ଦ୍ୱିତୀୟ, ଜାଗିଆପଡା ଉଚ୍ଚ ବିଦ୍ୟାଳୟର ମୋନାଲି ବାରିକ୍ ୫୫୮ ନମ୍ବର ରଖି ତୃତୀୟ ଏବଂ ପଞ୍ଚାୟତ ହାଇସ୍କୁଲ ଘଣ୍ଟିଖାଲର ଶ୍ରାବଣୀ ଦାସ ଚତୁର୍ଥ ଓ ବେଣ୍ଟପଦା ଉଚ୍ଚ ବିଦ୍ୟାଳୟର ପ୍ରିୟଙ୍କା ଓଝା ୫୪୫ ନମ୍ବର ରଖି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ତିଗିରିଆ ବ୍ଲକର ନୂଆପାଟଣା ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଛାତ୍ର ରୋଶନ ପଟ୍ଟନାୟକ ୫୫୨ ନମ୍ବର ରଖି ଦ୍ୱିତୀୟ ସ୍ଥାନ, ଛାତ୍ରୀ ସୁମିତ୍ରା ଦାଶ ୫୪୫ ନମ୍ବର ରଖି ତୃତୀୟ ସ୍ଥାନ, ଗଦାଧରପୁର ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଅନନ୍ୟା ପ୍ରିୟଦର୍ଶିନୀ ୫୪୫ ନମ୍ବର ରଖି ତୃତୀୟ ସ୍ଥାନ, ବିନ୍ଧାଣୀମା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜ୍ୟୋତିର୍ମୟୀ ସାହୁ ୫୪୪ନମ୍ବର ରଖି ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ସମସ୍ତ କୃତୀ ଛାତ୍ରଛାତ୍ରୀମାନଙ୍କୁ ବ୍ଲକଶିକ୍ଷା ଅଧିକାରୀ ଆମର କୁମାର ମହାରଣା, ଆଠଗଡ ବ୍ଲକଶିକ୍ଷା ଅଧିକାରୀ ସିନଗୋ ହାଁସଦା ଏବଂ ବ୍ଲକ ସାଧନକେନ୍ଦ୍ର ସଂଯୋଜକ ମାଧବ ଚନ୍ଦ୍ର ଦେଉରୀ, ସହଶିକ୍ଷା ଅଧିକାରୀ ସୌଦାମିନୀ ମିଶ୍ର ସମେତ ସମସ୍ତ ଦୁଇଟି ବ୍ଲକର ସିଆରସିସି ଓ ସମସ୍ତ ବିଦ୍ୟାଳୟ ଶିକ୍ଷକ ସଂଘ କର୍ମକର୍ତ୍ତା ଇନ୍ଦ୍ରଜିତ ପ୍ରଧାନ, ସୁଶାନ୍ତ କୁମାର ପଣ୍ଡା, ବାରିଦ ବରଣ ମହାପାତ୍ର, ମାୟାଧର ସାହୁ, କନ୍ଦ୍ରକାନ୍ତ ମିଶ୍ର, କର୍ଣ୍ଣର୍ଜୁନ ନାଏକ, ସୁବାସ ଚନ୍ଦ୍ର ପ୍ରଧାନ। ସୌମ୍ୟରଂଜନ ମହାରଣାଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଶୁଭକାମନା ପ୍ରଦାନ କରିବା ସହିତ ଉତ୍ତୋର ଉତ୍ତୋର କାମନା କରିଛନ୍ତି। ଆଠଗଡ ବ୍ଲକର ମୋଟ ୩୫ ଗୋଟି ଉଚ୍ଚ ବିଦ୍ୟାଳୟରୁ ୧୧ ଏବଂ ତିଗିରିଆ ବ୍ଲକର ୧୩ଗୋଟି ଉଚ୍ଚ ବିଦ୍ୟାଳୟରୁ ୫ ଗୋଟି ବିଦ୍ୟାଳୟ ଶତ ପ୍ରତିଶତ ରେଜଲ୍ଟ କରିଥିବା ଜଣାପଡ଼ିଛି।

## କାକଟପୁରରେ ଆଦ୍ୟା ଆହୁତି ଓ ଅଂଶୁମାନ ଟପ୍ପର୍

**ଅସ୍ତରଙ୍ଗ,୩।୫/ଏନ୍‌ଏନ୍‌ଏସ୍:** ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ କାକଟପୁର ବ୍ଲକ୍‌ରେ ୭ ଜଣ ଇ୧ ରେ ପାସ କରିଥିବା ବେଳେ ଦୁଇ ଜଣ ଟପ୍ପର ହୋଇଛନ୍ତି। କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ଆଦ୍ୟା ଆହୁତି ନାୟକ (୫୬୦) ରୁଦ୍ରଭାନୁ ପରିଡା (୫୪୭)ତ୍ରିନାଥ ସାହୁ (୫୪୪) ରଖିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଅଂଶୁମାନ ରାଉତ (୫୬୦) ପ୍ରତୀକ୍ଷା ତ୍ରିପାଠୀ (୫୫୮)ଅଙ୍କିତା ମିଶ୍ର (୫୫୪) ସ୍ୱାତିଲିନା ଦାଶ (୫୪୧) ନମ୍ବର ରଖିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ, ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ରାଉତ, ପୀତବାସ ଦୀକ୍ଷିତ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର, ସହ ପ୍ରଧାନଚାର୍ଯ୍ୟା ଜୟନ୍ତୀବାଳା ନନ୍ଦ, ଅନ୍ନଦା କୁମାର ବେହେରା, ବନଜା ନାୟକ, ଜଶୋବନ୍ତି ଚାନ୍ଦ, ସୁବର୍ଣ୍ଣ ଚାନ୍ଦ, ଲକ୍ଷ୍ମୀଧର ମହାପାତ୍ର, ପ୍ରଦୀପ ପ୍ରଧାନ, ଶୁଭଶ୍ରୀ ରାଉତ ଓ ଅଭିଭାବକମାନେ ପିଲାମାନଙ୍କୁ ପ୍ରଶଂସା କରିଛନ୍ତି।

## କୋଣାର୍କରେ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ

**କୋଣାର୍କ,୩।୫/ଏନ୍‌ଏନ୍‌ଏସ୍:** ଶୁକ୍ରବାର କୋଣାର୍କ ଭୁବନେଶ୍ୱର ମୁଖ୍ୟ ରାସ୍ତା ବନାଖଣ୍ଡୀ ଛକ ନିକଟସ୍ଥ କିଙ୍ଗସ୍ କୋକୋ ଇକୋ ରିସର୍ଟ ପରିସରରେ 'କୋଣାର୍କ ଜ୍ଞାନ ମଞ୍ଚ' ପକ୍ଷରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଛି। ଅଦ୍ୱୈତ ବେଦାନ୍ତ ବିଶାରଦ ତଥା ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡଃ ହରମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ପୁରୀର ବିଶିଷ୍ଟ ଗବେଷକ ଡଃ ସୁରେନ୍ଦ୍ର କୁମାର ମିଶ୍ର, ପ୍ରଫେସର କ୍ଷୀରୋଦ ରାୟ ମହାପାତ୍ର, ଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡ ସଭାପତି ଡ଼ ଦୁର୍ଗା ପ୍ରସାଦ ମିଶ୍ର, ଗୋପ ମହାବିଦ୍ୟାଳୟର




ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଐତିହାସିକ ଡଃ ସନ୍ତୋଷ ମିତ୍ର ପ୍ରମୁଖ ଯୋଗଦେଇ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ହିଁ ଭାରତବର୍ଷର ପ୍ରଥମ ଏକତ୍ୱର ବାର୍ତ୍ତାବହ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୀବନ, ଦର୍ଶନ, ଉପନିଷଦ, ଶ୍ରୀମଦ ଭଗବଦ୍ ଗୀତା ଓ ବ୍ରହ୍ମସୂତ୍ର ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଆଜି ଯଦି ସମଗ୍ର ଭାରତବର୍ଷରେ ସନାତନ ବୈଦିକ ଧର୍ମର ଅମୃତ ଧାରା ବହି ଚାଲିଛି ତା'ର ସମସ୍ତ ଶ୍ରେୟ ଭଗବାନ ସ୍ୱରୂପ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କର ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଡଃ ମିନତୀ ମିଶ୍ର ଶଙ୍କରାଚାର୍ଯ୍ୟଙ୍କ ରଚନାରୁ କିଛି ଶ୍ଳୋକ ଆବୃତ୍ତି କରିଥିଲେ। ଜ୍ଞାନମଞ୍ଚ ପକ୍ଷରୁ ପ୍ରଫେସର ଶରତଚନ୍ଦ୍ର ପ୍ରଧାନ, ଟ୍ରଷ୍ଟି ସଦସ୍ୟ ବରିଷ୍ଠ ସମାଜସେବୀ ହରିଶ୍ଚନ୍ଦ୍ର ଦାଶ ଓ ଗବେଷକ ସଞ୍ଜୟ ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ୍: ଭୀମପୁର ଚାମ୍ପିଅନ୍



**ବାଲୁଗାଁ,୩।୫/ଏନ୍‌ଏନ୍‌ଏସ୍:** ବାଲୁଗାଁ ନିକଟସ୍ଥ ଭେଲେରୀ ଇଞ୍ଜନପୁରଠାରେ ସ୍ୱାଇକି ପଞ୍ଚ ପକ୍ଷରୁ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ପୁରୀ, ବାଲୁଗାଁ, ଭୀମପୁର, ନିମିଖେତା, ବଉଳାବନ୍ଧ, ସୋରଣ, ଭେଲେରୀ ଇଂଜନପୁର ସମେତ ୮ ଗୋଟି ଟିମ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ ଟିମର ଖେଳାଳି ବହୁତ ଆକର୍ଷଣୀୟ ଖେଳ ଖେଳିଥିଲେ। ଆଠ ଗୋଟି ଟିମ ମଧ୍ୟରୁ ଭୀମପୁର ଓ ଭେଲେରୀ ଟିମ ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚରେ ଭୀମପୁର ପ୍ରଥମ ଚାମ୍ପିଅନ୍ ହୋଇଥିବା ବେଳେ ଭେଲେରୀ ଦ୍ୱିତୀୟ ରନର୍ସଅପ୍ ହୋଇଥିଲା। ଶେଷରେ ମୁଖ୍ୟ ଅତିଥି ରୂପେ ଚିଲିକା ପ୍ରେସ୍ କ୍ଲବର ସଭାପତି ତଥା ସମାଜସେବୀ ପ୍ରକାଶ କୁମାର ପ୍ରଧାନ ଓ ସନ୍ମାନିତ ଅତିଥି ଜେ. ଡ଼ି. ଏ ଆର୍ଟ ମାଲିକ ହରିହର ବେହେରା ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଅଭିନାଶ ଜେନା, ଅମୁଲ୍ୟ ବାରିକ, ଶୁଭାଶିଷ ବେହେରା ରେଫ୍‌ରୀ ପରିଚାଳନା କରିଥିଲେ। ଏହି ମ୍ୟାଚକୁ ଦେଖିବା ପାଇଁ ବହୁ ଦର୍ଶକ ଉପସ୍ଥିତ ଥିଲେ।

ନିତିଦିନ NITIDIN



# ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ



**ଭୁବନେଶ୍ୱର,୩।୫/ଏନ୍ଏନ୍ଏସ୍:** ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏବଂ ଏମ୍ସ ଭୁବନେଶ୍ୱର ଅଧ୍ୟକ୍ଷ ଡ. ଶୈଳେଶ କୁମାର ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ, ଡ. ବିଶ୍ୱାସ ମୁଖ୍ୟମନ୍ତ୍ରୀଙ୍କ ସହିତ ରୋଗୀ ସେବା, ଚିକିତ୍ସା ବିଜ୍ଞାନ ଏବଂ ଅନୁଷ୍ଠାନର ସମ୍ପ୍ରସାରଣ ଉପରେ ଧ୍ୟାନ ଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ବିଷୟ ଉପରେ ଆଲୋଚନା କରିଥିଲେ। ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଚାହିଦା ପୂରଣ କରିବା ପାଇଁ ଏମ୍ସ ଭୁବନେଶ୍ୱରର ସମ୍ପ୍ରସାରଣ ପାଇଁ ଅତିରିକ୍ତ ଜମି ଯୋଗାଇବା ପ୍ରମୁଖ ପ୍ରସଙ୍ଗ ଥିଲା। ଉନ୍ନତ ସହରାଞ୍ଚଳ ସେବା ଏବଂ ନାଗରିକ ସହାୟତା ପାଇଁ ଭୁବନେଶ୍ୱର ନଗର ନିଗମ ଅଧୀନରେ ଏମ୍ସ ଭୁବନେଶ୍ୱରକୁ ସାମିଲ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଡ. ବିଶ୍ୱାସ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ, ଅତ୍ୟାଧୁନିକ ଗବେଷଣାକୁ ପ୍ରୋତ୍ସାହିତ କରିବା ଏବଂ ଅଞ୍ଚଳ ତଥା ଦେଶ ସେବା କରିବା ପାଇଁ ଡାକ୍ତରୀ ବୃତ୍ତିଗତମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏମ୍ସ ଭୁବନେଶ୍ୱରର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟମନ୍ତ୍ରୀ ଏମ୍ସ ଭୁବନେଶ୍ୱରର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ପରିବର୍ତ୍ତନ କରିବାରେ ଏବଂ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷା ଉଭୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାରେ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥିଲେ। ଏହା ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଏକ ଜ୍ଞାନକୌଶଳପୂର୍ଣ୍ଣ ବୈଠକ ଥିଲା, ଯେଉଁଠାରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ପ୍ରତିଷ୍ଠାନ ବିକାଶ ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା ବୋଲି, ଡ. ବିଶ୍ୱାସ କହିଛନ୍ତି। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍‌ଙ୍କୁ ମଧ୍ୟ ଭେଟି ଜାତୀୟ ପ୍ରତିଷ୍ଠାନର ବ୍ୟାପକ ବିକାଶ ସମ୍ପର୍କରେ ଅନେକ ଦିଗ ଉପରେ ଆଲୋଚନା କରିଥିଲେ।

# ସବୁଜ ଶକ୍ତି ଆପଣାଇବାକୁ ରାଜ୍ୟପାଳଙ୍କ ଆହ୍ୱାନ

## ବର୍ତ୍ତମାନ ପଦକ୍ଷେପ ନେବାର ସମୟ

## ପରବର୍ତ୍ତୀ ପିଢ଼ି ପାଇଁ ସ୍ଥାୟୀ ଭବିଷ୍ୟତ ନିର୍ମାଣ ଲକ୍ଷ୍ୟ



**ଭୁବନେଶ୍ୱର,୩।୫/ଏନ୍ଏନ୍ଏସ୍:** ପରିବେଶ ସୁରକ୍ଷା ଏବଂ ସନ୍ତୁଳିତ ଜୀବନଯାପନ ଦିଗରେ ଏକ ଦୃଢ଼ ପ୍ରୟାସ ଭାବରେ ପ୍ରଦୂଷଣ ହ୍ରାସ କରିବା, ପୃଥିବୀକୁ ସୁରକ୍ଷିତ ରଖିବା ଏବଂ ଅଶୋଧିତ ତୈଳ ଆମଦାନୀ ହ୍ରାସ କରି ବୈଦେଶିକ ମୁଦ୍ରା ସଂଚୟ କରିବା ପାଇଁ ସବୁଜ ଶକ୍ତିକୁ ଆପଣାଇବା ପାଇଁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଶନିବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ପାରମ୍ପରିକ ଶକ୍ତି ଉତ୍ସରୁ ନବୀକରଣୀୟ ବିକଳ୍ପକୁ ପରିବର୍ତ୍ତନ କରି ବ୍ୟବହାର ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଛନ୍ତି। ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରାଜଭବନ ଭୁବନେଶ୍ୱରରେ ଶକ୍ତି ଭିତ୍ତିଭୂମିରେ ଗ୍ରହଣ କରାଯାଇଥିବା ପରିବର୍ତ୍ତନକାରୀ ପଦକ୍ଷେପ ସଂପର୍କରେ ରାଜ୍ୟପାଳ ସୂଚନା ଦେଇଥିଲେ। ରାଜଭବନ ପରିସରରେ ୧୫୦ କିଲୋୱାଟ ସୌରଶକ୍ତି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି ଏବଂ ଖୁବ ଶୀଘ୍ର ଅତିରିକ୍ତ ୪୦୦ କିଲୋୱାଟ ପ୍ଲାଂଟ୍ ସ୍ଥାପିତ ହେବାକୁ ଯାଉଛି। ଏହା ରାଜ୍ୟପାଳଙ୍କ ବାସଭବନକୁ ଏକ ନେଟ୍-ଜିରୋ ଶକ୍ତି କ୍ୟାମ୍ପସ୍ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସବୁଜ ମିଶନକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଭାରତରେ ନିର୍ମିତ ଦୁଇ ଚକିଆ ଯାନ ଏବଂ ଅଫିସିଆଲ କାର୍ ପ୍ରଚଳନ କରାଯାଇଛି। ଯାହା, ସ୍ଥାୟୀ ଗତିଶୀଳତା ପ୍ରତି ନିର୍ଣ୍ଣାୟକ ପଦକ୍ଷେପର ସଙ୍କେତ ଦେଉଛି। ପ୍ରତ୍ୟେକ ଯାତ୍ରା ଏବେ ଏକ ଶାନ୍ତ, ସ୍ୱଚ୍ଛ ଏବଂ ଅଧିକ ଦାୟିତ୍ୱପୂର୍ଣ୍ଣ ଭବିଷ୍ୟତ ପାଇଁ ଯୋଗଦାନ ଦେଉଛି। ଏପରି ପଦକ୍ଷେପ ଆମର ପସନ୍ଦ ଅପେକ୍ଷା ପରିବେଶ ଅନୁକୂଳ ବ୍ୟବସ୍ଥା ଗ୍ରହଣ କରିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଛନ୍ତି। ଏପରି ଅଗ୍ରଣୀ ପ୍ରୟାସ ସହିତ ରାଜଭବନ କେବଳ ସମଗ୍ର ଦେଶର ସରକାରୀ ପ୍ରତିଷ୍ଠାନ ପାଇଁ ଏକ ଉଦାହରଣ ସୃଷ୍ଟି କରୁନାହିଁ, ବରଂ ଶୀର୍ଷସ୍ତରରୁ ପରିବର୍ତ୍ତନ ଆରମ୍ଭ ହୁଏ ବୋଲି ସ୍ପଷ୍ଟ ବାର୍ତ୍ତା ଦେଉଛି। ଏହି ଅବସରରେ ରାଜ୍ୟପାଳ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଅନେକ ପ୍ରମୁଖ ଯୋଜନା ଉପରେ ମଧ୍ୟ ଆଲୋକପାତ କରିଥିଲେ।

ସେହିପରି ରାଜ୍ୟରେ ଅଧିକ ଲୋକ ସୌର ଶକ୍ତି ବ୍ୟବସ୍ଥା ଆପଣେଇବା ନିମନ୍ତେ ଉତ୍ସାହିତ କରିବା ପାଇଁ ଅତିରିକ୍ତ ସବ୍‌ସିଡ ପ୍ରଦାନ କରିବା ଦିଗରେ ଓଡ଼ିଶା ସରକାର ନେଇଥିବା ପଦକ୍ଷେପକୁ ରାଜ୍ୟପାଳ ଡ. କମ୍ଭମ୍ପାଟି ପ୍ରଶଂସା କରିଛନ୍ତି। ନିଜର ବ୍ୟକ୍ତିଗତ ଲାଭ ସହିତ ପରିବେଶର ବୃହତ୍ତର ହିତ ଦୃଷ୍ଟିରୁ ଏପରି ଯୋଜନାର ସଂପୂର୍ଣ୍ଣ ଲାଭ ନେବାକୁ ଏବଂ ସକ୍ରିୟ ଭାବେ ନବୀକରଣୀୟ ଶକ୍ତି ଉତ୍ସକୁ ବ୍ୟବହାର କରିବା ପାଇଁ ଲୋକମାନଙ୍କୁ ରାଜ୍ୟପାଳ ଅନୁରୋଧ କରିଛନ୍ତି। ଏତଦ୍‌ବ୍ୟତୀତ ଧିରେଧିରେ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଯାନବାହନ ବ୍ୟବହାର ପରିତ୍ୟାଗ କରି ବିଦ୍ୟୁତ ଚାଳିତ ଯାନବହାନ ବ୍ୟବହାର କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ଏପରି ପରିବର୍ତ୍ତନ ପ୍ରଦୂଷଣ ହ୍ରାସ କରିବା, ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ସ୍ୱଚ୍ଛ, ସ୍ଥାୟୀ ଭବିଷ୍ୟତ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଏତଦ୍‌ବ୍ୟତୀତ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରି ସେଥିରେ ବୈଦ୍ୟୁତିକ ଯାନବାହନ ଚାର୍ଜ କରିବା ଦ୍ୱାରା ଜୀବାଶ୍ମ ଇନ୍ଧନର ଆବଶ୍ୟକତା ଦୂର ହୋଇପାରିବ ଏବଂ ପ୍ରକୃତରେ ସବୁଜ ଗତିଶୀଳତା ସକ୍ଷମ ହୋଇପାରିବ। ଏହା ମଧ୍ୟ ଦୈନନ୍ଦିନ ଯାତ୍ରାକୁ ଅଧିକ ସୁଲଭ କରିବ ବୋଲି ରାଜ୍ୟପାଳ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ପଦକ୍ଷେପ ନେବାର ସମୟ। ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ଲୋକଙ୍କୁ ସଶକ୍ତ କରିବା ଏବଂ ପରବର୍ତ୍ତୀ ପିଢ଼ି ପାଇଁ ଏକ ଉତ୍ତମ, ସ୍ଥାୟୀ ଭବିଷ୍ୟତ ନିର୍ମାଣ କରିବା ହେଉଛି ଏହାର ଲକ୍ଷ୍ୟ ବୋଲି ରାଜ୍ୟପାଳ କହିଛନ୍ତି। ଗଣମାଧ୍ୟମ ସହିତ ଆଲୋଚନାର ଉଦ୍ଦେଶ୍ୟ ହେଉଛି ନବୀକରଣୀୟ ଶକ୍ତିର ଉପଯୋଗ ବା ବ୍ୟବହାର ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା । ଏଣୁ ଏହି ବାର୍ତ୍ତାକୁ ରାଜ୍ୟର ପ୍ରତି ପରିବାରରେ ପହଂଚାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ରାଜ୍ୟପାଳ ଗଣମାଧ୍ୟର ପ୍ରତିନିଧିମାନଙ୍କୁ ଆହ୍ୱାନ ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ରହି ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ରାଜଭବନର ସକରାତ୍ମକ ପଦକ୍ଷେପକୁ ପ୍ରଶଂସା କରିବା ସହିତ ରାଜ୍ୟ ସରକାରଙ୍କ ତରଫରୁ ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ନବୀକରଣୀୟ ଶକ୍ତିର ବହୁଳ ଉପଯୋଗ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ, ପ୍ରବର୍ତ୍ତିତ ହୋଇଥିବା ବିଭିନ୍ନ ଯୋଜନା ଏବଂ ଉପଲବ୍ଧ ରିହାତି ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ରାଜଭବନର ଅଧିକାରୀଙ୍କ ସହ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ରାଜା ଚକ୍ରଙ୍କ ଓକିଲଙ୍କ ନାଁରେ ମାନହାନୀ ମୋକଦ୍ଦମା କଲେ ମନମୋହନ



**ଭୁବନେଶ୍ୱର,୩।୫/ଏନ୍ଏନ୍ଏସ୍:** କେନ୍ଦୁଝର ଗନ୍ଧମାର୍ଦ୍ଦନ ଲୋଡିଂ ଆଣ୍ଡ ଟ୍ରାନ୍ସପୋର୍ଟିଂ ସୋସାଇଟି ଟଙ୍କା ହେରଫେର ମାମଲାରେ ମହଙ୍ଗା ପଡ଼ିଲା ବରିଷ୍ଠ ଆଇନଜୀବୀ ସୀତାଂଶୁ ଦ୍ୱିବେଦୀଙ୍କ ମନ୍ତବ୍ୟ। ସୋସାଇଟିରେ ୧୦୦ କୋଟିରୁ ଅଧିକ ଆର୍ଥିକ ହେରଫେର ନେଇ କ୍ରାଇମବ୍ରାଞ୍ଚରେ ହୋଇଥିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ବିଜେଡି ନେତା ରାଜା ଚକ୍ରଙ୍କ ଆଇନଜୀବୀ ଶ୍ରୀ ଦ୍ୱିବେଦୀ ବିଜେପି ରାଜ୍ୟ ମୁଖ୍ୟଙ୍କୁ ୧ କୋଟି ୩ ଲକ୍ଷ ଦିଆଯାଇଛି ବୋଲି ମନ୍ତବ୍ୟ ଦେଇଥିଲେ। ଯାହାକୁ ନେଇ ରାଜ୍ୟବ୍ୟାପୀ ରାଜନୈତିକ ମହଲରେ ହଇଚଇ ସୃଷ୍ଟି ହୋଇଥିଲା। ଏବେ ରାଜା ଚକ୍ରଙ୍କ ଓକିଲ ସୀତାଂଶୁ ଦ୍ୱିବେଦୀଙ୍କ ନାଁରେ ମୋକଦ୍ଦମା ଦାଏର ହୋଇଛି। ଶନିବାର ଶ୍ରୀ ସାମଲ ବାଲେଶ୍ୱର ଏସଡିଜେଏମ ଅଦାଲତରେ ଆଇନଜୀବୀ ଶ୍ରୀ ଦ୍ୱିବେଦୀଙ୍କ ବିରୋଧରେ ମାନହାନି ମକଦ୍ଦମା କରିଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ଶ୍ରୀ ସାମଲ କହିଛନ୍ତି, ମାସେ ତଳେ ସୀତାଂଶୁ ଦ୍ୱିବେଦୀ ମୋ ବିରୁଦ୍ଧରେ ଏକ ଆରୋପ କରିଥିଲେ। ମୋ କର୍ମୀ ମାନେ ଷ୍ଟେଟ ହେଡ ନାଁରେ ୧ କୋଟି ୩ ଲକ୍ଷ ଟଙ୍କା ନଦେଲେ ବେପାର ବାଣିଜ୍ୟ ବନ୍ଦ ବାରିବାକୁ ଚାପ ପ୍ରୟୋଗ କରାଯିବା ନେଇ ଅଭିଯୋଗ କରିଥିଲେ। ମନ୍ଦ ଉଦ୍ଦେଶ୍ୟ ରଖି ମୋ ବିରୁଦ୍ଧରେ ଏପରି କହିଥିଲେ। ଆଜି ଏନେଇ ଏକ କ୍ରିମିନାଲ ଡିଫାମେସନ୍ କେସ୍ ଦାୟର କରିଛି। ଏସଡିଜେଏମଙ୍କ କୋର୍ଟରେ ଷ୍ଟେଟମେଣ୍ଟ ଦାଖଲ କରିବାକୁ ଆସିଥିଲି। ଏହା ମିଥ୍ୟା ଓ କପୋଳକଳ୍ପିତ କାହାଣୀ। ଏ ଅଭିଯୋଗର କୌଣସି ଭିତ୍ତି ନାହିଁ କି ସତ୍ୟତା ନାହିଁ। ମନ୍ଦ ଉଦ୍ଦେଶ୍ୟ ରଖି ମିଡ଼ିଆ ଆଗରେ ଏଭଳି ଅଭିଯୋଗ ଆଣିଛନ୍ତି। ମୋ ନାମରେ ଯଦି ଅଭିଯୋଗ ଅଛି ପ୍ରମାଣ କାଗଜ ଦେଖାନ୍ତୁ ବୋଲି ଶ୍ରୀ ସାମଲ କହିଛନ୍ତି।

## ପାଟଣାଗଡ଼ ପାର୍ସଲ ବୋମା ଘଟଣା

# ଧାର୍ଯ୍ୟ ତାରିଖ ସୁଦ୍ଧା ଶେଷ ହେବ ଶୁଣାଣି

**ପାଟଣାଗଡ଼,୩।୫/ଏନ୍ଏନ୍ଏସ୍:** ଧାର୍ଯ୍ୟ ସମୟ ଭିତରେ ଶେଷ ହେବ ରାଜ୍ୟ ବହୁ ଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ଘଟଣା ଶୁଣାଣି। ଶନିବାର ସମସ୍ତ ଫିଜିକାଲ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ଆସନ୍ତା ୫ ତାରିଖରେ ଶେଷ ସାକ୍ଷୀ ଗ୍ରହଣ ପରେ ୬ ରେ ହେବ ଶୁଣାଣି। ଜୁନ ମାସ ୧୭ ତାରିଖରେ ସରୁଛି ଡେଡଲାଇନ। ତା’ ପୂର୍ବରୁ ହେବ ଶୁଣାଣି।

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ପାର୍ଶଲ ବୋମା ଘଟଣା ସାରା ରାଜ୍ୟ ସହ ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଶନିବାର ଏହାର ଶେଷ ସାକ୍ଷ୍ୟ ଗ୍ରହଣ ହୋଇଛି। ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ଭର୍ଚୁଆଲ ମୋଡରେ କୋର୍ଟରେ ହାଜର ହୋଇଥିଲେ। ଆସନ୍ତା ୫ ତାରିଖ ପ୍ରତିପକ୍ଷ ସାକ୍ଷ୍ୟ ନେଇ ହେବ ଶୁଣାଣି । ଆସନ୍ତା ୬ ତାରିଖରୁ ଆରମ୍ଭ ହେବ ମାମଲାର ଶୁଣାଣି। ଏହି ମାମଲାକୁ ୩ ମାସ ଭିତରେ ସାରିବାକୁ ସୁପ୍ରିମ କୋର୍ଟ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଜୁନ ୧୭ କୁ ୩ ମାସ ସରିଯାଉଥିବା ବେଳେ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି ହେବ ବୋଲି ଅନୁମାନ କରାଯାଉଛି।

ସୂଚନା ଅନୁସାରେ ଭଇଁଷା କଲେଜ ଅଧ୍ୟକ୍ଷା ସଂଯୁକ୍ତା ସାହୁଙ୍କ ପୁଅ ସୌମ୍ୟଶେଖର ସାହୁଙ୍କ ବାହାଘର ୨୦୧୮ ମସିହା ଫେବ୍ରୁଆରୀ ୧୭ ତାରିଖରେ ହୋଇଥିଲା ଓ ବୃତ୍ତିଗତ ଶତ୍ରୁତାକୁ କେନ୍ଦ୍ର କରି ଅଧ୍ୟାପକ ପୁଞ୍ଜିଲାଲ ବିବାହ ଉପହାର ଭାବେ ଏକ ଗିଫ୍ଟ ଦେଇଥିଲେ। ୨୩ ତାରିଖ ଦିନ ପାର୍ସଲ୍ ଗିଫ୍ଟ ଖୋଲିବା ବେଳେ ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟ ଶେଖର ଓ ତାଙ୍କ ଜେଜେ ମା’ ଜେମାମଣି ସାହୁଙ୍କର ମୃତ୍ୟୁ ଘଟିଥିଲା। ନବବିବାହିତା ପତ୍ନୀ ରୀମା ସାହୁ ଗୁରୁତର ଭାବେ ଆହତ ହୋଇଥିଲେ। ଘଟଣାର ତଦନ୍ତ କରି କ୍ରାଇମବ୍ରାଞ୍ଚ ପୁଞ୍ଜିଲାଲ ମେହେରଙ୍କୁ ୨୦୧୮ ଏପ୍ରିଲ ୨୫ ତାରିଖରେ ଗିରଫ କରିଥିଲା। ସେବେ ଠାରୁ ପୁଞ୍ଜିଲାଲ ବଲାଙ୍ଗୀର ଜିଲ୍ଲା କାରାଗାରରେ ବିଚାର ବିଭାଗୀୟ କଏଦୀ ଭାବେ ଅଛନ୍ତି।

## ଲୋକକଳା ଓ ଲୋକସଂସ୍କୃତିକୁ ଉଜ୍ଜୀବିତ ରଖିବା ଲକ୍ଷ୍ୟ

# କେନ୍ଦୁଝର ଜିଲ୍ଲାରେ ଆୟୋଜିତ ହେବ ‘ରଙ୍ଗବତୀ’ ଉତ୍ସବ

**ଭୁବନେଶ୍ୱର,୩।୫/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡେମୀ, କେନ୍ଦୁଝର ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଏବଂ ଆଦିମ୍- ସଂସ୍କୃତି, କେନ୍ଦୁଝରର ମିଳିତ ସହଯୋଗରେ କେନ୍ଦୁଝର ଜିଲ୍ଲାରେ ପଶ୍ଚିମ ଓଡ଼ିଶା ନୃତ୍ୟ ସଂଗୀତ ଉତ୍ସବ ‘ରଙ୍ଗବତୀ’ର ଆୟୋଜନ କରାଯିବ। ଓଡ଼ିଶାର ଲୋକକଳା ଓ ଲୋକସଂସ୍କୃତିକୁ ଚିର ଉଜ୍ଜୀବିତ କରି ରଖିବା ଲକ୍ଷ୍ୟରେ ଆୟୋଜିତ ହେବାକୁ ଥିବା ‘ରଙ୍ଗବତୀ’ ଉତ୍ସବ ଆସନ୍ତା ୫ ତାରିଖ ଠାରୁ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ କାଳିପଡ଼ିଆ, କେନ୍ଦୁଝର ଠାରେ ଅନୁଷ୍ଠିତ ହେବ।

ରଙ୍ଗବତୀ ଉତ୍ସବରେ ରାଜ୍ୟର ମନ୍ତ୍ରୀମଣ୍ଡଳର ମନ୍ତ୍ରୀଗଣ, କେନ୍ଦୁଝର ଜିଲ୍ଲାର ସାଂସଦ, ବିଧାୟକ, ବହୁ ବିଶିଷ୍ଟ କଳାକାର ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେବାର ଯୋଜନା ରହିଛି। ପଶ୍ଚିମ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, ନୃତ୍ୟ, ସଂଗୀତ ଆଦିର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

ଚଳିତ ବର୍ଷର ‘ରଙ୍ଗବତୀ’ ଉତ୍ସବରେ ପଶ୍ଚିମ ଓଡ଼ିଶାର ବହୁ ବିଶିଷ୍ଟ ଲୋକକଳାକାର, ନୃତ୍ୟଶିଳ୍ପୀ ଏବଂ କଣ୍ଠଶିଳ୍ପୀମାନେ ଯୋଗଦେଇ ନୃତ୍ୟ ଓ ସଂଗୀତ ପରିବେଷଣ କରିବେ। ଡାଲଖାଇ, ରସରକେଲି ଠାରୁ ନେଇ ହୋମୁଣ୍ଡା, ଛଉ, ଚାଙ୍ଗୁ, ଝୁମର ନୃତ୍ୟ ପର୍ଯ୍ୟନ୍ତ ଏବଂ ଢୋଲ, ତବଲା, ମୃଦଙ୍ଗ ଏବଂ ବିଭିନ୍ନ ପାରମ୍ପରିକ ବାଦ୍ୟରେ ପଶ୍ଚିମ ଓଡ଼ିଶାର ଲୋକସଂଗୀତ ପରିବେଷଣ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯିବ।

# ନିଟ୍ ପରୀକ୍ଷା ପୂର୍ବରୁ ୪ ଦଲାଲ୍ ଗିରଫ

**ଭୁବନେଶ୍ୱର,୩।୫/ଏନ୍ଏନ୍ଏସ୍:** ସ୍ପେଶାଲ କ୍ରାଇମ ୟୁନିଟ ପଞ୍ଝାରେ ମେଡିକାଲ୍ ସିଟ ବିକ୍ରି କରୁଥିବା ଦଲାଲ ଗ୍ୟାଙ୍ଗ। ମେଡିକାଲ୍ କଲେଜରେ ଆଡମିସନ କରାଇଦେବାକୁ କହି ଠକେଇ କରିଥିବା ଅଭିଯୋଗରେ ସ୍ପେଶାଲ କ୍ରାଇମ୍ ୟୁନିଟ ଦ୍ୱାରା ୪ ଆନ୍ତ ରାଜ୍ୟ ଠକ ଗିରଫ ହୋଇଥିବା ଜଣାଯାଇଛି। ନିଟ୍

## ୯୪ ଲକ୍ଷ ଟଙ୍କାର ଚେକ୍ ଜବତ

ପରୀକ୍ଷା ପୂର୍ବରୁ ଚାରି ଜଣଙ୍କୁ ଗିରଫ କରିଛି ସ୍ପେଶାଲ୍ କ୍ରାଇମ୍ ୟୁନିଟ। ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୁଲିସ କମିସନର ଏସ ଦେବଦତ୍ତ ସିଂ। ଅଭିଯୁକ୍ତମାନଙ୍କ ମଧ୍ୟରେ ଦୁଇଜଣ ଓଡ଼ିଶାର ଥିବା ବେଳେ ଜଣେ ଲେଖାଏଁ ଝାଡ଼ଖଣ୍ଡ ଏବଂ ବିହାରର ରହିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ୯୪ ଲକ୍ଷ ଟଙ୍କାର ଚେକ୍ ଓ ଗୋଟିଏ ବ୍ଲାଙ୍କ ଚେକ୍ ଜବତ ହୋଇଛି। ଏମାନେ ଘରୋଇ ମେଡିକାଲ କଲେଜରେ ଆଡମିସନ କରାଇଦେବାକୁ କହି ଆଶାୟୀ ଛାତ୍ରଛାତ୍ରୀଙ୍କଠୁ ଟଙ୍କା ନେଇଥିଲେ। ଅସଲି ପରୀକ୍ଷାର୍ଥୀ ବଦଳରେ ନକଲି ପରୀକ୍ଷାର୍ଥୀ ବସାଇବାକୁ କହି ବି ଟଙ୍କା ନେଇଥିଲେ।



## ‘ଫ୍ରମ୍ ଟେମ୍ପଲ୍ସ ଟୁ ଟେକ୍’ ସମ୍ମିଳନୀ

# ଓଡ଼ିଶାରେ ଆରମ୍ଭ ହେବ ସେମିକଣ୍ଡକ୍ଟର୍ ଉତ୍ପାଦନ: ଆଇଟି ମନ୍ତ୍ରୀ

**ଭୁବନେଶ୍ୱର,୩।୫/ଏନ୍ଏନ୍ଏସ୍:** ନିବେଶକଙ୍କ ପାଇଁ ଉନ୍ନତ ନୀତି ପ୍ରଣୟନ ପାଇଁ ଜଣାଶୁଣା ଓଡ଼ିଶାରେ ଆଗାମୀ କିଛି ବର୍ଷ ମଧ୍ୟରେ ସେମିକଣ୍ଡକ୍ଟର ଉତ୍ପାଦନ ଆରମ୍ଭ ହେବ ବୋଲି ରାଜ୍ୟ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ‘ଫ୍ରମ ଟେମ୍ପଲ୍ସ ଟୁ ଟେକ’ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଡିଜିଟାଲ୍ ଭିତ୍ତିଭୂମି, ଦକ୍ଷତା ବିକାଶ ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ଓଡ଼ିଶା ବହୁତ ଭଲ ସ୍ଥିତିରେ ରହିଛି। ରାଜ୍ୟରେ ଅଗ୍ରଣୀ ଆଇଟି କମ୍ପାନୀଗୁଡ଼ିକ ସେମାନଙ୍କ କେନ୍ଦ୍ର ସ୍ଥାପନ କରିଛନ୍ତି। ଆଇଟି କମ୍ପାନୀଗୁଡ଼ିକୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରଣ କରିବା ସହ ସେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଇଟି କ୍ଷେତ୍ରର ନିବେଶକଙ୍କ ସୁବିଧା ପାଇଁ ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ସପୋର୍ଟ ସେଲ୍ ମଧ୍ୟ ସହାୟତା କରିବ ବୋଲି ସେ ସୂଚନା ଦେଇଛନ୍ତି।




ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଏବଂ ଆଇଟି ସେବା କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱସ୍ତରୀୟ ହବ୍ ଭାବେ ଉଭା କରିବା ପାଇଁ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ (ଇଆଣ୍ଡଆଇଟି) ଇଲେକ୍ଟ୍ରୋନିକ୍ସ ଓ କମ୍ପ୍ୟୁଟର ସଫ୍ଟୱେର ରପ୍ତାନି ପ୍ରୋତ୍ସାହନ ପରିଷଦ (ଇଏସି) ସହଯୋଗରେ ‘ଫ୍ରମ ଟେମ୍ପଲ୍ସ ଟୁ ଟେକ’ ଶିଖର ସମ୍ମିଳନୀ ଆୟୋଜନ କରିଛି। ଏହି ଅବସରରେ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ ରାଜ୍ୟ ମୋଟ ଘରୋଇ ଉତ୍ପାଦ (ଜିଏସଡିପି) ପ୍ରତି ସେବା କ୍ଷେତ୍ରର ବଢୁଥିବା ଅବଦାନ ଏବଂ ଆଗାମୀ ଦିନରେ ଏହାର ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ରାଜ୍ୟର ଆଇଟି ନୀତି ଓ ସେମିକଣ୍ଡକ୍ଟର ନୀତିରେ ନିବେଶକଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ଓ ପ୍ରୋତ୍ସାହନ ସମ୍ପର୍କରେ ସେ କହିଥିଲେ। ଶିଳ୍ପକୁ ଓଡ଼ିଶା ସରକାର ଯେଉଁ ପ୍ରୋତ୍ସାହନ ଦେଉଛନ୍ତି ତାହା ଦେଶର ଶ୍ରେଷ୍ଠ ବୋଲି ସେ କହିଛନ୍ତି। ଏହି ଅବସରରେ ଭାରତ ସରକାରଙ୍କ ଯୁଗ୍ମ ସଚିବ ମନୀଷ ଚଢା ଦେଶର ହାର୍ଡୱେର ଉତ୍ପାଦନର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି କହିଥିଲେ ଯେ କିଛି ବର୍ଷ ତଳେ ଏହାକୁ ନେଇ ଅନେକ ଚ୍ୟାଲେଞ୍ଜ ଥିଲା। କିନ୍ତୁ କେନ୍ଦ୍ର ସରକାର ଆକର୍ଷଣୀୟ ନୀତି ଆଣିବା ପରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଭାରତ ଯଥେଷ୍ଟ ଅଗ୍ରଗତି କରିଛି। ଭାରତରେ ବ୍ୟବହୃତ ହେଉଥିବା ୯୯ ପ୍ରତିଶତ ମୋବାଇଲ୍ ଦେଶ ଭିତରେ ନିର୍ମିତ। ସ୍ମାର୍ଟଫୋନ୍ ଉତ୍ପାଦନ କ୍ଷେତ୍ରରେ ଭାରତର ଅବଦାନ କ୍ରମାଗତ ଭାବେ ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ଇଏସସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗୁରମିତ୍ ସିଂହ, ଅଧ୍ୟକ୍ଷ (ଗ୍ଲୋବାଲ୍ ଆଉଟରିଚ) ସନ୍ଦୀପ ନରୁଲା, ଇଏସସି ଅଧ୍ୟକ୍ଷ ବୀର ସାଗର ଓ ଇଏସସି (ଇଷ୍ଟର୍ଣ୍ଣ) ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

ଏହାବ୍ୟତୀତ ଶିଳ୍ପ-ଶିକ୍ଷା ସହଯୋଗ ଓ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଇଏସସି ଏବଂ ଆଇଆଇଟି ଭୁବନେଶ୍ୱର, ଆଇଆଇଆଇଟି ଭୁବନେଶ୍ୱର, ଓୟୁଟିଆର, ବିପିୟୁଟି, ଭିଏସ୍ଏସୟୁଟି ଏବଂ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ଭୁବନେଶ୍ୱର ସମେତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଧ୍ୟରେ ୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସରକାରୀ ଇ-ମାର୍କେଟପ୍ଲେସ୍ (ଜିଇଏମ୍)ର ଡେପୁଟି ସିଇଓ ମନୋଜ କୁମାର ସରକାରୀ କ୍ରୟ ପାଇଁ ଜିଇଏମ୍ ର ଉପଯୋଗ କରିବା ପାଇଁ ଏମଏସଏମଇ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

## କୋରାପୁଟ ନାବାଳିକା ଛାତ୍ରୀ ବଳତ୍କାର ଘଟଣା

# ପୀଡ଼ିତାଙ୍କ ପରିବାରକୁ ଭେଟିଲେ ବିଜେଡି ଟିମ୍

**ଭୁବନେଶ୍ୱର,୩।୫/ଏନ୍ଏନ୍ଏସ୍:** ଗତ ୧୩ ଏପ୍ରିଲ୍ ରାତିରେ କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକର ଗୁନେଇପଡା ଗ୍ରାମ ପଞ୍ଚାୟତର କଳାପଡା ଗ୍ରାମର ଜଣେ ୮ ବର୍ଷୀୟ ଆଦିବାସୀ ଝିଅକୁ ଜଣେ ଯୁବକ ବଳାତ୍କାର କରିବା ଘଟଣାରେ ବିଜୁ ଜନତା ଦଳର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପୀଡିତାଙ୍କ ପରିବାରକୁ ଭେଟିଛନ୍ତି। ପ୍ରତିନିଧି ଦଳରେ ପୂର୍ବତନ ସାଂସଦ ଝିନ୍ନ ହିକାକା, ପୂର୍ବତନ ବିଧାୟକ ରଘୁରାମ ପାଡଲ, ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ ଏବଂ ପୂର୍ବତନ ବିଧାୟକ ପ୍ରୀତମ ପାଢୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, କୋରାପୁଟର ବିଜେଡି ଲୋକସଭା ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକକା, ସୁରେନ୍ଦ୍ର କୁମାର ପାତ୍ର, ବିଜୁ ମହିଳା ଜନତା ଦଳର ଜିଲ୍ଲା ସଭାପତି ପାର୍ବତୀ ମସ୍ତି, କୋରାପୁଟ ପୌରପାଳିକା ଅଧ୍ୟକ୍ଷ ଲଲାଟ ରଂଜନ ସେଠୀ, ଲମତାପୁଟ ବ୍ଲକ ଅଧ୍ୟକ୍ଷ ତାପସ କୁମାର ଚଲାନ ପ୍ରମୁଖ ସାମିଲ ଥିଲେ। ବିଜେଡି ପ୍ରତିନିଧି ମଣ୍ଡଳୀ ଏହି ଘଟଣା ଉପରେ ସେମାନଙ୍କର ଦୁଃଖ ପ୍ରକାଶ କରିବା ସହିତ ହଷ୍ଟେଲର ଅଧ୍ୟକ୍ଷଙ୍କ ଦ୍ୱାରା ଘୋର ଅବହେଳାକୁ ନିନ୍ଦା କରିଥିଲେ। ଅପରାଧ ରିପୋର୍ଟ କରିବାରେ, ପୀଡ଼ିତାକୁ ତୁରନ୍ତ ଚିକିତ୍ସା ସେବା ଯୋଗାଇବାରେ କର୍ତ୍ତୃପକ୍ଷ ବିଫଳ ହୋଇଥିଲେ ବୋଲି ସେମାନେ କହିଛନ୍ତି। ପୀଡିତା ନାବାଳିକାଙ୍କୁ ଘରକୁ ପଠାଯାଇଥିଲା ଏବଂ ତାଙ୍କ ପିତାମାତା ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ଅବନତି ଦେଖିବା ପରେ ହିଁ ଭୟଙ୍କର ସତ୍ୟ ସାମ୍ନାକୁ ଆସିଥିଲା ବୋଲି ସେମାନେ କହିଛନ୍ତି।

ବିଜେଡି ପ୍ରତିନିଧି ଦଳ ଗୁଣେଇପଡ଼ା ଛାତ୍ରୀନିବାସର ମୁଖ୍ୟ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ତୁରନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ବିଜେଡି ନେତାମାନେ କହିଛନ୍ତି ଯେ ୧୭୬୦ଟି ରାଜ୍ୟ ପରିଚାଳିତ ଆବାସିକ ବିଦ୍ୟାଳୟ ଏବଂ ଛାତ୍ରାବାସରେ ରହୁଥିବା ୫.୭ ଲକ୍ଷରୁ ଅଧିକ ଛାତ୍ରୀଙ୍କ ସୁରକ୍ଷା ଏବଂ ମର୍ଯ୍ୟାଦା ସହିତ ସାଲିସ କରାଯାଇପାରିବ ନାହିଁ। ବିଜେପି ସରକାର କ୍ଷମତାସୀନ ହେବା ପରେ, ରାଜ୍ୟରେ ଗତ ଦଶ ମାସରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ବିଶେଷକରି ଶିଶୁ ଓ ମହିଳା ମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି।

# ସିଏମ୍‌ଜିଆଇ ପକ୍ଷରୁ 'ଓଡ଼ିଶା ଲୋକ ସେବା ଅଧିକାର ଆଇନ' ସଭା



**ଭୁବନେଶ୍ୱର,୩।୫/ଏନ୍‌ଏନ୍‌ଏସ୍:** 'ଓଡ଼ିଶା ଲୋକ ସେବା ଅଧିକାର ଆଇନ, ୨୦୧୨' ଉପରେ ଏକ ସଭା ଆଜି ରାଜ୍ୟ ସମ୍ମିଳନୀ କେନ୍ଦ୍ର, ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରର ୩୨ଟି ବିଭାଗର ର ନୋଡାଲ୍ ଅଧିକାରୀ ଯୋଗଦେଇ 'ଓଡ଼ିଶା ଲୋକ ସେବା ଅଧିକାର ଆଇନ ୨୦୧୨'ର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସିଏମ୍‌ଜିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିନୀତ ଭାରଦ୍ୱାଜ ଏହି ସଭାର ଅଧ୍ୟକ୍ଷତା କରିଥିଲେ।

ଏହି ସଭାରେ ଏପ୍ରିଲ୍‌ରୁ ମେ୨ ପର୍ଯ୍ୟନ୍ତ ଓଡ଼ିଶା ଲୋକ ସେବା ଅଧିକାର ଆଇନ ଅନ୍ତର୍ଗତ ଆବେଦନ ବିଷୟରେ ତର୍ଜମା, କେନ୍ଦ୍ରୀୟ ନିରୀକ୍ଷଣ ପ୍ରଣାଳୀ (ସିଏମଏସ) ଡ୍ୟାସବୋର୍ଡ ସହ ସେବା ସମ୍ମିଳନ, ସମସ୍ତ ଆବେଦକଙ୍କୁ ଗ୍ରହଣ ପ୍ରମାଣପତ୍ର ଜାରି କରିବା ବ୍ୟବସ୍ଥା ସହ ଓଡ଼ିଶା ଲୋକ ସେବା ଅଧିକାର ଆଇନ ଅନ୍ତର୍ଗତ ସେବା ଯୋଗ/ବିଲୋପ ବିଷୟରେ ଆଲୋଚନା ହୋଇଥିଲା। ଏନ୍‌ଆଇସି, ଓକାକ୍ ଓ ସିଏମ୍‌ଜିଆଇର ପ୍ରକ୍ରିୟା ପୁନଃସଂରଚନା ଓ ପ୍ରାଯୁକ୍ତିକ ଦଳମାନେ ସେବା ପ୍ରଦାନକୁ ଅଧିକ କ୍ଷମତାଶୀଳ ବନାଇବା ପାଇଁ କାର୍ଯ୍ୟଯୋଜନା ଉପସ୍ଥାପନ କରିଥିଲେ। ଏହି ଅବସରରେ ସିଏମ୍‌ଜିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିନୀତ ଭାରଦ୍ୱାଜ କହିଥିଲେ ଯେ ରାଜ୍ୟ ସରକାର ଓଡ଼ିଶା ଲୋକ ସେବା ଅଧିକାର ଆଇନ ଅନ୍ତର୍ଗତ ସମସ୍ତ ସେବାକୁ ସମୟୋପଯୋଗୀ ଓ ଦାୟିତ୍ୱପୂର୍ଣ୍ଣ ଭାବେ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ବିଭାଗୀୟ ସମନ୍ୱୟ ଓ ଡିଜିଟାଲ୍ ଅବସ୍ଥାପନା ବୃଦ୍ଧି କୁ ଗୁରୁତ୍ୱ ଦେଉଛନ୍ତି। ସିଓ୍ୱାଇଏସ୍‌ଡିର ମେଣ୍ଟର ତଥା ପୂର୍ବତନ ସୂଚନା ଆୟୁକ୍ତ ଜଗଦାନନ୍ଦ ଓଡ଼ିଶା ଲୋକ ସେବା ଅଧିକାର ଆଇନ ବିଷୟରେ ଆଲୋକପାତ କରୁଥିଲେ। କାର୍ଯ୍ୟକ୍ରମରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଦେବବ୍ରତ ମଲ୍ଲିକ, ସିଏମ୍‌ଜିଆଇର ପ୍ରକଳ୍ପ ସଂଯୋଜକ ପିନାକି ମହାନ୍ତି, ସିଏମ୍‌ଜିଆଇର ଓଏସ୍‌ଡି ସମରେନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟ ଶାସନ ସଚିବଙ୍କ ଓଏସ୍‌ଡି ଅଂଶୁମାନ ରଥ ତଥା ସିଏମଜିଆଇ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅନ୍ୟାନ୍ୟ କାର୍ଯ୍ୟାଧିକାରୀମାନେ ଉପସ୍ଥିତ ଥିଲେ।

# ସ୍କିନ୍‌ପେନ୍ ଏବଂ ସୁନେକୋସ୍ ଚିକିତ୍ସା ଆରମ୍ଭ

**ଭୁବନେଶ୍ୱର,୩।୫/ଏନ୍‌ଏନ୍‌ଏସ୍:** ବିନା ଅସ୍ତ୍ରୋପଚାରରେ ଅତ୍ୟାଧୁନିକ ପଦ୍ଧତିରେ ସୌନ୍ଦର୍ଯ୍ୟ ବୃଦ୍ଧି ଏବଂ ଚର୍ମରୋଗ ଉପଶମ ପାଇଁ ୟୁବିୟୁ କ୍ଲିନିକ୍ ଭୁବନେଶ୍ୱରରେ ଆରମ୍ଭ କରୁଛି ଦେଶର ପ୍ରଥମ 'ସ୍କିନ୍‌ପେନ୍' ଏବଂ 'ସୁନେକୋସ୍' ଚିକିତ୍ସା। ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା 'ଜାତୀୟ ମହିଳାଙ୍କ ବାଣିଜ୍ୟ ମେଳା ୨.୦' ପରିସରରେ ଥିବା ଷ୍ଟଲ୍‌ରେ ଏହି ଚିକିତ୍ସା ପଦ୍ଧତିର ଶୁଭାରମ୍ଭ କରାଯାଇଛି। କୌଣସି ପ୍ରକାର ଚର୍ମରୋଗକୁ ଚିକିତ୍ସା ମାଧ୍ୟମରେ ନୂତନ ଚର୍ମ ସୃଷ୍ଟି କରିବା ଦିଗରେ ଏହା ହେଉଛି ଏକ ବୈପ୍ଳବିକ ଅଗ୍ରଗତି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବିଶ୍ୱସ୍ତରୀୟ ସୌନ୍ଦର୍ଯ୍ୟଭିତ୍ତିକ ଚିକିତ୍ସା ଭାରତର କୌଣସି ସ୍ଥାନରେ ଉପଲବ୍ଧ ନାହିଁ। ଭୁବନେଶ୍ୱରସ୍ଥିତ ୟୁବିୟୁ ବିୟୁଟୀ କ୍ଲିନିକ୍‌ରେ ବର୍ତ୍ତମାନ ଏହି ସେବା ଆରମ୍ଭ କରାଯାଉଛି। ଏହି ଅବସରରେ ଡଃ ସମ୍ପଦା ସେଠିଆ କହିଛନ୍ତି ଯେ ଚେହେରାରେ ଏହି ପ୍ରକାର ସମସ୍ୟା ନେଇ ଆସୁଥିବା ବ୍ୟକ୍ତିମାନେ ସର୍ବୋତ୍ତମ ଚିକିତ୍ସା ଖୋଜିଥାନ୍ତି ଏବଂ ଭାରତରେ ଏହିଭଳି ସୌନ୍ଦର୍ଯ୍ୟ ଚିକିତ୍ସା ଉପଲବ୍ଧ କରାଇ ପାରିଥିବାରୁ ଆମେ ଗର୍ବିତ। 'ସ୍କିନ୍‌ପେନ୍' ଏବଂ 'ସୁନେକୋସ' ଚିକିତ୍ସା ଚେହେରାରେ ନୂତନ ଚର୍ମ ସୃଷ୍ଟି କରିବା ସହ ସୌନ୍ଦର୍ଯ୍ୟକୁ ପ୍ରାକୃତିକ ଉପାୟରେ ସୁରକ୍ଷିତ ରଖି ବାର୍ଦ୍ଧକ୍ୟ ରୋକିଥାଏ।

# ଜାତୀୟ କୋଇଲା ଖଣି ଶ୍ରମିକ ଦିବସ

**ଭୁବନେଶ୍ୱର,୩।୫/ଏନ୍‌ଏନ୍‌ଏସ୍:** କୋଇଲା ଖଣି ଶ୍ରମିକ ଦିବସ ଅବସରରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମଖାନି କୋଇଲା ଖଣିରେ ନିଜର ଖଣି ଶ୍ରମିକମାନଙ୍କ ସୁରକ୍ଷା ଏବଂ କଲ୍ୟାଣ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଛି। ବେଦାନ୍ତର ପ୍ରଥମ ଗ୍ରୀନଫିଲ୍ଡ କୋଇଲା ପ୍ରକଳ୍ପରେ କମ୍ପାନୀ ଏହାର ଖଣି କାର୍ଯ୍ୟକଳାପରେ ସୁରକ୍ଷା ମାନକକୁ ଉନ୍ନତ କରିବା ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରୁଛି। ଏହି ଆଗଧାଡ଼ିର ପଦକ୍ଷେପଗୁଡ଼ିକ ହେଉଛି ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ-ଚାଳିତ, ଡ୍ରୋନ୍-ଆଧାରିତ ନିରୀକ୍ଷଣ ପ୍ରଣାଳୀର ନିୟୋଜନ। ଏହି ଅତ୍ୟାଧୁନିକ ସମାଧାନ ବ୍ୟବସ୍ଥା ମଣିଷ, ପଶୁ ଏବଂ ଯାନବାହାନର ଉପସ୍ଥିତିକୁ ସ୍ୱୟଂକ୍ରିୟ ଭାବରେ ଚିହ୍ନଟ ଏବଂ ରେକର୍ଡିଂ କରି ୫୦୦ ମିଟର ବିସ୍ଫୋରଣ ଜୋନର ରିଅଲ୍ ଟାଇମ୍ ଏରିଆଲ୍ ମନିଟରିଂକୁ ସକ୍ଷମ କରେ। ଏହି ବ୍ୟବସ୍ଥା ଅନଧିକୃତ ପ୍ରବେଶ କ୍ଷେତ୍ରରେ ଲାଇଭ୍ ଷ୍ଟ୍ରିମିଂ ଏବଂ ତୁରନ୍ତ ଆଲର୍ଟକୁ ସହଜ ସହିତ ଏହାର ସମାଧାନ କରିଥାଏ। ବେଦାନ୍ତ ଆଲୁମିନିୟମ୍ ଏହାର ଜାମଖାନି କୋଇଲା ଖଣିରେ ଡ୍ରୋନ୍ ଆଧାରିତ ଷ୍ଟକପାଇଲ୍ ଭଲିଉମେଟ୍ରିକ ବିଶ୍ଳେଷଣକୁ ଆହୁରି ତ୍ୱରାନ୍ୱିତ କରିଛି। ଏହି ବ୍ୟବସ୍ଥା ସମଗ୍ର ଷ୍ଟକୟାର୍ଡକୁ ବିଶ୍ଳେଷଣ କରେ ଏବଂ ୧୨ ଘଣ୍ଟା ମଧ୍ୟରେ ପାରମ୍ପରିକ ପଦ୍ଧତି ତୁଳନାରେ ଯଥେଷ୍ଟ ଦ୍ରୁତ ଏବଂ ନିରାପଦ ବିସ୍ତୃତ ରିପୋର୍ଟ ପ୍ରଦାନ କରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ସମ୍ଭାବ୍ୟ ବିପଜ୍ଜନକ ଅଞ୍ଚଳରେ କର୍ମଚାରୀଙ୍କୁ ନିୟୋଜିତ କରିବାର ଆବଶ୍ୟକତାକୁ ଦୂର କରିଥାଏ। ଖଣିଗୁଡ଼ିକରୁ ସାମଗ୍ରୀ ପରିବହନ ପାଇଁ ଖଣି ଯାନ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ଯାନଗୁଡ଼ିକୁ ଚଳାଉଥିବା ଡ୍ରାଇଭର୍‌ମାନଙ୍କ ସୁରକ୍ଷା ବେଦାନ୍ତ ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । କମ୍ପାନୀ ଏକ କ୍ଲାନ୍ତି ନିରୀକ୍ଷଣ ପ୍ରଣାଳୀ ପ୍ରସ୍ତୁତ କରିଛି, ଯାହା ନିଦ୍ରା, ମୋବାଇଲ୍ ଫୋନ୍ ବ୍ୟବହାର ଏବଂ ଅନ୍ୟାନ୍ୟ ବିକ୍ଷେପ କ୍ଷେତ୍ରରେ ରିଅଲ୍ ଟାଇମ୍ ଆଲର୍ଟ ପ୍ରଦାନ କରି ଡ୍ରାଇଭର ସୁରକ୍ଷାକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି। ଅନେକ ଡିଜିଟାଲ୍ ସୁରକ୍ଷା ପ୍ରଯୁକ୍ତିବିଦ୍ୟା ପରିଚାଳନା କରୁଛି, ଯେଉଁଥିରେ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ-ଚାଳିତ ସୁରକ୍ଷା ଅଣ-ଅନୁପାଳନ ଚିହ୍ନଟ ବ୍ୟବସ୍ଥା ରହିଛି, ଯାହା ବାସ୍ତବ-ସମୟର ଉଲ୍ଲଙ୍ଘନଗୁଡ଼ିକୁ ଚିହ୍ନିତ କରିବା ପାଇଁ ସ୍ମାର୍ଟ ସିସିଟିଭି ବ୍ୟବହାର କରିଥାଏ ବୋଲି ସିଇଓ ରାଜୀବ କୁମାର ସୂଚନା ଦେଇଛନ୍ତି।

# ରଥଯାତ୍ରା ୨୦୨୫ | ବିଦ୍ୟୁତ୍ ଯୋଗାଣ ଲାଗି ଟିପିସିଓଡିଏଲ୍‌ର ବ୍ୟାପକ ପ୍ରସ୍ତୁତି

**ଭୁବନେଶ୍ୱର,୩।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାର ଏବଂ ଟାଟା ପାଓ୍ୱାରର ଏକ ଯୌଥ ଉଦ୍ୟୋଗ ଟିପିସିଓଡିଏଲ୍ ପୁରୀର ପବିତ୍ର ରଥଯାତ୍ରା ସମୟରେ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ଦୋହାରାଇଛି। ଏହି ମହାନ୍ ଉତ୍ସବ ସମୟରେ ପୁରୀ ସହରରେ ୭୪ ମେଗାଓ୍ୱାଟ୍ ପିକ୍ ଭାର ପୂରଣ ପାଇଁ ୧୭୦ ଏମ୍‌ଭିଏର ସ୍ଥାପିତ କ୍ଷମତା ସହିତ ଟିପିସିଓଡିଏଲ ଏହି ପବିତ୍ର ଉତ୍ସବକୁ ସମସ୍ତ ଭକ୍ତଙ୍କ ପାଇଁ ସୁନିଶ୍ଚିତ ଏବଂ ସୁରକ୍ଷିତ ଅନୁଭୂତି କରିବାକୁ ପ୍ରତିଶ୍ରୁତିବଦ୍ଧ।

ଏହି ଉତ୍ସବ ପାଇଁ ପ୍ରସ୍ତୁତି ସ୍ୱରୂପ ଟିପିସିଓଡିଏଲ ପୁରୀ ସହରରେ ୪ଟି ୧୨.୫/୧୬ ଏମଭିଏ ବିଦ୍ୟୁତ୍ ଟ୍ରାନ୍ସଫର୍ମର (ପିଟିଆର) ସ୍ଥାପନ କରିଛି ଯାହା ସ୍ଥାନୀୟ ନେଟଓ୍ୱାର୍କକୁ ସଶକ୍ତ କରିବା ସହ ଭାର ପରିଚାଳନାକୁ ସୁଦୃଢ଼ କରିଛି। ଏହା ଏନ-୨ ରିଡନଡାନ୍ସି ସୁନିଶ୍ଚିତ କରିବ ଯାହା ଫଳରେ ଉତ୍ସବ ସମୟରେ ଭରସାଯୋଗ୍ୟ ବିଦ୍ୟୁତ୍ ପ୍ରବାହ ନିଶ୍ଚିତ ହେବ। ସମଗ୍ର ନେଟଓ୍ୱାର୍କ ଭୁବନେଶ୍ୱରର ଆଧୁନିକ ପାଓ୍ୱାର ଡିଷ୍ଟ୍ରିବ୍ୟୁସନ୍ ଟେକ୍ନୋଲୋଜି ସେଣ୍ଟର୍ ଦ୍ୱାରା ଚବିଶ ଘଣ୍ଟା ନିରୀକ୍ଷଣ କରାଯିବ। ଏଥିସହ ସହରଗୁଡ଼ିକରେ ୭୦୦ରୁ ଅଧିକ ପ୍ରଶିକ୍ଷିତ କର୍ମଚାରୀ ଚବିଶ ଘଣ୍ଟା ନେଟଓ୍ୱାର୍କ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ନିୟୋଜିତ ଅଛନ୍ତି। ୩୩/୧୧ କେଭି ପ୍ରାଥମିକ ସବଷ୍ଟେସନ୍, ହାଇ ଟେନ୍ସନ୍ (ଏଚଟି) ଏବଂ ଲୋ ଟେନ୍ସନ୍ (ଏଲଟି) ସ୍ୱିଚଗିୟର୍ ସିଷ୍ଟମ୍, ଓଭରହେଡ୍ ଲାଇନ୍ ଏବଂ ଅଣ୍ଡରଗ୍ରାଉଣ୍ଡ୍ କେବଲ୍ ଉପରେ ଉପଯୁକ୍ତ ପ୍ରତିଷେଧକ ମରାମତି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ମୋବାଇଲ୍ ଟ୍ରାନ୍ସଫର୍ମର ତ୍ରୁଟି ଧରିବା, କ୍ରେନ୍, ମ୍ୟାନ୍ ଲିଫ୍ଟର୍ ଏବଂ ସ୍ପେୟାର୍ ଟ୍ରାନ୍ସଫର୍ମର୍ ଭଳି ଆଧୁନିକ ସାମଗ୍ରୀ ମଧ୍ୟ ଯେକୌଣସି ପରିସ୍ଥିତିରେ ଦ୍ରୁତ ପ୍ରତିକ୍ରିୟା ପାଇଁ ପ୍ରସ୍ତୁତ ରଖାଯାଇଛି। ଜନସାଧାରଣର ସୁରକ୍ଷାକୁ ପ୍ରାଥମିକତା ଦେଇ ଟିପିସିଓଡିଏଲ ବ୍ୟାପକ ଲିକେଜ୍ କରେଣ୍ଟ୍ ପରୀକ୍ଷା, ସବଷ୍ଟେସନ୍ ଏବଂ କାର୍ଯ୍ୟାଳୟଗୁଡ଼ିକରେ ଅଗ୍ନିନିର୍ବାପକ ଯନ୍ତ୍ର ସ୍ଥାପନ, ବିଦ୍ୟୁତ୍ ଆଘାତ ରୋକିବା ପାଇଁ ଇନ୍ସୁଲେଟିଂ ପେଣ୍ଟ୍ ଲଗାଇବା ଏବଂ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର୍‌ଗୁଡ଼ିକୁ ଫେନ୍ସିଂ ଦ୍ୱାରା ସୁରକ୍ଷିତ କରିବା ଭଳି କାର୍ଯ୍ୟକ୍ରମ ଆୟୋଜନ କରିଛି। ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କମ୍ପାନୀର ପ୍ରତିବଦ୍ଧତା ବର୍ଣ୍ଣନା କରି କହିଛନ୍ତି କହିଛନ୍ତି ଯେ ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା ଏକ ଭାବନା ଯାହା ଲକ୍ଷାଧିକ ଲୋକଙ୍କୁ ଏକାଠି କରେ। ଆମେ ସହରକୁ ଶକ୍ତିଶାଳୀ ଏବଂ ସୁରକ୍ଷିତ ରଖିବାରେ ଆମର ଭୂମିକା ପାଇଁ ଅତ୍ୟନ୍ତ ଗର୍ବିତ। ଆମର ଟିମ୍ ଅବିଶ୍ରାନ୍ତ ପରିଶ୍ରମ କରିଛି ଏବଂ ଏହି ମହାନ୍ ଉତ୍ସବର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଭାବନାକୁ ସମର୍ଥନ କରିବାକୁ ଆମେ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।



● ନିଖିଳ ଉତ୍କଳ ତୈଳିକ ବୈଶ୍ୟ ମହାସଭାର ସପ୍ତଦଶ ଅଧିବେଶନ

# ସାଙ୍ଗଠନିକ ନିର୍ବାଚନ ସମ୍ପନ୍ନ




**ଭୁବନେଶ୍ୱର,୩।୫/ଏନ୍‌ଏନ୍‌ଏସ୍:** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ସଭାଗୃହରେ ନିଖିଳ ଉତ୍କଳ ତୈଳିକ ବୈଶ୍ୟ ମହାସଭାର ସପ୍ତଦଶ ସାଧାରଣ ଅଧିବେଶନ, ଚିଲିକାର ପୂର୍ବତନ ବିଧାୟକ ଓ ସଭାପତି ନିଖିଳ ଉତ୍କଳ ତୈଳିକ ବୈଶ୍ୟ ମହାସଭା ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜାତିର ପତାକା ଉତ୍ତୋଳନ ପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସମସ୍ତ ସାଧବପୁଅମାନେ ଏକତାବଦ୍ଧ ହୋଇ କାର୍ଯ୍ୟ କରିବାକୁ ଶ୍ରୀ ସାହୁ ଆହ୍ୱାନ ଦେଇଥିଲେ। ପରେ ସମ୍ପାଦକୀୟ ବିବରଣୀ ପାଠ କରାଗଲାପରେ ସଙ୍ଗଠନ ମୁଖପାତ୍ର 'ସାଧବ'ର ୩୫ତମ ସଂଖ୍ୟାକୁ ସେ ଉନ୍ମୋଚନ କରିଥିଲେ ଓ ଆୟବ୍ୟୟ ସମୀକ୍ଷା କରାଯାଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଲେଖ ଚରଣ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସାଙ୍ଗଠନିକ ପରିଚାଳନା ନିର୍ବାଚିତ ହୋଇଥିଲା ସେଥିରେ ସର୍ବସମ୍ମତି କ୍ରମେ ଏବଂ ପୁରୁଣା କମିଟିକୁ ପୁର୍ନବାର ସାଧାରଣ ସଭାରେ ପୂର୍ବତନ ବିଧାୟକ ରଘୁନାଥ ସାହୁ ସଭାପତିରୂପେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସଙ୍ଗେ ସଙ୍ଗେ ବିପ୍ଳବର ସାହୁ ଢେଙ୍କାନାଳ କାର୍ଯ୍ୟକାରୀ ସଭାପତି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୫ ଜଣ ରବୀନ୍ଦ୍ର କୁମାର ସାହୁ ବଡ଼ମ୍ବା, ରବୀନ୍ଦ୍ର କୁମାର ସାହୁ କଟକ, ରବୀନ୍ଦ୍ର କୁମାର ସାହୁ ବ୍ରହ୍ମପୁର, ସଞ୍ଜୟ କୁମାର ସାହୁ ଢେଙ୍କାନାଳ ଓ ସାଧାରଣ ସମ୍ପାଦକ ଭାବେ ଲଲାଟେନ୍ଦୁ ସାହୁ ଟିଟିଲାଗଡ ଉପସଭାପତି, ଗୁରୁ କିଙ୍କର ଜେଠୀ ଭୁବନେଶ୍ୱର, ଅତିରିକ୍ତ ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ସାହୁ ବଡମ୍ବା, କୋଷାଧ୍ୟକ୍ଷ କୃଷ୍ଣମୋହନ ସାହୁ ନୟାଗଡ଼, ସହଯୋଗୀ କୋଷାଧ୍ୟକ୍ଷ ଦେବାଶିଷ ସାହୁ ବେଗୁନିଆ, ଯୁଗ୍ମ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ ରାଉରକେଲା, ପ୍ରଦୀପ କୁମାର ସାହୁ ବ୍ରହ୍ମପୁର ଓ ସମୀକ୍ଷକ ଦୟାନିଧି ସାହୁ ଚୌଦ୍ୱାର ନିର୍ବାଚିତ ହୋଇଥିଲେ। ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ଉପଦେଷ୍ଟା ଡ. ଅନନ୍ତ ଚରଣ ସାହୁ ଭୁବନେଶ୍ୱର ଧର୍ମଶାଳାର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ହୃଷିକେଷ ସାହୁ ଯାଜପୁର ରୋଡ୍ ଓ 'ସାଧବ'ର ମୁଖ୍ୟ ସମ୍ପାଦକ ଡ. ରାଜନ କୁମାର ସାହୁ ଭୁବନେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ।

# ରେଳ ସୁରକ୍ଷା ସଚେତନତା

**ଭୁବନେଶ୍ୱର,୩।୫/ଏନ୍‌ଏନ୍‌ଏସ୍:** ପଶ୍ଚିମ ରେଳବାଇ ଛୋଟା ଭୀମ ସହିତ ରେଳ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଅନନ୍ୟ ପଦକ୍ଷେପ ଗ୍ରହଣ କରିଛି। ପଶ୍ଚିମ ରେଳବାଇ ଛୋଟା ଭୀମ ବ୍ରହ୍ମାଣ୍ଡର ପ୍ରିୟ ଚରିତ୍ରଗୁଡ଼ିକୁ ଶିକ୍ଷାଗତ ଏବଂ ପ୍ରସାର କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବ ବୋଲି ପଶ୍ଚିମ ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀ ବିନୀତ ଅଭିଷେକ ଏବଂ ଗ୍ରୀନ୍ ଗୋଲ୍ଡ ଆନିମେସନ୍ ପ୍ରାଇଭେଟ୍ ଲିମିଟେଡର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ରାଜୀବ ଚିଲାକଲାପୁଡି ପ୍ରକାଶ କରିଛନ୍ତି। ଛୋଟା ଭୀମର ନିର୍ମାତା ଲିମିଟେଡ୍ ଚଳିତ ମାସ ୨ ତାରିଖରେ ମୁମ୍ବାଇର ଜିଓ ଓ୍ୱାର୍ଲ୍ଡ ସେଣ୍ଟର୍‌ରେ ବିଶ୍ୱ ଅଡିଓ ଭିଜୁଆଲ୍ ଏବଂ ମନୋରଞ୍ଜନ ସମ୍ମିଳନୀରେ ଏ ନେଇ ସହଯୋଗ ପତ୍ରରେ ସ୍ୱାକ୍ଷର କରିଛନ୍ତି।

ପଶ୍ଚିମ ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀଙ୍କ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ପଶ୍ଚିମ ରେଳବାଇ ଜନସାଧାରଣଙ୍କ ହୃଦୟକୁ ଛୁଇଁବା ପାଇଁ ଅଣ-ପାରମ୍ପରିକ ଉପାୟ ଅବଲମ୍ବନ କରିବ। ଛୋଟା ଭୀମ ଏବଂ ତାଙ୍କ ପରିବାର ଭଳି ଚରିତ୍ରଗୁଡ଼ିକୁ ପ୍ରିଣ୍ଟ, ଡିଜିଟାଲ୍, ଟେଲିଭିଜନ, ରେଡିଓ ଏବଂ ପୋଷ୍ଟର ଏବଂ ସ୍କୁଲ କାର୍ଯ୍ୟକ୍ରମ ଭଳି ଭୌତିକ ସଂସ୍ଥାପନରେ ୧ ବର୍ଷ ପାଇଁ ବ୍ୟବହାର କରାଯିବ। ଏହି ରଣନୈତିକ ସହଯୋଗର ଲକ୍ଷ୍ୟ ହେଉଛି ଛୋଟା ଭୀମ ଫ୍ରାଞ୍ଚାଇଜିର ବ୍ୟାପକ ଆକର୍ଷଣକୁ ବ୍ୟବହାର କରି ରେଳବାଇ ପରିସରରେ ରେଳ ସୁରକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ଉପରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାଗୁଡ଼ିକୁ ପ୍ରଭାବଶାଳୀ ଭାବରେ ପହଞ୍ଚାଇବ। ବିଶେଷକରି ଯୁବ ଦର୍ଶକ ଏବଂ ପରିବାରକୁ ଟାର୍ଗେଟ କରିବ। ଉଲ୍ଲେଖନୀୟ ଯେ ଛୋଟା ଭୀମର ଦେଶବ୍ୟାପୀ ଏବଂ ବିଶ୍ୱବ୍ୟାପୀ ଲୋକପ୍ରିୟତା ପିଲାମାନଙ୍କ ଉପରେ ଭଲ ପ୍ରଭାବ ପକାଇଥାଏ ଏବଂ ସେମାନଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିବାର ସମ୍ଭାବନା ରହିଛି। ପଶ୍ଚିମ ରେଳବାଇର ଏହି ପଦକ୍ଷେପ ଏହି ପରିଚିତ ଚରିତ୍ରଗୁଡ଼ିକୁ ଜନହିତକର ଅଭିଯାନରେ ସାମିଲ କରି ଏହି ଭାବନା ସହିତ ସମାନତା ପ୍ରଦାନ କରେ ଯାହା ଦ୍ୱାରା ପହଞ୍ଚ ଏବଂ ସମ୍ପୃକ୍ତି ବୃଦ୍ଧି କରାଯାଇପାରିବ। ଶ୍ରୀ ବିନୀତ ଆହୁରି କହିଛନ୍ତି ଯେ ଏହି ସହଭାଗିତା ରେଳ ସୁରକ୍ଷା ଶିକ୍ଷାକୁ ଅଧିକ ଆକର୍ଷଣୀୟ ଏବଂ ସୁଗମ କରିବା ଦିଗରେ ଏକ ପଦକ୍ଷେପ। ଛୋଟା ଭୀମ ଏବଂ ପରିବାରର ସହାୟତାରେ ପଶ୍ଚିମ ରେଳବାଇ ଏକ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାକୁ ଏବଂ ପିଲା ଏବଂ ସାଧାରଣ ଜନତାଙ୍କୁ ଶିକ୍ଷିତ କରିବାକୁ ଆଶା କରୁଛି। ଏହି ସହଯୋଗ ସୃଜନଶୀଳ ପ୍ରସାର ମାଧ୍ୟମରେ ଜନ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଉଭୟ ସଂଗଠନର ସମାନ ଲକ୍ଷ୍ୟ ସହିତ ସମନ୍ୱିତ।

# ଏନ୍‌ଜିଆଇ ପକ୍ଷରୁ ବ୍ୟବସାୟ ସମ୍ପ୍ରସାରଣ

**ଭୁବନେଶ୍ୱର,୩।୫/ଏନ୍‌ଏନ୍‌ଏସ୍:** ଶୃଖଳା ଫଳ ଏବଂ ଡିହାଇଡ୍ରେଟେଡ୍ ଫ୍ରୁଟ୍‌ସ ଉତ୍ପାଦନ ଓ ରପ୍ତାନି ରେ ନିୟୋଜିତ ଏନ୍‌ଜିଆଇ ଏହାର ପ୍ରଡକ୍ଟରେ ମିନେରାଲ୍ ଓ୍ୱାଟର, ଏରେଟେଡ୍ ଡ୍ରିଙ୍କ୍ସ ଭଳି ସାମଗ୍ରୀକୁ ସାମିଲ କରି ବ୍ୟବସାୟର ସମ୍ପ୍ରସାରଣ କରିଛି। ଖାଦ୍ୟ ଏବଂ ପାନୀୟ ଶିଳ୍ପ, ଫଳ, ବାଦାମ, ବେକରୀ ସାମଗ୍ରୀ ଏବଂ ବିଭିନ୍ନ କୃଷି ଜାତ ଦ୍ରବ୍ୟ ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ଉତ୍ପାଦ ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ବ୍ୟବସାୟ ଉପରେ ଗୁରୁତ୍ୱ ଦେବା ସହ 'ଏନ୍‌ଓସିଟିଆରଏଲ୍'ରେ ନୂଆ ପ୍ରଡକ୍ଟ ଦେବାକୁ ନିଷ୍ପତ୍ତି ନେଇଛି। ଭାରତ ବିଶ୍ୱର ୫ମ ବୃହତମ ଅର୍ଥନୀତି ଏବଂ ପ୍ରମୁଖ ଜି-୨୦ ଦେଶମାନଙ୍କ ମଧ୍ୟରେ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହେବ ଏବଂ ୨୦୩୫ ସୁଦ୍ଧା ଭାରତରେ ଖାଦ୍ୟ ପ୍ରକ୍ରିୟାକରଣରେ ସୁଧାର ଆସିବ।

# ମାଟ୍ରିକ୍ ପରୀକ୍ଷାରେ ବିଦ୍ୟାଭାରତୀ, ଶିକ୍ଷା ବିକାଶ ସମିତି ସଫଳତା

**ଭୁବନେଶ୍ୱର,୩।୫/ଏନ୍‌ଏନ୍‌ଏସ୍:** ୨୦୨୫ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ଅପୂର୍ବ ସଫଳତା ହାସଲ କରିଛନ୍ତି। ୩୦୯ଟି ଶିଶୁ ବିଦ୍ୟାମନ୍ଦିରରୁ ମୋଟ ୧୫୩୯୯ ଜଣ ପରୀକ୍ଷା ଦେଇଥିବାବେଳେ ସେଥିରୁ ୧୫୩୮୫ ଜଣ (୯୯.୯୧%) ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୮୪ (୯୭.୩୩%) ନମ୍ବର ରଖି ଯୁଗ୍ମ ପ୍ରଥମ ସ୍ଥାନ ହାସଲ କରିଛନ୍ତି ସୁଶ୍ରୀ ବବିତା ରଥ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରଗଡ଼ ଏବଂ ଚନ୍ଦନ କୁମାର ମହାନ୍ତ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୁଳସୀପୁର, କଟକ। ସେହିପରି ଚଳିତବର୍ଷ ମୋଟ୍ ଏ୧ ରେ ୬୭୭ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ଏ୨- ୨୪୨୫, ବି୧- ୩୮୨୬, ବି୨-୪୨୯୪, ସି-୨୮୯୨, ଡି-୧୧୧୧ ଏବଂ 'ଇ'ରେ ୧୬୦ ଜଣ ପିଲା ରହିଛନ୍ତି।

# ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଉପରେ ସମ୍ମିଳନୀ

**ଭୁବନେଶ୍ୱର,୩।୫/ଏନ୍‌ଏନ୍‌ଏସ୍:** ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ୍ ଆଣ୍ଡ୍ ଟେକ୍ନୋଲୋଜି କ୍ୟାମ୍ପସ୍ ପରିସରରେ ଏକ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଉପରେ ଏକ ଦିନିକିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ରାଜ୍ୟ ସରକାରଙ୍କର କ୍ରୀଡ଼ା ଏବଂ ଯୁବସେବା ବିଭାଗର ନିର୍ଦ୍ଦେଶକ ଦିପଙ୍କର ମହାପାତ୍ର ମୁଖ୍ୟଅତିଥି ଏବଂ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।




ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଶିକ୍ଷାନୁଷ୍ଠାନମାନଙ୍କର ଗୁରୁ ଦାୟିତ୍ୱ ରହିଛି। ସେମାନେ ପାଠ ପଢ଼ିବା ସହିତ ଉପଯୁକ୍ତ ଜ୍ଞାନକୌଶଳଗୁଡ଼ିକୁ ବ୍ୟବହାର କରି ଉପଯୁକ୍ତ କାର୍ଯ୍ୟ କରିବା ଦରକାର। ଆଜିର ଯୁବଶକ୍ତିମାନେ ଆଗାମୀ ୨୦୩୬କୁ ଲକ୍ଷ୍ୟ ରଖି ନିଜର ଲକ୍ଷ୍ୟକୁ ଉପଯୁକ୍ତ ଭାବେ ଗଢ଼ିତୋଳିବା ଦରକାର। ଯାହା ଦ୍ୱାରା ଆମ ସମାଜରେ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ମହିଳା ସଶକ୍ତୀକରଣ, ନିଯୁକ୍ତିର ବ୍ୟାପକ ସୁଯୋଗ କ୍ଷେତ୍ରରେ ଅଭିବୃଦ୍ଧି ପରିଲକ୍ଷିତ ହେବା ସହ ରାଜ୍ୟର ପ୍ରଗତି ହୋଇପାରିବ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ବିଶେଷଜ୍ଞଙ୍କର ମତାମତ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଡଃ. ବିଜୟ କୁମାର ସାହୁ, ବିଶିଷ୍ଟ ପରିବେଶବିତ୍ ଡଃ. ଜୟକୃଷ୍ଣ ପାଣିଗ୍ରାହୀ, ମୁଖ୍ୟ ବୈଜ୍ଞାନିକ ଡଃ. ବିକାଶ କୁମାର ଜେନା, ସ୍ନିଗ୍ଧାରାଣୀ ପାତ୍ର, ପ୍ରଦ୍ୟୁମ୍ନ ଚୌଧୁରୀ, ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଥନୈତିକ ବିଭାଗର ପ୍ରଫେସର ମିତାଲି ଚିନାରା, ନିହାର ପଣ୍ଡା, ଓଡ଼ିଶା ମାଇନିଂ କର୍ପୋରେସନ୍‌ର ବରିଷ୍ଠ ଅଧିକାରୀ ଅମିତ କୁମାର ପରିଛା, କୌଶଲ୍ୟ ସିଂ ଯାଦବ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ଦାଶ ସମସ୍ତ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଗଙ୍ଗାଧର ମିଶ୍ର ଧନ୍ୟବାଦ୍ ଦେଇଥିଲେ। ଅନୁଷ୍ଠାନର ପ୍ରଫେସର ସନ୍ମତ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଇଂ. ସରୋଜ କୁମାର ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।


# ବାୟୁ ଗୁଣବତ୍ତା ଉପରେ ଧ୍ୟାନଦେବା ଜରୁରୀ

**ଭୁବନେଶ୍ୱର,୩।୫/ଏନ୍‌ଏନ୍‌ଏସ୍:** ଆଜ୍‌ମା ୩୦ ମିଲିୟନ୍‌ରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିଛି, ଯାହା ବିଶ୍ୱବ୍ୟାପୀ ସମସ୍ତ ଆଜ୍‌ମା-ସମ୍ପର୍କିତ ମୃତ୍ୟୁର ପ୍ରାୟ ୫୦% ପାଇଁ ଦାୟୀ। ଘର ଭିତରର ବାୟୁ ୧୦ ଗୁଣ ପର୍ଯ୍ୟନ୍ତ ଖରାପ ହୋଇପାରେ, ଯାହାକି ଡଷ୍ଟମାଇଟ୍, ପୋଲେନ, ପେଟ୍ ଡାଣ୍ଡର୍ ଓ ଭିଓସିଗୁଡିକ ଭଳି ଆଲର୍ଜେନରେ ପରିପୂର୍ଣ୍ଣ ଥାଏ। ଏଭଳି କଣିକାଗୁଡ଼ିକ ବନ୍ଦ ସ୍ଥାନଗୁଡ଼ିକରେ ବିକଶିତ ହୋଇଥାନ୍ତି ଯାହା ଆଲର୍ଜି ଓ ଶ୍ୱାସକ୍ରିୟାଜନିତ ଅସହଜତାକୁ ବୃଦ୍ଧି କରିଥାଏ ବୋଲି ସିନିୟର ରିସର୍ଚ୍ଚ ଇଞ୍ଜିନିୟର ଡାଲିଲା ଏଲ୍ ଜୈନ କହିଛନ୍ତି।

ସେ କହିଛନ୍ତି ଯେ ଆଲର୍ଜେନ୍‌ଗୁଡ଼ିକ ଆମର ଘର ଭିତରେ ରହିଥାନ୍ତି ଯାହା ନାକ ବନ୍ଦ ହେବା, ଛିଙ୍କ, ଆଜ୍‌ମା ଓ ତ୍ୱଚାରେ ଜ୍ୱଳନ ଭଳି ସମସ୍ୟାକୁ ବୃଦ୍ଧି କରିପାରେ, ଯାହା ଶ୍ୱାସନଳୀ ଓ ତ୍ୱଚାରେ ଅସହଜତାର କାରଣ ହୋଇଥାଏ। ଆଭ୍ୟନ୍ତରୀଣ ଆଲର୍ଜେନଗୁଡ଼ିକ ପ୍ରାୟତଃ ପୋଷାକ, ଜୋତା କିମ୍ବା ପାଳିତ ପଶୁଙ୍କ ମାଧ୍ୟମରେ ଆସି ଆମ ଘରେ ନିବାସ କରନ୍ତି। ଘରେ ପ୍ରବେଶ କରିବା ପରେ ଜୋତା ବାହାର କରିବା ଓ ପୋଷାକ ବଦଳାଇବା ଭଳି ସାଧାରଣ ପରିବର୍ତ୍ତନଗୁଡ଼ିକ ଘରେ ଆଲର୍ଜେନର ପ୍ରବେଶକୁ ସୀମିତ କରିପାରେ। ଏହାବ୍ୟତୀତ ଡଷ୍ଟିଂ ପାଇଁ ଓଦା କପଡ଼ାର ବ୍ୟବହାର କରନ୍ତୁ, ଫ୍ଲୋର ବ୍ୟତୀତ ସୋଫା, କୁଶନ ଓ ମ୍ୟାଟ୍ରେସ୍‌ଗୁଡ଼ିକୁ ଭାକ୍ୟୁମ କରନ୍ତୁ, ଆଲର୍ଜିରେ ସଂକ୍ରମିତ ବ୍ୟକ୍ତିମାନେ ଘରେ ନଥିବା ବେଳେ ଭାକ୍ୟୁମ କରିବାକୁ ସେ ପରାମର୍ଶ ଦେଇଛନ୍ତି।


# ଅରୁନ୍ଧତୀ ଜୁଏଲର୍ସ ରାଉରକେଲା ଓ ବରଗଡ଼ ଶାଖାର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୩।୫/ଏନ୍‌ଏନ୍‌ଏସ୍:** ଓଡିଶାର ଅଗ୍ରଣୀ ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଏହାର ରାଉରକେଲା ଓ ବରଗଡ଼ ଶାଖାରେ ତୃତୀୟ ଓ ଷଷ୍ଠ ବାର୍ଷିକୀ ଚଳିତ ମାସ ୨ ଓ ୩ ତାରିଖରେ ପାଳିତ ହୋଇଯାଇଛି। ଅଳଙ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରି ସାରା ରାଜ୍ୟରେ ସୁପରିଚିତ ଅରୁନ୍ଧତୀ ଜୁଏଲର୍ସର ୨୫ ବର୍ଷର ସଫଳ ଯାତ୍ରାର ଏହି ଆନିଭର୍ସାରି ସ୍ପେସିଆଲ୍ ସମାରୋହରେ ଉପର ଲିଖିତ ଶାଖାଗୁଡ଼ିକର ସୁପରିଚାଳନା ଅନ୍ୟତମ ଉପଲବ୍ଧି। ସର୍ବଦା ନିଜର ଶ୍ରେଷ୍ଠ ମୁହୂର୍ତ୍ତକୁ ଗ୍ରାହକବନ୍ଧୁଙ୍କ ସହ ପାଳନ କରୁଥିବା ଅରୁନ୍ଧତୀ ଜୁଏଲର୍ସ ସେହି ସ୍ୱାଭାବିକ ଢଙ୍ଗରେ ଏଥର ମଧ୍ୟ ନିଜ ପ୍ରିୟ ଗ୍ରାହକବନ୍ଧୁଙ୍କ ସହ ବିଶେଷ ମୁହୂର୍ତ୍ତକୁ ପାଳନ କରିଛି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଆନିଭର୍ସାରି ସ୍ପେସିଆଲ୍ ଅଫର୍ ମାଧ୍ୟମରେ ସୁନାଗହଣାର ଗଢ଼ାମଜୁରୀ କେବଳ ୮୯୯ ଟଙ୍କା, ହୀରାଗହଣାର ହୀରାମୂଲ୍ୟରେ ଫ୍ଲାଟ ୨୫% ଓ ରୁପାଗହଣାର ଗଢ଼ାମଜୁରୀ ଉପରେ ଫ୍ଲାଟ ୫୦% ରିହାତି ଘୋଷଣା କରାଯାଇଛି। ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଏହି ଅବସରରେ ପ୍ରକାଶ କରିଛନ୍ତି ଯେ ଦୀର୍ଘ ୨୫ ବର୍ଷ ଧରି ଅରୁନ୍ଧତୀକୁ ସେବା କରିବାର ସୁଯୋଗ ଦେଇଥିବାରୁ ଓଡ଼ିଶାବାସୀଙ୍କ ନିକଟରେ ଆମେ କୃତଜ୍ଞ। ଆମ୍ଭର ପ୍ରତିଟି ସଫଳତାର ବାସ୍ତବିକତା ଆପଣଙ୍କ ଅରୁନ୍ଧତୀ ପରିବାର ପ୍ରତି ଦୀର୍ଘବର୍ଷ ଧରି ଥିବା ଦୃଢ଼ ବିଶ୍ୱାସ, ଅଦମ୍ୟ ସ୍ନେହର ଫଳାଫଳ। ଆଗାମୀ ଦିନରେ ମଧ୍ୟ ଅରୁନ୍ଧତୀ ସର୍ବଶ୍ରେଷ୍ଠ ସେବା ଯୋଗାଇଦେବା ସହ ଅନେକ ଆକର୍ଷଣୀୟ ଅଫର ଭେଟି ଦେବାକୁ ଯାଉଛି।




# ଜଳସେଚନ ପରିଚାଳନା ବୈଠକ

**ଭୁବନେଶ୍ୱର,୩।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଜଳସମ୍ପଦର ନିରନ୍ତର ପରିଚାଳନାକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏକ ଉଚ୍ଚସ୍ତରୀୟ ବୈଠକ ଆଜି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କମାଣ୍ଡ ଏରିଆ ଡେଭଲପମେଣ୍ଟ ଆଣ୍ଡ ଓ୍ୱାଟର୍ ମ୍ୟାନେଜ୍‌ମେଣ୍ଟ ଏବଂ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫିଲ୍ଡ ଚ୍ୟାନେଲ ଯୋଜନା ଉପରେ ସ୍ୱାଧୀନ ମୂଲ୍ୟାୟନ ଅଧ୍ୟୟନର ଫଳାଫଳ ସମ୍ପର୍କରେ ସମ୍ପୃକ୍ତ ଅଂଶୀଦାରମାନଙ୍କ ସହିତ ଆଲୋଚନା କରିବା ପାଇଁ ଏହି ବୈଠକ ଡକାଯାଇଥିଲା। ବୈଠକରେ ଜଳସମ୍ପଦ, ଅର୍ଥ ଓ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଅଂଶୀଦାରମାନେ ଯୋଗ ଦେଇଥିଲେ। ଏହି ଅଧ୍ୟୟନରେ ୨୦୨୧-୨୨ରୁ ୨୦୨୩-୨୪ ମଧ୍ୟରେ ଉଭୟ ନୂତନ ଏବଂ ପୁନଃନିର୍ମିତ କ୍ଷେତ୍ର ପ୍ରଣାଳୀ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରି ଛଅଟି ନମୁନା ବିଭାଗରେ ହୋଇଥିବା ଅଗ୍ରଗତିର ଆକଳନ କରାଯାଇଥିଲା। ଅନୁସନ୍ଧାନରୁ ମୁଖ୍ୟାଂଶ ଅନୁସାରେ ସେଚାଂଚଳର ଉଲ୍ଲେଖନୀୟ ପରିଚାଳନା ଯୋଗୁଁ ରାଜ୍ୟର ଜଳସେଚିତ ଜମି ୪୪%ରୁ ୮୯%କୁ ଉଲ୍ଲେଖନୀୟ ବୃଦ୍ଧି ଘଟିଛି, ଯାହା ଜଳସେଚନ କ୍ଷମତା ବ୍ୟବହାର (ଆଇପିୟୁ)ରେ ୧୦୨% ବୃଦ୍ଧିକୁ ପ୍ରତିଫଳିତ କରୁଛି।

## ଡେଲାଙ୍ଗରେ କୃଷକ ଦିବସ ସମାରୋହ

# ନିର୍ମାଣ ହେବ ୩ ରବର୍ ଚେକ୍ ଡ୍ୟାମ୍



**ଡେଲାଙ୍ଗ,୩।୫/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକର ଅରିସଲ ପଞ୍ଚାୟତର ନାରପୁରଠାରେ ପବିତ୍ର ଅକ୍ଷୟ ତୃତୀୟ ଅବସରରେ କୃଷକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଏବଂ ପିପିଲି ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ଏହି ସମାରୋହ ଆୟୋଜନ କରାଯାଇଥିଲା। ଏହି ସମାରୋହରେ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତିଙ୍କ ସଭାପତିତ୍ୱ କରିଥିବା ବେଳେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଓ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଦେଶର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ପ୍ରମୁଖ ବୈଜ୍ଞାନିକ ଡ଼ଃ ସଚ୍ଚିକାନ୍ତ ରାଉତରାୟ, ଡ଼ଃ ଏସ୍.କେ ଜେନା, ଡ଼ଃ ଡି.କେ ପଣ୍ଡା ପ୍ରମୁଖ ଯୋଗଦେଇ। ଡେଲାଙ୍ଗ ଅଞ୍ଚଳର କୃଷି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଇଆଇଡବ୍ଲ୍ୟୁଏମ୍ ପକ୍ଷରୁ ଆଇ.ସି.ଆଇ.ସି.ଆଇ ଫାଉଣ୍ଡେସନ ସହଯୋଗରେ ପଟନପୁର, ରତନପୁର ଓ ନାରପୁର ଠାରେ ଡ୍ରେନେଜ୍ ଉପରେ ୩ଟି ରବର ଚେକ୍ ଡ୍ୟାମ ନିର୍ମାଣ କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠ ଓ ଡ୍ରେନେଜ ବିଭାଗର ଯନ୍ତ୍ରୀ ବିଜୟ କୁମାର ସିଂହ ମତବ୍ୟକ୍ତ କରିଥିଲେ। ପରିଷଦ ସାଧାରଣ ସଂପାଦକ ରମେଶ ଚନ୍ଦ୍ର ମହାପାତ୍ର ଓ ଶିକ୍ଷାବିତ୍ ଅଭିମନ୍ୟୁ ପ୍ରଧାନ କୃଷି ଓ କୃଷକଙ୍କ ସମସ୍ୟା ସଂପର୍କରେ ମତ ରଖିଥିଲେ। ପରିଷଦର ଉପସଭାପତି ଦୀନବନ୍ଧୁ ବେହୁରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ ସଂପାଦକ ହେମନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କେତେକ ଅଗ୍ରଣୀ କୃଷକଙ୍କୁ ବିଭିନ୍ନ ଚାରା ବଣ୍ଟନ କରାଯାଇଥିଲା। ପରିଶେଷରେ ପଲ୍ଲବୀ ନୃତ୍ୟ ସଂଗୀତ ଗବେଷଣା କେନ୍ଦ୍ରର ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମା’ ଚଣ୍ଡୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ



**ଅସ୍ତରଙ୍ଗ,୩।୫/ଏନ୍ଏନ୍ଏସ୍:** କାକଟପୁର ସାଡେଙ୍ଗା ପାଟପୁରଠାରେ ଚାରିଦିନ ବ୍ୟାପୀ ମା’ ଚଣ୍ଡୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ନିକଟସ୍ଥ ପ୍ରାଚୀ ନଦୀରୁ ନୂଆ ମନ୍ଦିର ପର୍ଯ୍ୟନ୍ତ ଏକ କଳସ ଯାତ୍ରା ହୋଇଥିଲା। ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ କରାଯିବା ସହିତ ପ୍ରଥମ ଦିନରେ ଅଙ୍କୁରାରୋପଣ ଓ ଧାନାଧିବାସ, ଦ୍ୱିତୀୟ ଦିନରେ ଜଳାଯାତ୍ରା ଓ ଅଗ୍ନିସ୍ଥାପନ, ତୃତୀୟ ଦିନରେ ମାଆଙ୍କୁ ୧୦୮ ସୁବାସିତ ଜଳରେ ମହାସ୍ନାନ କରାଯାଇଥିଲା। ଚତୁର୍ଥ ଦିନରେ ଠାକୁରାଣୀଙ୍କର ବିମାନ ଯାତ୍ରା ମହାଆଡମ୍ବରର ସହିତ ଗାଁ ପରିଭ୍ରମଣ କରିଥିଲା। ସନ୍ଧ୍ୟାରେ ମାଆଙ୍କର ପ୍ରାଣ ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଭଜନ ସନ୍ଧ୍ୟା ଓ କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। ମା’ଙ୍କ ପାଦୁକ ପାଣି ପାଇଲେ ହଇଜା ଝାଡ଼ାବାନ୍ତି ଭଲ ହୁଏ। ମାନସିକ ରଖିଲେ ସବୁ ପୂରଣ କରିଥାଏ ମା’ ବୋଲି ଆଖପାଖ ଗାଁ ଲୋକଙ୍କ ବିଶ୍ୱାସ ରହିଛି। ଗାଁର ଯୁବକ ମାନେ ଏକାଠି ହୋଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ବଡ଼ ଭୂମିକା ତୁଲାଇଥିଲେ। ଚଣ୍ଡୀମାତା ୟୁଥ କ୍ଲବର ମୁଖ୍ୟ ବିପ୍ଳବ ମହାନ୍ତି, ମଙ୍ଗରାଜ ମହାନ୍ତିଙ୍କ ଓ ଅନ୍ୟ ସଦସ୍ୟଙ୍କ ସହ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଥିଲା।

# ମଦ ଜବତ, ଜଣେ ଗିରଫ

**ଡେଲାଙ୍ଗ,୩।୫/ଏନ୍ଏନ୍ଏସ୍:** ଡେଲାଙ୍ଗ ପୁଲିସ ଜେନାପୁର୧ ଗ୍ରାମରୁ ବିପୁଳ ପରିମାଣ ମଦ ଜବତ କରିବା ସହିତ ଜଣକୁ ଗିରଫକରି କୋର୍ଟଚାଲଣ କରିଥିବା ଜଣାପଡ଼ିଛି। ସେ ହେଲେ ଜେନାପୁର୧ ଗ୍ରାମର ଦୋଳ ଗୋବିନ୍ଦ ବେହେରା(୬୦)। ମିଳିଥିବା ସୂଚନା ଅନୁଯାୟୀ ଡେଲାଙ୍ଗରେ ଅନାସ୍ଥାକୁ ନେଇ ନିର୍ବାଚନ ଚାଲୁଥିବା ବେଳେ ପୁଲିସ ଟିମ୍ ଉପସ୍ଥିତ ଥିଲେ। ହେଲେ ପୁଲିସର ଅନ୍ୟ ଏକ ଟିମ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରୁଥିଲେ। ପାଟ୍ରୋଲିଂ ସମୟରେ ଘରେ ବିପୁଳ ପରିମାଣର ବିଦେଶୀ ମଦ ଗଛିତ ରଖିବା ସହ ବେଆଇନ ଭାବେ ମଦ ବିକ୍ରି କରାଯାଉଥିବା ପୁଲିସ ଖବର ପାଇ ଏସ୍ଆଇ ଶୁଭଶ୍ରୀ ନନ୍ଦଙ୍କ ସମେତ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ବିପୁଳ ପରିମାଣର ମଦ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଡେଲାଙ୍ଗ ଥାନାରେ ଏକ ମାମଲା ରୁଜୁ କରାଯାଇ ଦୋଳଗୋବିନ୍ଦଙ୍କୁ କୋର୍ଟଚାଲାଣ କରାଯାଇଥିବା ଏଏସ୍ଆଇ ବିନୋଦିନୀ ବେହେରା ସୂଚନା ଦେଇଛନ୍ତି।

# ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ କୃତିତ୍ୱ

**ନେମାଳ,୩।୫/ଏନ୍ଏନ୍ଏସ୍:** ଚଳିତବର୍ଷ ମାଧ୍ୟମିକ ଶିକ୍ଷାବୋର୍ଡ ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକର ମୋଟ ୨୧୫୦ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୦୮୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାରେ ବ୍ଲକ ଅଞ୍ଚଳର ୯ଜଣ ଛାତ୍ରଛାତ୍ରୀ ଏ-୧ରେ ରହିଛନ୍ତି। ସେହିପରି ଏ-୨ରେ ୪୪ଜଣ, ବି-୧ରେ ୧୭୫ଣ, ବି-୨ରେ ୩୬୨, ସିରେ ୫୭୬ଜଣ, ଡିରେ ୬୩୪ଜଣ, ଇରେ ୨୬୮ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୬୪ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଥିବା ଜଣାଯାଇଛି। ଚଳିତବର୍ଷ ଏହି ବ୍ଲକର ୧୨ଟି କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିଲେ। ଚଳିତବର୍ଷ ଉତ୍ତୀର୍ଣ୍ଣ ହାର ୯୭% ହୋଇଥିବା ଜଣାଯାଇଛି। ଚଳିତ ପରୀକ୍ଷାରେ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ଭୂୟାଁ ୫୪୧, କେନ୍ଦୁପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟର ସତ୍ୟ ସନାତନୀ ବେହେରା ୫୫୦, ବାପୁଜୀ ସ୍ମାରକୀ ସରକାରୀ ଉଚ୍ଚ ବିଦ୍ୟାଳୟ ଉତ୍ତରକୂଳର ରାଜକଲ୍ୟାଣୀ ପାତ୍ର ୫୫୧, ଜନାର୍ଦ୍ଦନପୁର ଚିତ୍ରୋତ୍ପଳା ସରକାରୀ ଉଚ୍ଚ ବିଦ୍ୟାଳୟର ରବିକିଂକର ବେହେରା ୫୫୪, ବଡ଼ଖିରସ୍ଥିତ ବାବ ମୁକୁନ୍ଦଦାସ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଏସ୍‌ବି ଲିଜାରିନି ସାଥୁଆ ୫୪୦ ନମ୍ବର ରଖି ଏ-୧ରେ ରହିଥିବା ବେଳେ ହରଚଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟ କେରିଲୋ ଜୟନ୍ତୀଦେବୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, କଲରାବାଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଣ୍ଡାୟତ ପଟିକିରା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଇଛି।

# ମାନବିକ ଅଧିକାର ସଚେତନତା ଶିବିର

**ଦଶପଲ୍ଲା,୩।୫/ଏନ୍ଏନ୍ଏସ୍:** ଗୋଟିଏ ମନୁଷ୍ୟର ଜନ୍ମ ଠାରୁ ଆରମ୍ଭକରି ମୃତ୍ୟୁ ପର୍ଯ୍ୟନ୍ତ ତା’ର ମାନବିକ ଅଧିକାର ରହିଛି। ଆଜିକାଲି ପ୍ରତ୍ୟକ କ୍ଷେତ୍ରରେ ମାନବିକ ଅଧିକାର କ୍ଷୁର୍ଣ୍ଣ ହେବାରେ ଲାଗିଛି। ସେଥିପାଇଁ ଆମେ ସତର୍କ ହେବାକୁ ପଡ଼ିବ ବୋଲି ପ୍ରାକ୍ତନ ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ତଥା ଜାତୀୟ ମାନବିକ ଅଧିକାର କମିଶନ ସଦସ୍ୟ ଡ଼ଃ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଦଶପଲ୍ଲା ଓକିଲ ସଂଘ ପକ୍ଷରୁ ଆୟୋଜିତ ମାନବିକ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ଦଶପଲ୍ଲା ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ପାତ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ଗୋବିନ୍ଦ ଭବନ ପରିସରରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ସିବିଆଇ ଜଜ୍ ଶରତ ଚନ୍ଦ୍ର ମିଶ୍ର ଯୋଗଦେଇ ନିଜେ ନିଜର ଅହଂକାରକୁ ସଂଯତ କଲେ ମାନବିକତା ଜାଗ୍ରତ ହୋଇ ପାରିବ ବୋଲି ପ୍ରକାଶ କରିବା ସହ ମାନବିକ ଅଧିକାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଓକିଲ ସଂଘର ସମ୍ପାଦକ ଶରତ ଚନ୍ଦ୍ର ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଆଇନଜୀବୀ ଆଲୋକ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣା, ରେଜିଷ୍ଟ୍ରାର ସୋନାଲି ସରିତା, ପୋକସ୍ ଜଜ୍ ମାନସ ରଞ୍ଜନ ପଣ୍ଡା, ଜେଏମ୍ଏଫ୍‌ସି ଦେବମାଳିନୀ ଐଶ୍ୱର୍ଯ୍ୟା, ଦଶପଲ୍ଲା ଥାନା ଆଇଆଇସି ଅନିତା ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଅଦାଲତରେ ଆନ୍ତର୍ଜାତିକ ଶ୍ରମିକ ଦିବସ



**ଓଡ଼ଗାଁ,୩।୫/ଏନ୍ଏନ୍ଏସ୍:** ଓଡ଼ଗାଁ ତାଲୁକ୍ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନସେବା ପ୍ରାଧିକରଣର ସଚିବ ତଥା ନବନିଯୁକ୍ତ ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଦୌରାଜଜ ସଂଘମିତ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଓଡ଼ଗାଁ ଓକିଲ ସଂଘ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ପାଳିତ ଓଡ଼ଗାଁ ଦେୱାନି (ବରିଷ୍ଠ) ଅଦାଲତର ବିଚାରପତି ଜନ୍ମେଜୟ ଦାସ, ଓଡ଼ଗାଁ ଦେୱାନି (କନିଷ୍ଠ) ଅଦାଲତର ବିଚାରପତି ହରମୋହନ ଦାଶ, ଓକିଲ ସଂଘ ସଭାପତି ଆଇନଜୀବି ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ବଟକୃଷ୍ଣ ମିଶ୍ର, ସରକାରୀ ଓକିଲ ଇନ୍ଦୁଭୂଷଣ ମିଶ୍ର, ଯଜ୍ଞ ନାରାୟଣ ପାତ୍ର, ପ୍ରମୋଦ ବିଶ୍ୱାଳ, ବରିଷ୍ଠ ଆଇଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ପବିତ୍ର ମୋହନ ସାହୁ ଓ ମହାଦେବ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶ୍ରମିକମାନେ ଦେଶଗଠନରେ ସେମାନଙ୍କ ଭୂମିକା ଅଧିକାର ଓ ଆଇନଗତ ଦିଗ ସଂପର୍କରେ ଅବଗତ କରିଥିଲେ। ସଭାକୁ ଓଡ଼ଗାଁ ଆଇନ ସେବା ପ୍ରାଧିକରଣର ସଂଯୋଜିକା ଶ୍ରଦ୍ଧାଞ୍ଜଳି ରଥ ସଂଯୋଜନା କରିଥିବା ବେଳେ ବହୁ ନିର୍ମାଣ ଶ୍ରମିକ ଯୋଗଦେଇଥିଲେ।

# ଦୁଇ ମୃତକ ପରିବାରକୁ ଭେଟିଲେ ବିଧାୟକ



**ନିଶ୍ଚିନ୍ତକୋଇଲି,୩।୫/ଏନ୍ଏନ୍ଏସ୍:** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ସରପଡା ପଞ୍ଚାୟତ ୧୨ନଂ ୱାର୍ଡର ଯୁବ ସଂଗଠକ ଉମାଶଙ୍କର ପଣ୍ଡାଙ୍କର ୫୧ବର୍ଷ ବୟସରେ ହୃଦ୍‌ଘାତରେ ବିୟୋଗ ଘଟିଛି। ସେ ଜଣେ ମେଳାପୀ, ପରୋପକାରୀ ଓ ଦକ୍ଷ ସଂଗଠକ ଭାବରେ ନିଜର ପରିଚୟ ସୃଷ୍ଟି କରି ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଖରେ ବେଶ୍ ଲୋକପ୍ରିୟ ହୋଇପାରିଥିଲେ। ଗ୍ରାମ୍ୟ ଶ୍ମଶାନରେ ସ୍ୱର୍ଗତ ପଣ୍ଡାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କ ବଡଭାଇ ଗିରିଜା ଶଙ୍କର ପଣ୍ଡା ମୁଖାଗ୍ନି ପ୍ରଦାନ କରିଥିଲେ। ସେହିପରି ସରପଡା ପଞ୍ଚାୟତ ବୋଧଙ୍ଗ ଗ୍ରାମ ୮ନଂ ୱାର୍ଡର ଅନୀଲ କୁମାର ସ୍ୱାଇଁ ୫୧ବର୍ଷ ବୟସରେ ଶରୀର ଅସୁସ୍ଥତା କାରଣରୁ ବିୟୋଗ ଘଟିଛି। ସ୍ୱର୍ଗତ ସ୍ୱାଇଁଙ୍କ ଅନ୍ତିମ ସଂସ୍କାର ଗ୍ରାମ୍ୟ ଶ୍ମଶାନରେ ହୋଇଥିବା ବେଳେ ସାନଭାଇ ରଘୁନାଥ ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ଉଭୟଙ୍କ ମୃତ୍ୟୁ ଖବର ପାଇ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଦୁଇ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜ୍ଞାପନ କରିବା ସହ ଦୁଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ବିଧାୟକଙ୍କ ସହିତ ସରପଡା ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟ, ଯୁବ ସଂଗଠକ ମାନସ ରାଉତ, ପ୍ରଭାତ ମହାନ୍ତି, ବରିଷ୍ଠ ମୁରବୀ ଗୋବିନ୍ଦ ରାଉତ, ପ୍ରଶାନ୍ତ ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉଭୟଙ୍କ ବିୟୋଗରେ ନିଶ୍ଚିନ୍ତକୋଇଲି ସମିତି ଉପାଧ୍ୟକ୍ଷ ନୃସିଂହ ମିଶ୍ର, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, କୈଳାସ ଚନ୍ଦ୍ର ବେହେରା, ସରପଡା ସମିତିସଭ୍ୟାଙ୍କ ପ୍ରତିନିଧି ପ୍ରମୋଦ ସ୍ୱାଇଁ, ଦିବାକର ସ୍ୱାଇଁ, ଦେବାଶିଷ ଦାଶ. ରଶ୍ମିକାନ୍ତ ଦାସ, ବିଚିତ୍ରାନନ୍ଦ ପତି, ଯୁବ ସାମ୍ବାଦିକ ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଶୋକବ୍ୟକ୍ତ କରିଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ

**ଦଶପଲ୍ଲା,୩।୫/ଏନ୍ଏନ୍ଏସ୍:** ଦଶପଲ୍ଲା ତାଲୁକ ଆଇନି ସେବା କମିଟି ପକ୍ଷରୁ ଦଶପଲ୍ଲା ଅଦାଲତ ପରିସରରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜେଏମ୍ଏଫ୍‌ସି ତଥା ତାଲୁକ ଆଇନସେବା କମିଟି ଅଧ୍ୟକ୍ଷା ଦେବମାଳିନୀ ଐଶ୍ୱର୍ଯ୍ୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଶରତ ଚନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ଦାସ, ବିରେନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଓ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବହୁଶ୍ରମିକ ଓ ପିଏଲ୍‌ଭି ଯୋଗଦେଇଥିଲେ। ସେହିପରି ମହାଶକ୍ତି ଫାଉଣ୍ଡେସନ ଓ ଟିପିସିଓଡିଏଲ ମିଳିତ ସହଯୋଗରେ ଦଶପଲ୍ଲା ବ୍ଲକର ପ୍ରକଳ୍ପ ଅଧିକାର ପକ୍ଷରୁ କାମିଟି ପଙ୍ଗା, ଝିଣ୍ଟିକାବାରି, ସାରିଗଣ୍ଡା, ତାଳମଡାଠାରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକ, ଦାଦନ ଶ୍ରମିକ, କୃଷି ଶ୍ରମିକ, କୁଶଳୀ ଶ୍ରମିକ, ଅଣକୁସଳି ଶ୍ରମିକମାନଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଜନକଲ୍ୟାଣ ଯୋଜନା ସମ୍ପର୍କ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ପ୍ରଭାତ ସାହୁଙ୍କ ନେତୃତ୍ୱରେ ଅଭିମନ୍ୟୁ ସାହୁ, ରାଜକିଶୋର ନାୟକ, ମାମିନୀ ନାୟକ, ଦାମୋଦର ନାଏକ, ସରୋଜିନୀ ପ୍ରଧାନ ଓ ବଳଭଦ୍ର ପ୍ରଧାନ ଅଧିକାର ମିତ୍ରଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଶପଲ୍ଲା ମେଳିଆ ତୋଟାଠାରେ ସିପିଆଇଏମ୍ ପକ୍ଷରୁ କୃଷକ ନେତା ପୂର୍ଣ୍ଣଚନ୍ଦ୍ର ସାହୁ ଲାଲ ପତାକା ଉତ୍ତୋଳନ କଲାପରେ ଉପସ୍ଥିତ ଶ୍ରମିକ ଓ କୃଷକ ସହିଦ ବେଦୀରେ ପୁଷ୍ପମାଲ୍ୟ ଅର୍ପଣ ପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୟନ୍ତୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରମିକନେତା ଶରତ ଚନ୍ଦ୍ର ବେହେରା, ବିପିନ କୁମାର ବାଡୁ, କ୍ଷେତ ମଜଦୁର ବ୍ଲକ କମିଟି ସମ୍ପାଦକ ବିରଞ୍ଚି ନାଏକ, କୃଷକ ସଭା ବ୍ଲକ ସଭାପତି ବ୍ରଜବନ୍ଧୁ ପ୍ରଧାନ, ସୁଶାନ୍ତ ନାଏକ ପ୍ରମୁଖ ଉପସ୍ଥିତ ରହି ଶ୍ରମିକ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ବିଶ୍ୱକର୍ମା ନିର୍ମାଣ ଶ୍ରମିକ ସଙ୍ଘ ପକ୍ଷରୁ ଫାଲପାଜୁ ହାଟ ଠାରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଶ୍ରମିକ ନେତା ରଘୁନାଥ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ଟ୍ରେଡ଼ ୟୁନିୟନ ମହାସଚିବ ବାସୁଦେବ ମହାନ୍ତି ଯୋଗଦେଇ ଆନ୍ତର୍ଜାତୀୟ ଶ୍ରମିକ ଦିବସର ମହତ୍ତ୍ୱ, ଶ୍ରମିକଙ୍କ ହକ ଏବଂ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଶ୍ରମିକମାନେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ସଂଚାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ସମ୍ପାଦକ ପ୍ରଫୁଲ କୁମାର ମିଶ୍ର, କର୍ଣ୍ଣ ଯାନୀ, ଅହଲ୍ୟା ଖମାରି ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କ ସପର୍କରେ ବକ୍ତବ୍ୟ ରଖିଥିଲେ।

# ମହିଳା ମହାବିଦ୍ୟାଳୟରେ ନାକ୍ ପ୍ରସ୍ତୁତି ବୈଠକ



**ଚାରିଛକ,୩।୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ନାକ୍ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଡକ୍ଟର ଗଗନ ବେହୁରା, ଡକ୍ଟର ପ୍ରଦୀପ ପଣ୍ଡା, ପୂର୍ବତନ ପରିଚାଳନା କମିଟି ସଭାପତି ଡକ୍ଟର ସନ୍ତୋଷ କୁମାର ମିତ୍ର, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ଡକ୍ଟର ପ୍ରଭାତ ଚନ୍ଦ୍ର ମିଶ୍ର, ସାଂସଦ ପ୍ରତିନିଧି ପୂର୍ଣଚନ୍ଦ୍ର ଓଝା, ଭୋଦର ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଚାରୁଲତା ବେହେରା, ସମାଜସେବୀ ସନାତନ ପାତ୍ର, ରାଜନୀତି ବିଭାଗ ମୁଖ୍ୟ ପ୍ରାଧାପିକା ପୁଷ୍ପମିତ୍ରା ପଟନାୟକ, ପ୍ରଶାସନିକ ଅଧିକାରୀ ଡକ୍ଟର ଅଶୋକ କୁମାର ବିଶ୍ୱାଳ, ଆଲମୁନି ସଦସ୍ୟା ଶଙ୍ଖଲତା ମିଶ୍ର, ଛାତ୍ରୀ ରାଜଶ୍ରୀ ବେହେରା ଯୋଗ ଦେଇଥିଲେ। ବୈଠକରେ ଉପଦେଷ୍ଟା ମଣ୍ଡଳୀ ନାକ୍ ପ୍ରସ୍ତୁତି ଓ ତାର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରିଥିଲେ। ନାକ୍ ସଂଯୋଜିକା ଡକ୍ଟର ପୂର୍ଣ୍ଣିମା ମହାନ୍ତି କାର୍ଯ୍ୟକ୍ରମ ସଯୋଜନା କରିଥିଲେ। ପରିଶେଷରେ ଏନ୍‌ସିସି ମେଜର ପୁଷ୍ପଲତା ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ତଦାନ ସେବାରେ ବ୍ରତୀ ଇଂ. ନଳିନୀକାନ୍ତ




**ଫୁଲନଖରା,୩।୫/ଏନ୍ଏନ୍ଏସ୍:** ରକ୍ତଦାନ ମହତ୍ ଦାନ, ଏହା ବଞ୍ଚାଏ ଅନ୍ୟର ଜୀବନ। ଏହି ରକ୍ତଦାନ ସେବାରେ ବ୍ରତୀ ସମାଜସେବୀ ସାହିତ୍ୟିକ ଇଂ. ନଳିନୀକାନ୍ତ ସାହୁ(ବିଭୁ) ଏକ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ। ସେ କେନ୍ଦ୍ରୀୟ ରକ୍ତ ଭଣ୍ଡାର କଟକ, ଭୁବନେଶ୍ୱର ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରମାନଙ୍କରେ ରକ୍ତଦାନ କରି ଯୁବ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ହଂଶପାଳ ଭୁବନେଶ୍ୱର ନିବାସୀ ଏହି ରକ୍ତଦାତା ଖ୍ୟାତି ସଂପନ୍ନ ଇଞ୍ଜିନିୟର ନଳିନୀକାନ୍ତ ଏଯାବତ୍ ୧୮ଥର ରକ୍ତଦାନ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା କିରେଇ ସ୍ଥିତ ସୁନ୍ଦରଗଡ ଇଞ୍ଜିନିୟରିଂ ସ୍କୁଲ (ଏସଇଏସ)ର ୧୯୯୮ ବ୍ୟାଚ ସିଭିଲ ବ୍ରାଞ୍ଚର ମେଧା ଛାତ୍ର ଅଟନ୍ତି। ଏହି ମହାନ୍ ପ୍ରତିଭାଙ୍କୁ ସୁନ୍ଦରଗଡ଼ ଇଞ୍ଜିନିୟରିଂ ସ୍କୁଲ (ଏସ୍ଇଏସ୍) ପୁରାତନ ଛାତ୍ର ସଂସଦ, ଏସ୍ଇଏସ୍ ଅଧ୍ୟକ୍ଷ ଶିକ୍ଷାବିତ୍ ଦେବରାଜ ସାହୁ, ସାମାଜିକ ସଂଗଠନ ଆଦର୍ଶ ଯୁବ ସଙ୍ଘ ଭାରତ, ଆରାଧ୍ୟା ଚାରିଟେବୁଲ୍ ଟ୍ରଷ୍ଟ (ଏସିଟି) ଫୁଲନଖରା ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି। ବିଭିନ୍ନ ଘରୋଇ ଓ ସରକାରୀ ଉଦ୍ୟୋଗ ମାନଙ୍କରେ ସିଭିଲ ଇଞ୍ଜିନିୟରିଂ ବିଭାଗରେ ଉଚ୍ଚ ପଦସ୍ଥ କର୍ମଚାରୀ ଭାବେ କାର୍ଯ୍ୟ କରିବା ସହ ଏହି ଦିଗରେ ଉଚ୍ଚସ୍ତରୀୟ ଗବେଷଣା ରତ ଦକ୍ଷ ଯନ୍ତ୍ରୀ ଅଟନ୍ତି। ସାହିତ୍ୟ ସାଧନା ସହ ଲେଖନୀ ଚାଳନା ଆଦି ଅନେକ ସୁଗୁଣର ଅଧିକାରୀ।

# ରୋଟାରୀ କ୍ଲବ ତରଫରୁ ‘ବିଶ୍ୱ ପ୍ରେସ୍ ଦିବସ’



**ମୁଣ୍ଡମୁହାଣ,୩।୫/ଏନ୍ଏନ୍ଏସ୍:** ରୋଟାରୀ କ୍ଲବ ଭୁବନେଶ୍ୱର କନଫ୍ଲୁଏନ୍ସ ଆନୁକୂଲ୍ୟରେ ଆଜି ଏକ ପ୍ରମୁଖ ହୋଟେଲ୍‌ରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କ୍ଲବର ସଭାପତି ରୋଟାରୀ ଆନ ପ୍ରିତ୍ କୁମାର ଦାସ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ସ୍ଥଳେ ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ ସମ୍ମାନିତ ଅତିଥି ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ ଦେବିଲାଲ ମିଶ୍ର ମୁଖ୍ୟ ବକ୍ତା, ରୋଟାରୀଆନ ତଥା ବରିଷ୍ଠ ଆଇନଜୀବି କୈଳାସ କାନୁନଗୋ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମର ସ୍ୱାଧୀନତା ଉପରେ ନିଜ ନିଜର ମତବ୍ୟକ୍ତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି ସୁଶାନ୍ତ କୁମାର ବାରିକ ଏବଂ ବୈଦୁତିକ ଗଣମାଧ୍ୟମର ୩୪ଜଣ ସାମ୍ବାଦିକ ଓ ସାମ୍ବାଦିକାଙ୍କୁ ଡାୟୋଜୋନିସ ମିଡ଼ିଆ ଆୱାର୍ଡ଼ରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ବରିଷ୍ଠ ରୋଟାରୀଆନ ଡ. ବିଷ୍ଣୁଚରଣ ସାହୁ, ଅଶୋକ ସାମଲ, ଗଣେଶ୍ୱର ପ୍ରଧାନ, କ୍ଷୀରୋଦ ମିଶ୍ର, ଅଭିଳାଷ ପତି, ପ୍ରଣତ କିଶୋର ଜେନା, ବିଦ୍ୟୁତ୍ ସେଠୀ ପ୍ରମୁଖ ରୋଟରିଆନ୍ ଉପସ୍ଥିତ ଥିଲେ। ଅଧ୍ୟାପିକା ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ ମଞ୍ଚ ପରିଚାଳନା କରିଥିବା ସ୍ଥଳେ ବରିଷ୍ଠ ରୋଟାରୀଆନ ନୀଳାଚଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବୈଶାଖ ତୃତୀୟ ଶନିବାରରେ ନବଗ୍ରହ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ

# ମାନସିକ ପୂରଣ ପାଇଁ ଶିଶୁଙ୍କୁ ବାଲିରେ ପୋତିଲେ



**କୋଣାର୍କ,୩।୫/ଏନ୍ଏନ୍ଏସ୍:** ପବିତ୍ର ବୈଶାଖ ମାସର ତୃତୀୟ ଶନିବାର ରେ ଡ଼ହ ଡ଼ହ ପ୍ରଚଣ୍ଡ ଖରା ସତ୍ତ୍ୱେ ଆଜି କୋଣାର୍କ ସୂର୍ଯ୍ୟମନ୍ଦିରର ଉତ୍ତରକୋଣରେ ଅବସ୍ଥିତ ଥିବା ନବଗ୍ରହ ପୀଠରେ ଲାଗିରହିଥିଲା ହଜାର ହଜାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ। କୋଣାର୍କ ତଥା ଏହାର ଆଖପାଖ ଅଞ୍ଚଳର ବିଶେଷ ଭାବେ ଅସ୍ତରଙ୍ଗ, ପାରାଦୀପ, ଜଗତସିଂହପୁର, ଗୋପ, ନିମାପଡା ସମେତ ରାଜ୍ୟର ଅନେକ ସ୍ଥାନରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଆସି ଶନି ଦେବତାଙ୍କୁ ଆରାଧନା କରି କୋଣାର୍କର ପ୍ରମୁଖ ପୀଠ ନବଗ୍ରହ ପୀଠରେ ପହଞ୍ଚି ଧାଡି ହୋଇ ଶହଶହ ଶ୍ରଦ୍ଧାଳୁ ଛିଡା ହୋଇ ନବଗ୍ରହଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରୁଥିବା ଦେଖାଯାଇଥିଲା। କୋଣାର୍କ ସୂର୍ଯ୍ୟ ମନ୍ଦିର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ନବଗ୍ରହ ପୀଠରେ ପହଞ୍ଚି ନବଗ୍ରହ ମନ୍ଦିର ର ପୂଜା ପାଉଥିବା ଶନିଦେବଙ୍କୁ ପୂଜାର୍ଚ୍ଚନା କରିବା ପରେ କାହିଁ କେଉଁ କାଳରୁ ଚାଲି ଆସୁଥିବା ମାନସିକକୁ ନେଇ କେତେକ ଶ୍ରଦ୍ଧାଳୁ ଛୋଟ ଛୋଟ ପିଲାଙ୍କୁ ବାଲିରେ ପୋତୁଥିବା ଦେଖାଯାଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଙ୍କ ହୁଳହୁଳି ଓ ଶଙ୍ଖନାଦ ମଧ୍ୟରେ ଏହି ମନ୍ଦିର ପରିସର ପ୍ରକମ୍ପିତ ହୋଇ ଉଠୁଥିଲା ବେଳେ ଯଜ୍ଞ ହୋମ ନିଆଁ ଓ ଧୂଆଁ ଏଠାରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଆଜି ନାହିଁ ନଥିବା ଭିଡ଼ ସହିତ ଡ଼ହଡ଼ହ ଖରାକୁ ନେଇ ଶ୍ରଦ୍ଧାଳୁମାନେ ଅସ୍ତବ୍ୟସ୍ତ ହେଉଥିବା ବେଳେ ସ୍ଥାନୀୟ ବିଭିନ୍ନ ସଂଗଠନ ବିଶେଷ ଭାବେ ବିଜେପି ଦଳ, କୋଣାର୍କ ସତ୍ୟସାଇ ସଂଗଠନ, କୋଣାର୍କ ସୁରକ୍ଷା ସମିତି, ପକ୍ଷରୁ ନବଗ୍ରହ ପୀଠରେ ଶ୍ରଦ୍ଧାଳୁମାନଙ୍କୁ ଶୀତଳ ଦହି ସର୍ବତ ଦିନତମାମ ବଣ୍ଟନ କରାଯାଇଥିଲା।

NITIDIN
ନିତିଦିନ
ରବିବାର, ୪ ମେ ,୨୦୨୫

ନିତି ଭାରତୀ

ନିଜର ଅନ୍ତିମ ଦିବସର ଅବସ୍ଥା କେତେ ଭୟଙ୍କର ହେବ, ଥରେ ଚିନ୍ତାକର। ଅନ୍ୟମାନେ ତୁମ ସମ୍ବନ୍ଧରେ ବିଭିନ୍ନ କଥା କହୁଥିବେ, କିନ୍ତୁ ତୁମେ ସେସବୁର ଉତ୍ତର ଦେଇ ପାରୁ ନଥିବ।

- ରାଜା ରାମ ମୋହନ ରାୟ

# ମୁର୍ଶିଦାବାଦ ହିଂସାର ସୁସ୍ପଷ୍ଟ ସଙ୍କେତ

ପ୍ରକାଶିତ ସମ୍ବାଦ ଅନୁଯାୟୀ ଗତ ଏପ୍ରିଲ୍ ୧୧/୧୨ ତାରିଖ (୨୦୨୫)ରୁ ବହୁଚର୍ଚ୍ଚିତ ୱାକଫ୍ ଆଇନ୍ ବିରୁଦ୍ଧରେ ମୁର୍ଶିଦାବାଦରେ ପ୍ରତିବାଦ ଆନ୍ଦୋଳନ ନାମରେ ଜଘନ୍ୟ ହିଂସାକାଣ୍ଡ ଆରମ୍ଭ ହୋଇଛି। ମୁର୍ଶିଦାବାଦ ହେଉଛି ପଶ୍ଚିମବଙ୍ଗ ରାଜ୍ୟର ଏକ ମୁସଲମାନ ବହୁଳ ଅଞ୍ଚଳ। ବଡ଼କଥା ହେଲା, ପ୍ରତ୍ୟେକ ହିଂସାକାଣ୍ଡ ପଛରେ ନିଶ୍ଚିତ ଭାବେ ଏକ କାରଣ ଥାଏ, ଯଥା- ପ୍ରେମ-ପ୍ରତାରଣା, ଜମିବାଡ଼ି ଗଣ୍ଡଗୋଳ, ରାଜନୈତିକ ଶତ୍ରୁତା, ବ୍ୟବସାୟିକ ଶତ୍ରୁତା ଇତ୍ୟାଦି। ସେହିଭଳି ମୁର୍ଶିଦାବାଦ ହିଂସାର ମଧ୍ୟ ଏକ କାରଣ ଅଛି। ସେ କାରଣଟି କ'ଣ ? ଏ କ୍ଷେତ୍ରରେ ହିଂସାକାଣ୍ଡ ଭିଆଇ ଥିବା ଲୋକମାନେ ମଧ୍ୟ ହିଂସାକାଣ୍ଡ ଆରମ୍ଭ କରିବା ପୂର୍ବରୁ ତାହା ସ୍ପଷ୍ଟ ଭାବେ ନିଜ ମୁହଁରେ ପୀଡ଼ିତ/ ପୀଡ଼ିତାମାନଙ୍କୁ ଜଣାଇ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଏକାଧିକ ଭିଡିଓରେ ପୀଡ଼ିତ/ ପୀଡ଼ିତାମାନେ ଏପରି କହିବାର ଶୁଣିବାକୁ ମିଳୁଛି- 'ଆମକୁ ସେମାନେ (ଅର୍ଥାତ୍ ଦଙ୍ଗାକାରୀମାନେ) କହିଲେ ଯେ ମୋଦୀ ୱାକଫ୍ ବିଲ୍ ପାସ୍ କରିଛି। ତେଣୁ ତୁମର ଆଉ ଏଠି ରହିବାର ଅଧିକାର ନାହିଁ।' ସେମାନେ ଅବଶ୍ୟ ମୁହଁରେ କହିଲେ ଯେ 'ତୁମର ଆଉ ଏଠାରେ ରହିବାର ଅଧିକାର ନାହିଁ', ମାତ୍ର ଏପରି କହିବା ପରେ ସେମାନେ ଯାହା ଯାହା କଲେ, ତାହା ପ୍ରମାଣ କରିଦେଲା ଯେ ସେମାନଙ୍କର (ଅର୍ଥାତ୍, ପୀଡ଼ିତ ହିନ୍ଦୁମାନଙ୍କର) ସେ ସ୍ଥାନରେ ରହିବାର, ଚାଷ ବା ବ୍ୟବସାୟ କରିବାର, ଏପରିକି ବଞ୍ଚିବାର ଅଧିକାର ମଧ୍ୟ ନାହିଁ। ଏହାର ଏକମାତ୍ର କାରଣ ହେଉଛି, ସେମାନେ ହିନ୍ଦୁ ଏବଂ ସେମାନଙ୍କ ବାସସ୍ଥାନର ଚାରିପଟେ ବହୁ ସଂଖ୍ୟକ ମୁସଲମାନ (ଯେଉଁମାନେ ୱାକଫ୍ ଆଇନ୍‌ର ବିରୋଧୀ) ବସବାସ କରୁଛନ୍ତି। ତେଣୁ ଘଟିଲା କ'ଣ ? ଠିକ୍ ପାକିସ୍ତାନରେ ବା ବାଂଲାଦେଶରେ ଯାହା ଘଟୁଛି, ସେହି ଢଙ୍ଗରେ ସେ ସ୍ଥାନରେ ବସବାସ କରୁଥିବା ଅଳ୍ପ ସଂଖ୍ୟକ ଅସହାୟ ହିନ୍ଦୁମାନଙ୍କୁ ଘର ଭିତରେ ବା ଘରୁ ବାହାରକୁ ଟାଣି ନେଇ ଜଘନ୍ୟ ଭାବେ ଗଳା କାଟି ହତ୍ୟା କରାଗଲା। ଝିଅ ବୋହୂମାନଙ୍କୁ ବଳପୂର୍ବକ ଧର୍ଷଣ କରାଗଲା। ସେମାନଙ୍କ ଦୋକାନଗୁଡ଼ିକୁ ବିନା ବାଧାରେ ଲୁଟ୍ ଓ ଧ୍ୱଂସ କରାଗଲା। ଚାଷ ଜମିରେ ଫସଲ ଥିଲେ ସେଗୁଡ଼ିକୁ ନଷ୍ଟ କରି



ଲିଙ୍ଗରାଜ ରଥ

ଦିଆଗଲା। ସ୍ଥାନୀୟ ହିନ୍ଦୁ ମନ୍ଦିରଗୁଡ଼ିକୁ ଭାଙ୍ଗି ଦିଆଗଲା। ସବୁ ଅନ୍ୟାୟ-ଅତ୍ୟାଚାର ଚାଲିଥିବା ବେଳେ ମମତା ବାନାର୍ଜୀ ସରକାରଙ୍କ ନିୟନ୍ତ୍ରଣାଧୀନ ପୁଲିସ୍ ଜାଣିଶୁଣି ହିଂସାକାଣ୍ଡ ଘଟୁଥିବା ସ୍ଥାନକୁ ଯାଇ ନଥିଲା। ଅଳ୍ପ କେତେକ କ୍ଷେତ୍ରରେ ପୁଲିସ୍ ଉପସ୍ଥିତ ଥିଲେ ମଧ୍ୟ ନିରବଦ୍ରଷ୍ଟା ସାଜିଥିଲା। ଆଉ କେତେକ କ୍ଷେତ୍ରରେ ଦଙ୍ଗାକାରୀମାନଙ୍କୁ ନାମକୁ ମାତ୍ର ପ୍ରତିରୋଧ କରିବାକୁ ଚେଷ୍ଟା କରି ସେମାନଙ୍କଠାରୁ ମାଡ଼ ଖାଇ ଚୁପ୍ ରହିଥିଲା।

ଏଠାରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି- ଯେଉଁ ହିନ୍ଦୁ ପରିବାରଗୁଡ଼ିକ ଅତ୍ୟାଚାରିତ ହେଲେ, ସେମାନଙ୍କର ଦୋଷ କ'ଣ ? ସେମାନେ କ'ଣ କେବେ ମୋଦିଜୀଙ୍କୁ ୱାକଫ୍ ବିଲ୍ ପାସ୍ କରାଇବା ପାଇଁ ଦାବି କରିଥିଲେ ? ସେମାନେ କ'ଣ ଏ ବିଲ୍ ପାସ୍ ହେବା ପରେ କୌଣସି ଆନନ୍ଦ ଉତ୍ସବ ପାଳନ କରିଥିଲେ ? ଏପରିକି ସେମାନେ କ'ଣ ୱାକଫ୍ ବିଲ୍‌ର ପରିସର ଓ କାର୍ଯ୍ୟକାରିତା ସଂପର୍କରେ କିଛି ଜାଣନ୍ତି ? ସର୍ବୋପରି, ସେମାନଙ୍କୁ ସେ ସ୍ଥାନରୁ ହଟାଇ ଦେଲେ ମଧ୍ୟ ୱାକଫ୍ ଆଇନ୍ କ'ଣ ହଟିଯିବ ? ସେମାନେ ସମସ୍ତେ ବା ସେମାନଙ୍କ ମଧ୍ୟରୁ ଅଧିକାଂଶ ତ ମମତା ଦିଦିଙ୍କ ଟିଏମ୍‌ସି ଦଳକୁ ଭୋଟ୍ ଦେଇଥିଲେ। ତଥାପି ସେମାନେ ଏଭଳି ଘୋର ଦୁର୍ଦ୍ଦଶା ଭୋଗିବାର କାରଣ ହେଲା (ଯାହା ଦଙ୍ଗାକାରୀଙ୍କ ଦୃଷ୍ଟିରେ ସେମାନଙ୍କର ଏକମାତ୍ର ଅକ୍ଷମଣୀୟ ଦୋଷ), ସେମାନେ ହେଉଛନ୍ତି ହିନ୍ଦୁ। ତେଣୁ ସ୍ଥାନୀୟ ବହୁ ସଂଖ୍ୟକ ମୁସଲମାନଙ୍କର ସେମାନଙ୍କ ଉପରେ ହତ୍ୟା, ଧର୍ଷଣ, ଲୁଣ୍ଠନ ଇତ୍ୟାଦି କରିବାର ସଂପୂର୍ଣ୍ଣ ଅସାମ୍ବିଧାନିକ ଅଧିକାର ରହିଛି, ଯାହା ସେମାନେ କାର୍ଯ୍ୟରେ କରି ଦେଖାଇ ଦେଇଛନ୍ତି। ଏହି ଅପକର୍ମରେ ସ୍ଥାନୀୟ ପୁଲିସ୍‌କୁ ନିଷ୍କ୍ରିୟ ଓ ନିରବଦ୍ରଷ୍ଟା କରିଥିବା ମମତା ବାନାର୍ଜୀଙ୍କ ସରକାର ମଧ୍ୟ ପୂର୍ଣ୍ଣ ମାତ୍ରାରେ ଦାୟୀ। ଏହାଦ୍ୱାରା ସ୍ଥାନୀୟ ବହୁ ସଂଖ୍ୟକ ମୁସଲମାନମାନଙ୍କର ଉପରୋକ୍ତ ବୀଭତ୍ସ ଅସାମ୍ବିଧାନିକ କାର୍ଯ୍ୟ ସାମ୍ବିଧାନିକ ଅଧିକାରର ରୂପ ପାଇଛି। କାରଣ ସ୍ୱୟଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ଏସବୁ ହିଂସାକାଣ୍ଡ ପଛରେ ବିଜେପି ଓ ଆର୍‌ଏସ୍‌ଏସ୍‌ର ହାତ ରହିଛି। ବିଜେପି ସରକାର ୱାକଫ୍ ବିଲ୍ ପାସ୍ କରି ସାମ୍ପ୍ରଦାୟିକ ବିଦ୍ୱେଷ ବଢ଼ାଇ ଥିବାରୁ ଏସବୁ ଘଟୁଛି। ଏହା ସହ ସେ ପୁଣି ପରୋକ୍ଷରେ କହିଛନ୍ତି ଯେ ଏ ହିଂସାକାଣ୍ଡ ପାଇଁ ସ୍ଥାନୀୟ ପୁଲିସ୍ ବା ତାଙ୍କ ସରକାରର କୌଣସି ଦୋଷ ନାହିଁ। ଏ ପ୍ରସଙ୍ଗରେ ବଡ଼ କଥା ହେଲା- ଏଭଳି ଜଘନ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ ହିଂସାକାଣ୍ଡ ଘଟି ସାରିବା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୀଡ଼ିତମାନଙ୍କୁ ଦେଖିବାକୁ ଗଲେ ନାହିଁ। ଆହୁରି ଦୁଃଖର ବିଷୟ ହେଲା- ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟପାଳ ମହୋଦୟଙ୍କୁ ଅନୁରୋଧ କଲେ ଯେ ସେ (ଅର୍ଥାତ୍ ରାଜ୍ୟପାଳ) ପୀଡ଼ିତମାନଙ୍କୁ ଦେଖିବାକୁ ନ ଯାଆନ୍ତୁ। ଏହାଠାରୁ ବଳି ପରିତାପର ବିଷୟ ଆଉ କ'ଣ ଥାଇପାରେ ? କିନ୍ତୁ ରାଜ୍ୟପାଳ ସିଭି ଆନନ୍ଦବୋଷ୍ ମୁଖ୍ୟମନ୍ତ୍ରୀଙ୍କ ବାରଣ ନ ମାନି ଗତ ଏପ୍ରିଲ୍ ୧୮/୧୯ ତାରିଖ ଦିନ ପ୍ରଭାବିତ ମୁର୍ଶିଦାବାଦ ଅଞ୍ଚଳ ଗସ୍ତ କରିଛନ୍ତି ଏବଂ ନିଜ ଆଖିରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଜର୍ଜରିତ ପୀଡ଼ିତ/ ପୀଡ଼ିତାମାନଙ୍କୁ ରିଲିଫ୍ ଶିବିରରେ ଭେଟିଛନ୍ତି। ଏହା ପରେ ରାଜ୍ୟପାଳ ମହୋଦୟ ଉକ୍ତ ହିଂସାକାଣ୍ଡକୁ 'ଅତ୍ୟନ୍ତ ବର୍ବର ଓ ଭୟାନକ' ବୋଲି ବର୍ଣ୍ଣନା କରିଛନ୍ତି। ଏହା ସହ ରାଜ୍ୟପାଳ ମହୋଦୟ କହିଛନ୍ତି ଯେ ନିରୀହ ଲୋକଙ୍କ ଉପରେ ହୋଇଥିବା ସାମ୍ପ୍ରଦାୟିକ ହିଂସାକାଣ୍ଡ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ 'ଚିନ୍ତାଜନକ' (ଅର୍ଥାତ୍ ସଂପୂର୍ଣ୍ଣ ଅସମ୍ବେଦନଶୀଳ)। ତେଣୁ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ହଜି ଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟପାଳଙ୍କ ଗସ୍ତ ବ୍ୟତୀତ ଜାତୀୟ ମାନବାଧିକାର କମିଶନ ଓ ଜାତୀୟ ମହିଳା କମିଶନଙ୍କ ପ୍ରତିନିଧି ଦଳ ମଧ୍ୟ ମୁର୍ଶିଦାବାଦର ପ୍ରଭାବିତ ଅଞ୍ଚଳ ଗସ୍ତ କରିବା ସହ 'ମାଲଦା'ର ରିଲିଫ୍ ଶିବିରରେ ରହୁଥିବା ପୀଡ଼ିତ/ପୀଡ଼ିତାମାନଙ୍କୁ ଭେଟିଛନ୍ତି। ମୁର୍ଶିଦାବାଦ ସହ ଦକ୍ଷିଣ ଚବିଶ ପ୍ରଗଣା ଅଞ୍ଚଳରେ ବସବାସ କରୁଥିବା ହିନ୍ଦୁମାନଙ୍କ ଉପରେ ଆକ୍ରମଣ ହୋଇଛି। ଅଦ୍ୟାବଧି ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏହି ହିଂସାକାଣ୍ଡରେ ୩ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ପ୍ରାୟ ୫ ଶହ ପରିବାର ରିଲିଫ୍ ଶିବିରରେ ରହୁଛନ୍ତି। ଅର୍ଥାତ୍ ସେମାନେ 'ହିନ୍ଦୁ' ବୋଲି ହିଁ ନିଜ ଦେଶରେ ଆଜି ସେମାନେ ଶରଣାର୍ଥୀ ପାଲଟିଛନ୍ତି। ଏଠାରେ ପୁନଶ୍ଚ ଉଲ୍ଲେଖଯୋଗ୍ୟ ଯେ ଅନେକ ପୀଡ଼ିତ ପରିବାର ରିଲିଫ୍ ଶିବିରରେ ନ ରହି ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟରେ ଥିବା ନିଜ ନିଜର ବନ୍ଧୁ ପରିଜନଙ୍କ ପାଖରେ ଆଶ୍ରୟ ନେଇଛନ୍ତି।

କ୍ଷେତ୍ର ପରିଦର୍ଶନ ପରେ ଜାତୀୟ ମହିଳା କମିଶନର ଅଧ୍ୟକ୍ଷା ବିଜୟା ରହାଟ୍‌କର ଗଣମାଧ୍ୟମରେ ଟିପ୍ପଣୀ ରଖି କହିଛନ୍ତି ଯେ ସାମ୍ପ୍ରଦାୟିକ ହିଂସା ଯୋଗୁଁ ପୀଡ଼ିତ/ ପୀଡ଼ିତାମାନେ ଯେଉଁ ଦୁର୍ଦ୍ଦଶା ଭୋଗିଛନ୍ତି, ତାହା ଅତ୍ୟନ୍ତ ଅମାନବୀୟ। ସେମାନଙ୍କ ଯନ୍ତ୍ରଣା ଦେଖି ଆମେ ବାକ୍‌ଶୂନ୍ୟ।

ଉଲ୍ଲେଖ ଅନାବଶ୍ୟକ ଯେ ରାଜ୍ୟପାଳ ତଥା ଜାତୀୟ କମିଶନ୍‌ମାନଙ୍କ କ୍ଷେତ୍ର ପରିଦର୍ଶନ ଓ ଟିପ୍ପଣୀର କୌଣସି ପ୍ରଭାବ ପଶ୍ଚିମବଙ୍ଗ ରାଜ୍ୟ ସରକାରଙ୍କ ଉପରେ ପଡ଼ିନାହିଁ କିମ୍ବା ହିଂସା ପୀଡ଼ିତ/ ପୀଡ଼ିତାମାନଙ୍କ ଯନ୍ତ୍ରଣାକୁ କୌଣସି ପ୍ରକାରେ ପ୍ରଶମିତ କରିପାରି ନାହିଁ। କେନ୍ଦ୍ର ସରକାର ତାଙ୍କ ରାଜନୈତିକ ବାଧ୍ୟବାଧକତା ଯୋଗୁଁ ପଶ୍ଚିମବଙ୍ଗରେ ସମ୍ବିଧାନର ୩୫୬ ଧାରା ଅନୁଯାୟୀ ରାଷ୍ଟ୍ରପତି ଶାସନ ଜାରି କରି ନାହାନ୍ତି। ଏପରିକି ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏଭଳି ଜଘନ୍ୟ ସାଂପ୍ରଦାୟିକ ହିଂସାକାଣ୍ଡରେ ନିଜଆଡୁ ହସ୍ତକ୍ଷେପ କରି ନାହାନ୍ତି- ଯେଭଳି ମଣିପୁର ଧର୍ଷଣ ମାମଲାରେ କରିଥିଲେ।

ତେଣୁ ବର୍ତ୍ତମାନ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି- ଏଭଳି କ୍ଷେତ୍ରରେ ବହୁ ସଂଖ୍ୟକ ମୁସଲମାନମାନଙ୍କ ମଧ୍ୟରେ ବସବାସ କରି ରହୁଥିବା ଅଳ୍ପ ସଂଖ୍ୟକ ହିନ୍ଦୁମାନେ ନିଜର ଜୀବନ ବଞ୍ଚାଇବା ପାଇଁ କରିବେ କ'ଣ ? ଏଠାରେ ସ୍ମରଣଯୋଗ୍ୟ ଯେ ମୁର୍ଶିଦାବାଦ ଜିଲ୍ଲାରେ ମୁସଲମାନମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ୭୦ ପ୍ରତିଶତ। ତେଣୁ ଏ ଜିଲ୍ଲାର ପ୍ରାୟ ସବୁ ସ୍ଥାନରେ ସଂଖ୍ୟାଲଘୁ ହିନ୍ଦୁମାନେ ସଂଖ୍ୟାଗରିଷ୍ଠ ମୁସଲମାନମାନଙ୍କ ଦ୍ୱାରା ଘେରି ହୋଇ ରହିଛନ୍ତି ଏବଂ ଘଟି ଯାଇଥିବା ସାମ୍ପ୍ରଦାୟିକ ହିଂସା ଭଳି ଦୁର୍ଘଟଣା ପୁନଶ୍ଚ ଅନ୍ୟତ୍ର ଘଟିବାର ସମ୍ଭାବନାକୁ ପ୍ରତ୍ୟକ୍ଷ କରୁଛନ୍ତି। ତେଣୁ ଏଭଳି ହିଂସ୍ର ସାମ୍ପ୍ରଦାୟିକ ଉତ୍ପୀଡ଼ନ ସମାଜକୁ କି ସଙ୍କେତ ଦେଉଛି ?

ଏ ଘଟଣାର ପ୍ରଥମ ସଙ୍କେତ ନୁହେଁ; ପ୍ରଥମ ନିର୍ଦ୍ଦେଶ ହେଉଛି, ପୀଡ଼ିତମାନଙ୍କୁ ଏବେଠାରୁ ଆରମ୍ଭ କରି ସେମାନେ ନିଜ ନିଜ ବାସଗୃହକୁ ଫେରି ପୂର୍ଣ୍ଣ ସୁରକ୍ଷିତ ଅନୁଭବ କରିବା ଯାଏଁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦିଆଯାଉ। ଯେହେତୁ ଏବେ ଅପେକ୍ଷାକୃତ ଭାବେ ଏକ ଛୋଟ ସ୍ଥାନରେ ଏଭଳି ଜିହାଦୀ ଆକ୍ରମଣ ଘଟିଛି, ହିଂସାତ୍ମକ କାଣ୍ଡରେ ସଂପୃକ୍ତ ସମସ୍ତ ବ୍ୟକ୍ତିବିଶେଷ ତଥା ସେମାନଙ୍କୁ ସାହାଯ୍ୟ ଓ ପ୍ରୋତ୍ସାହନ ଯୋଗାଇ ଥିବା ସମସ୍ତ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସଂଖ୍ୟାଲଘୁ ହିନ୍ଦୁମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ପଶ୍ଚିମବଙ୍ଗ ସରକାରଙ୍କ ପୁଲିସ୍‌ର ଉଦାସୀନତା ଓ ଅସହାୟତା ପ୍ରମାଣିତ ହୋଇ ସାରିଥିବାରୁ କେନ୍ଦ୍ରୀୟ ସୁରକ୍ଷା ବାହିନୀର ଏକାଧିକ ସୁରକ୍ଷା ପଏଣ୍ଟ ଏହି ଅଞ୍ଚଳରେ ପ୍ରତିଷ୍ଠା କରାଯାଉ।

ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ହେଲା- ଏଭଳି ସ୍ଥିତିରେ ମଧ୍ୟ କେନ୍ଦ୍ର ସରକାର ରାଜନୈତିକ କାରଣରୁ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ଡରୁ ଥିବାରୁ ତୁରନ୍ତ ଏକ କଡ଼ା ଦଙ୍ଗା ବିରୋଧୀ ଆଇନ୍ ତଥା ଧାରା ୩୫୬ ଜାରି କରିବାର ନିୟମାବଳୀ କେନ୍ଦ୍ରୀୟ ସ୍ତରରେ ପ୍ରଣୟନ କରାଯାଉ।

ତୃତୀୟ ଏବଂ ସମ ପର୍ଯ୍ୟାୟର ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଏହି ଘଟଣାଟି ସାମୟିକ ବା କାଁ ଭାଁ ଘଟଣା ନୁହେଁ। ମୁସଲମାନ ବହୁଳ ଅଞ୍ଚଳ ଯଥା ମାଲଦା ବା ମୁର୍ଶିଦାବାଦରେ ହିନ୍ଦୁମାନେ ଅନୁଭବ କରୁଛନ୍ତି ସତେ ଯେପରି ସେମାନେ ଭାରତରେ ନୁହେଁ, ପାକିସ୍ତାନରେ ବା ବାଂଲାଦେଶରେ ବାସ କରୁଛନ୍ତି। ଏପରିକି ଯୋଗୀ ଆଦିତ୍ୟନାଥଙ୍କ ଦ୍ୱାରା ଶାସିତ ଉତ୍ତରପ୍ରଦେଶରେ ସ୍ଥିତି ଟିକିଏ ଉନ୍ନତ ହେଲେ ମଧ୍ୟ ସଂପୂର୍ଣ୍ଣ ଭିନ୍ନ ନୁହେଁ। ତେଣୁ କେନ୍ଦ୍ର ସରକାର ତୁରନ୍ତ ଦେଶର ସମସ୍ତ ମୁସଲମାନ ବହୁଳ ଅଞ୍ଚଳରେ ଭିନ୍ନ ସମ୍ପ୍ରଦାୟମାନଙ୍କ ବାସ୍ତବ ସ୍ଥିତି ଅନୁଧ୍ୟାନ କରି ୩ ମାସ ମଧ୍ୟରେ ରିପୋର୍ଟ ଦେବାକୁ ଏକ କିମଶନ୍ ନିଯୁକ୍ତ କରନ୍ତୁ। ଏହି କମିଶନ୍‌ଙ୍କ ରିପୋର୍ଟ ପାଇଲା ପରେ ପରବର୍ତ୍ତୀ ୩ ମାସ ମଧ୍ୟରେ ଏକ ଉପଯୁକ୍ତ ଆଇନ୍ ପ୍ରଣୟନ କରନ୍ତୁ। ପାର୍ଲାମେଣ୍ଟ ବସି ନଥିଲେ ଏଥିପାଇଁ ଅର୍ଡ଼ିନାନ୍‌ସ ଜାରି କରାଯାଉ କିମ୍ବା ଏଥିପାଇଁ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯାଉ।

ଗତ ଏପ୍ରିଲ୍ ୨୨ ତାରିଖରେ କାଶ୍ମୀରର ପହଲଗାମ୍ ପରେ ଜିହାଦୀ ଆତଙ୍କବାଦୀମାନେ ଯେଭଳି ଢଙ୍ଗରେ ହିନ୍ଦୁ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧର୍ମ ପଚାରି, କଲମା ପଢ଼ିବାକୁ କହି ଏବଂ ପ୍ୟାଣ୍ଟ, ଅନ୍ତଃବସ୍ତ୍ର ଉତାରି ସେମାନଙ୍କୁ ହିନ୍ଦୁ ବୋଲି ଚିହ୍ନଟ କରିବା ପରେ ହତ୍ୟା କଲେ, ଠିକ୍ ସେହି ଢଙ୍ଗରେ ମୁର୍ଶିଦାବାଦରେ ପ୍ରଥମେ ହିନ୍ଦୁମାନଙ୍କ ବାସଗୃହକୁ ଚିହ୍ନଟ କରାଯାଇ ଘରର ଦରଜା ନିକଟରେ କଳା ରଙ୍ଗ ଲଗା ଯାଇଥିଲା। ପରବର୍ତ୍ତୀ ଦିନେ, ଦୁଇ ଦିନ ମଧ୍ୟରେ ସେମାନଙ୍କ ଘର ଉପରେ ଆକ୍ରମଣ କରାଯାଇ ହତ୍ୟା, ଧର୍ଷଣ, ଲୁଣ୍ଠନ ଆଦି କୁକାର୍ଯ୍ୟ କରାଗଲା। ତେଣୁ ମୁର୍ଶିଦାବାଦ ହିନ୍ଦୁ ସଂହାର ଘଟଣାକୁ ମଧ୍ୟ କେନ୍ଦ୍ର ସରକାର ସମାନ ଗୁରୁତ୍ୱ ଦେଇ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

ଏ ସଂପର୍କୀୟ ସର୍ବଶେଷ ଓ ସର୍ବଶ୍ରେଷ୍ଠ ସଙ୍କେତଟି ହେଲା, ଦେଶର ବୁଦ୍ଧିଜୀବୀମାନଙ୍କୁ ବାର୍ତ୍ତା। ଦେଶର ସଚେତନ ବୁଦ୍ଧିଜୀବୀ ଓ ଜନସାଧାରଣ ଏଭଳି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଘଟଣାକୁ ହାଲ୍‌କା ଭାବେ ନ ନିଅନ୍ତୁ। ନିଜର ପାରମ୍ପରିକ ଦୃଷ୍ଟିଭଙ୍ଗୀ ତ୍ୟାଗ କରି ଏମାନେ ଅଧିକ ଦୂରଦୃଷ୍ଟିସଂପନ୍ନ, ବାସ୍ତବବାଦୀ ତଥା ସହାନୁଭୂତିସଂପନ୍ନ ହୁଅନ୍ତୁ। ଏହା ହିଁ ଦେଶକୁ ରକ୍ଷା କରିବ।

**ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ**
**ମୋ: ୯୪୩୭୦୧୪୨୪୪**

# ହସନ୍ତୁ, ସୁସ୍ଥ ରୁହନ୍ତୁ

ହସ ଗୋଟିଏ ଔଷଧ। ଏହାକୁ ମୁହଁରେ ଫୁଟାଇବାକୁ ପଇସା ପଡ଼େନାହିଁ। ମାତ୍ର ହସି ହସାଇ ପାରିଲେ ରାଗ, ଅଭିମାନ, ଅସନ୍ତୋଷ ଓ ଦୁଶ୍ଚିନ୍ତା ଭଳି ବଡ଼ ବଡ଼ ରୋଗକୁ ସହଜରେ ଦୂର କରି ଦିଆଯାଇ ପାରେ। ଏହା ସ୍ୱାସ୍ଥ୍ୟରକ୍ଷା ବିଶେଷଜ୍ଞମାନେ ମଧ୍ୟ ସ୍ୱୀକାର କରନ୍ତି। ଅପରନ୍ତୁ, ଆଜିକାଲିର ସମାଜରେ ଅସହିଷ୍ଣୁତା, ସ୍ୱାର୍ଥପରତା, ପରଶ୍ରୀକାତରତା ଓ ଅଶାନ୍ତି ଭିତରେ ଜଣେ ଜଣକୁ ହସାଇ ପାରିବା ଏକ ମହତ କାର୍ଯ୍ୟ ବୋଲିବାକୁ ହେବ। କିନ୍ତୁ ଏହା କଷ୍ଟକର ନୁହେଁ। ତଥାପି ଆଜିକାଲି କାହାରି ମୁହଁରେ ଈଶ୍ୱରଦତ୍ତ ଏହି ଅମୂଲ୍ୟ ସଂପଦ 'ହସ ଟିକିଏ' ଦେଖିବାକୁ



ପ୍ରସନ୍ନ କୁମାର ମିଶ୍ର

ମିଳୁନାହିଁ। ଶହ ଶହ ଏକର ଜମିର ଅଧିକାରୀ ହେବା ସହିତ ଦାମିକା ମୋଟର ଗାଡ଼ି, ସୁରମ୍ୟ ପ୍ରାସାଦ, ବ୍ୟାଙ୍କ ବାଲାନ୍ସ, ପିଲାମାନଙ୍କର ବିଦେଶରେ ଚାକିରି ଓ ମାସକୁ ଚାରି/ ପାଞ୍ଚ ଲକ୍ଷ ଟଙ୍କା ରୋଜଗାର ଭଳି ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ଭିତରେ ରହୁଥିଲେ ହେଁ କାହାରି ମୁହଁରେ ଟିକିଏ ହସ ନାହିଁ କାହିଁକି ?

ବିସ୍ତାରିତ ହସ ଦ୍ୱାରା ଆମ ଶରୀରର ସମସ୍ତ ତନ୍ତ୍ର ଓ କ୍ରିୟାର ଶୋଧନ ହୋଇ ରକ୍ତ ସଂଚାଳନ ବଢ଼ିଯାଏ, ସ୍ନାୟୁତନ୍ତ୍ର ସୁଦୃଢ଼ ହୁଏ, ଯଦ୍ୱାରା ଅନେକ ରୋଗ ମନକୁ ମନ

## ବିଶ୍ୱ ହସ ଦିବସ ଉପଲକ୍ଷେ

ଭଲ ହୋଇ ଯାଇଥାଏ। ଦୈନିକ ୧୫ରୁ ୨୦ ମିନିଟ ଦୃଢ଼ ଏବଂ ଦୀର୍ଘ ନିଃଶ୍ୱାସ ସହିତ ମନଖୋଲା ହସି ପାରିଲେ ହୃଦ୍‌ରୋଗ, ଥଣ୍ଡା, କାଶ, ଶ୍ୱାସ, ପେପ୍‌ଟିକ୍ ଅଲସର୍, ଅନିଦ୍ରାଜନିତ ରୋଗ, ଆଲର୍ଜି, ଉଦାସୀନତା ଓ ସ୍ନାୟୁ ରୋଗରୁ ଉପଶମ ମିଳିଥାଏ। ମଜାର କଥା ହେଉଛି, ହସିବା ପାଇଁ କିଛି ଚତୁରତା କିମ୍ବା ଉପକରଣ ଆବଶ୍ୟକ ହୋଇ ନଥାଏ। କେବଳ ଖୋଲା ମନଟିଏ ଦରକାର। ସକାଳୁ ଉଠି ସେହି ଖୋଲା ମନରେ ନିଜର ଚତୁଃପାର୍ଶ୍ୱକୁ ଚାହିଁ ଦେଖନ୍ତୁ, ଈଶ୍ୱରଙ୍କ ସୃଷ୍ଟିକୁ ଅନୁଭବ କରନ୍ତୁ। ଝରକା ଆର ପାଖରେ ଥିବା ଫୁଲ ଗଛରେ ଉଡୁଥିବା ଟିକି ଟିକି ପ୍ରଜାପତି, ଟେଁ ଟେଁ ରାବ କରି ଏ ପତ୍ରରୁ ସେ ପତ୍ର ଡେଇଁ ବୁଲୁଥିବା କିଚିରି ମିଚିରି କରୁଥିବା ଚଢ଼େଇ, ସଜନାଗଛ ଡାଳରେ ଡେଇଁ ବୁଲୁଥିବା ଗୁଣ୍ଡୁଚି ମୂଷାର ଚେଁ ଚେଁ ଶବ୍ଦ ସହିତ ପୋହଳା ଏଣ୍ଡୁଅର ମୁଣ୍ଡ ଟୁଙ୍ଗୁରା ଦେଖି ଆପଣଙ୍କୁ ନିଶ୍ଚୟ ଖୁସି ଲାଗିବ। ଖୋଜିଲେ ଏମିତି କୁଢ଼ କୁଢ଼ ଈଶ୍ୱରଦତ୍ତ ହସ ଓ ଆନନ୍ଦର 'ମାଗଣା ଉପହାର' ପାଇଯିବେ, ଯେହେତୁ 'ସେ' କେବଳ ଆମର ଖୁସି ଓ ଆନନ୍ଦ ପାଇଁ ଏଭଳି ଅଜସ୍ର ଉପାଦାନ ଅଜାଡ଼ି ଦେଇଛନ୍ତି। ସେଥିପାଇଁ ହସ କ୍ଲବ୍ ଯିବାର ଆବଶ୍ୟକତା ନାହିଁ।

ଏହା ଛଡ଼ା ହସ ଲୋକମାନଙ୍କୁ ନିକଟତର କରିବା ସହିତ ନିଜ ନିଜ ଭିତର ସଂପର୍କକୁ ମଜଭୁତ କରିଥାଏ। ସେଥିପାଇଁ ବିଭିନ୍ନ ଟିଭି କାର୍ଯ୍ୟକ୍ରମରେ ହସର ଟ୍ରାକ୍ ବ୍ୟବହାର କରାଯାଇ ଥାଏ, ଯାହାକି ଦର୍ଶକମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ବାନ୍ଧି ରଖିବାର ଏକ କୌଶଳ। ହସ ସଂକ୍ରମଣକାରୀ। ତେଣୁ ଏକୁଟିଆ ନିରବ ରହିବା ଅପେକ୍ଷା ଲୋକଙ୍କ ମେଳରେ ରହିଲେ ହସିବାର ସମ୍ଭାବନା ଅଧିକ ରହିଥାଏ। ବନ୍ଧୁ, ପରିଜନ ଓ ସାଙ୍ଗମାନଙ୍କ ସହିତ ହସଖୁସିରେ ସମୟ ବିତାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଏହାର ଉପକାରୀ ପ୍ରଭାବ ପଡ଼ିଥାଏ। ସାଙ୍ଗମାନଙ୍କ ସହିତ ହସଖୁସିରେ କଥା ହେଉଥିବା ବେଳେ ସେମାନଙ୍କୁ ଆଡ଼େଇ ଦେଇ ଆପଣ ଫୋନ୍‌ରେ କଥା ହେଲେ ବୋଲିବାକୁ ହେବ ଯେ 'ଈଶ୍ୱରଦତ୍ତ ଏହି ଅମୂଲ୍ୟ ଏବଂ ସ୍ୱାସ୍ଥ୍ୟକର ବର ଦାନରୁ ଜାଣିଶୁଣି ଆପଣ ନିଜକୁ ବଞ୍ଚିତ କରୁଛନ୍ତି।' ଅନ୍ୟମାନଙ୍କ ସହିତ ମିଶି କଥାବାର୍ତ୍ତାରେ ଜଡ଼ିତ ରହିଲେ ଆପଣଙ୍କ ଅଜାଣତରେ ଶରୀରର ସ୍ନାୟୁ ପ୍ରଣାଳୀ (ନର୍ଭସ ସିଷ୍ଟମ) ସନ୍ତୁଳିତ ହୋଇଯାଏ। ମସ୍ତିଷ୍କ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ବିଚଳିତ ଓ ଅସ୍ଥିର ମନ ସଂପୂର୍ଣ୍ଣ ଭାବେ ଚାପରୁ ବାହାରି ଆସି ପ୍ରଫୁଲ୍ଲିତ ରହେ। ହସ ବାଣ୍ଟିବା ଦ୍ୱାରା ନିଜ ମନରେ ଥିବା ଅସନ୍ତୋଷ, ଭେଦଭାବ ଓ ଯନ୍ତ୍ରଣାର ଅନୁଭବ ଦୂରେଇ ଯିବା ସହିତ ଅନ୍ୟମାନଙ୍କ ବିଷୟରେ ଖରାପ ଚିନ୍ତା, ଅସନ୍ତୋଷ, ସନ୍ଦେହ ଓ କ୍ରୋଧ ଭୁଲି ଯିବାରେ ସାହାଯ୍ୟ କରେ। ଫଳରେ ମନରେ ଶାନ୍ତି ଫେରିଆସେ। ହସ ଆପଣଙ୍କୁ ଟେନ୍‌ସନ୍ ମୁକ୍ତ କରେ, ସନ୍ତୁଳିତ ଶ୍ୱାସକ୍ରିୟାରେ ସାହାଯ୍ୟ କରିଥାଏ, ଶରୀରରେ ହିତକାରୀ ଟି-ସେଲ୍ ବୃଦ୍ଧି କରେ ଏବଂ ମନ ଆନନ୍ଦ ରହେ।

ନିଜେ ହସି ଅନ୍ୟକୁ ହସାଇବା ଏକ ଆଶୀର୍ବାଦ ଏବଂ ଈଶ୍ୱରଦତ୍ତ 'ଅମୂଲ୍ୟ ଓ ମାଗଣା ଉପହାର।' ଏଥିପାଇଁ ଅଧିକ କିଛି କରିବାର ଆବଶ୍ୟକତା ନାହିଁ। ମନ ଖୋଲି ହସିବା ପାଇଁ ନିଜ ଭିତରେ ଥିବା ଅନାବନା ଚିଙ୍ଗୁଡ଼ିଆ ଦଳଗୁଡ଼ାକୁ ଫିଙ୍ଗିଦେଇ ସେହି ଖାଲି ଥିବା କୋଣରେ ହସର ପସରା ଭରି ଦିଅନ୍ତୁ ତ ! ଦେଖିବେ, ଆପଣଙ୍କ ଜୀବନ କିଭଳି ଆନନ୍ଦମୟ ହୋଇଯିବ। ପ୍ରଫୁଲ୍ଲିତ ରୁହନ୍ତୁ, ମନ ଖୋଲି ହସନ୍ତୁ ଏବଂ ଦୀର୍ଘ ଜୀବନ ଲାଭ କରନ୍ତୁ।

**ପୁରୀ-୨, ମୋ: ୮୦୧୮୮୭୫୩୩୫**

# ଗୁଞ୍ଜରଣ, ବିସ୍ଫୋରଣ, ବିଭାଜନ ଓ ପତନ

ଆଜକୁ ପ୍ରାୟ ପଚାଶ ବର୍ଷ ପୂର୍ବେ ହାଇସ୍କୁଲରେ ପଢ଼ିଲା ବେଳେ ସୁଦର୍ଶନ ପଣ୍ଡିତେ ପରୀକ୍ଷା ପୂର୍ବରୁ ୧୦ମ ଶ୍ରେଣୀ ପିଲାମାନଙ୍କୁ କେତୋଟି ଶବ୍ଦ ବ୍ୟବହାର କରି ୧୦ଟି ବାକ୍ୟରେ କ୍ଷୁଦ୍ର ପ୍ରବନ୍ଧଟିଏ ଲେଖିବାକୁ କହିଲେ। ସଂସ୍କୃତ ଓ ସାହିତ୍ୟ ଶିକ୍ଷକ ଭାବରେ ସୁଦର୍ଶନ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ଗହଣରେ ବେଶ୍ ଆଦରଣୀୟ ଥିଲେ। କାରଣ, ସାଂପ୍ରତିକ ଘଟଣାବଳୀ ପ୍ରତି ସଚେତନ ହୋଇ ସୀମିତ ଶବ୍ଦ ଉପଯୋଗ କରି ପିଲାଏ କିପରି ସୃଜନଶୀଳ ହୋଇ ପାରିବେ, ସେଥି ପ୍ରତି ସଦା ଗୁରୁତ୍ୱ ଦେଉଥିଲେ ସେ।



ଅବନୀ ଚନ୍ଦ୍ର ଦାସ


ଭାରତ, ପାକିସ୍ତାନ, ବାଂଲାଦେଶ ମଧ୍ୟରେ ବୁଝାମଣା, ବିବାଦ ଓ ଯୁଦ୍ଧ ସମୟରେ କିଛି ଘଟଣାକ୍ରମର ଅବତାରଣା କରିବା ପ୍ରାୟ ପ୍ରବନ୍ଧ ରଚନାର ଉଦ୍ଦେଶ୍ୟ ଥିଲା। ସେଥିପାଇଁ ନିର୍ଦ୍ଦିଷ୍ଟ କେତୋଟି ଶବ୍ଦ ବ୍ୟବହାର କରିବାକୁ କୁହା ଯାଇଥିଲା। ସେଥି ମଧ୍ୟରୁ ଆଜି ମନେ ପଡୁଥିବା ଶବ୍ଦଗୁଡ଼ିକ ହେଲା- 'ଗୁଞ୍ଜରଣ, ବିସ୍ଫୋରଣ, ବିଭାଜନ ଓ ପତନ।' ଏଥି ସମ୍ପର୍କିତ ଆଭାସୀ ସୂଚନା ମଧ୍ୟ ଦିଆ ଯାଇଥିଲା। କିନ୍ତୁ, ସେଦିନ ଶ୍ରେଣୀ କକ୍ଷରେ ଅନୁପସ୍ଥିତ ଥିବା ଛାତ୍ର ଜଣକ ଥିଲି ମୁଁ। ଇଚ୍ଛାକୃତ ଭାବେ ଯଦିଓ ନୁହେଁ, ଅନୁପସ୍ଥିତ ଥିବାରୁ ସେଦିନ ପ୍ରବନ୍ଧ ଲେଖିବାର ପ୍ରସଙ୍ଗ ଭିତ୍ତିକ ପ୍ରାରମ୍ଭିକ ସୂଚନା ପାଇବାରୁ ବଞ୍ଚିତ ହୋଇଥିଲି। କେବଳ ମାତ୍ର ପ୍ରଦତ୍ତ ଶବ୍ଦଗୁଡ଼ିକ ଉପଯୁକ୍ତ ଉପଯୋଗ କରି ସେଦିନ ୧୦ଟି ବାକ୍ୟରେ ପାରିପାର୍ଶ୍ୱିକ କେଉଁ ଏକ ସାମୟିକ ନିର୍ଦ୍ଦିଷ୍ଟ ଘଟଣା ଉପରେ ଆଧାରିତ ନଥାଇ ମୋ ବର୍ଣ୍ଣନା ଥିଲା ଏହିପରି- ୧) ଆମ ଶ୍ରେଣୀରେ ଥିବା ୨୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ କିଛି କାନକୁହା ଗୋପନୀୟ କଥା ଗୁଞ୍ଜରଣ ସୃଷ୍ଟି କଲା। ୨) ବିଭିନ୍ନ ବର୍ଗର ପିଲାଙ୍କ ମଧ୍ୟରେ କ୍ରମେ ତାହା ସ୍ପଷ୍ଟ ଭାବେ ଆଲୋଚନା ହେବାକୁ ଲାଗିଲା। ୩) ସେକଥାକୁ ନେଇ ପରସ୍ପର ମଧ୍ୟରେ ସମର୍ଥନ- ବିରୋଧ, ଆରୋପ- ପ୍ରତ୍ୟାରୋପ ଏକ ବିବାଦର ରୂପ ନେଲା, ଯାହାକି ଏକତା ଭଙ୍ଗ କରିବାର ଏକମାତ୍ର କାରଣ ସାଜିଲା। ୪) କେହି ନିଜର ପାରିବାପଣିଆ (ସାମର୍ଥ୍ୟ) ପ୍ରଦର୍ଶନ କରିବାକୁ ଯାଇ ସର୍ବସମ୍ମୁଖରେ ତାହା ଉପସ୍ଥାପନ କରିବାକୁ ଉଚିତ୍ ମଣିଲେ। ୫) ଗୋପନୀୟତାକୁ ବହୁଚର୍ଚ୍ଚିତ କରି ଯେଉଁ ପରିସ୍ଥିତି ସୃଷ୍ଟି କରାଗଲା, ତାହା ବାରୁଦ ଗୁଳାରେ ଅଗ୍ନି ସଂଯୋଗ ପରି ପ୍ରତୀତ ହେଲା। ୬) ଆଲୋଚନାର ପ୍ରସଙ୍ଗଟି ବିବାଦୀୟ ହୋଇ ପଡ଼ିଲା ଆପଣାଛାଏଁ ଏବଂ କଥା କଟାକଟି ଯୋଗୁଁ ଅନ୍ତର୍ଦ୍ୱନ୍ଦ୍ୱ ଏମିତି ହେଲା କି, ଏକ ବିରାଟ ବିସ୍ଫୋରଣକୁ ଏଡ଼ାଇ ହେଲା ନାହିଁ। ୭) ଶେଷରେ ସବୁରି ମନର ଆଶା ଆଶଙ୍କାରେ ପରିଣତ ହେଲା ଓ ସମ୍ମିଳିତ ସହଯୋଗ, ସହମତି ଉଭେଇ ଯାଇ ବିଭାଜନରେ ପରିଣତ ହୋଇଗଲା। ୮) ଅବାଞ୍ଛିତ ମତ ଓ ମନ୍ତବ୍ୟକୁ ନେଇ ତର୍କ ବିତର୍କର ଚର୍ଚ୍ଚା ସର୍ବସାଧାରଣରେ ଉପହସିତ ହେଲା, ଆଉ ମଧ୍ୟ ସେମିତି ହେବା ବି ସ୍ୱାଭାବିକ। ୯) ବିବେକହୀନ ଆପଣା ସ୍ୱାର୍ଥୀ ଛାତ୍ରଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ପିଲାଙ୍କୁ ମଧ୍ୟ ଅନେକ ଲାଞ୍ଛନା ଓ କଟୁ ସମାଲୋଚନାର ଶିକାର ହେବାକୁ ପଡ଼ିଲା। ୧୦) ବିଶୃଙ୍ଖଳା ବୃଦ୍ଧି ପାଇ ବୌଦ୍ଧିକ ବିକାଶ ପରିବର୍ତ୍ତେ ପରିଣାମ ସ୍ୱରୂପ ସାମୂହିକ ପତନ ଅବଶ୍ୟମ୍ଭାବୀ ମନେ ହେଲା।

ସେ ସମୟରେ ସଭିଙ୍କ ମନକୁ ଛୁଇଁଲା ଭଳି ଏହି କ୍ଷୁଦ୍ର ରଚନାଟି ଚହଳ ସୃଷ୍ଟି କରିଥିଲା ଏବଂ ସେଥିପାଇଁ ଶିକ୍ଷକ ଏହାର ମୂଲ୍ୟାଙ୍କନ କଲା ବେଳେ ପୂର୍ଣ୍ଣାଙ୍କ ୧୦ରୁ ୯ ନମ୍ବର ଦେଇଥିଲେ ବୋଲି ସ୍ମରଣ ହେଉଛି। କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ଉପଜୀବ୍ୟ କରି ଏହି ଆଲେଖ୍ୟ ପ୍ରସ୍ତୁତ କରାଯାଇ ଥିଲେ ହେଁ ଏହାକୁ ଏକ ସର୍ବଜନହିତାୟ ମାର୍ଗଦର୍ଶନ ବୋଲି ଆଖ୍ୟାୟିତ କରିଥିଲେ ଶିକ୍ଷକ ମହାଶୟ।

ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ପୂର୍ବେ କରାଯାଇଥିବା ଅନୁଶୀଳନ ଏବେ ସାଂପ୍ରତିକ ସମୟର କୌଣସି ଘଟଣା ସହିତ ସାମଞ୍ଜସ୍ୟ ରଖୁଥିବା ବିଧିର ବିଚିତ୍ର ବିଧାନ କି ବିଡ଼ମ୍ବନା, ତାହା କହିବା ସହଜ ନୁହେଁ। ତଥାପି ଏହାର ପ୍ରାସଙ୍ଗିକତା ଏବେ ବି ଉପଲବ୍ଧି କରିହେବ। ସରକାରୀ କଳରେ ହେଉ କି ପ୍ରଶାସନିକ କ୍ଷେତ୍ରରେ, ରାଜନୈତିକ ଦଳରେ ହେଉ କି ଆନୁଷ୍ଠାନିକ ବ୍ୟାପାରରେ ଅବା ଘରୋଇ କାର୍ଯ୍ୟବିଧିରେ ଯାହା ପ୍ରାସଙ୍ଗିକ, ତାହାର ନିର୍ଣ୍ଣୟ ସଂପୃକ୍ତ ମୁଖିଆ ଓ ତାଙ୍କ ସହଯୋଗୀମାନଙ୍କ ଉପରେ ନିର୍ଭର କରେ। ସବୁ କଥା ସର୍ବଦା ସର୍ବସମ୍ମୁଖରେ ଆଲୋଚନାର ପ୍ରସଙ୍ଗ ହୋଇ ନପାରେ। କୌଣସି ପ୍ରସ୍ତାବିତ ପ୍ରସଙ୍ଗ ସାର୍ବଜନୀନ ହେବ ସେତେବେଳେ, ଯେବେ ତାହା ପୂର୍ଣ୍ଣାଙ୍ଗ ରୂପ ନେଇ ଗୃହୀତ ହେବ। ଏହି ପରିପ୍ରେକ୍ଷୀରେ ମୁଖିଆଙ୍କ ଆଦେଶ ଅନୁପାଳନ କରିବା (ପାରିବାରିକ, ଆନୁଷ୍ଠାନିକ ଏବଂ ଦଳୀୟ) ସଭିଙ୍କ ପାଇଁ ଶୃଙ୍ଖଳାର ଏକ ଆଦର୍ଶ ଆଚରଣ ବିଧି ବୋଲି ସ୍ୱୀକାର କରିବା ଜରୁରୀ। ବେଳେବେଳେ ଘରକଥା ଗୋପନ ଗୁଞ୍ଜରଣରୁ ଆରମ୍ଭ ହୋଇଥାଏ ଏବଂ ଜଣେ ଜଣେ ବାହାପିଆଙ୍କ କାରଣରୁ ଏହା ବିସ୍ଫୋରକ ମୋଡ଼ ନିଏ। ବିସ୍ଫୋରଣରୁ ବିବାଦୀୟ ବୟାନ ଆଉ ତା' ପରେ ଏକତା ଭଙ୍ଗ ହୋଇ ବିଭାଜନ ଏବଂ ପରିଶେଷରେ ପତନ ପ୍ରକ୍ରିୟା ନିଶ୍ଚିତ ହୋଇପଡ଼େ। ସେ ଘର ହେଉ କି ପରିବାର, ସାମାଜିକ ଅନୁଷ୍ଠାନ ହେଉ ଅବା ରାଜନୈତିକ ଦଳ; ଅଭିଜ୍ଞତା ଆଧାରରେ ଏଥି ପ୍ରତି ସଜାଗ, ସଚେତନ ଓ ସତର୍କ ରହିବା ସର୍ବାଦୌ ବାଞ୍ଛନୀୟ।

**ପ୍ରଶାନ୍ତି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୫୩୭୯୭୪**

# ପରିବେଶ ସୁରକ୍ଷା



ଲୋପାମୁଦ୍ରା ମହାପାତ୍ର

ପ୍ରକୃତି ଏବଂ ପରିବେଶ ମାନବ ଜୀବନର ଅବିଭାଜ୍ୟ ଅଂଶ। ପାହାଡ଼, ଗଛ-ବନାନୀ, ନଦୀ, ଝରଣା, ପଶୁପକ୍ଷୀ, କୀଟ ପତଙ୍ଗ ଓ ଶୁଦ୍ଧ ବାୟୁ- ଏମାନେ ସବୁ ପରିବେଶର ଅଂଶ। ପରିବେଶ ସ୍ୱଚ୍ଛ ଓ ସନ୍ତୁଳିତ ରହିଲେ ମାନବ ସମାଜ ଓ ଅନ୍ୟାନ୍ୟ ଜୀବଜନ୍ତୁମାନେ ନିରାପଦ ଓ ସୁସ୍ଥ ଜୀବନଯାପନ କରି ପାରନ୍ତି।

ପରିବେଶ ପ୍ରଦୂଷଣର କାରଣ: ଏହି ଆଧୁନିକ ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଭୂତପୂର୍ବ ବିକାଶ ହେଉଥିବା ବେଳେ ଆମେ ପରିବେଶର ବେଶ୍ କ୍ଷତି କରୁଛୁ। ଜଙ୍ଗଲ ଧ୍ୱଂସ, ଅତିରିକ୍ତ ଶିଳ୍ପକରଣ, ଗାଡ଼ି ମୋଟରର ଧୂଆଁ, ଚାଷ ଜମିରେ ରାସାୟନିକ ସାରର ବ୍ୟବହାର, ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ବିଘଟନବିହୀନ ଦ୍ରବ୍ୟମାନଙ୍କର ବୃଦ୍ଧି ପରିବେଶକୁ ଦୂଷିତ କରିଛି। ଏହି ଦୂଷିତ ପଦାର୍ଥ ଜଳ, ବାୟୁ, ମାଟି ଓ ଶବ୍ଦ ସମେତ ସବୁ ଜିନିଷ ଉପରେ ପ୍ରଭାବ ପକାଉଛି।

ପରିଣାମ: ପରିବେଶ ପ୍ରଦୂଷଣ ଫଳରେ ଗ୍ଲୋବାଲ ୱାର୍ମିଂ, ଓଜୋନ ଷ୍ଟ୍ରାଟାର ଛିଦ୍ର, ଅସମୟରେ ବର୍ଷା, ଶାରୀରିକ ରୋଗ ବୃଦ୍ଧି, ବନ୍ୟା ଓ ବାତ୍ୟା ଓ ଉତ୍ତାପ ବୃଦ୍ଧି ଭଳି ବିପଦ ବୃଦ୍ଧି ପାଉଛି। ବିଶେଷକରି ପାଣିର ଅଭାବ ଓ ଜଳବାୟୁ ପରିବର୍ତ୍ତନ ଆମ ଦୈନନ୍ଦିନ ଜୀବନକୁ ଯଥେଷ୍ଟ ପ୍ରଭାବିତ କରୁଛି।

ପରିବେଶ ସୁରକ୍ଷା ପାଇଁ ଆନୁଷ୍ଠାନିକ ପଦକ୍ଷେପ: ପରିବେଶର ସୁରକ୍ଷା ପାଇଁ ସମସ୍ତଙ୍କର ସଚେତନତା ଅତ୍ୟାବଶ୍ୟକ। ଯେପରି କି- ୧) ବୃକ୍ଷ ରୋପଣ ଅଭିଯାନ: ଗଛଟିଏ ଲଗାଇବାର ଅର୍ଥ ଅନେକ ପ୍ରାଣ ବଞ୍ଚାଇବା। ପ୍ରତ୍ୟେକ ବ୍ୟକ୍ତି ନିହାତି କମ୍‌ରେ ଗୋଟିଏ ଗଛ ଲଗାଇବାକୁ ନିଶ୍ଚିତ କରନ୍ତୁ। ୨) ପୁନଃବ୍ୟବହାର ଓ ପୁନଃଚକ୍ରଣ: ସ୍ଥାନୀୟ ହସ୍ତଶିଳ୍ପ, ପୁନଃଚକ୍ରୀକରଣଯୋଗ୍ୟ ଓ ଜୈବିକ ଉପାଦାନମାନ ବ୍ୟବହାର କରିବା ଉଚିତ। ୩) ସ୍ୱଚ୍ଛ ଶକ୍ତିର ବ୍ୟବହାର: ସୂର୍ଯ୍ୟ ଶକ୍ତି, ପବନ ଶକ୍ତି ଓ ଜଳ ଶକ୍ତି ଭଳି ପ୍ରକୃତି ଓ ପରିବେଶ ଅନୁକୂଳ ବିକଳ୍ପ ଶକ୍ତିମାନଙ୍କର ବ୍ୟବହାର କରିବା ଦରକାର। ୪) ପ୍ରତିଷ୍ଠାନମୂଳକ ଅଭିଯାନ: ବିଦ୍ୟାଳୟ, କଲେଜ, କାର୍ଯ୍ୟାଳୟ ଓ ସାମୁଦାୟିକ କେନ୍ଦ୍ରମାନଙ୍କରେ ପରିବେଶ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ବଢ଼ାଇବା ଦରକାର। ୫) ପ୍ରଶାସନିକ ନିୟନ୍ତ୍ରଣ: ସରକାରଙ୍କ ଦ୍ୱାରା ପରିବେଶ ସୁରକ୍ଷା ନୀତିଗୁଡ଼ିକୁ କଡ଼ାକଡ଼ି ପାଳନ କରାଯିବା, ଦୂଷଣକାରୀ ପ୍ରତିଷ୍ଠାନମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବା ସହିତ ସ୍ୱଚ୍ଛ ସହର ଯୋଜନା ପାଇଁ ସହଯୋଗ କରାଯିବା ଏ କ୍ଷେତ୍ରରେ ବିଶେଷ ସହାୟକ ହେବ। ପରିବେଶ ସୁରକ୍ଷା- ଆମ ଦାୟିତ୍ୱ ଓ ଭବିଷ୍ୟତର ଆଧାର। ପୃଥିବୀର ଏହି ସୁନ୍ଦର ପରିବେଶ ପ୍ରକୃତିର ଅମୂଲ୍ୟ ଉପହାର। ଗଛ, ପାହାଡ଼, ନଦୀ, ସମୁଦ୍ର, ପ୍ରାଣୀ, ପକ୍ଷୀ ଓ ମାନବ ସମାଜ ମଧ୍ୟରେ ଥିବା ସମନ୍ୱୟ ଏକ ସୁସ୍ଥ ପରିବେଶ ଗଠନ କରେ। ଏହି ସନ୍ତୁଳିତ ପରିବେଶରେ ଯଦି ସାମାନ୍ୟତମ ଅସନ୍ତୁଳନ ଆସେ, ତେବେ ତାହା ଏକ ବିନାଶକାରୀ ରୂପ ନେଇପାରେ। ସେଥି ପାଇଁ ପରିବେଶ ସୁରକ୍ଷା କେବଳ ଗୋଟିଏ ଅଭିଯାନ ନୁହେଁ, ଏହା ଆମ ପ୍ରତ୍ୟେକଙ୍କର ନୈତିକ ଦାୟିତ୍ୱ।

**ପରିବେଶ ପ୍ରଦୂଷଣ**- ଅଜ୍ଞତାର ଫଳ: ମାନବ ଜାତି ନିଜ ଶ୍ରେଷ୍ଠତାକୁ ଦର୍ଶାଇବାର ଚେଷ୍ଟାରେ ପ୍ରକୃତି ସହ କେତେବେଳେ କେତେ କଣ ଅନ୍ୟାୟ କରିଥାଏ। ଶିଳ୍ପୀକରଣ, ନଗରୀକରଣ, ଅତ୍ୟଧିକ ଜନସଂଖ୍ୟା ବୃଦ୍ଧି, ବନ୍ୟଜନ୍ତୁ ଓ ଉଦ୍ଭିଦମାନଙ୍କୁ ଅବହେଳା କରି ଆମେ ଅନେକ ଭୁଲ୍ କରୁଛୁ। ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ, ମାଟି ପ୍ରଦୂଷଣ, ତାପମାତ୍ରା ବୃଦ୍ଧି ଏବଂ ବିକୃତ ବର୍ଷା ପ୍ରଣାଳୀ ପରିବେଶ ଦୂଷଣର ଫଳ।

ଉଦାହରଣ ସ୍ୱରୂପ, ବନ ଧ୍ୱଂସ ହେବାରେ ବର୍ଷାର ପ୍ରଭାବ କମିଯାଏ, ଜଳର ପ୍ଲାବନ କମିଥାଏ ଓ ଖରା ବଢ଼ିଯାଏ। ଆଉ ସେହିଭଳି ଶିଳ୍ପୋଦ୍ୟୋଗଗୁଡ଼ିକ ନିଷ୍କାସିତ କରୁଥିବା ବିଷାକ୍ତ ଦ୍ରବ୍ୟ ନଦୀ ଓ ସମୁଦ୍ରକୁ ଦୂଷିତ କରୁଛି। ଏହି ଅସାବଧାନତା ଫଳରେ ଅନେକ ପ୍ରଜାତି ବିଶ୍ୱରୁ ଲୋପ ପାଉଛନ୍ତି।

ମାନବ ଶରୀର ଉପରେ ପ୍ରଭାବ: ପରିବେଶ ଦୂଷିତ ହେବାର ପ୍ରଭାବ କେବଳ ପ୍ରକୃତି ଭିତରେ ସୀମିତ ନଥାଏ, ବରଂ ଏହା ମାନବ ସମାଜ ଉପରେ ଏବଂ ଆମର ସାମୁଦାୟିକ ଓ ବ୍ୟକ୍ତିଗତ ଜୀବନ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଏ। ଶ୍ୱାସ ରୋଗ, ଚର୍ମ ରୋଗ, କ୍ୟାନ୍ସର, ମନୋ-ସାମାଜିକ ଚାପ- ଏସବୁ ପରିବେଶ ପ୍ରଦୂଷଣ ସହିତ ସମ୍ପୃକ୍ତ। ବଦଳି ଯାଉଥିବା ଜଳବାୟୁ ଫଳରେ ଏମିତି ଏକ ଦିନ ଆସିବ, ଏ ପୃଥିବୀରେ ଜଳ ଓ ଖାଦ୍ୟ ଅଭାବ ଦେଖାଯିବାର ଆଶଙ୍କା ରହିଛି।

ପରିବେଶ ରକ୍ଷା କେବଳ ଏକ ଦାୟିତ୍ୱ ନୁହେଁ, ଏହା ଆମର ବାଞ୍ଛିତ ଜୀବନର ଅବଶ୍ୟକତା। ଆମ ଭବିଷ୍ୟତ ପିଢ଼ିଙ୍କୁ ଏକ ସୁନ୍ଦର, ସ୍ୱଚ୍ଛ ପୃଥିବୀ ଦେଇଯିବା ପାଇଁ ଆମେ ଏବେ ଜଣେ ସଚେତନ ନାଗରିକ ଭାବରେ ପଦକ୍ଷେପ ନେବା ଦରକାର। ପ୍ରକୃତି ଆମର ମା' ଭଳି। ତାଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ଆମର ପରମ କର୍ତ୍ତବ୍ୟ।

**ଭଦ୍ରକ, ଗୁଆମାଳ**
**ମୋ: ୯୪୩୯୧୮୫୨୭୭**

# ଭିତରକନିକା ଅଞ୍ଚଳରେ ଚାଲିଛି ବେଆଇନ୍ ଚିଙ୍ଗୁଡ଼ି ଘେରୀ



**ରାଜନଗର,୩।୫/ଏନ୍ଏନ୍ଏସ୍:** ରାଜନଗର ବ୍ଲକର ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ସୀମାସରହଦରେ ଚିଙ୍ଗୁଡି ମାଫିଆ ଏବେବି ସକ୍ରିୟ ଅଛନ୍ତି । ଏହି ଅଞ୍ଚଳରେ ଥିବା ବେଆଇନ ଚିଙ୍ଗୁଡି ଘେରୀଗୁଡିକ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଉଲଂଘନ କରୁଥିବା ଅଭିଯୋଗ ହେଉଛି । ପୂର୍ବଭଳି ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ, ଝାଟି ଜଙ୍ଗଲ କିସମ ସରକାରୀ ଜମିରେ ବେଆଇନ୍ ଭାବେ ଶହ ଶହ ସଂଖ୍ୟାରେ ବେଆଇନ ଭାବେ ଚିଙ୍ଗୁଡି ଘେରୀ ଗଢିଉଠିଛି । ପରିବେଶକୁ ପ୍ରଦୂଷିତ କରି ଚିଙ୍ଗୁଡି ମାଫିଆମାନେ ଲକ୍ଷଲକ୍ଷ ଟଙ୍କା ରୋଜଗାର କରି ମାଲେମାଲ୍ ହେଉଥିବା ବେଳେ ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା ହ୍ରାସ ପାଇବାରେ ଲାଗିଛି । ଚିଙ୍ଗୁଡି ଘେରୀରୁ ନିର୍ଗତ ରାସାୟନିକ ସାର ଓ ଔଷଧର ଦୂଷିତ ଜଳ ଜାତୀୟ ଉଦ୍ୟାନର ନଦୀନାଳରେ ମିଶୁ ଥିବାରୁ ଏଥିରେ ଥିବା ଜଳଚର ଜୀବଙ୍କ ସହ ଅନ୍ୟ ସ୍ଥଳ ଭାଗରେ ବାସ କରୁଥିବା ପ୍ରାଣୀମାନେ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି । ସରକାରୀ କଟକଣା ନଥିବାରୁ ପ୍ରତିବର୍ଷ ଚିଙ୍ଗୁଡି ଘେରୀ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । କନିକା ରେଞ୍ଜ ଅଧିନରେ ଥିବା ଈଶ୍ୱରପୁର ପଞ୍ଚାୟତର ଜୁନୁସ୍ନଗରଠାରୁ ଆରମ୍ଭକରି ଅବିଭକ୍ତ ଡାଙ୍ଗମାଳ ପଞ୍ଚାୟତର ଖୋଳା ପୋଲ ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନ ପାର୍ଶ୍ୱବର୍ତ୍ତୀ ପାଣିନାଳଗୁଡିକୁ ଅବରୋଧ କରି ବେଆଇନ୍ ଚିଙ୍ଗୁଡି ଘେରୀ ନିର୍ମାଣ କରାଯାଇଛି । ସେହିଭଳି ଅବିଭକ୍ତ ତାଳଚୁଆ ଓ ରଙ୍ଗଣୀ ପଞ୍ଚାୟତର ଜଙ୍ଗଲ କଡରେ ଶତାଧିକ ଚିଙ୍ଗୁଡି ଘେରୀ ଗଢି ଉଠିଛି । ଭେକ୍ଟା, ପଙ୍ଗପାରିଆ ପ୍ରଭୃତି ଅଞ୍ଚଳ ଘେରୀଗୁଡିକୁ ଦେଖିଲେ ବନବିଭାଗ ଓ ରାଜସ୍ୱ ପ୍ରଶାସନର ପାରିବା ପଣିଆ ଜଣାପଡ଼ିବ । ଭିତରକନିକା ଜାତୀୟ ଉଦ୍ୟାନ ଅଞ୍ଚଳରେ ଶତାଧିକ ସଂଖ୍ୟାରେ ବେଆଇନ୍ ଚିଙ୍ଗୁଡି ଘେରୀ ଗଢି ଉଠିବା ଯୋଗୁଁ ବିଶ୍ୱ ଐତିହ୍ୟ ତାଲିକାରୁ ବାଦ ପଡିଲା ବୋଲି ପରିବେଶବିତ୍ମାନେ ମତବ୍ୟକ୍ତ କରିଛନ୍ତି । ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁଯାୟୀ, ପ୍ରଶାସନ ଘେରୀ ଭାଙ୍ଗିବା ସହ ଘେରୀ ମାଲିକଙ୍କ ନାମରେ ମାମଲା ରୁଜୁ କଲେ ଘେରୀ ମାଲିକମାନେ ବେଆଇନ ଘେରୀ କରିବାରୁ ନିବୃତ୍ତ ହୁଅନ୍ତେ । ମାତ୍ର ପ୍ରଶାସନ ଘେରୀ ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କାର୍ଯ୍ୟକାରୀ ହୋଇପାରୁନାହିଁ । ଫଳରେ ସେମାନେ ବେଫିକର ହୋଇ ପ୍ରତିବର୍ଷ ଚିଙ୍ଗୁଡି ଘେରୀ ସଂଖ୍ୟା ବଢାଇ ଚାଲିଛନ୍ତି । ଯେଉଁଥି ପାଇଁ ଭିତରକନିକା ଜାତୀୟ ଉଦ୍ୟାନର ଜୈବବିବିଧତା ପ୍ରତି ବିପଦ ସୃଷ୍ଟି କରିଛି । ସରକାର ଅଗ୍ରାଧିକାର ଭିତିରେ ବେଆଇନ ଚିଙ୍ଗୁଡି ଘେରୀ ଉପରେ ରୋକ ଲଗାଇବା ପାଇଁ ସାଧାରଣରେ ଦାବୀ ହେଉଛି ।

## ନୂତନ ଡାକ ଉତ୍ପାଦ 'ଜ୍ଞାନ ପୋଷ୍ଟ' ପ୍ରଚଳନ



**ଜଗତସିଂହପୁର,୩।୫/ଏନ୍ଏନ୍ଏସ୍:** ଜଗତସିଂହପୁର ପ୍ରଧାନ ଡାକଘରେ କଟକ ଦକ୍ଷିଣ ଡାକମଣ୍ଡଳର ବର୍ହିବିଭାଗର ସହକାରୀ ଡାକ ଅଧିକ୍ଷକ ପରମାନନ୍ଦ ସାହୁ, ଜଗତସିଂହପୁର ଉପ ମଣ୍ଡଳର ସହକାରୀ ଡାକ ଅଧିକ୍ଷକ ମୋନାଲିସା ଦାସ ଓ ପ୍ରଧାନ ଡାକପାଳ ମିହିର କୁମାର ରାମ ଉପସ୍ଥିତିରେ ଡାକ ବିଭାଗର ସ୍ପିଡି ପୋଷ୍ଟ ଏବଂ ରେଜିଷ୍ଟ୍ରି ପୋଷ୍ଟ ଭଳି 'ଜ୍ଞାନ ପୋଷ୍ଟ' ନାମକ ଏକ ନୂତନ ଡାକ ଉତ୍ପାଦ ପ୍ରଚଳନ କରା ଯାଇଥିଲା । ଏହି ନୂତନ ପ୍ରସ୍ତାବର ଲକ୍ଷ୍ୟ ବିଭିନ୍ନ କ୍ଷେତ୍ରରେ ଜ୍ଞାନ-ଭିତ୍ତିକ ସାମଗ୍ରୀର ସୁଗମ ପ୍ରସାରଣକୁ ସହଜ କରିବ । ଯାହା ପ୍ରେରକଙ୍କୁ ଡ଼ାକଘର ମାଧ୍ୟମରେ ରିହାତି ଦରରେ କିଛି ପୁସ୍ତକ ଏବଂ ଅଧ୍ୟୟନ ସାମଗ୍ରୀ ପୋଷ୍ଟ କରିବାକୁ ଅନୁମତି ଦିଏ । ଏହି ସୁବିଧା ୧ ମଇ ୨୦୨୫ ଠାରୁ ସମସ୍ତ ବିଭାଗୀୟ ଡ଼ାକଘରେ ଉପଲବ୍ଧ ହେବ । ଏହି ଉତ୍ପାଦ ଡ଼ାକଘରର କାଉଣ୍ଟରରେ ଖୁଚୁରା ବୁକିଂ ପାଇଁ ଉପଲବ୍ଧ । ଏହି ସେବା ଡାକ ବିଭାଗର ଶିକ୍ଷାକୁ ସମର୍ଥନ କରିବା ଏବଂ ଦେଶର ପ୍ରତ୍ୟେକ ଭାଗରେ ଶିକ୍ଷାର୍ଥୀଙ୍କ ନିକଟରେ ପହଞ୍ଚିବା ପାଇଁ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । 'ଜ୍ଞାନ ପୋଷ୍ଟ' ଅଧୀନରେ ପଠାଯାଇଥିବା ପୁସ୍ତକ ଏବଂ ଶିକ୍ଷାଗତ ସାମଗ୍ରୀଗୁଡ଼ିକୁ ଟ୍ରାକ କରାଯାଇପାରିବ ଏବଂ ମୂଲ୍ୟ-ପ୍ରଭାବଶାଳୀ ବିତରଣ ସୁନିଶ୍ଚିତ କରିବା ପାଇଁ ପାର୍ସଲ ପୋଷ୍ଟ ଭାବରେ ସ୍ଥଳଭାଗ ମାଧ୍ୟମରେ ପରିବହନ କରାଯିବ । ପ୍ୟାକେଜଗୁଡ଼ିକୁ ୩୦୦ ଗ୍ରାମ ପର୍ଯ୍ୟନ୍ତ ପ୍ରତି ପ୍ୟାକେଟ୍ ପାଇଁ କେବଳ ୨୦ ଟଙ୍କାରୁ ଆରମ୍ଭ କରି ୫୦୦୦ ଗ୍ରାମ ପର୍ଯ୍ୟନ୍ତ ପ୍ୟାକେଟ ପାଇଁ ସର୍ବାଧିକ ୧୦୦ ଟଙ୍କା ପର୍ଯ୍ୟନ୍ତ ପଠାଯାଇପାରିବ । 'ଜ୍ଞାନ ପୋଷ୍ଟ' ଜିନିଷଟି କଭର ବିନା କିମ୍ବା ଏକ ଖୋଲା ଲଫାପାରେ ପୋଷ୍ଟ କରାଯିବ । ଏହି ସେବା ଦ୍ୱାରା ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ପାଠକ ପାଠିକା ଆଦି ବହୁମାତ୍ରାରେ ଉପକୃତ ହେବେ ବୋଲି ସହକାରୀ ଡ଼ାକ ଅଧିକ୍ଷକ ଶ୍ରୀଯୁକ୍ତ ସାହୁ କହିଛନ୍ତି ।

## ସମୀକ୍ଷା ସାହୁ ତାଳଚେର ମାଟ୍ରିକ୍ ଟପ୍ପର୍



**ତାଳଚେର,୩।୫/ଏନ୍ଏନ୍ଏସ୍:** ତାଳଚେର ବ୍ଲକ ଅନ୍ତର୍ଗତ ବଙ୍ଗୁ ଗ୍ରାମର ସୁଜନ ସାହୁଙ୍କ ଝିଅ ତାଳଚେର ଥର୍ମାଲ ଡିଏଭି ସ୍କୁଲର ସମୀକ୍ଷା ସାହୁ ଶତକଡ଼ା ୯୫.୫ ପ୍ରତିଶତ ଅର୍ଥାତ୍ ୫୭୩ ନମ୍ବର ରଖି ଅନୁଗୋଳ ଜିଲ୍ଲାର ଟପ୍ପର ହୋଇଥିବା ଘଟଣା ତାଳଚେର ସମେତ ସମଗ୍ର ଜିଲ୍ଲାରେ ଖୁସିର ମାହୋଲ ଖେଳିଯାଇଛି । ସେ ଅକ୍ଳାନ୍ତ ପରିଶ୍ରମ କରି ଏହି ସଫଳତା ପାଇବା ସହିତ ତାଙ୍କ ବାପା, ମାଆ, ଗୁରୁଜନ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଆଶୀର୍ବାଦରୁ ଆଜି ସଫଳତା ହାସଲ କରିପାରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି । ଏହି ଖବର ପ୍ରସାରିତ ହେବାପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟି ଚାଲିଛି । ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ବିଜେପି ନେତା କାଳନ୍ଦୀ ସାମଲ ଫୋନ୍ ଯୋଗେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସରପଞ୍ଚ ସହଦେବ ସାହୁ, ଅନନ୍ତ ନାହାକ, ଜଗଦିଶ ମିଶ୍ର, ପ୍ରକାଶ ସିଂହ, ତାଳଚେର ବ୍ଲକ ପୂର୍ବତନ ଅଧ୍ୟକ୍ଷ ବୃନ୍ଦାବନ ବେହେରା ତାଙ୍କ ବଙ୍ଗୁ ସ୍ଥିତ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇବା ସହ ତାଙ୍କ ଶୁଭକାମନା କରିଛନ୍ତି । ତାଙ୍କର ପିତା ଶ୍ରୀ ସାହୁ ଠିକାଶ୍ରମିକ ଭାବେ କାମ କରୁଥିବା ବେଳେ ମାଆ ସୀମାରାଣୀ ପ୍ରଧାନ ଗୃହିଣୀ ଅଟନ୍ତି ।

## ଦାନଗଦି ବ୍ଲକ୍ ଟପ୍ପର୍ ତୁଷାରକାନ୍ତ



**ଦାନଗଦି,୩।୫/ଏନ୍ଏନ୍ଏସ୍:** ଚଳିତ ବର୍ଷ ଦାନଗଦି ବ୍ଲକରେ ଦଶମ ଶ୍ରେଣୀ ପରୀକ୍ଷାଫଳ ସନ୍ତୋଷଜନକ ରହିଥିବା ବେଳେ ବ୍ଲକର ମାନପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ତୁଷାରକାନ୍ତ ମହାନ୍ତ ବ୍ଲକ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେ ମୋଟ ୬୦୦ ନମ୍ବରରୁ ୫୫୪ ନମ୍ବର ରଖି ବ୍ଲକ୍ ଟପ୍ପର ହେଇଛନ୍ତି । ତୁଷାର ହେଉଛନ୍ତି ଦାନଗଦି ବ୍ଲକ୍ ଅନ୍ତର୍ଗତ କିଆଝର ପଞ୍ଚାୟତର ମହେଶ୍ୱର ମହାନ୍ତ ଏବଂ ଦମୟନ୍ତୀ ମହାନ୍ତଙ୍କ ସୁପୁତ୍ର । ତୁଷାର ଦୈନିକ ୧୨ଘଣ୍ଟା କଠିନ ପରିଶ୍ରମ କରି ଏହି ସଫଳତା ହାସଲ କରିଥିବା ବେଳେ ଭବିଷ୍ୟତରେ ସେ ଭୌତିକ ବିଜ୍ଞାନରେ ଗବେଷଣା କରିବେ ବୋଲି ଲକ୍ଷ୍ୟ ରଖିଥିବା କଥା ପ୍ରକାଶ କରିଛନ୍ତି । ତୁଷାର ଏହି ସଫଳତାର ଶ୍ରେୟ ବାପା, ମା ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଆସ୍ୱାୟାର ସଂଗଠନକୁ ପ୍ରଦାନ କରିଛନ୍ତି ।

## ଗ୍ରାମ୍ୟ ନ୍ୟାୟାଳୟ ନିର୍ମାଣ ନିମନ୍ତେ ସ୍ଥାନ ନିରୂପଣ



**ନାଉଗାଁ ,୩।୫/ଏନ୍ଏନ୍ଏସ୍:** ନାଉଗାଁ ବ୍ଲକ୍‌ରେ ଗ୍ରାମ୍ୟ ନ୍ୟାୟାଳୟ ନିର୍ମାଣ ନିମନ୍ତେ ସ୍ଥାନ ନିରୂପଣ କଲେ ଜିଲ୍ଲା ଜଜ୍ ଓ ଉପଜିଲ୍ଲାପାଳ । ପ୍ରକାଶ, ଆଜି ନାଉଗାଁରେ ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା ନିମନ୍ତେ ସ୍ଥାନ ନିରୂପଣ କରିଛନ୍ତି ଜଗତସିଂହପୁର ଜିଲ୍ଲା ଜଜ ଶ୍ରୀନିବାସ ପ୍ରତିହାରୀ ଓ ଉପ ଜିଲ୍ଲାପାଳ ପ୍ରଶାନ୍ତ ତରାଇ । ତେବେ ନାଉଗାଁ ତହସିଲ ସମ୍ମୁଖରେ ଥିବା ସରକାରୀ ଜମିରେ ନିର୍ମାଣ ପାଇଁ ସ୍ଥିର କରାଯାଇ ଥିବାବେଳେ ଅସ୍ଥାୟୀ ଭାବେ ଏକ ମାସ ଭିତରେ ବ୍ଲକ୍‌ଛକ ସ୍ଥିତି ସରକାରୀ ଡ଼ାକ ବଙ୍ଗାଳରେ କୋର୍ଟ କାଯ୍ୟ ଚାଲୁ ରହିବ ବୋଲି ସ୍ଥିର କରାଯାଇଛି । ଅନ୍ୟପଟେ ଏହି ସ୍ଥାନ ନିରୂପଣ କାର୍ଯ୍ୟକ୍ରମରେ ନାଉଗାଁ ତହସିଲଦାର, ନାଉଗାଁ ଥାନା ଅଧିକାରୀଙ୍କ ସହିତ ସରକାରୀ ଓକିଲ ସୁରେନ୍ଦ୍ର ଦାସ ଉପସ୍ଥିତ ଥିଲେ ।

## 'ଡାକ୍ତର ହୋଇ ରୋଗୀଙ୍କ ସେବା କରିବି'



**କୁଆଖିଆ,୩।୫/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ ଅନର୍ଗତ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର କୃତୀଛାତ୍ରୀ ପ୍ରିୟଙ୍କା ଦାସ ଚଳିତ ମାଟ୍ରିକ ପରୀକ୍ଷା ରେ ୫୬୦ ନଂ ରଖି ସମଗ୍ର ବ୍ଲକରେ ସର୍ବାଧିକ ମାର୍କ ରଖିଛନ୍ତି । ବଣ୍ଟରକ୍ଷ ଗ୍ରାମର ବିଷ୍ଣୁ ଚରଣ ଦାସ, ମା' ବିଦ୍ୟୁତ ପ୍ରଭା ଦାସ ଓ ଶିକ୍ଷକ ଗୁରୁଜୀଙ୍କ ଆଶୀର୍ବାଦ ସହଯୋଗ ଫଳରେ ସେ ସଫଳତା ଲାଭ କରିଛନ୍ତି । ସେ ତୃତୀୟ ପଞ୍ଚମ ସପ୍ତମରେ ବୃତ୍ତି ଏନ୍ଆର୍‌ଟିଏସ୍ ପଠାଣୀ ସାମନ୍ତ ବୃତ୍ତି ପାଇ ଥିଲେ । ସେ ଭଲ ପଢି ଡା. ହେବାକୁ ଲକ୍ଷ୍ୟ ରଖି ରୋଗୀଙ୍କ ସେବା କରିବାକୁ ମନ ବଳାଇଛନ୍ତି । ମଧୁବନ ଉଚ୍ଚ ବିଦ୍ୟାଳୟରେ ପ୍ରିୟଙ୍କାଙ୍କ ପାଇଁ ଖୁସିର ଲହରୀ ଖେଳିଯାଇଛି । ଶିକ୍ଷକଙ୍କ ଉଚ୍ଚ କୋଟିର ଶିକ୍ଷା ଦାନ ଫଳରେ ସେ ସଫଳତା ଲାଭ କରିଥିବା ସ୍ୱୀକାର କରିଛନ୍ତି ।

## ଛାତ୍ରଛାତ୍ରୀଙ୍କ ରିଆଡ୍‌ମିଶନ ଫି'ବୃଦ୍ଧିକୁ ନେଇ ଅସନ୍ତୋଷ

**କଙ୍କଡ଼ାହାଡ,୩।୫/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ପଳାଶୁଣି ବିଶ୍ୱ ମହିମା ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନମାନି ଯୋଗୁଁ ଆଜି ଛାତ୍ରଛାତ୍ରୀଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପୂର୍ବ ସୂଚନା ଅନୁଯାୟୀ ଏହି ଅନୁଷ୍ଠାନରେ ଅଧ୍ୟୟନ କରୁଥିବା ବିଜ୍ଞାନ ଛାତ୍ରଛାତ୍ରୀମାନଙ୍କ ୪ ହଜାର ଓ ଟ୍ୟୁସନ୍ ଫିସ୍ ୨ ହଜାର ଟଙ୍କା ରହିଥିବା ବେଳେ କଳା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରିଆଡ୍‌ମିଶନ ୩ ହଜାର ୫ ଶହ ଟଙ୍କା ଓ ଟ୍ୟୁସନ୍ ଫିସ ବାବଦ ୧ ଶହ ଟଙ୍କା ରହିଥିବା ଦର୍ଶାଯାଇଥିଲା ଛାତ୍ର ।ତ୍ରୀ କଲେଜକୁ ଟଙ୍କା ପୈଠ କରିବାକୁ ଆସିଥିଲେ । ଗତ ଏପ୍ରିଲ ମାସ ୨ ତାରିଖରେ ଦର୍ଶାଇଥିବା ସୂଚନା ଅନୁଯାୟୀ ଛାତ୍ରଛାତ୍ରୀ ଚଳିତ ମାସ ୨ ତାରିଖରେ ଟଙ୍କା ଧରି କଲେଜ ଆସିଥିଲେ । ଛାତ୍ରଛାତ୍ରୀ ଟଙ୍କା ଡିପୋଜିଟ୍ କରିବା ପରିବର୍ତ୍ତେ ପୈଠ କରିବା ଟଙ୍କା ସହିତ ବିଜ୍ଞାନ ଛାତ୍ରଛାତ୍ରୀ ୨୪ ଶହ ଟଙ୍କା ଓ କଳା ଛାତ୍ରଛାତ୍ରୀମାନେ ୧୨ ଶହ ଟଙ୍କା ଅଧିକ ଦେବାକୁ ପଡ଼ିବ ବୋଲି କହିଥିଲେ । ଏପରି ମନମାନି ଯୋଗୁଁ ଛାତ୍ର ଛାତ୍ରୀ,ଅବିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି ।

## ତାଳୁଆ ଶନିଶ୍ଚର ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼



**ମୃଷାଟିକିରି,୩।୫/ଏନ୍ଏନ୍ଏସ୍:** ବଡ଼ଚଣା ବ୍ଲକ ସାନଗେଙ୍ଗୁଟି ନଦୀ ପାର୍ଶ୍ୱ ତାଳୁଆ ଶନିଶ୍ଚର ମନ୍ଦିର ଘାଟରେ ଲକ୍ଷାଧିକ ଭକ୍ତଙ୍କ ଜଳଲାଗି ପାଇଁ ଆଜି ପ୍ରତ୍ୟୁଷରୁ ଭିଡ ଲାଗିରହିଛି । ପ୍ରବଳ ଜନ ସମାବେଶକୁ ଦୃଷ୍ଟିରେ ରଖି ବାଲିଚନ୍ଦ୍ରପୁର ଥାନା ପୁଲିସ ତରଫରୁ ଆରକ୍ଷୀ ନିରିକ୍ଷକ ସମରଜିତ ନାୟକଙ୍କ ତତ୍ତ୍ୱାବଧାନରେ କଡ଼ାକଡ଼ି ପେଟ୍ରୋଲିଂ ବଳବଉର ରଖାଯାଇଛି । ଆଜକୁ ଦେଢ଼ସହ ବର୍ଷ ତଳୁ ସାନଗେଙ୍ଗୁଟି ନଦୀଘାଟ ତାଳୁଆ ଠାରେ ଏକ ଅଶ୍ୱସ୍ଥ ବୃକ୍ଷ ତଳେ ଦେବ ଦେବ ଶନିଦେବ ପୂଜା ପାଇ ଆସୁଛନ୍ତି । ତାଳୁଆ ଗ୍ରାମର ଶତାଧିକ ସ୍ୱେଚ୍ଛାସେବୀ ଭକ୍ତଙ୍କ ଜଳଲାଗି ପାଇଁ ମନ୍ଦିର ଠାରୁ ନଦୀଘାଟ ପର୍ଯ୍ୟନ୍ତ ଶୃଙ୍ଖଳା ଦର୍ଶନ ପାଇଁ ପାଣି ଉଠାଣରେ ସହଯୋଗ କରୁଛନ୍ତି । ସ୍ଥାନୀୟ ମନ୍ଦିର ପରିସରରେ ପଣ୍ଡିତ ରଞ୍ଜନ ନନ୍ଦଙ୍କ ତତ୍ତ୍ୱାବଧାନରେ ୨୫/୩୦ ପୂଜକ ପୂଜାର୍ଚ୍ଚନା ପାଇଁ ଉପସ୍ଥିତ ରହିଛନ୍ତି । ମନ୍ଦିର ପୂଜା କମିଟି ସଭାପତି ଶିଶିର କୁମାର ଜେନା, ଗ୍ରାମ ମୁରବୀ ଦୁର୍ଯ୍ୟୋଧନ ପ୍ରଧାନଙ୍କ ନେତୃତ୍ୱ କ୍ରମେ ଶହଶ୍ରାଧିକ ଉଠା ଦୋକାନୀ ବ୍ୟବସାୟ ପସରା ମେଲାଇ ବେଶ ଲାଭବାନ ହେଉଛନ୍ତି । ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଳଛତ୍ର କେନ୍ଦ୍ରମାନ ଖୋଲିଛନ୍ତି । ବରୀ,ବଡଚଣା ,ମାହାଙ୍ଗା ,ଡେରାବିଶ ,କେନ୍ଦ୍ରାପଡା ,ଧର୍ମଶାଳା ସ୍ଥାନୀୟ ଅଞ୍ଚଳର ଶହଶ୍ରାଧିକ ଭକ୍ତଙ୍କ ମାନସିକ ପୂରଣ ପାଇଁ ବିଗତ ବର୍ଷମାନଙ୍କରୁ ଏଠାରେ ପୂଜାର୍ଚ୍ଚନା ପାଇଁ ଭିଡ଼ ଲାଗିରହିଛି । ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ଖଣ୍ଡାଇ ଓ ସମିତି ସଭ୍ୟ ସୁରେନ୍ଦ୍ର ନାଥ ସେନାପତିଙ୍କ ନେତୃତ୍ୱରେ ଜଳଛତ୍ର କେନ୍ଦ୍ର ଚାଲୁରହିଛି । ବଡ଼ଚଣା ବିକାଶ ପରିଷଦ ଅଧ୍ୟକ୍ଷ ତଥା କଂଗ୍ରେସ ଯୁବ ନେତା ଚିନ୍ମୟ ପ୍ରଧାନଙ୍କ ନେତୃତ୍ୱରେ ଜଳଛତ୍ରକୁ ସୁବଣ୍ଟନ କରାଯାଉଛି ।

## ପେନ୍‌ସନ୍‌ରୁ ବଞ୍ଚିତ ଡାକ ପିଅନ କର୍ମଚାରୀ

**ବଇଣ୍ଡା,୩।୫/ଏନ୍ଏନ୍ଏସ୍:** କିଶୋର ନଗର ବ୍ଲକ ଅନ୍ତର୍ଗତ କିଶୋର ଗଞ୍ଜ୍ ଉପ ଡ଼ାକଘରର ପିଅନ ଭାବରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଅବସର ଗ୍ରହଣର ଦୁଇରୁ ତିନି ବର୍ଷ ବିତି ଯାଇଥିଲେ ମଧ୍ୟ ପେନ୍‌ସନ୍‌ରୁ ବଞ୍ଚିତ ହେଉଛନ୍ତି । ପ୍ରକାଶ, ଉକ୍ତ ଡ଼ାକ ସେବା ଅଧୀନରେ ୨୦ ଟି ବିଓ କାର୍ଯ୍ୟ କରୁଥିବା ବେଳେ ୧୦ ଜଣ ଡ଼ାକ ପିଅନ ଅଞ୍ଚଳ ବାସୀଙ୍କୁ ସାଇକେଲ ମାଧ୍ୟମରେ ସେବା ଯୋଗାଇ ଦେଇଥାନ୍ତି । ସେଥିମଧ୍ୟରୁ ୨ ଜଣ ଯୁଧିଷ୍ଠିର ମାଝୀ ଓ ବିଷ୍ଣୁ ଚରଣ ସାହୁ ଆରପାରିକୁ ଚାଲିଗଲେଣି । କେନ୍ଦ୍ର ସରକାରଙ୍କ ଏହି ସର୍ବବୃହତ୍ ଡାକସେବାରେ କାର୍ଯ୍ୟ କରି ଅବସର ପରେ ମଧ୍ୟ କିଛି କର୍ମଚାରୀ ନିଜ ଭାଗ୍ୟକୁ ଆଦରି ଏପରି ଜୀବନଯାପନ ଅତିବାହିତ କରୁଛନ୍ତି ତାହା ଅବର୍ଣ୍ଣନୀୟ । ନିଜର ସନ୍ତାନ ସନ୍ତତି ପାଖରେ ନିଜକୁ ତୁଚ୍ଛ ମନେ କରୁଛନ୍ତି । ସେବା ଯୋଗାଇ ଦେଉଥିବା କର୍ମଚାରୀ ଏବେ ସରକାରଙ୍କ ସେବାରୁ ବଞ୍ଚିତ ହେଉଛନ୍ତି । ଏମାନଙ୍କ ମଧ୍ୟରେ ଲୁହା ମୁଣ୍ଡାର କୃତିବାସ ପ୍ରଧାନ, ଗୋବିନ୍ଦ ରାଉଳ, ହଣ୍ଡପାର କାଳନ୍ଦୀ ଚରଣ ମହାନ୍ତି, କଣ୍ଟେଇକୁଲିଆର ଦୁର୍ଯୋଧନ ସାହୁ, ବିଡ଼ିଶିଂର କାଳନ୍ଦୀ ମାଝୀ ଏବେ ପରିଣତ ବୟସରେ ପେନ୍‌ସନ୍ ଅପେକ୍ଷାରେ ଦିନ ଗଣି ବସିଛନ୍ତି । ଯଥା ଶୀଘ୍ର ପେନ୍‌ସନ୍ ଲାଗୁ କରିବା ପାଇଁ ଦାବି କରିଛନ୍ତି ।

## ସମାଜସେବୀ ନବଘନ ଜେନାଙ୍କ ଜନ୍ମ ଶତବାର୍ଷିକୀ

**ମୃଷାଟିକିରି,୩।୫/ଏନ୍ଏନ୍ଏସ୍:** ବରୀ ବ୍ଲକ ଧାରପୁର ଅଞ୍ଚଳରେ ଜନ୍ମଲାଭ କରିଥିବା ବିଶିଷ୍ଟ ଶିକ୍ଷା ସଂଗଠକ, ସାହିତ୍ୟ ସଂସ୍କୃତି ପ୍ରେମୀ ସଂଗ୍ରାମୀ ତଥା ନିଚ୍ଛକ ସମାଜସେବୀ ନବଘନ ଜେନାଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ମଞ୍ଚ ବାଲିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ନବଘନ ଜେନା ଜନ୍ମ ଶତବାର୍ଷିକୀ ସମିତିର କର୍ମକର୍ତ୍ତା ଓ ସଦସ୍ୟମଣ୍ଡଳୀ ପକ୍ଷରୁ ସକାଳ ଆଠଟା ସମୟରେ ଜନ୍ମଭୂମି ଧାରପୁର- ହଳଦୀ ବସନ୍ତ ଛକରୁ ଏକ ମାନବ ଶୃଙ୍ଖଳ ଚେନ ଗ୍ରାମ ପରିକ୍ରମା କରି ଅଭିମନ୍ୟୁ ବାଲିଆ ଛକଠାରେ ପହଞ୍ଚିଥିଲା ଓ ଜନ ସାଧାରଣଙ୍କ ସମ୍ମିଳିତ ଅର୍ଥମନ୍ତ୍ରୀ, ଅମର ପ୍ରସାଦ ଶତପଥି, ବିଶ୍ୱରଞ୍ଜନ ମଲ୍ଲିକ, ପ୍ରଫେସର ଗୋକୁଳାନନ୍ଦ ଦାସ ପୂର୍ବତନ କୁଳପତି ଉତ୍କଳ ବିଶ୍ୱବିଦ୍ୟାଳୟ , ମୁଖ୍ୟବକ୍ତା ପ୍ରାଧ୍ୟାପକ ବୈଷ୍ଣବ ଚରଣ ସାମଲ ସାହିତ୍ୟିକ ତଥା ଶିକ୍ଷା ଗବେଷକ, ଡା. ସଂଗ୍ରାମ ଜେନା ଓଡିଶା ସାହିତ୍ୟ ଏକାଡେମି -ଉପସଭାପତିଙ୍କ ଗହଣରେ , ନବଘନ ଜେନା ଜନ୍ମ ଶତ ବାର୍ଷିକୀ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ଆବାହକ ନିମାଇଁ ରାୟ ଅତିଥି ପରିଚୟ ପ୍ରଦାନ କରିବା ସହ ନବଘନ ଜେନାଙ୍କ ଆତ୍ମଜୀବନୀ ବରୀ -ଧାରପୁର ଜନ୍ମଭୂମି ଠାରୁ କଟକ-ରାଣୀହାଟ କର୍ମଭୂମି ପର୍ଯ୍ୟନ୍ତ ବାଖ୍ୟା କରିଥିଲେ ।ଲଢୁଆ ସଂଗ୍ରାମୀ କମ୍ରେଡ ଦିବାକର ବିଶ୍ୱାଳ ସମାଜସେବୀ



ସମାବେଶ ମଧ୍ୟରେ ବିଶିଷ୍ଟ ସମାଜସେବୀ ତଥା ଶିକ୍ଷା ସଂଗଠକ ସଂଗ୍ରାମୀ ନବଘନ ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇ ଏକ ଆଲୋଚନା ସଭା ,ସଭାପତି କିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଚାଲୁଥିଲା । ପ୍ରଥମେ ଅତିଥିଙ୍କ ଗହଣରେ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ୱାଗତ ସଂଗୀତ ପାଠ କରାଯାଇଥିଲା । ମୁଖ୍ୟ ଅତିଥି ପ୍ରାକ୍ତନ ଅର୍ଥମନ୍ତ୍ରୀ ଓଡିଶା ପ୍ରଫୁଲ ଚନ୍ଦ୍ର ଘଡାଇ, ଶ୍ରୀକାନ୍ତ କୁମାର ଜେନା, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିପିନ ବିହାରୀ ଦକ୍ଷିଣରାୟ , ଶିକ୍ଷାବିତ ଅର୍ଜୁନ ଚରଣ ରାଉତ ଅବସର ପ୍ରାପ୍ତ ଶିକ୍ଷକ ଦୁର୍ଜ୍ୟୋଧନ ଜେନା , ଶ୍ରମିକ ସଂଗଠକ ପୁରୁଷୋତ୍ତମ ମହାନ୍ତି ଓ ଶ୍ରୀମତୀ ବାସନ୍ତୀ ଦେବୀ, ସଦାଶିବ ଦାଶଙ୍କୁ ଜନ୍ମ ଶତବାର୍ଷିକ ସମିତି ତରଫରୁ ,ମାନପତ୍ର -ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ନବଘନ ଜେନାଙ୍କ ନାତି ବିଶ୍ୱମୋହନ ଜେନା ଓଡିଶା ଶିକ୍ଷା ବିଭାଗ ପ୍ରଶାସକ କାର୍ଯ୍ୟକ୍ରମର ସମାବେଶ ଅତିଥିଙ୍କୁ କୃତଜ୍ଞତା ପ୍ରଦାନ କରିବା ସହ ଧନ୍ୟବାଦ ଜଣାଇଥିଲେ ।

## ହିନ୍ଦୋଳ ପାଇଁ ଗୌରବ ଆଣିଲେ ୫ ଛାତ୍ରଛାତ୍ରୀ



**ହିନ୍ଦୋଳ,୩।୫/ଏନ୍ଏନ୍ଏସ୍:** ଚଳିତବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳବ୍ଲକରୁ ୯୦%ରୁ ଅଧିକ ନମ୍ବର ରଖି ହିନ୍ଦୋଳ ପାଇଁ ଗୌରବ ଆଣିଲେ ୫ ଛାତ୍ର ଛାତ୍ରୀ । ବ୍ଲକରେ ୫୬୪ ନମ୍ବର ରଖି ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟ, କୁରୁମିଠାର ଛାତ୍ର ପ୍ରଭୁଦତ୍ତ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ , ପ୍ରଦ୍ୟୁମ୍ନ ସାହୁ ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟ, କୁରୁମିଠା ୫୫୭, ପିୟାଲି ପ୍ରିୟଦର୍ଶିନୀ ସାହୁ ଖଜୁରିଆକଟା ଉଚ୍ଚ ବିଦ୍ୟାଳୟ ୫୬୦, ଅମ୍ରିତ ସାହୁ , ତର୍କାବେଢ଼ା କୁମୁରିସିଙ୍ଗା ଉଚ୍ଚ ବିଦ୍ୟାଳୟ ୫୬୧ଓ ତ୍ରିସା ସାମଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପାଟଲା ୫୪୪ ନମ୍ବର ରଖି ହିନ୍ଦୋଳ ପାଇଁ ଗୌରବ ଆଣିଛନ୍ତି । ସେହିପରି ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ହିନ୍ଦୋଳ ବ୍ଲକ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟ କୁରୁମିଠାର ଛାତ୍ର ପ୍ରଭୁଦତ୍ତ ସାହୁଙ୍କୁ ଓକେସିଏଲ୍ ତତଫରୁ ବିଦ୍ୟାଳୟ ପରିସରରେ କରାଗଲା ସମ୍ବର୍ଦ୍ଧିତ । ଏହି ଅବସରରେ ଓକେସିଏଲ୍ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ଶାଖା ପରିଚାଳକ ପ୍ରଶାନ୍ତ କୁମାର ଜେନାମଣି, ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା, ସହକାରୀ ଶିକ୍ଷକ ମୋହନ କୁମାର ସାହୁ, ସୁବଳ ଚନ୍ଦ୍ର ବେହେରା, ସୁଶୀଲ କୁମାର ସାହୁ, ପ୍ରଦୀପ ସାହୁ, ରଞ୍ଜିତ ମହାଳିକ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ, ବର୍ଷାରାଣୀ ସାହୁ, ଅନିତା ପୃଷ୍ଟି, ଅବସରପ୍ରାପ୍ତ ଶିକ୍ଷକ ବିନୟ କୁମାର ସାମଲ, ବିଜୟ କୁମାର ସାହୁ ଓ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ଏହି ସଫଳତାକୁ ନେଇ ହିନ୍ଦୋଳ ବ୍ଲକ ଶିକ୍ଷାଧିକାରୀ ହରିହର ଦେହୁରୀ, ଶିକ୍ଷାବିତ,ବୁଦ୍ଧିଜୀବୀମାନେ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଅଗ୍ନିକାଣ୍ଡରେ ୩ବଖରା ପୋଡ଼ି ପାଉଁଶ

**ଜଗତସିଂହପୁର,୩।୫/ଏନ୍ଏନ୍ଏସ୍:** ଗୁରୁବାର ବାଲିକୁଦା ଥାନା ଅନ୍ତର୍ଗତ ନହରଣା ଗ୍ରାମର ବିଜୟ ବାରିକଙ୍କ ୩ବଖରା ଚାଳ ଛପର ଘର ପୋଡି ପାଉଁଶ ହୋଇ ଯାଇଛି । ଯାହାଫଳରେ ଘରେ ଥିବା ସମସ୍ତ ସାମଗ୍ରୀ ସହିତ ନଗଦ ୨୨ହଜାର ଟଙ୍କା, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ଭସ୍ମ ହୋଇ ଯାଇଛି । ଏପରିକି ପରିବାର ଲୋକେ ପିନ୍ଧିଥିବା ବସ୍ତ୍ରକୁ ଛାଡି ଦେଲେ ବାକି ସମସ୍ତ ସାମଗ୍ରୀ ପୋଡିଯାଇଥିବା ନେଇ ବିଜୟଙ୍କ ପରିବାର ବାସହରା ହୋଇ ପଡିଛନ୍ତି । ତେବେ ଅଗ୍ନିକାଣ୍ଡ ସମ୍ପର୍କରେ ନିକଟସ୍ଥ ବାଲିକୁଦା ଅଗ୍ନିଶମ ବିଭାଗ ସୁଚନା ପାଇଁ ନିଆଁ ଲିଭାଇବା ପାଇଁ ଅଗ୍ନିଶମ ଗାଡି ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇ ଥିଲେ ମଧ୍ୟ ସମସ୍ତ ସାମଗ୍ରୀ ଜଳିପୋଡି ପାଉଁଷ ହୋଇ ଯାଇଥିଲା । ତେବେ ଅଗ୍ନିକାଣ୍ଡ ବିଦ୍ୟୁତ୍ ସଟ୍‌ସର୍କିଟ ଯୋଗୁ ହୋଇଥିବା ସୁଚନା ମିଳିଛି । ଅପର ପକ୍ଷରେ ବିଜୟଙ୍କ ଏହି ବିପଦ ସମୟରେ ଜରୁରୀ କାଳିନ ଭିତିରେ ପରିବାଙ୍କୁ ଅସ୍ଥାୟୀ ବସବାସ ନିମନ୍ତେ ବ୍ୟବସ୍ଥା କରିବା ସହିତ ଖାଦ୍ୟ ପଦାର୍ଥ ଯୋଗାଇ ଦେବା ସହିତ ପରିବାକୁ ଆର୍ଥିକ ସହାୟତା ଓ ଏକ ପକ୍କାଘର ଯୋଗାଇ ଦେବା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ବିଜୟ ଉତ୍ସବ




**ଯାଜପୁର,୩।୫/ଏନ୍ଏନ୍ଏସ୍:** ଭାରତରେ ଜାତିଭିତିକ ଜନଗଣନା କରାଯିବା ପାଇଁ ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବାରମ୍ବାର ଦାବି ଫଳରେ କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନାକୁ ସ୍ୱୀକୃତି ଦେଇଛନ୍ତି । କଂଗ୍ରେସ ଦଳର ଏହି ବିଜୟକୁ ପ୍ରତ୍ୟେକ ଜିଲ୍ଲା ସ୍ତରରେ ଉତ୍ସବ ଭାବେ ପାଳନ କରାଯାଉଥିବା ବେଳେ ଆଜି ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ବିଜୟ ଉତ୍ସବ ପାଳନ କରାଯାଇଛି । ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଯୋଗ ଦେଇ ଦୀର୍ଘ ୧୧ ବର୍ଷ ଧରି ବିରୋଧୀ ଦଳନେତା ରାହୁଲ ଗାନ୍ଧୀ ଜାତିଭିତ୍ତିକ ଜନଗଣନା କରିବାକୁ ଦାବି କରି ଆସୁଥିଲେ । ଏହା ଦ୍ୱାରା ଆଦିବାସୀ, ହରିଜନ ଓ ପଛୁଆ ବର୍ଗର ଲୋକଙ୍କ ଜନଗଣନା ସଙ୍ଗେସଙ୍ଗେ ସାମାଜିକ ଓ ଆର୍ଥିକ ସ୍ଥିତି ଉପରେ ସରକାରଙ୍କ ଧାରଣା ହେବ । ୫୦ ଭାଗ ସଂରକ୍ଷଣ ଉପରେ ଲାଗିଥିବା ଅଙ୍କୁଶର ପୁନଃବିଚାର ହୋଇପାରିବ ବୋଲି କହିଥିଲେ । ଉପସ୍ଥିତ କର୍ମୀ ଓ ନେତୃମଣ୍ଡଳୀମାନେ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହିତ ରାହୁଲ ଗାନ୍ଧୀ ଜିନ୍ଦାବାଦ ,କଂଗ୍ରେସ ଦଳ ଜିନ୍ଦାବାଦ, ଭାରତ ବର୍ଷରେ ଜାତିଗତ ଜନଗଣନା କରାଇଲା କିଏ, ରାହୁଲ ଗାନ୍ଧୀ ଆଉ କିଏ ବୋଲି ଧ୍ୱନୀ ଦେଇଥଇଲେ । ଉପସ୍ଥିତ ନେତୃମଣ୍ଡଳୀ ଏହା ଏକ ଐତିହାସିକ ବିଜୟ ବୋଲି କହିବା ସହିତ ଏହା ରାହୁଲ ଗାନ୍ଧୀଙ୍କ ଦ୍ୱାରା ହିଁ ସମ୍ଭବ ହୋଇପାରିଛି ବୋଲି କହିଥିଲେ । ପରେ କର୍ମୀମାନଙ୍କ ମଧ୍ୟରେ ମିଷ୍ଟାନ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସନ୍ତୋଷ ନନ୍ଦ,କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ବିଧାନସଭା ମଣ୍ଡଳୀ ନେତା ସୁଦୀପ କୁମାର କର, ଗଦାଧର ଦାସ, ଦୁର୍ଯ୍ୟୋଧନ ବେହେରା, ଦିଲୀପ ଦାଶ, ଆଲୋକ ବେହେରା, ସଂଗ୍ରାମ ସାହାଣୀ, ସଂଗ୍ରାମ ଜେନା, ବିଦ୍ୟାଧର ବାରିକ, ନକୁଳଦେବ ସାହୁ, ସନ୍ତୋଷ ରାଉତ, ଗୋବିନ୍ଦ ସାହୁ,ନିକୁଞ୍ଜ ସାମଲ, ଅରଜିତ ନାୟକ, ଅକ୍ଷୟ ଶତପଥୀ, ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## କେ. ନରସିଂହ ରେଡ୍ଡୀ ଏନ୍‌ଟିପିସି ଇଡି

**କଣିହାଁ,୩।୫/ଏନ୍ଏନ୍ଏସ୍:** ଏନ୍‌ଟିପିସି କଣିହାଁର ଇଡି ଏବଂ ପ୍ରକଳ୍ପ ମୁଖ୍ୟ ଭାବରେ କେ ନରସିଂହ ରେଡ୍ଡୀ ଏପ୍ରିଲ ୩୦ ତାରିଖ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । କାର୍ଯ୍ୟରେ ଯୋଗଦାନ ପରେ ଏନ୍‌ଟିପିସିର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଗଣ ତାଙ୍କୁ ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥଲେ । ୧୯୬୬ ମସିହା ଏପ୍ରିଲ ୨ ତାରିଖରେ ଜନ୍ମଗ୍ରହଣ କରିଥିବା ଶ୍ରୀ ରେଡ୍ଡୀ ୫ ସେପ୍ଟେମ୍ବର ୧୯୮୯ ମସିହାରେ ମେକାନିକାଲ୍ ରକ୍ଷଣାବେକ୍ଷଣ ବିଭାଗରେ ଜଣେ କାର୍ଯ୍ୟନିର୍ବାହୀ ପ୍ରଶିକ୍ଷାର୍ଥୀ ଭାବରେ ଏନ୍‌ଟିପିସିରେ ଯୋଗଦେଇ ତାଙ୍କର ଯାତ୍ରା ଆରମ୍ଭ କରିଥିଲେ । ସେବେଠାରୁ ସେ ବିଭିନ୍ନ କାର୍ଯ୍ୟରେ ଯଥା ପରିଚାଳନା ପ୍ରକଳ୍ପ ପରିଚାଳନା, ପ୍ରକଳ୍ପ ଯୋଜନା ଏବଂ ମନିଟରିଂ ଇତ୍ୟାଦି କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଅର୍ଜନ କରିଛନ୍ତି । ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏକ ବିଶିଷ୍ଟ କ୍ୟାରିଅର ସହିତ ଶ୍ରୀ ରେଡ୍ଡୀ ତାଙ୍କ ସହିତ ଅଭିଜ୍ଞତାର ଭଣ୍ଡାର ଏବଂ ଦୃଢ଼ ନେତୃତ୍ୱ ଜ୍ଞାନ ଆଣିଛନ୍ତି । ଶ୍ରୀ ରେଡ୍ଡି କହଲଗାଓଁ, ସିମାଦ୍ରି, ବାର୍ଡ, ରିହାଣ୍ଡ ଏବଂ ଫରିଦାବାଦ ସମେତ ଏନ୍‌ଟିପିସି ପାୱାର ଷ୍ଟେସନଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଯାନ୍ତ୍ରିକ ରକ୍ଷଣାବେକ୍ଷଣ ମୁଖ୍ୟ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ମୁଖ୍ୟ ଏବଂ ଶେଷରେ ପ୍ରକଳ୍ପ ମୁଖ୍ୟ ଭଳି ପ୍ରମୁଖ ନେତୃତ୍ୱ ପଦବୀରେ ରହି ସଫଳତା ହାସଲ କରିଛନ୍ତି । ତାଙ୍କ ନେତୃତ୍ୱରେ ଏନ୍‌ଟିପିସି କଣିହାଁ ପ୍ରକଳ୍ପ ସୁରକ୍ଷା, ନିର୍ଭରଯୋଗ୍ୟତା, ଦକ୍ଷତା ଏବଂ ପରିବେଶଗତ ପରିଚାଳନାରେ ନୂତନ ମାନଦଣ୍ଡ ହାସଲ କରିବ ।



# କୃତୀ ମାଟ୍ରିକ୍ ଛାତ୍ରଛାତ୍ରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

**ନୟାଗଡ଼,୩।୫/ଏନ୍ଏନ୍ଏସ୍:** ଶୁକ୍ରବାର ପ୍ରକାଶ ପାଇଛି ଦଶମଶ୍ରେଣୀ ପରୀକ୍ଷା ଫଳ। ନୟାଗଡ଼ ଜିଲ୍ଲାରେ ପାସ ହାର ୯୬.୯୧ ପ୍ରତିଶତ ହୋଇଥିଲା ବେଳେ କୃତୀ ମାଟ୍ରିକ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିବା ଜଣାପଡ଼ିଛି। ନୟାଗଡ଼ ସହର ଖଣ୍ଡପଡା ରୋଡ଼ ମହାବୀର ଲେନ୍‌ର ଆଶିଷ କୁମାର ପ୍ରଧାନ ଜିଲ୍ଲା ଟପ୍ପର ହୋଇ ୬୦୦ରୁ ୫୭୩ ନମ୍ବର ରଖିଛନ୍ତି। ଆଶିଷଙ୍କ ଘର ନୟାଗଡ଼ ବ୍ଲକ ଶରଧାପୁର ହୋଇଥିବାବେଳେ ସେ ନୟାଗଡ଼ ସହରରେ ରହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠ ପଢୁଥିଲେ। ନୟାଗଡ଼ ସହର ନୂଆ ରାଜବାଟୀ ରୋଡର ଶ୍ରୀଅରବିନ୍ଦ ସ୍କୁଲର ଅଂଶୁମାନ ନନ୍ଦ ୫୬୫ ନମ୍ବର ରଖି ଜିଲ୍ଲାରେ ୨ୟ ସ୍ଥାନରେ ରହିଛନ୍ତି। ଅଂଶୁମାନଙ୍କର ଘର ନୟାଗଡ଼ ବ୍ଲକର ବରପଲ୍ଲୀ ଗାଁରେ। ଅନ୍ୟପକ୍ଷେ ଦଶପଲ୍ଲା ହାଇସ୍କୁଲର ପ୍ରାଚୀ ମହାପାତ୍ର ଜିଲାରେ ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। ପ୍ରାଚୀଙ୍କ ଘର ନୂଆଗାଁ ବ୍ଲକର କୋରଡା ହୋଇଥିବାବେଳେ ଦଶପଲା ସହର କୃଷ୍ଣଚନ୍ଦ୍ରପୁର ପାଟଣାରେ ରହୁଛନ୍ତି। ଜିଲ୍ଲାରେ ୪୪ ଜଣ ଏ ୱାନ୍ ପାଇଥିବା ଜଣାପଡିଛି। ୪୪ ଏ ୱାନ୍‌ଙ୍କ ମଧ୍ୟରୁ ପ୍ରଥମ ୨ୟ ଓ ୩ୟ କୁ ଛାଡି ଦେଲେ କ୍ରୀଦାଶପୁର ଆଞ୍ଚଳିକ ହାଇସ୍କୁଲର ପୁଷ୍ପାଞ୍ଜଳୀ କୁଣ୍ଡ, କିଶୋର ଚନ୍ଦ୍ର ନୋଡାଇ ବିଦ୍ୟାପୀଠ ଗଣିଆର ସନ୍ଦିପ କୁମାର ସାହୁ, ନୟାଗଡ଼ ଏନ୍ଏସି ହାଇସ୍କୁଲର ପିଙ୍କି କୁମାର ସିଂ, ରଣପୁର ବିସି ହାଇସ୍କୁଲର ଆଦିତ୍ୟ ପ୍ରସାଦ ପତି, ସରସ୍ୱତୀ ବିଦ୍ୟାମନ୍ଦିର ନୟାଗଡ଼ର ବର୍ଚ୍ଛିତ ଅର୍ଦ୍ଧନ ପ୍ରଧାନ ଓ ଷୋହନ ପଣ୍ଡା କ୍ଷ



ଏହି ପରିପ୍ରେକ୍ଷୀରେ ମାଟ୍ରିକ ପରୀକ୍ଷାରେ ଏନଏସି ହାଇସ୍କୁଲର ୫୬୦ ନମ୍ବର ରଖି ଏ-୧ ପାଇଥିବା ଛାତ୍ରୀ ପିଙ୍କି କୁମାରୀ ସିଂଙ୍କୁ ବିଦ୍ୟାଳୟ ପକ୍ଷରୁ ଉଚ୍ଛର୍ସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥି ସହିତ ଏ-୨ ପାଇଥିବା ଅନ୍ୟ ୫ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଏହି ଛାତ୍ରଛାତ୍ରୀମାନେ ହେଲେ ଐଶ୍ୱର୍ଯ୍ୟା ପ୍ରଧାନ, ଶୁଭମ ମୁଦୁଲି, ପ୍ଲାଜା ରାଣୀ ପାତ୍ର, ଶୁଭଶ୍ରୀ ଶୁଭସ୍ମିତା ମହାପାତ୍ର ଏବଂ ଆୟୁଷ କୁମାର। ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ ସେମାନଙ୍କୁ ଫୁଲତୋଡ଼ା ଏବଂ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ ଡାକୁଆ, ପୂର୍ଣ୍ଣିମା ତ୍ରିପାଠୀ, ସୁଚିତ୍ରା ଦେବୀ, ରୋଜାଲିନ ମିଶ୍ର, ଜ୍ୟୋତିର୍ମୟୀ ରଥ, ଉମାକାନ୍ତ ମିଶ୍ର, କାଦମ୍ବିନୀ କରଣ, ସୌଦାମିନୀ ପ୍ରଧାନ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ ଯେ ଏନ୍ଏସି ହାଇସ୍କୁଲର ମୋଟ ୧୧୪ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ୍‌କରି ବିଦ୍ୟାଳୟ ପାଇଁ ଶତ ପ୍ରତିଶତ ସଫଳତା ଆଣିଛନ୍ତି।

## ଚାରିଛକ ଥାନା ପକ୍ଷରୁ ମା' ବେଲେଶ୍ୱରୀଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ହୋମଯଜ୍ଞ



**ଚାରିଛକ,୩।୫/ଏନ୍ଏନ୍ଏସ୍:** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଚାରିଛକସ୍ଥିତ ପୁରୁଣା ଫାଣ୍ଡି ଛକଠାରେ ଥିବା ମା' ବେଲେଶ୍ୱରୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ,ବିଶ୍ୱଶାନ୍ତି ହୋମଯଜ୍ଞ ସହ ଥାନା ମେଳଣ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାରେ ମୁଖ୍ୟ କର୍ତ୍ତାଭାବେ ଅଶୋକ କୁମାର ସାହୁ ଓ କର୍ତ୍ତ୍ରୀ ଭାବେ ଥାନା ଅଧିକାରୀ ମମତା ବିଶ୍ୱାଳ ପୂଜାକାର୍ଯ୍ୟରେ ଯୋଗଦେଇଥିଲେ। ପୂଜକ ରମେଶ ଚନ୍ଦ୍ର ମିଶ୍ର ଓ ତାଙ୍କ ସାଥିମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ସରିବା ପରେ ସ୍ଥାନୀୟ ଲୋକ ଓ ଥାନା କର୍ମଚାରୀମାନେ ମା' ବେଲେଶ୍ୱରୀଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ବସାଇ ଠାକୁର ଆଗରେ ସାହିଯାତ୍ରା, ଘୋଡାନାଚ, ରାମତାଳି,ଲହୁଡି ଖେଳ, ଘଣ୍ଟ ବଜାଇ, ଆତସବାଜି ଫୁଟାଇ ଚାରିଛକ ବଜାର, ଓରପଟ, ବ୍ରହ୍ମକୁଣ୍ଡୀ ଆଦି ଗ୍ରାମ ପରିକ୍ରମା କରି ଥାନା ପରିସରରେ ପହଞ୍ଚିବା ପରେ ସେଠାରେ ଠାକୁରଙ୍କ ଭୋଗଲାଗି ହୋଇଥିଲେ। ଆଜିର ଏହି ପୂଜାକାର୍ଯ୍ୟରେ ପୁରୀ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ପତି, ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢୀ, ନିମାପଡା ଆଇଆଇସି ବାମଦେବ ସ୍ୱାଇଁ, ଏସଆଇ ସଂଗ୍ରାମ କେଶରୀ ସ୍ୱାଇଁଙ୍କ ସମେତ ବିଭିନ୍ନ ଥାନା ଅଧିକାରୀ ଓ ସହକର୍ମୀମାନେ ଯୋଗଦେଇଥିଲେ। ଥାନା ଏସଆଇ କୃଷ୍ଣଚନ୍ଦ୍ର ପୃଷ୍ଟି,ଏଏସଆଇ କୈଳାଶ ପ୍ରଧାନ,ବୁଦ୍ଧୁରାମ ମୁର୍ମୁ, ଇନ୍ଦୁଲତା ମିଶ୍ର, ସବିତା ରାଣୀ ଦେବୀଙ୍କ ସମେତ ସମସ୍ତ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ। ସନ୍ଧ୍ୟାରେ ଥାନା ପରିସରରେ ଭଜନ ସଂନ୍ଧ୍ୟା ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବଜରଙ୍ଗବାଲିଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

**ମାହାଙ୍ଗା,୩।୫/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର ମହାଦେବ ପୀଠ ପରିସରରେ ପ୍ରଭୁ ବଜରଙ୍ଗ ବାଲିଙ୍କ ୧୫ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳସ ଯାତ୍ରା,ରୁଦ୍ରାଭିଷେକ, ହନୁମାନ ଚାଳିଶା,ଅଗ୍ନିସ୍ଥାପନ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଯଥାରିତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ଦିଲ୍ଲୀପ କୁମାର ସିଂହ, କର୍ତ୍ତ୍ରୀ ଭାବେ ନିବେଦିତା ମହାନ୍ତି ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକ ଭାବେ ବରିଷ୍ଠ ପଣ୍ଡିତ ସିତିକଣ୍ଠ ମିଶ୍ର ଓ ସାଥିଙ୍କ ଦ୍ୱାରା ପୂଜା କାର୍ଯ୍ୟ ସଂପାଦନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର ମନ୍ଦିର ଉନ୍ନୟନ ଓ ପରିଚାଳନା ସମିତିର କର୍ମକର୍ତ୍ତା ସହଯୋଗ କରିଥିଲେ।

## ହାଇଦ୍ରାବାଦ୍‌ରେ କାର୍ଯ୍ୟରତ ଓଡ଼ିଆ ଯୁବକଙ୍କ ମୃତ୍ୟୁ

**କୁଆଁପାଳ,୩।୫/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଞ୍ଚାୟତ ଅଧିନସ୍ଥ ଅଚ୍ୟୁତପୁର ଗ୍ରାମର ଗୁଣନିଧି ଦାସଙ୍କ ଜ୍ୟେଷ୍ଠପୁତ୍ର ବିକାଶ ଚନ୍ଦ୍ର ଦାସ(୪୪)ଙ୍କର ହାଇଦ୍ରାବାଦସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଦେହାନ୍ତ ହୋଇଯାଇଛି। ସେ ଦୀର୍ଘଦିନ ହେବ ହାଇଦ୍ରାବାଦସ୍ଥିତ ଏକ ଘରୋଇ କଂପାନୀରେ କାର୍ଯ୍ୟ କରିଆସୁଥିଲେ। ଗତ ମଙ୍ଗଳବାର ଦିନ ହଠାତ୍ ଅସୁସ୍ଥ ହେବାରୁ ବିକାଶ ଚନ୍ଦ୍ର ଦାସଙ୍କୁ ଚିକିତ୍ସା ପାଇଁ ଏକ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ହେଉଥିବା ସମୟରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ସମୟରେ ତାଙ୍କର ପତ୍ନୀ ଓ ପରିବାରର ଲୋକେ ଉପସ୍ଥିତ ଥିଲେ। ବିକାଶ ଚନ୍ଦ୍ର ଦାସଙ୍କ ବିୟୋଗରେ ଆମ ମାହାଙ୍ଗାର ଅଧକ୍ଷ ଡ. ଅମରେନ୍ଦ୍ର ମହାନ୍ତି, ସାମ୍ବାଦିକ ବିଜୟ କୁଅଁର, ରାଜେଶ ସାହୁ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଦେବରଂଜନ ମହାନ୍ତି, ସମିତିସଭ୍ୟ ଦିଲ୍ଲୀପ କୁମାର ସାମଲ, ପଞ୍ଚାୟତ ସଭାପତି ଜଳଧର ନାୟକ, ଜିଲ୍ଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କୁରୁଜଙ୍ଗା ସରପଞ୍ଚ କମଳାକାନ୍ତ ଦାସ, ଭଦ୍ରେଶ୍ୱର ସରପଞ୍ଚ କମଳାକାନ୍ତ ରାଉତ, ହଳଦିଆ ସରପଞ୍ଚ ରାଜେନ୍ଦ୍ର ସାହୁ, ଜତୀନଜୟ କୁଅଁର, ରାୟଗୁରୁ ସନ୍ତୋଷ କୁମାର ମହାପାତ୍ର, ସରୋଜ କୁମାର ଘଡେଇ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଫୁଲ୍ଲ ପ୍ରଧାନ, ଜଗବନ୍ଧୁ ଗୋଛାୟତ, ଶ୍ରୀନିବାସ ସେନାପତି, ଦିଲ୍ଲୀପ କୁମାର ସାହୁ, ଅଚ୍ୟୁତାନନ୍ଦ ସେଠୀ, ସୁରେନ୍ଦ୍ରନାଥ ଶତପଥି, ଉମେଶ ମହାନ୍ତି, ଗୌତମ ଚରଣ ଜେନା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାରପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

## ପୁରୀ ଜିଲ୍ଲାରେ ହକି ଖେଳ ପ୍ରତି ଛାତ୍ରଛାତ୍ରୀଙ୍କ ବଢୁଛି ଆଗ୍ରହ



**ପୁରୀ,୩।୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାର ଜିଲ୍ଲାସ୍କୁଲ ଖେଳପଡିଆରେ ବିଗତ ଏକବର୍ଷ ପୂର୍ବରୁ ଟାଟା ଟ୍ରଷ୍ଟସ ଏବଂ ନାଭାଲ ଆନୁକୂଲ୍ୟରେ ଗ୍ରାସ୍‌ରୁଟ୍ ସେଣ୍ଟର ଖୋଲାଯାଇ ସାତବର୍ଷରୁ ଆରମ୍ଭ କରି ୧୯ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ଏବଂ ବାହାରେ ବୁଲୁଥିବା ପିଲାମାନଙ୍କୁ ମାଗଣାରେ ଉତ୍ତମ ମାନର ହକି ଖେଳର ଶିକ୍ଷା ଦିଆଯିବା ସହିତ ଶିକ୍ଷା ନେଉଥିବା ଖେଳାଳିମାନଙ୍କୁ ଖେଳର ସମସ୍ତ ଉପକରଣ ମାଗଣାରେ ଯୋଗାଇ ଦିଆଯାଉଛି।

ପ୍ରତ୍ୟେକ ଦିନ ଦୁଇ ଟାଇମ ପୁରୀ ଜିଲ୍ଲାସ୍କୁଲ ଖେଳ ପଡିଆରେ ପ୍ରଶିକ୍ଷଣ ନେଉଥିବା ଖେଳାଳି ମାନଙ୍କୁ ଦୁଇଜଣ ଜାତୀୟ ସ୍ତରୀୟ କୋଚ ପ୍ରଶିକ୍ଷଣ ଦେଉଛନ୍ତି। ଏହି ହକି ପ୍ରଶିକ୍ଷଣ ଶିବିରରେ ବର୍ତ୍ତମାନ ପୁରୀ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଦୁଇଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ଏହି ହକି ଖେଳର ସଂଯୋଜକ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଗୋପାଳ ଚନ୍ଦ୍ର ପରିଡାଙ୍କ କହିବାନୁସାରେ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟର କ୍ରୀଡା ଶିକ୍ଷକମାନଙ୍କୁ ହକି ଖେଳର ପ୍ରଶିକ୍ଷଣ ଦିଆଯାଇ ପ୍ରତ୍ୟେକ ବିଦ୍ୟାଳୟରେ ହକି ଖେଳ ପ୍ରତି ଛାତ୍ରଛାତ୍ରୀମାନଙ୍କ ମନରେ ଆଗ୍ରହ ସୃଷ୍ଟି କରାଯାଉ, ଯେହେତୁ ହକି ଖେଳ ହେଉଛି ଆମର ଜାତୀୟ ଖେଳ ବୋଲି ସେ କହିଛନ୍ତି।

## ଯୁକ୍ତତିନି ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

**ସାକ୍ଷୀଗୋପାଳ,୩।୫/ଏନ୍ଏନ୍ଏସ୍:** ସାକ୍ଷୀଗୋପାଳର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭା ଗୃହରେ ଶନିବାର ଇଂରାଜୀ ଯୁକ୍ତ ୩ ଶେଷବର୍ଷ ଛାତ୍ରଛାତ୍ରୀମାନଙ୍କର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ପ୍ରଥମ ବର୍ଷର ଇଂରାଜୀ ସମ୍ମାନ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅନୁଷ୍ଠାନର ଅଧକ୍ଷ ପ୍ରା. ସତ୍ୟଶିବ ସୁନ୍ଦର ମିଶ୍ର ଓ ରସାୟନ ବିଭାଗର ମୁଖ୍ୟ ପ୍ରା. ଶଙ୍କର ପ୍ରସାଦ ମିଶ୍ର ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଅଧକ୍ଷ ଶ୍ରୀ ମିଶ୍ର ପୁରୀ ସ୍ଥିତ ସାମନ୍ତ ଚନ୍ଦ୍ର ଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଦ୍ୱାରା ଆୟୋଜିତ ସାହିତ୍ୟ କର୍ଣ୍ଣିଭାଲରେ ଭାଗ ନେଇଥିବା ଚନ୍ଦ୍ରଶେଖର ମୁଦୁଲି, ସୁଚିସ୍ମିତା ସାହୁ, ସୁଶ୍ରୀ ସୁପ୍ରିୟା ପ୍ରଧାନ, ପ୍ରିୟଙ୍କା ପ୍ରିୟ ଦର୍ଶିନୀ ଦାଶ, ନାଜ ଫାତିମାଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଇଂରାଜୀ ବିଭାଗ ଅଧାପିକା ଡ଼କ୍ଟର ପୁପୁଲ ମହାନ୍ତି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ପିଏଚ୍‌ଡି ଉପାଧି ଲାଭକରି ଥିବାରୁ ମୁଖ୍ୟଅତିଥି ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରା. ମନୋଜ କୁମାର ପରିଡା ଓ ଅଧାପିକା ଜେ ଜ୍ୟୋତ୍ସ୍ନା ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




**AFFIDAVIT**

By virtue of an affidavit sworn before the Notary Public, Bhubaneswar, I, Jasmeet Kaur Sibbal Malhotra previously called Jasmeet Kaur Malhotra (Old name), Address at- HIG-6, BDA Colony, Gangadhar Meher Marg, Jaydev Vihar, Bhubaneswar-13, Dist- Khordha, Odisha do hereby declare that my name has been mentioned Jasmeet Kaur Sibbal as per Aadhar card and Jasmeet Kaur Malhotra as per my child Birth Certificate. Instead of my correct name is Jasmeet Kaur Sibbal Malhotra as per Passport. That **Jasmeet Kaur Sibbal Malhotra** and **Jasmeet Kaur Malhotra** & **Jasmeet Kaur Sibbal** is one and same person for all purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar dated 01.05.2025, I, Raut Kajal, aged about 40 years, W/o- Raut Kush, permanent resident of At/Po - Putu, Gadadamodarpalli, Dist-Ganjam, Odisha, Pin-761107, Aadhar No. 2093 2711 1620 declare that I have changed my daughter's name from Saili Raut to Sahil Routa. Henceforth, she shall be known as **Sahil Routa** for all purposes. **(Raut Kajal)**

**AFFIDAVIT**

By virtue of an affidavit sworn before Executive Magistrate, Banpur, Khordha, vide no-1735, Dt-01/05/2025, I Usha Kiran Tarai, aged about 33yrs., D/O- Bhasakar Tarai of Ashok Nagar, Balugaon, Khordha, hereby declare that after marriage my name is mentioned as Usha Kiran Patra, W/O- Barada Prasad Patra in my Adhar card, but in my 10th Board certificate, Birth certificate my name is mentioned as Usha Kiran Tarai, D/O- Bhaskar Tarai. Hence Usha Kiran Tarai & Usha Kiran Patra, is one and same person for all purposes.

Sd/- Usha Kiran Tarai

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ. 02-KUR-TRD-OT-2025-26

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ [illegible] ଲାଇନରେ [illegible] ଭୁବନେଶ୍ୱର [illegible] କି.ମି. 422/4-6 ରେ ଲେଭେଲ କ୍ରସିଂ ନଂ. 182 ପରିବର୍ତ୍ତେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ସମୟରେ OHE ରୂପାନ୍ତରଣ କାର୍ଯ୍ୟ ନିଷ୍ପାଦନ।

ବିଜ୍ଞାପିତ ମୂଲ୍ୟ : ₹ 13,30,146.39, EMD : ₹ 26,600/-, ସମ୍ପୂର୍ଣ୍ଣ ହେବା ଅବଧି: 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.07.05.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.05.2025ରିଖ 1300 ଘଣ୍ଟିକାରେ।

[illegible] www.ireps.gov.in [illegible]

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-90/Q/25-26

CAD-287

**ODISHA LIFT IRRIGATION CORPORATION LIMITED**
**(A Government of Odisha Undertaking)**
**OFFICE OF THE EXECUTIVE ENGINEER, L.I. DIVISION, CUTTACK**
e-mail I.D – eeolic_ctc@yahoo.in
*e-Procurement Notice*
**Bid Identification No.04 /OLIC (CTC) / Dt. 01 /05/2025**

| | | |
|---|---|---|
| 1. | Name of work | "Reinforcement of Lift Irrigation Projects" of 25 nos LIPs in different blocks of Cuttack District under State-Plan Grant-2024-25 |
| 2. | Estimated Cost | AS PER DTCN |
| 3. | Cost of tender paper | AS PER DTCN |
| 4. | Date & time of publication | Dt. 05.05.2025 from 10.00 A.M. |
| 5. | Date & time of closing | Dt. 14.05.2025 at 5.00 P.M. |
| 6. | Date & time of opening of bid | Dt. 15.05.2025 at 10.00 A.M. |
| 7. | The bidders have to participate in online bidding only. | |

Further details can be seen from the website www.tendersorissa.gov.in.
Addendum/corrigendum/cancellation of tender if any, can be seen in the said website

Sd/-
Executive Engineer

OIPR-32304/11/0005/2526

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ETELCONBBST-365E, ତା.28.04.2025ରିଖ

କାର୍ଯ୍ୟର ନାମ : [illegible] HVAC [illegible] (Concourse) [illegible]

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1002.78 ଲକ୍ଷ, EMD : ₹ 6,51,400/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.05.2025ରିଖ 1200 ଘଣ୍ଟିକାରେ।

[illegible] www.ireps.gov.in [illegible]

[illegible] ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ଦସ୍ତାବିଜ ସମୂହ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଖଣ୍ଡ ସୂଚୀ, ଧାରା 3.1 (ଖଣ୍ଡ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-II)/ ଭୁବନେଶ୍ୱର

PR-18/CI/25-26

**OFFICE OF THE NOTIFIED AREA COUNCIL: CHAMPUA**
e-Mail:-champuanac@gmail.com
No. 1069, Date : 30.04.2025
**e-Procurement Notice**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in

1. Tender Reference No : EOCHAMPUANAC-NO-52/2025-26
2. Tender I.D No: : 2025_ORULB_113012_1 to 11
3. Name of the Work : Civil Construction works as mentioned in website
4. No. of works : 11 No.
5. Estimated Cost : Rs. 1665310.00 to 646751.00
6. Period of Completion : 60 days
7. Date &Time of Bidding : 02.05. 2025 to 21.05.2025 up to 5pm
8. Last date & time for receipt Of bids in the portal : 21 .05.2025 up to 5pm
9. Last date for Submission of documents : On or before 23 .05.2025 up to 5PM (By speed Post/ post)
10. Bids received online shall be opened on dt. : 26 .05.2025 at 9.30 AM
11. Name and address of the Officer inviting Bid : Executive Officer, Champua NAC

Further details can be seen from the procurement portal i.e. www.tendersodisha.gov.in

Sd/- Executive Officer
Champua NAC

OIPR-13157/11/0005/2526 C-226

B-77

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH**
E-mail : eepwdbgh@gmail.com, Phone / Fax - 06646 - 234819
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO. IFB-SE PWD BGH No.02 of 2025-26
No. 2156, Dated 29.04.2025

1) The Superintending Engineer, Bargarh (R&B) Division, Bargarh on behalf of Governor of Odisha invites percentage rate bid in single & double cover system in ONLINE MODE for the Civil & EI works (Civil + EI + PH) (Composite work) as detailed in the Detailed Tender Call Notice (D.T.C.N) from the eligible class of contractors.
2) No of Civil & Electrical work : 03 Nos.
3) Cost of tender paper : Rs.4,000/-, Rs.6,000/- & Rs.10,000/-
4) Class of contractor : "D", "C" & "B" Class Contractor & "HT" Electrical Contractor
5) Date & time of available in website & receipt of bids : 11:00 hrs. of 06.05.2025 to 17.00 hrs. of 15.05.2025
6) Date of opening of Technical Bid : 16.05.2025 at 11:30 hrs.
7) The bidders have to participate in ONLINE bidding only. Further details can be seen from the state Govt. portal website https://tendersodisha.gov.in
8) Any corrigendum / Addendum will be displayed in the website https://tendersodisha.gov.in only.

Sd/- Superintending Engineer
Bargarh (R&B) Division

OIPR-34039/11/0022/2526

A-104

**GOVERNMENT OF ODISHA**
**DEPARTMENT OF WATER RESOURCES**
OFFICE OF THE EXECUTIVE ENGINEER
TEL IRRIGATION DIVISION, SONEPUR
E-mail:eeteldivn2022@gmail.com
**"e- Procurement Notice"**
**BID Identification No: EE,TID,SNP- 02/2025-26**

1. Name/ Nature of Work : Flood Protection Embankment Work
2. No of Works : 01 No
3. Estimated Cost : Rs. 86.72 Lakhs
4. Bid document Cost : Rs.10,000.00
5. EMD : Mentioned in Col. 5 of NIT
5. Class of Contractor : 'B' Class only (Odisha PWD or relevant class of other licensing Authority.)
6. Period of Completion : Mentioned in Col. 7 of NIT
7. Other details are as follows.

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Tel Irrigation Division, Sonepur | EE,TID,SNP – 02/2025-26 | Dt. 05.05.2025 at 10.00 hours | Dt.20.05.2025 up to 17.30 hours | From Dt.05.05.2025 to dt. 15.05.2025 at Office during office hours. | Dt.21.05.2025 at 11.00 Hours | To be intimated after evaluation of Technical Bid. | Office of Executive Engineer, Tel Irrigation Division, Sonepur |

Further details can be seen from the e-procurement portal https://www.tendersodisha.gov.in"

Sd/- Executive Engineer
Tel Irrigation Division, Sonepur

OIPR-32015/11/0029/2526

**Repco Home Finance Limited**
**BHUBANESWAR BRANCH:** NB Towers, Plot No.426/2260, Near Rajdhani Gas, Nayapalli, Bhubaneswar, Odisha-751012

**ଅଧିଗ୍ରହଣ ବିଜ୍ଞପ୍ତି**

[illegible]

**ସମ୍ପତ୍ତି ବିବରଣୀ:**

[illegible]

Date: 29.04.2025 Authorized Officer, Repco Home Finance Ltd

i-63

**OFFICE OF THE PANCHAYAT SAMITI RAJGANGPUR**
DISTRICT : SUNDARGARH
Phone : [illegible], E-mail : [illegible]
**Notice No – 02 /date – 01.05.2025**

| Sl. No | Location | Name of the Work | Amount put to Tender in Rs. | Period of Completion | Class of Contractor |
|---|---|---|---|---|---|
| 1 | 2 | 3 | 4 | 7 | 8 |
| 1 | Sagiore | Construction of Additional class room at Govt. Primary School, Ranibandhtola. | 14,41,835 | Six(6) Calender Month | "D & C" Class Contrator |
| 2 | Sagiore | Construction of Additional class room at Govt. Primary School, Yudhisthirtola | 14,41,836 | Six(6) Calender Month | "D & C" Class Contrator |
| 3 | Kunmuru | Construction of Additional class room at Govt. Primary School, Luhakhan | 14,44,352 | Six(6) Calender Month | "D & C" Class Contrator |

1. Date and time of availability of Bid documents in the portal : **02.05.2025 to 15.05.2025.**
2. Last Date and time for Receipt of Bids at the Block Office: **15.05.2025 (5.30 P.M.)**
3. Date and time for Opening of Bids: **16.05.2025 (11.00 A.M.)**
4. Name and Address of the Officer inviting Bid: **Block Development Officer, Rajgangpur, Sundargarh, Pin-770017.**

The detailed terms and conditions can be downloaded from the district website http://sundergarh.odisha.gov.in.

Sd/- Block Development Officer
Rajgangpur

OIPR-19332/11/0005/2526

# ନକଲି ସର୍ଫ କମ୍ପାନୀ ମାଲିକ ସମେତ ୪ ଗିରଫ

**କଟକ,୩।୫/ଏନ୍‌ଏନ୍‌ଏସ୍:** ଜଗତପୁର ଅଣ୍ଡେଇସାହି ପ୍ରେମନଗରରେ ସର୍ଫ ଏକ୍ସେଲ୍ ଓ ପାୱାର ସର୍ଫ ତିଆରି ହେଉଥିବା ନକଲି ୱାସିଂ ପାଉଡର୍‌ର କମ୍ପାନୀରେ ଜଗତପୁର ଥାନା, ମେଟ୍ରୋଲୋଜି ଡିପାର୍ଟମେଣ୍ଟ ଓ ଜିଏସ୍‌ଟି ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇ ବିପୁଳ ପରିମାଣର ନକଲି ସାମଗ୍ରୀ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ସଂସ୍ଥାର ମୁଖ୍ୟ ସ୍ଥାନୀୟ ଲକ୍ଷ୍ମଣପୁରର ଅଭିଜିତ ବେହେରା (୫୦), ଟାଙ୍ଗୀ ଥାନା ଅନ୍ତର୍ଗତ ବ୍ରାହ୍ମଣପଡ଼ାର ଗଙ୍ଗାଧର ସାହୁ (୪୮), ଜଗତପୁର ଥାନା ଅନ୍ତର୍ଗତ ଆତୋଡ଼ାର ଟିକି ଦେଉରୀ ଓରଫ ଟୁଟୁ (୨୫) ଓ ଅଶୋକ ଦେଉରୀ (୨୬)। ଆଜି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ ଅଭିଜିତ କ୍ଷୀରୋଦ କୁମାର ବୋଇତେଇଙ୍କ ୩ଟି ଘର ଭଡ଼ା ନେଇ ଏ ବେଆଇନ କାର୍ଯ୍ୟ ଚଳାଇଆସୁଥିଲା। କୌଣସି ସୂତ୍ରରୁ ଖବର ପାଇ ଜଗତପୁର ଥାନା ପୁଲିସ ପକ୍ଷରୁ ନଜର ରଖାଯାଇ ଗତକାଲି ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ବିପୁଳ ପରିମାଣର ନକଲି ସାମଗ୍ରୀ ଓ ଦସ୍ତାବିଜ ପୁଲିସ ଜବତ କରିଥିଲା।

# କିରାଣିଙ୍କୁ ବଦଳି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

**କଟକ,୩।୫/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ବା ସିଟି ହସ୍ପିଟାଲ ସୁପରିଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ କିରାଣି ଦଶ ବର୍ଷରୁ ଊର୍ଦ୍ଧ୍ୱ କାଳ ଡେପୁଟେସନ୍‌ରେ ଆସିଥିବାବେଳେ ବିଭିନ୍ନ ଦୁର୍ନୀତିରେ ଜଡ଼ିତ ରହିଛନ୍ତି। ସମ୍ପୃକ୍ତ କିରାଣିଙ୍କୁ ତୁରନ୍ତ ବଦଳି ପାଇଁ ଆମ୍ବେଦକର ସ୍ମୃତି ପରିଷଦର ସଭାପତି ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ପରିଷଦର ଏକ ଟିମ୍ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ମେଡ଼ିକାଲ୍‌କୁ ଆସୁଥିବା ରୋଗୀ କିମ୍ବା ରୋଗୀ ସମ୍ପର୍କୀୟଙ୍କୁ ମେଡ଼ିକାଲ ଫିଟନେସ୍ ସାର୍ଟିଫିକେଟ୍ ଓ ରେଫରାଲ୍ ପ୍ରଦାନରେ ଲାଞ୍ଚ ନେଉଥିବା ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ ରହିଛି। ଦାବିପତ୍ର ପ୍ରଦାନ ସମୟରେ ପରିଷଦ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ସାମଲ, ସଞ୍ଜୟ କୁମାର ରାୟ, ତୃପ୍ତିବାଳା ପ୍ରିୟଦର୍ଶିନୀ ନାୟକ, ଶିବ ଚରଣ ବାରିକ, ସୌମେନ୍ଦ୍ର ସେଠୀ, ପ୍ରବୋଧ କୁମାର ମଲ୍ଲିକ, ଅଭୟ କୁମାର ମଲ୍ଲିକ, ଧନେଶ୍ୱର ସେଠୀ, ପ୍ରଫୁଲ୍ଲ ନାୟକ, ରାଜେଶ ସ୍ୱାଇଁ, ଅଟକ କିଶୋର ଜେନା ଓ ଶ୍ୟାମଳେନ୍ଦୁ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**କଟକ,୩।୫/ଏନ୍‌ଏନ୍‌ଏସ୍:** ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ନନ୍ଦିତା ପଣ୍ଡା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ନ୍ୟାୟମୂର୍ତ୍ତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ସହ ଆଦର୍ଶ ଶିକ୍ଷାର ଗୁରୁତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରଦୀପ ପତ୍ରିକାର ପ୍ରାକ୍ତନ ମୁଖ୍ୟ ସମ୍ପାଦକ ଶିବ ନାରାୟଣ ସିଂହ ଯୋଗଦେଇ ଥିଲେ। ବିଦ୍ୟାଳୟର ଉପ ସଭାପତି ପ୍ରଦୀପ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ ବାର୍ଷିକ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ସୂର୍ଯ୍ୟକାନ୍ତ ନାୟକ, କାର୍ଯ୍ୟକର୍ତ୍ତା ଲଳିତେନ୍ଦୁ କାନୁନ୍‌ଗୋ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଢ଼ୀ, ସଦସ୍ୟା ଲକ୍ଷ୍ମୀପ୍ରିୟା ଦାସ ଉପସ୍ଥିତ ଥିଲେ। ବିଦ୍ୟାଳୟର ମୁଖପତ୍ର 'ଅନ୍ୱେଷା' ଉନ୍ମୋଚିତ ହୋଇଥିଲା। ଲକ୍ଷ୍ମୀଧର ମିଶ୍ର ଧନ୍ୟବାଦ୍ ଦେଇଥିଲେ।

# ଲୁହା ରଡ୍‌ରେ ପିଟିପିଟି ହତ୍ୟା, ଅଭିଯୁକ୍ତ ଗିରଫ

**କଟକ,୩।୫/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସଦର ଥାନା ଗୋପାଳପୁର ବଢ଼େଇ ସାହିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ବ୍ୟକ୍ତିଙ୍କୁ ଲୁହା ରଡ଼ରେ ପିଟି ହତ୍ୟା କରାଯାଇଥିବା ସୂଚନା ମିଳିଛି। ମୃତକ ଜଣଙ୍କ ହେଲେ ଗୋପାଳପୁର ଅଞ୍ଚଳର ଚକ୍ରଧର ମହାରଣା। ଜଳଖିଆ ଦୋକାନରେ ଚକ୍ରଧର ବସିଥିବାବେଳେ ଜଣେ ଦୁର୍ବୃତ୍ତ ତାଙ୍କୁ ପିଟି ପିଟି ହତ୍ୟା କରିଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା। ପ୍ରାରମ୍ଭିକ ତଦନ୍ତ ପରେ ହତ୍ୟାକାଣ୍ଡ ଭିଆଇଥିବା ଅଭିଯୁକ୍ତକୁ ପୁଲିସ୍ ଚିହ୍ନଟ କରିଥିଲା। ସ୍ଥାନୀୟ ଅଞ୍ଚଳରୁ କୌଶଳକ୍ରମେ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ଅଭିଯୁକ୍ତକୁ କାବୁ କରିବାରେ ସଫଳ ହୋଇଥିଲା। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବାବେଳେ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି ବୋଲି ପୁଲିସ ସୂଚନା ଦେଇଛି।

# ଉଠାଦୋକାନୀ ମହାସଂଘର ସମାବେଶ

**କଟକ,୩।୫/ଏନ୍‌ଏନ୍‌ଏସ୍:** ରାସ୍ତା ପାର୍ଶ୍ୱ ଉଠା ଦୋକାନୀ ମହାସଂଘ ଓ କଟକ ଉଠା ଦୋକାନୀ ମହାସଂଘ ପକ୍ଷରୁ ସିଡିଏ ମା' ଭୁଆସୁଣୀ ପୀଠରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାସ୍ତା କଡ଼ରେ ଦୋକାନ କରୁଥିବା ଦୋକାନୀଙ୍କୁ ଆଇନ ଅନୁଯାୟୀ ଭେଣ୍ଡି ଜୋନ୍ ନ ଯୋଗାଇ ଉଚ୍ଛେଦ କରିବା ଘଟଣାକୁ ବେଆଇନ ବୋଲି ମହାସଂଘରେ ମତ ପ୍ରକାଶ ପାଇଥିଲା। ଏଣୁ ତୁରନ୍ତ ସମସ୍ତ ଉଠା ଦୋକାନୀଙ୍କୁ ଭେଣ୍ଡି ଜୋନ ଯୋଗାଇ ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ବୈଠକରେ ସଂଘ ଉପଦେଷ୍ଟା ବିନୋଦ ବେହେରା, ମହାସଂଘ ସମ୍ପାଦକ ଅକ୍ଷୟ ସାହୁ, ନିତ୍ୟାନନ୍ଦ ନାୟକ, ଡ଼ ଜ୍ଞାନ ଗୁରୁ ଦାସ, ଜନାର୍ଦ୍ଦନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମର୍କତନଗରର ବିଭିନ୍ନ ସେକ୍ଟରରୁ ଉଠା ଦୋକାନ କରିଥିବା ଦୋକାନୀମାନଙ୍କୁ ନେଇ ଏକ ୧୧ ଜଣିଆ କମିଟି ଗଠନ କରାଯାଇଛି। ବୈଠକରେ କଟକ ଉଠାଦୋକାନୀ ମହାସଂଘର ସଭାପତି ଅମରେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ।

## ପ୍ରଥମ ପୃଷ୍ଠାରୁ

# ଭୁଶୁଡ଼ିଲା ବ୍ରିଜ୍ ସ୍ଲାବ୍ ...

ତୁରନ୍ତ ଏସ୍‌ସିବିକୁ ସ୍ଥାନାନ୍ତରିତ କରିଥିଲେ। ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡିସିପି ଶ୍ରୀ ଖିଲାରୀ କହିଛନ୍ତି। ସରକାରଙ୍କ ଦାୟିତ୍ୱହୀନ କାରଣରୁ ଏହି ଅଘଟଣ ଘଟିଛି। ଠିକା କମ୍ପାନୀ ଶ୍ରମିକମାନଙ୍କୁ ସୁରକ୍ଷା ଦେଇଥିଲେ ଏଭଳି ଅଘଟଣା ଘଟିନଥାନ୍ତା ବୋଲି ସିଏମ୍‌ସି ମେୟର୍ ସୁବାସ ସିଂହ ଗଣମାଧ୍ୟମକୁ କହିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମେୟର୍ ଶ୍ରୀ ସିଂହ ଦାବି କରିଛନ୍ତି।

# ଆମଦାନୀ ଉପରେ ରୋକ୍ ...

ପତାକା ଥିବା କୌଣସି ଜାହାଜକୁ ଭାରତୀୟ ବନ୍ଦରଗୁଡ଼ିକର ବ୍ୟବହାର ପାଇଁ ଅନୁମତି ମିଳିବ ନାହିଁ। ସେହିପରି ଭାରତୀୟ ଜାହାଜ ମଧ୍ୟ ପାକିସ୍ତାନ ବନ୍ଦରକୁ ଯିବେ ନାହିଁ। ଏହି ନିଷ୍ପତ୍ତି ମର୍ଚ୍ଚାଣ୍ଟ୍ ଶିପିଂ ଆକ୍ଟ ୧୯୫୮ ଅନୁସାରେ ନିଆଯାଇଛି। ଏହି ନିୟମ ତତ୍କାଳ ଲାଗୁ ହୋଇଥିବା ବେଳେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହା ଲାଗୁ ରହିବ ବୋଲି ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଏଥିରେ ଆହୁରି କୁହାଯାଇଛି, ଯଦି କେହି ଏହି ରୋକ୍‌ରୁ ରିହାତି ଚାହାନ୍ତି ତେବେ ତାଙ୍କୁ ପ୍ରଥମେ ଭାରତ ସରକାରଙ୍କଠାରୁ ଅନୁମତି ନେବାକୁ ପଡ଼ିବ।

ଆମଦାନୀ ଓ ଜାହାଜ ଚଳାଚଳ ଉପରେ ରୋକ୍ ବ୍ୟତୀତ ଭାରତ ସରକାର ପାକିସ୍ତାନକୁ ପାର୍ସଲ ଝଟ୍‌କା ମଧ୍ୟ ଦେଇଛନ୍ତି। ପାକିସ୍ତାନ ସହ ସମସ୍ତ ପ୍ରକାରର ଡାକ ଏବଂ ପାର୍ସଲ୍ ସେବା ଉପରେ ଭାରତ ସରକାର ତତ୍କାଳ ପ୍ରଭାବରେ ରୋକ୍ ଲଗାଇଛନ୍ତି। ଏହି ରୋକ୍ ଉଭୟ ଆକାଶ ଓ ସ୍ଥଳପଥରେ ଆସୁଥିବା ପାର୍ସଲ୍ ଏବଂ ଡାକ ଉପରେ ଲାଗୁହେବ। କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହି ସୂଚନା ଦେଇଛନ୍ତି।

# ଜୁନ୍ ପ୍ରଥମ ସପ୍ତାହରେ ...

୧୦ ତାରିଖରେ ତିନୋଟି ଯାକ ସିଫ୍ଟରେ ବେସିକ୍ ବିଏସ୍‌ସି ନର୍ସିଂ ପରୀକ୍ଷା ଥିବାବେଳେ ୧୧ ତାରିଖ ପ୍ରଥମ ସିଫ୍ଟରେ ବେସିକ୍ ବିଏସ୍‌ସି ନର୍ସିଂ/ପୋଷ୍ଟ ବେସିକ୍ ଡିପ୍ଲୋମା ନର୍ସିଂ, ଦ୍ୱିତୀୟ ସିଫ୍ଟରେ ବେସିକ୍ ବିଏସ୍‌ସି ନର୍ସିଂ/ଏମ୍‌ଏସ୍‌ସି ନର୍ସିଂ, ତୃତୀୟ ସିଫ୍ଟରେ ପୋଷ୍ଟ ବେସିକ୍ ବିଏସ୍‌ସି ନର୍ସିଂ ପରୀକ୍ଷା ରହିଛି। ୧୨ ତାରିଖରେ ଏଲ୍‌ଇ ଟେକ୍ (ଡିପ୍ଲୋମା) ପରୀକ୍ଷା ତିନୋଟି ଯାକ ସିଫ୍ଟରେ ରହିଛି।

# ବଢ଼ିଚାଲିଛି ବୁଲା କୁକୁରଙ୍କ ସଂଖ୍ୟା, ବନ୍ଧ୍ୟାକରଣ ଯୋଜନା ଫେଲ୍



**କଟକ,୩।୫/ଏନ୍‌ଏନ୍‌ଏସ୍:** କଟକ ସହରରେ ବୁଲା କୁକୁରଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଥିଲା ବେଳେ ସହର ସାରା ଅଧିକାଂଶ ଗଳି ଓ ଛକରେ ମାଳ ମାଳ କୁକୁର ବୁଲୁଛନ୍ତି। ପ୍ରତିଦିନ ସହରରେ ବହୁଲୋକ କୁକୁର କାମୁଡ଼ାରେ ଆହତ ହେଉଛନ୍ତି। ବୁଲାକୁକୁରଙ୍କ ଦୌରାତ୍ମ୍ୟରେ ସହରବାସୀ କଳବଳ ହେଉଥିବା ବେଳେ ପୌର ନିଗମ କିନ୍ତୁ ବେଫିକର୍ ହୋଇ ବସିପଡ଼ିଛି।

ଗତ ୫ ବର୍ଷ ମଧ୍ୟରେ କୁକୁର ସଂଖ୍ୟା ପ୍ରାୟ ୩ ଗୁଣରୁ ଅଧିକ ବଢ଼ିଥିବା ଜଣାପଡ଼ିଛି। କୁକୁର ବନ୍ଧ୍ୟାକରଣ ଯୋଜନାରେ ବାର୍ଷିକ ଖର୍ଚ୍ଚ ପାଖାପାଖି ୨୦ ଲକ୍ଷ ଟଙ୍କା ହେଉଛି। ବର୍ଷକୁ ଏତେ ପରିମାଣର ଅର୍ଥ ଖର୍ଚ୍ଚ ହେଉଥିଲେ ବି ସହର ଯାକ ବୁଲା କୁକୁର ହାଉଯାଉ ହେଉଛନ୍ତି। ନିଗମ ପକ୍ଷରୁ ବୁଲା କୁକୁର ବନ୍ଧ୍ୟାକରଣ ଯୋଜନା ଏକ ପ୍ରକାର ଫେଲ୍ ମାରିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ନିଗମ ପକ୍ଷରୁ ୨୦୦୪ ରେ ସାର୍ତ୍ତୋଳରେ କୁକୁର ବନ୍ଧ୍ୟାକରଣ ଯୋଜନା ଆରମ୍ଭ ହୋଇଥିଲା। ୧୨ ଲକ୍ଷ ଟଙ୍କାରେ ତିଆରି ହୋଇଥିଲା ଡଗ୍ କ୍ୟାନେଲ୍। ଏକକାଳୀନ ୭୫ଟି କୁକୁରଙ୍କୁ ରଖି ବନ୍ଧ୍ୟାକରଣ କରିବାର ଏଠାରେ ବ୍ୟବସ୍ଥା କରାଯାଇଥିଲା। ୨୦୦୪ରୁ ୨୦୧୩ ମଧ୍ୟରେ ଘରୋଇ ସଂସ୍ଥା ମାଧ୍ୟମରେ କୁକୁର ଧରିବା, ଅସ୍ତ୍ରୋପଚାର ଓ ୭ ଦିନ ଧରି ଚିକିତ୍ସା ଦେବା ସହିତ ଧରା ହୋଇଥିବା ସ୍ଥାନରେ ଛାଡ଼ିବା କାମ କରାଯାଉଥିଲା। ମାତ୍ର ୨୦୧୪ରୁ ନିଗମ ନିଜେ କୁକୁର ବନ୍ଧ୍ୟାକରଣ କାମ କରିବାକୁ ସ୍ଥିର କରି ଡାକ୍ତରଙ୍କୁ ନିଯୋଜିତ କରିଥିଲା। ହେଲେ ଆବଶ୍ୟକ ସଂଖ୍ୟାର ଡାକ୍ତର ଓ କର୍ମଚାରୀ ଅଭାବରୁ ଏଠାରେ ଧୀରେ ଧୀରେ କୁକୁର ବନ୍ଧ୍ୟାକରଣ କାମ ଧିମେଇଯାଇଛି। ଅପରପକ୍ଷେ ବକ୍ସିବଜାର ପଶୁ ଚିକିତ୍ସାଳୟରେ ୨୦୧୬ରୁ ୩୭ଲକ୍ଷ ଟଙ୍କା ବ୍ୟୟରେ କୁକୁର ବନ୍ଧ୍ୟାକରଣ ପାଇଁ ଅତ୍ୟାଧୁନିକ ଅପରେସନ ଥିଏଟର୍ ନିର୍ମାଣ ହୋଇଥିଲା। ମାତ୍ର ଆରମ୍ଭରୁ ଏହା ବ୍ୟବହାର ନ ହୋଇ ପଡ଼ି ରହିଥିବାରୁ ଏହା ମଧ୍ୟରେ ଥିବା ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ଓ ଆସବାବପତ୍ର ଖତ ଖାଉଥିବା ଅଭିଯୋଗ ହେଉଛି। ୨୦୧୩ରେ ଶେଷଥର ପାଇଁ ସହରରେ ବୁଲା କୁକୁର ଗଣନା କରାଯାଇଥିଲା। ସେ ସମୟରେ ସହରରେ ପାଖାପାଖି ୪୦ ହଜାର କୁକୁର ଥିଲେ। ଏବେ ୧୨ ବର୍ଷ ପରେ ସେମାନଙ୍କ ସଂଖ୍ୟା ଦେଢ଼ ଲକ୍ଷ ଉପରେ ପହଞ୍ଚିଗଲାଣି। କୁକୁର ବଂଶ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସଂଖ୍ୟାର ଡାକ୍ତର, କୁକୁର ଧରା କର୍ମଚାରୀ ନିଯୋଜିତ ସହ ଗାଡ଼ି ଓ ଭିତ୍ତିଭୂମିର ବିକାଶ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଡାକ୍ତର ଜଗନ୍ନାଥ ଦାସଙ୍କ ପୁଣ୍ୟତିଥି ପାଳିତ

# କଟକ ବଡ଼ଡାକ୍ତରଖାନା ଆନାଟୋମି ବିଭାଗରେ ଶ୍ରଦ୍ଧାଞ୍ଜଳି



**କଟକ,୩।୫/ଏନ୍‌ଏନ୍‌ଏସ୍:** ରାଜ୍ୟର ପ୍ରଥମ ଅଙ୍ଗଦାତା ତଥା ପ୍ରାକ୍ ସ୍ୱାଧୀନତା କାଳରେ ଡାକ୍ତରୀ ପାଶ୍ କରିଥିବା ବିଶିଷ୍ଟ ଜନସେବୀ ଶତାୟୁ ଡାକ୍ତର ଜଗନ୍ନାଥ ଦାସଙ୍କ ଚତୁର୍ଦ୍ଦଶତମ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଛି। ବଡ଼ଚଣାର ପୂର୍ବତନ ବିଧାୟକ ଡାକ୍ତର ଦାସ ନିଜ ଶରୀର ଦାନକରିଥିବା କଟକ ବଡ଼ ଡାକ୍ତରଖାନାର ଶରୀର ତତ୍ତ୍ୱ ବିଭାଗ ସଂଗ୍ରହାଳୟଠାରେ ଆଜି ପୂର୍ବାହ୍ନରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶରୀରତତ୍ତ୍ୱ ବିଭାଗର ସଂଗ୍ରହାଳୟଠାରେ ଥିବା ଡାକ୍ତର ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

ରାଜ୍ୟସ୍ତରୀୟ ଡାକ୍ତର ଜଗନ୍ନାଥ ଦାସ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, କଟକ ବଡ଼ ଡାକ୍ତରଖାନା ଶରୀରତତ୍ତ୍ୱ ବିଭାଗର ପ୍ରଫେସର ରାଜଶ୍ରୀ ବିଶ୍ୱାଳ, ଡାକ୍ତର ମାର୍କଣ୍ଡେୟ ଆଚାର୍ଯ୍ୟ, ଡାକ୍ତର ପ୍ରତୀକ୍ଷା ଶତପଥୀ, ଡାକ୍ତର ବିପୁଳ ସାହୁ, ଡାକ୍ତର ଜ୍ୟୋତିପ୍ରଭା ପାଲ, ଡାକ୍ତର ସୁଜିତ କୁମାର ପାତ୍ର, ଡାକ୍ତର ଲିପି ମୁର୍ମୁ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ସର୍ବସେବା ସଂଘର ରାଷ୍ଟ୍ରୀୟ ସମ୍ପାଦକ ଡ. ବିଶ୍ୱଜିତ, ସ୍ମୃତି ସଂସଦର ସଭାପତି ତଥା ଡାକ୍ତର ଦାସଙ୍କ ଜ୍ୟେଷ୍ଠକନ୍ୟା ଜୟଶ୍ରୀ ବିଜୟଲକ୍ଷ୍ମୀ ମହାନ୍ତି ଓ ରାଷ୍ଟ୍ରୀୟ ଯୁବା ସଂଗଠନର ସମ୍ପାଦକ ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତି ସଂସଦର ସମ୍ପାଦକ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ଓ କୋଷାଧ୍ୟକ୍ଷ ଅମ୍ବିକା ପ୍ରସାଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଦାସଙ୍କ କନ୍ୟା ସୁରଶ୍ରୀ ସରୋଜିନୀ ଦାସ, ସୁଖଲତା ଦାସ, ବେଦଶ୍ରୀ ମମତା ଦାସ, ଅମୂଲ୍ୟ କୁମାର ଦାସ, ରାଜକିଶୋର ସାମଲ, ପ୍ରଫୁଲ୍ଲ ଚନ୍ଦ୍ର ସାମଲ, ପ୍ରଶାନ୍ତ ଦାସ, କବୀର ଜେନା ଓ ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସୂଚନା ଯୋଗ୍ୟ ଯେ ୧୯୪୨ ମସିହାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରୁ ଡାକ୍ତରୀ ପାଶ୍ କରିଥିବା ଜଗନ୍ନାଥ ଦାସ ରେଭେନ୍‌ସା କଲେଜର ମେଡ଼ିକାଲ ଅଫିସର ଚାକିରି ଛାଡ଼ି ଗରିବ ଓ ଅସହାୟ ଲୋକଙ୍କ ସେବା କରିବାପାଇଁ ଛତିଆଠାରେ ସେବାସଦନ ପ୍ରତିଷ୍ଠାକରି ଅତ୍ୟନ୍ତ ସ୍ୱଳ୍ପ ମୂଲ୍ୟରେ ଲୋକଙ୍କ ଚିକିତ୍ସା ସେବାକରି ବିଶେଷ ଲୋକପ୍ରିୟତା ଅର୍ଜନ କରିଥିଲେ। କଟକ ବଡ଼ ଡାକ୍ତରଖାନା ଶରୀରତତ୍ତ୍ୱ ବିଭାଗ ସଂଗ୍ରହାଳୟରେ ସଂରକ୍ଷିତ ଥିବା ଡାକ୍ତର ଦାସଙ୍କ ମରଶରୀର ଡାକ୍ତରୀ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ବେଶ୍ ସହାୟକ ହେଉଛି।

# ଅଙ୍ଗନବାଡ଼ି କର୍ମୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

**କଟକ,୩।୫/ଏନ୍‌ଏନ୍‌ଏସ୍:** ଦୀର୍ଘଦିନ ଧରି ନିର୍ଯାତିତା ହୋଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା ଅଙ୍ଗନବାଡ଼ି କର୍ମୀଙ୍କୁ ଶେଷରେ ନ୍ୟାୟ ମିଳିଛି। ନ୍ୟାୟ ପାଇବା ଦ୍ୱାରା ସେମାନେ ଚଳାଇଥିବା ଆନ୍ଦୋଳନ ଏବେ ପ୍ରତ୍ୟାହୃତ ହୋଇଛି। କଟକ ସମନ୍ୱିତ ଶିଶୁବିକାଶ ଯୋଜନା ଅଧିକାରିଣୀ କଟକ ସହରାଞ୍ଚଳ-୧ଙ୍କ ବିରୁଦ୍ଧରେ ଅଙ୍ଗନବାଡ଼ି କର୍ମୀମାନେ ଗତ ୨୩ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ। ତେବେ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଅଙ୍ଗନବାଡ଼ି କର୍ମୀଙ୍କ ଦାବି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ଦାବିଗୁଡ଼ିକ ପୂରଣ ଦିଗରେ ଉଚିତ ପଦକ୍ଷେପ ନିଆଯାଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି ବୋଲି ଜିଲ୍ଲାପାଳ ସଂଘର କର୍ମକର୍ତ୍ତାଙ୍କୁ କହିବା ସହ ପୂର୍ବପରି ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ କହିଥିଲେ। ପ୍ରଶାସନଠାରୁ ପ୍ରତିଶ୍ରୁତି ପାଇବା ପରେ ଆଜିଠାରୁ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ କାର୍ଯ୍ୟକାରୀ ହେବା ସହ ଆନ୍ଦୋଳନ ପ୍ରତ୍ୟାହାର କରାଗଲା ବୋଲି ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ ୱାର୍କର୍ସ ଆସୋସିଏସନ୍ କଟକ ସହରାଞ୍ଚଳ ଶାଖା-୧ ପକ୍ଷରୁ ଘୋଷଣା କରାଯାଇଛି।

# କୁଆଁରିଆ ସେତୁ ନିର୍ମାଣରେ ବିଳମ୍ବ, ଜନ ଅସନ୍ତୋଷ



**ଖଣ୍ଡପଡ଼ା,୩।୫/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅଧିନ ଖଳିସାହିରୁ ଆଡ଼କଟାକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ କୁଆଁରିଆ ସେତୁ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଦୀର୍ଘ ୨ ବର୍ଷ ହେଲା ସେତୁଟି ସମ୍ପୂର୍ଣ୍ଣ ଭଗ୍ନ ଅବସ୍ଥାରେ ରହିଥିଲେ ମଧ୍ୟ ଏହାର ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ସେତୁ ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପୂର୍ତ୍ତବିଭାଗ ଅଧିନରେ ଥିବା ଏହି ରାସ୍ତାର ସେତୁ ନିର୍ମାଣ ନିମନ୍ତେ ୧୦ କୋଟି ଟଙ୍କା ଅନୁଦାନ ଅର୍ଥ ମଞ୍ଜୁର ହୋଇଛି। ମାତ୍ର ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମାନୀ ଯୋଗୁଁ ସେତୁ ନିର୍ମାଣରେ ବିଳମ୍ବ ହେଉଛି। ଏହି ସେତୁ ପାର୍ଶ୍ୱରେ ଯାନବାହନ ଯାତାୟାତ ନିମନ୍ତେ ଆପ୍ରୋଚ ରାସ୍ତା ନିର୍ମାଣ କରାଯାଇଛି। ସେତୁ ନିର୍ମାଣକାରୀ ସଂସ୍ଥା ବିପଦସଙ୍କୁଳ ସେତୁକୁ ଭାଙ୍ଗି ମାଟିରେ ମିଶାଇ ଦେଇଥିଲେ ହେଁ ଅଦ୍ୟାବଧି ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଆଉ ୨ ମାସ ପରେ ବର୍ଷା ଋତୁ ଆସିଲେ ସେତୁ ନିର୍ମାଣରେ ସମସ୍ୟା ସୃଷ୍ଟି ହେବା ସହ ଖରସ୍ରୋତା କୁଆଁରିଆ ନଦୀର ପ୍ରଖର ସ୍ରୋତରେ ଆପ୍ରୋଚ ରାସ୍ତା ଗତବର୍ଷ ପରି ଭାଙ୍ଗିଯିବାର ଆଶଙ୍କା ପ୍ରକାଶ ପାଇଛି। ଫଳରେ ଉକ୍ତ ରାସ୍ତା ଦେଇ ଯାନବାହନ ଚଳାଚଳ ପୁଣି ବାଧାପ୍ରାପ୍ତ ହେବ। ପ୍ରକାଶ ଥାଉ କି ଖଣ୍ଡପଡାରୁ ଖଳିସାହି, କୋସକା ଦେଇ ଆଡ଼କଟା ଛକକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ କୁଆଁରିଆ ସେତୁଟି ନିର୍ମାଣ ହେଲେ ଖଣ୍ଡପଡ଼ା, ଭାପୁର, ଦଶପଲ୍ଲା, ନୟାଗଡ଼, ଗଣିଆ ପ୍ରଭୃତି ୫ଟି ବ୍ଲକ ଅଞ୍ଚଳର ବାସିନ୍ଦା ବିଶେଷ ଭାବେ ଉପକୃତ ହେବା ସହ ଦୂରଗାମୀ ଯାତ୍ରୀବାହୀ ବସଗୁଡ଼ିକ ସେତୁ ଦେଇ ଯାତାୟାତ କରିପାରିବ ବୋଲି ଜଣାପଡ଼ିଛି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୁଆଁରିଆ ସେତୁ ଉପରେ ଉଚ୍ଚତମ ସେତୁ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ ନିମନ୍ତେ ପ୍ରଶାସନ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡ଼ା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କୁ ଏ ସମ୍ପର୍କରେ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା: ଫଳାଫଳକୁ ଅପେକ୍ଷା



**ଡେଲାଙ୍ଗ,୩।୫/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ବ୍ଲକର ଘନିପୁର ପଞ୍ଚାୟତରେ ସରପଞ୍ଚ ପ୍ରତିମା ପାତ୍ରଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଶୁକ୍ରବାର ଭୋଟ ଗ୍ରହଣ ପ୍ରକିୟା ଶେଷ ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି ଭୋଟ ଗ୍ରହଣ ପ୍ରକ୍ରିୟା ହୋଇଥିଲା। ତେବେ ୧୩ ୱାର୍ଡକୁ ନେଇ ଏହି ପଞ୍ଚାୟତ ଗଠିତ ହୋଇଥିବା ବେଳେ ୧ଟି ୱାର୍ଡରେ ନିର୍ବାଚନ ହୋଇନଥିବା ବେଳେ ସଭ୍ୟ ପଦ ପଦବୀ ଖାଲିପଡ଼ିଛି। ତେବେ ଏହି ମତଦାନରେ ୧୨ ୱାର୍ଡ ମେମ୍ବରଙ୍କ ସମେତ ସରପଞ୍ଚ ପ୍ରତିମା ପାତ୍ର ମୋଟ ୧୩ଜଣ ମତଦାନରେ ଅଂଶଗ୍ରହଣ କରିଥିଲେ। ପୂର୍ବାହ୍ନ ୧୧ଟା ସମୟରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ନିର୍ବାଚନ ଅଧିକାରୀ ଭାବେ ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣା ଅନାସ୍ଥା ଭୋଟ୍ ପରିଚାଳନା କରିଥିବା ବେଳେ ଡେଲାଙ୍ଗ ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ। ସେହିପରି ଆଇନି ଶୃଙ୍ଖଳା ରକ୍ଷା କରିବା ପାଇଁ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ, ଘୋରଡିଆ ପୁଲିସ ସହାୟତା କେନ୍ଦ୍ର ଅଧିକାରୀ ଗୋପବନ୍ଧୁ ରାଉତଙ୍କ ସହ ଫୋର୍ସ ମୁତୟନ ରହିଥିଲେ। ଅପରାହ୍ନ ୨ଟାରେ ଶାନ୍ତିଶୃଙ୍ଖଳାରେ ଏହି ଭୋଟ ଗ୍ରହଣ କାର୍ଯ୍ୟକ୍ରମ ଶେଷ ହୋଇଥିବା ବେଳେ ନିର୍ବାଚନ ଅଧିକାରୀ ଶ୍ରୀ ମହାରଣା ଭୋଟ୍ ବାକ୍ସକୁ ପୁଲିସ ସୁରକ୍ଷା ବଳୟରେ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ନେଇଥିଲେ। ତେବେ ଅନାସ୍ଥା ସପକ୍ଷରେ ୯ଜଣଙ୍କ ଭୋଟ୍ ଯାଇଥିବା ବେଳେ ବିପକ୍ଷରେ ୪ଜଣ ଭୋଟ ଯାଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ସରକାରୀ ସ୍ତରରେ ଏହି ଅନାସ୍ଥା ପ୍ରସ୍ତାବ ଭୋଟ ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଫଳାଫଳ ପ୍ରକାଶ ପାଇବା ପରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ ବୋଲି ଶ୍ରୀ ମହାରଣା ସୂଚନା ଦେଇଥିଲେ। ମତଦାନରେ ଅଂଶଗ୍ରହଣ କରିଥିବା ୱାର୍ଡ ସଭ୍ୟମାନେ ନିର୍ବାଚନ ଅଧିକାରୀଙ୍କୁ ନିର୍ବାଚନ ସମ୍ବନ୍ଧୀୟ ଏକ କପି ପ୍ରଦାନ କରିବାକୁ ନିବେଦନ କରିଥିଲେ। ହେଲେ ସଭ୍ୟ/ସଭ୍ୟାଙ୍କ ସର୍ବ ସମ୍ମୁଖରେ ମତଦାନ କରାଯାଇଛି ଏହାର କୌଣସି କପି ଦେବାର ନିୟମ ନାହିଁ ବୋଲି ଶ୍ରୀ ମହାରଣା କହିଥିଲେ। ସୂଚନାଥାଉ କି ୧୦ଜଣ ୱାର୍ଡ ମେମ୍ବର ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ଓ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ଆଣି ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ପୁରୀ ଉପଜିଲ୍ଲାପାଳଙ୍କ ପକ୍ଷରୁ ଚିଠି କରାଯାଇ ଘନିପୁର ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ୍ କରାଯିବାକୁ ସ୍ଥିର କରାଯାଇଥିଲା।

# ରାଜଭବନରେ ଡ୍ରିମ୍‌ସ୍ ଛାତ୍ରଛାତ୍ରୀଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ



**କଟକ,୩।୫/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପିତ 'ଏକ ଭାରତ ଶ୍ରେଷ୍ଠ ଭାରତ' କ୍ରମରେ ଭୁବନେଶ୍ୱରସ୍ଥିତ ରାଜଭବନ ପକ୍ଷରୁ ଗୁଜରାଟ ଓ ମହାରାଷ୍ଟ୍ର ପ୍ରଦେଶ ପ୍ରତିଷ୍ଠା ଦିବସ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନିମନ୍ତ୍ରଣ କ୍ରମେ ଡ୍ରିମ୍‌ସ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ରାଜଭବନଠାରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀଙ୍କ ନୃତ୍ୟ ପରିବେଷଣ ଶୈଳୀ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଏବଂ ଉପସ୍ଥିତ ବରିଷ୍ଠ ପଦାଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଦର୍ଶକଙ୍କୁ ଆମୋଦିତ କରିଥିଲା। ଡ୍ରିମ୍‌ସ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରାଙ୍କ ସଂଯୋଜନା ଓ ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ଡ. ରୋଜାଲିନ୍ ଦାଶ, ଡ. ପ୍ରଣିତା ସାହୁ, ସହକାରୀ ପ୍ରାଧ୍ୟାପିକା ଉର୍ମିଳା ସ୍ୱାଇଁ, ରିମି ସରକାର ଓ ରଣଜିତ୍ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଏହି ପ୍ରଦର୍ଶନରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର୍ ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



# ଝିଅ



ଗଂଗାଧର ବିଶ୍ୱାଳ

ବାପା କହିଲେ, 'ଏଥର ବାହା ହ ! ତୁ ତ ମୋର ଏକୁଟିଆ ପୁଅ । କେତେବେଳେ କ'ଣ ଘଟିଯିବ କିଏ ଜାଣେ ! ଚାକିରି କଲୁଣି । ଛୋଟ ହେଉ କି ବଡ଼ । ଏଇବର୍ଷ ବାହାଘର ହବ । ତୁ ଯଦି କେଉଁଠି ଠିକ୍ କରିଛୁ କହ । ଆମେ ରାଜି ହେଇଯିବା । କେବେ ଅମଙ୍ଗ ହବାନି । ତୋ ମା' ବି ରାଜି ଅଛି ।'

ବାପା ଓ ମା'ଙ୍କ ଆଡୁ ସବୁଜ ସଙ୍କେତ ପାଇବା ପରେ ମୁଁ ଖୋଜି ବାହାରିଲି ମୋ ପସନ୍ଦର ଯୁବତୀ ସନ୍ଧାନରେ ।

ଛ' ମାସ ମଧ୍ୟରେ ତିନି ଜଣଙ୍କୁ ଠାବ କଲି । ଜଣେ ହିଁ ତ ଆବଶ୍ୟକ । ତିନି କ'ଣ କିଆଁ ? କାହିଁକିନା ପ୍ରଥମ ଜଣକ ରାଜି ହେଲେନି । ତାଙ୍କର ଅଛି । ଦ୍ୱିତୀୟ ଜଣଙ୍କଠୁ ବି ସେଇ ଏକା ଉତ୍ତର । ତୃତୀୟ ଜଣକର ଯେତେବେଳେ ଠିକ୍ ହୋଇସାରିଥିବା କଥା ଶୁଣିଲି, ସେଇଠି ପୂର୍ଣ୍ଣଚ୍ଛେଦ ପକାଇଦେଲି ।

ବାପାଙ୍କୁ କହିଲି, 'ତମେ ଦେଖ । ଯେଉଁଠି ତମ ପସନ୍ଦ ମୁଁ ସେଇଠୁ ବାହା ହେବି ।'

ତା'ପରେ ତିନି ମାସ ଧରି ରବିବାର ଦିନଗୁଡ଼ିକରେ ଜଣେ ଚିହ୍ନାଜଣା ଗାଉଁଲି ମଧ୍ୟସ୍ଥିଙ୍କୁ ଧରି ଖୋଜି ବାହାରିଲି । ତିନିଟା ଜାଗାରେ ଦେଖାଚାହାଁ ହେଲା ।

ଯେତେବେଳେ କେଉଁଟା ମୋର ପସନ୍ଦ ବୋଲି ମତେ ପଚରାଗଲା ମୋର ଉତ୍ତର ଥିଲା, 'ଯେଉଁଠି ଠିକ୍ କରିବ ମୋର ମନା ନାହିଁ ।' ମୋତେ ଧରାଇ ଦିଆଗଲା ତିନିତିନିଟା ଫଟୋ । ମୁଁ ମାର୍କି କଲି । ପ୍ରଥମ ପସନ୍ଦର ଝିଅଘର ସହିତ ଆମ ଘରଆଡୁ କଥାବାର୍ତ୍ତା ଆରମ୍ଭ ହେଲା । ଆଗେଇଲା ବି ।

ନିର୍ବନ୍ଧ ପାଖରୁ ଦଶ ଦିନ ବିବାହ ସ୍ଥିର ହେଲା । ଆମେ ତ ପୁଅ ଘର । ରହି ରହି ଆଗେଇଲୁ । ଗୋଟେ ନିମ୍ନ ମଧ୍ୟବିତ୍ତ ପରିବାର ଆମର । ନା ଅଧିକ ଜଞ୍ଜାଳ, ନା ଖୁବ୍ ବେଶି ଝମେଲା ।

ବାହାଘରକୁ ତିନିଦିନ ଥାଏ । ମୁଁ ଝିଅ ଦେଖିବାର ପ୍ରସ୍ତାବ ଉଠାଇଲି । ମୋ କଥା ଶୁଣି ବାପା ଆଶ୍ଚର୍ଯ୍ୟ ହୋଇଗଲେ । ପଡ଼ିଶା ଓ ମାମୁଙ୍କ ସମେତ ଆଉ କେତେଜଣ ଅରାଜି ହେଲେ । ମୋ ପ୍ରସ୍ତାବ ଶୁଣି ସମସ୍ତଙ୍କର ଗୋଟିଏ କଥା, 'ଆମ ମୁଣ୍ଡ ତଳକୁ ହେଇଯିବ । ଯଦି ତୋ' ମନରେ ଏଇଆ ଥିଲା ଆମକୁ ବାହାଘର ସ୍ଥିର କରିଦେବାକୁ କହିଲୁ କାହିଁକି ?'

ସେମାନଙ୍କୁ ଯେତେ ବୁଝାଇଲେ ବି ସେମାନେ ବୁଝିଲେ ନାହିଁ । ଏଣେ ମୁଁ କାହିଁକି ଯିବାକୁ ଚାହୁଁଛି ଫିଟାଇ କହିପାରୁ ନଥାଏ । ତେଣେ ଯିବାର ଅନୁମତି ମିଳୁ ନଥିବାରୁ ମନ ଆଉଟୁପାଉଟୁ ହେଉଥାଏ । କ'ଣ କରିବା ଉଚିତ ଭାବି ଭାବି ଶେଷରେ କହିଲି, 'ଯିବି ।' କିନ୍ତୁ ସର୍ତ୍ତ ରଖିଲି, 'ବାହାଘର ବନ୍ଦ ହବନି । ସେଇଠି ବାହାଘର ହବ ।'

ଯିଏ ଶୁଣିଲା ଆଶ୍ଚର୍ଯ୍ୟ ହେଲା । କେତେ ପ୍ରକାରର ସାମାଜିକ କଟକଣା ଶୁଣାଇଲେ । ମୁଁ କିନ୍ତୁ ନଛୋଡ଼ବନ୍ଧା । ଶେଷରେ ମଧ୍ୟସ୍ଥିକୁ ଡକାଗଲା । ଆମ ଘରେ କଥା ପଡ଼ିଲା । ମୁଁ ମଧ୍ୟସ୍ଥିକୁ କହିଲି, 'ଦେଖ । ଝିଅଘର ଲୋକମାନେ ମତେ ଚିହ୍ନିପାରିବେନି । ନିଜେ ଝିଅ ବି ମୋତେ ଦେଖିନି । ତା' ଛଡ଼ା ଝିଅର ବାପା ଓ ଭାଇ ତ ସେତେବେଳେ ଘରେ ନଥିବେ । ଆମେ ଯାଉଚେ ବୋଲି ତାଙ୍କର ଜାଣିବେ କେମିତି ? ମନେରଖିବ, ମାତ୍ର ପନ୍ଦର କୋଡ଼ିଏ ମିନିଟ୍ ରହିବା । ମୁଁ କିଏ ସେମାନେ ଯଦି ପଚାରନ୍ତି ତମେ କହିବ ଏ ହେଉଛନ୍ତି ଗାଁ ପାଖର ଜଣେ ଯୁବକ । ଆମେ ଏଇ ପାଖ ଗାଁକୁ ଆସିଥିଲେ । ତମ ଘରଆଡ଼େ ଏମିତି ବୁଲିଆସିଲୁ । କଥା ଶେଷ ।'

ମଧ୍ୟସ୍ଥି ବୁଝିଗଲେ ।

ପରଦିନ ମୁଁ ଓ ମଧ୍ୟସ୍ଥି ଯାଇ ପହଞ୍ଚିଗଲୁ । ପହଞ୍ଚି ଦେଖିଲୁ ଝିଅଟି ରୋଷେଇ କରୁଛି । ତା' ଭାଉଜ ତାକୁ ରନ୍ଧାରନ୍ଧି କାମ ଶିଖାଉଛନ୍ତି । ଶାଶୂଘରେ ଯେମିତି କିଛି ଅସୁବିଧା ନହୁଏ ସେ ପାଇଁ ଗଠନମୂଳକ ପରାମର୍ଶ ଦେଉଛନ୍ତି ।

ଆମକୁ ଦେଖି ଭାଉଜ ଉଠିଆସିଲେ । ମଧ୍ୟସ୍ଥିଙ୍କୁ ମଉସା ସମ୍ବୋଧନ କରି କହିଲେ, ମଉସା ! ଏ ଅବେଳରେ ? ଏ ବାବୁ କିଏ କହୁକହୁ ବସିବାକୁ ଆସନ ପକାଇଦେଲେ ।

ମଧ୍ୟସ୍ଥିଙ୍କୁ ତ ଆଗରୁ ତାଲିମ ଦିଆଯାଇଥିଲା । କଥାରେ ନମାତି ଝିଅ ପାଖକୁ ଉଠିଗଲେ । ପିଇବା ପାଣି ଆଣିବାକୁ କହିଲେ । ଭାଉଜ ଚୁଲି ଉପରର ତରକାରି କରେଇ ଧରି ବସିଗଲେ ତ ଝିଅ ଆସି ପାଣି ଦେଲା ।

ମୁଁ ପଚାରିଲି, 'କ'ଣ ପଢ଼ିଚ ?'

ଝିଅଟି କହିଲା, 'ଆଇ.ଏସ୍.ସି. । ସିଦ୍ଧେଶ୍ୱର ମହାବିଦ୍ୟାଳୟ, ଅମର୍ଦ୍ଦା । ଫାଇନାଲ୍ ପରୀକ୍ଷା ଦେଇଚି । ଆଉ ପଢ଼ିଥାନ୍ତି ଯେ, ବାହାଘର ଠିକ୍ ହେଇଗଲା । ବାପା ଆଉ ଭାଇ ତ ଉଠେଇ ବସେଇ ଦେଲେନି । କହିଲେ, ସେଇଠି ବାହା ହ । ରାଜି ହେଇଗଲି ।'

ମଧ୍ୟସ୍ଥି ବ୍ୟସ୍ତ ହେଲେ । ତରତର ହେଲେ ଆସିବାକୁ । ମୁଁ ପାଣି ପିଇଲି ।

ଆମେ ଫେରିଆସିଲୁ ।

ବାହାଘର ହେଲା । ଚତୁର୍ଥୀ ରାତି । ନବବିବାହିତା ନାରୀ ଓ ପୁରୁଷର ମିଳନର ରାତି । ବାସର ରାତି । ଦୁଇଟି ଅଚିହ୍ନା ଚଢ଼େଇ ଗୋଟିଏ ବସାରେ ଆଜୀବନ ଏକାଠି ରହିବାର ପ୍ରଥମ ରାତି ।

ତିନିଦିନ ତଳର ସେଇ ଝିଅଟି ଯିଏ ବିବାହ ବେଦୀରେ ମୋ ଶ୍ରୀମତୀ ହୋଇ ମୋ ଘରକୁ ଆସିଛନ୍ତି । ହସିହସି ପଚାରିଲେ, 'କିଛି ନକହି ଛଦ୍ମବେଶରେ ବାହାଘର ଆଗରୁ ଆମ ଘରକୁ ଯାଇଥିଲ କ'ଣ ପାଇଁ ? ଆଗରୁ ଖବର ଦେଇଥିଲେ ଆମେ କ'ଣ ମନା କରିଥାନ୍ତେ ? କୁହନା ପ୍ଲିଜ୍ । କାହିଁକି ଯାଇଥିଲ ସେଦିନ ଆମ ଘରକୁ ?

ମୁଁ କହିଲି, 'ତମକୁ ଦେଖିବା ପାଇଁ । ଝିଅବେଳେ ତମେ କେମିତି ଦିଶୁଚ ଦେଖିବା ପାଇଁ । ଏ ଜୀବନରେ କ'ଣ ତୁମକୁ ଆଉ ଝିଅ ଚେହେରାରେ ଦେଖିହବ ?

**'ଆମ ଘର'**
**ନିଉ କଲୋନି, ନେଳିଆବାଗ**
**ଶ୍ରୀକଣ୍ଠପୁର**
**ବାଲେଶ୍ୱର-୭୫୬୦୦୧**
**ମୋବାଇଲ : ୯୪୩୭୧୨୯୨୬୫**
E-mail : gangadharbiswal14@gmail.com

(ପ୍ରିୟ କବି ରମାକାନ୍ତ ରଥଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି)



ମନୁଆ ଦାସ

# ତୁମେ ନାହଁ ବୋଲି

ତୁମେ କାହିଁକି ନାହଁ ବୋଲି
କେହି ଜଣେ ପଚାରିନି ମୋତେ
ଯେଣୁ ସବୁକାଳେ ତୁମେ ଥାଅ ବୋଲି
ଅପବାଦ ରଟୁଛି ଘରେ ଘରେ
ଏଣୁ ବେଶ୍ ନିରାପଦ
ତୁମେ କେବେ ବି ନଥାଅ
ବା ଯଦି ଥାଅ
ତେବେ ଅବାସ୍ତବରେ ଅବା ସ୍ତବରେ

କେହି ଯଦି କିଳି ପାରନ୍ତା ନିଜ ଅତୀତ
ଡରିଥିବା ମଶାଣିର ବାଟ
କେହି ଯଦି ରୋକି ପାରନ୍ତା ନକରି ବ୍ୟର୍ଥ
ଭାଙ୍ଗିଥିବା ସମୟର ଘଟ

ତିନ୍ତୁଛି ଥରି ଥରି ପବନରେ ଛନ୍ଦି ହୋଇ
ନିଛାଟିଆ ବର ଗଛ
ଆସୁଛି ଚାଲିଚାଲି ଜୋଛନାର ବର୍ଷାରେ
ଏକୁଟିଆ ଅନ୍ତର୍ମୁଖୀ ଦୁଃଖ

ପୁଣିଥରେ ରାତି ବୁଢ଼ୀ ନଇଁ ପଡ଼େ
ଶରଣାଗତ ପକ୍ଷୀଙ୍କ ରୋଦନ
ଜୀବନର ଗୋପନ ଶାଖାରେ
ଝୁଲି ଥାଏ ତୁମ ଶୂନ୍ୟସ୍ଥାନ

ତୁମ ସହ ଭେଟ ହେଲା କେବେ
ଅଚିହ୍ନା ସେ ସହର ଗଳିରେ
କ୍ଷତାକ୍ତ ସହର ପଡିଲା ହାମୁଡି
ପାଦ ତଳେ ଅନିଶ୍ଚିତ ଭାଗ୍ୟରେ

ମାଛି ଅନ୍ଧାର କୁହୁଡିରେ
ତୁମ ପାଇଁ ପ୍ରେମର ବ୍ୟାକୁଳତା
ଛଟପଟ ହୁଏ ଉଇଁବାକୁ ସୂର୍ଯ୍ୟ
କାହା ବାଟ ଚାହିଁ ଚାହିଁ
ବିରହରେ କିଏ ଭୂଲୁଣ୍ଠିତା

ଅଥଚ ତୁମେ ନାହଁ ବୋଲି
ତୁମେ ବି ବୁଝିଲନି ମୋତେ
କ'ଣ କ'ଣ ଗାଇଲ ଥାଇ ଦୂରେ
ପୁନର୍ମିଳନର ରୀତି ଯେତେ

ତୁମ ଦୂରତାରେ ଫିଟୁଥିଲା ଅନେକ କୋଠରୀ
ତୁମ ଶବ୍ଦ ଅବିଶ୍ୱାସରେ ସଚିତ୍ର ଅନ୍ଧାର
ସପ୍ତମ ଋତୁରେ ତୁମେ ଗଲ ଅପସରି
ଏକଲା ଚେତନାର ଝର କେତେ ଦିନର

ମୁଖା ପିନ୍ଧା ମୁହଁ କେତେ ଆତଯାତ ମୃଗୟାରେ
ଧାଡି ଧାଡି କବିତାରେ ଭରିଆସେ ନିର୍ଜନତା
ଚିତ୍ରିତ ବାଘ କାହୁଁ ଆସି ଡିଏଁ ଶୂନ୍ୟସ୍ଥାନରେ
ଚାନ୍ଦିନୀ ରାତି ସାରା ଭାରି ଭାରି ତୁମ ନୀରବତା

**ମୋ-୯୭୭୭୯୬୫୩୨୦**



ତନ୍ମୟଜ୍ୟୋତି ନାୟକ

# ମାମୁଁଘର

ପିଲାଦିନର କଥା ଆସିଲେ ମନେପଡ଼େ ମାମୁଁଘର ଗାଁ । ମାମୁଁଘର - ସାନ ବଡ଼ ମିଶି ଚାଳିଶିରୁ ଊର୍ଦ୍ଧ୍ୱ ସଦସ୍ୟ ବିଶିଷ୍ଟ ଏକାନ୍ନବର୍ତ୍ତୀ ଏକ ବଡ଼ ପରିବାର, ଦୁଇଟି ବଡ଼ ମଝି ଅଗଣା ବିଶିଷ୍ଟ ଏକ ବୃହତ୍ ପରସ୍ତବନ୍ଦୀ ମାଟି ଘର । ମୋ ବାଲ୍ୟ-କୈଶୋର ଜୀବନର ସମସ୍ତ ଚପଳ ସବୁଜ ମୁହୂର୍ତ୍ତ ମାନଙ୍କର ମୂକସାକ୍ଷୀ ଥିଲା ସେଇ ଘରଟି । ବୋଉ, ଅଜା, ଆଈ, ମାମୁଁ , ମାଇଁ, ଭାଇ, ଭଉଣୀ, ମାଉସୀ ମାନଙ୍କ ସ୍ନେହପୂର୍ଣ୍ଣ ଗହଣରେ କଟି ଯାଉଥିଲା ଦିନମାନ । ଏବେବି ମନେଅଛି ଦାଣ୍ଡଘର ଅଗଣାରୁ ବାରି ଦୁଆର ଯାଏଁ ବୁଲିଆସିବା ଭିତରେ ଘରୁ ଘରୁ ବିଭିନ୍ନ ଦରବ ଖାଇ ପେଟ ପୁରିଯାଉଥିଲା ଆଉ ନୂଆକରି ମାମୁଘରକୁ ଆସିବା ଦିନ ବଡ଼ ମାନଙ୍କୁ ଆଣ୍ଠୁ ମାଡ଼ି ପ୍ରଣାମ କରିବା ପରେ ଯେଉଁ ପିଠି ଆଉ ଆଣ୍ଠୁର ଦରଜ - କି ସୁଆଦ ଥିଲା ସେ ଦରଜରେ !

ଦୁଇ ତିନି ମାସରେ ଥରେ ସେଇ ଘରଟି ଲିପାପୋଛା କରିବାପାଇଁ ଲୋକ ଆସୁଥିଲେ । ତା'ବି ଆମ ପିଲାମାନଙ୍କ ପାଇଁ ଏକ ପର୍ବଭଳି ଥିଲା । ପିଲାଦିନେ କୌଣସି ଚିଜରେ ଖେଳୁଖେଳୁ ଭୁଲବଶତଃ ତାହା ହଜି ଯାଉଥିଲେ ଲିପାପୋଛା ପାଇଁ ଘର ଝଡ଼ାଝଡ଼ି ହେଲେ ସେଇଦିନ ମିଳିଯାଉଥିଲା । ସେ ଘର ମୋତେ ଯାହା ବି କିଛି ଶିଖାଇଥିଲା, ତା ଭିତରୁ ଅନ୍ୟତମ କଥାଟି ଥିଲା ହଜିଯାଇଥିବା ଜିନିଷଟି ଖୋଜି ନପାଇଲେ ପୁନଶ୍ଚ ପାଇବା ପାଇଁ ଅପେକ୍ଷା ଆଉ ପୁନଶ୍ଚ ପାଇପାରିବାର ଚମତ୍କାରିତା ।

ଛ' ସାତଟି ପରିବାର ଭିତରେ, ଏକମନ ହୋଇ ରହିବା, ଏକାଠି ଖାଇବା, ଶୋଇବା, ସୁଖଦୁଃଖରେ ପର ଅପରର ସାଥୀ ହେବା, ପର୍ବପର୍ବାଣୀକୁ ସାଙ୍ଗ ହୋଇ ଏକତ୍ର ପାଳିବା ଏଇସବୁ ବୁଝାମଣା ଭିତରେ ସୁନ୍ଦର ଦିନସବୁ ବିତି ଯାଉଥିଲା ।

ତେବେ ଯେ ତ ଥିଲା ଏକବିଂଶ ଶତାବ୍ଦୀର ପ୍ରଥମ ଦଶକର କଥା, ତାର ଅବ୍ୟବହିତ ପରେ ଯେତେବେଳେ ଗାଁ ଧୀରେ ଧୀରେ ସହର ଭଳି ହେବାକୁ ପ୍ରାଣପଣେ ଅପଚେଷ୍ଟା କରିବାର ପ୍ରକ୍ରିୟାରେ ଥିଲା, ମାମୁଁଘର ଗାଁଆର ସେଇ ଘରଟି ମଧ୍ୟ ସେଇ ପ୍ରତିଯୋଗିତାରେ ଭାଗ ନେଇଥିଲା । ଯେଉଁ ଘର ଭିତରର ଲୋକମାନଙ୍କର ଏକଦା ମନ ଭାଗ ହେଉ ନଥିଲା ସେଇ ଘରର ଭିଟାମାଟି ଭାଗ ହେଲା । ମୋର ପ୍ରିୟ ମାମୁଁ ଘରର ସ୍ନେହସିକ୍ତ କୋମଳ ମାଟିକାନ୍ଥରୁ ଅଧା ଭଙ୍ଗାଯାଇ ରୁକ୍ଷ ଇଟା ସିମେଣ୍ଟର କାନ୍ଥ ଉଠାଗଲା । ଏସବୁ ଭିତରେ ସେହି ଅଧାଭଙ୍ଗା ମାଟିଘରଟି ଦିଶୁଥିଲା ନଅଙ୍କର ଅଧାକଙ୍କାଳ ଶରୀର ପରି ।

ପିଲାଦିନେ ଯେଉଁ ଘରଟିକୁ ହାତ ଠାରିଦେଲେ ମୋର ସମ୍ପୂର୍ଣ୍ଣ ମାମୁଁଘରଟିକୁ ବୁଝାଉଥିଲା, ଏବେ ସେଇ ଘରଟି ଭିତରେ ଭିତରେ ଅମୁକ ମାମୁଁ ସମୁକ ମାମୁଁଙ୍କ ଘରରେ ଅଲଗା ପରିଣତ ହୋଇସାରିଥିଲା । ବାକିତକ ବଞ୍ଚି ଯାଇଥିବା ଦୁଇ ତିନୋଟି ଘର ଭିତରେ ଥିଲା ପୁରୁଣା ରୋଷେଇଶାଳ, ଠାକୁର ଘର(ଯେଉଁଠି ମୋର ଷଠିଘର) ଆଉ ଦାଣ୍ଡ ଅଗଣାକୁ ଲାଗି ଅଜାଙ୍କ ଖଞ୍ଜା । ଅଜା ଚାଲିଗଲା ପର୍ଯ୍ୟନ୍ତ ବି ସେତେକ ସତ୍ତ୍ୱାଧିକାରକୁ ଭାଙ୍ଗିବାର ଅଧିକାର ଦେଇ ନଥିଲେ ।

ସମସ୍ତେ ଭିନ୍ନ ଭିନ୍ନ ହୋଇଯିବା ପରେ ପରେ ମାମୁଁଘରକୁ ଯାଏ ସତ କିନ୍ତୁ ପୁରୁଣା ପିଲାବେଳର ଉଦବେଗ ଆଉ ଆଗ୍ରହ ନଥାଏ । ମାମୁଁଙ୍କ ନୂଆ ତିଆରି ଘର ଛାଡ଼ି ପୁରୁଣା ଘର ଆଡ଼କୁ ଯିବା ପାଇଁ ଇଚ୍ଛା ହୁଏନି । ଏଇ ଶ୍ରୀହୀନ ମନ୍ଦିରକୁ ଦେଖିବା ମୋ ପକ୍ଷେ ସମ୍ଭବ ହୁଏନି । ଯିଏ ଏଇ ଦେଉଳଟି ଭିତରେ ଦରୋଟିରୁ କଥା କୁହା ଶିଖିଛି, ହାମୁଡ଼ାରୁ ଦଉଡିବା ଶିଖିଛି, କାନ୍ଦିବାରୁ ହସିବା ଶିଖିଛି, ସ୍ନେହ, ପ୍ରେମ, ଆପଣାପଣ ଦେଖିଛି ଆଉ ଭୋଗିଛି ତା ପାଇଁ ଏ ଦୃଶ୍ୟ ଯେ କେତେ ମାରାତ୍ମକ !

ସେଦିନ କିନ୍ତୁ ଗଲି......

ଏଥିପାଇଁ ନୁହଁ କି ମୋର ଯିବାକୁ ଇଚ୍ଛା ହେଲା ବରଂ ଏଥିପାଇଁ କି କେହିଜଣେ ମତେ ଗୋପନରେ ଅନୁପ୍ରେରିତ କଲା, ଠେଲି ନେଲା ସେଇଆଡ଼କୁ । ଅଗଣା ଦରଜା ଖୋଲି ଭିତରକୁ ଗଲି, ଧସିଆସୁଥିବା ମାଟିଘର କାନ୍ଥରୁ ବିଗତ ଦିନର ବାସ୍ନା ସବୁ ଏବେବି ଯାଇ ନଥିଲା । ଶ୍ରୀହୀନ ହେଇ ବି ସେ ତା'ର ଇତିହାସକୁ ଏଯାଏଁ ବଖାଣୁଥିଲା ।

ସେଇ ଖମ୍ବରେ, କବାଟରେ ହାତ ମାରି ମୁଁ ପରଖୁଥିଲି, ଦେଖୁଥିଲି ମୋ ଆଖିଆଗରେ ଚିତ୍ରବତ୍ ଜୀବନ୍ତ ହେଇ ଉଠୁଥିବା ମୋ ପିଲାବେଳ । ପିଲାଦିନର କୋମଳ ସୁଖଦ ସ୍ମୃତି ସବୁ ତିକ୍ତ ହେଇ ମୋ ହୃଦୟରେ ଯେଉଁ ତୀବ୍ର ଦଂଶନ କରିଚାଲୁଥିଲେ - ସେ ଯନ୍ତ୍ରଣା ମୋତେ ରୁନ୍ଧି ଦେଉଥିଲା । ତରବରରେ ଫେରି ଆସିବା ବେଳେ ଆଖିରେ ପଡ଼ିଗଲା ସେଇ ପରିଚିତ ଶାଗୁଆନ କାଠ ତିଆରି ଅଳଙ୍କୁଭରା ସିନ୍ଧୁକ ! କେଜାଣି କେଉଁ କାଳରୁ ଏଇମିତି ଏକା ଜାଗାରେ ଦାରୁ ଭୂତ ମୁରାରୀ ଭଳି ପଡ଼ିରହିଛି ଏଇ ସିନ୍ଧୁକ, ମୋ ପିଲା ବେଳୁ ଦେଖିଆସୁଚି । ଆଈ କୁହେ କାଳେ ଏଇ ସିନ୍ଧୁକର ବୟସ ମୋର କେତେ ଜଣ ମାମୁଁଙ୍କ ଠାରୁ ବେଶି ।

ପିଲାଦିନେ ଲୁଚକାଳି ଖେଳରେ ଏଇ ସିନ୍ଧୁକଟି ଥିଲା ଲୁଚିବା ନଜାଣିଥିବା ମୋ ପାଇଁ ଏକ ନିର୍ଭୟ ଆଶ୍ରୟ । ଏବେବି ମନେଅଛି, ପିଲାଦିନେ ସେମିତି ଏକ ଲୁଚକାଳି ଖେଳରେ ଲୁଚିବା ପାଇଁ ଏଇ ସିନ୍ଧୁକ ଖୋଲୁଖୋଲୁ ଅସାବଧାନତାରେ ଜୋର୍ କରି ଚାପି ଯାଇଥିଲା ମୋର ନରମ ହାତ ପାପୁଲି । ପୂର୍ବରୁ ସିନ୍ଧୁକ ସହ ଯଥେଚ୍ଛାଚାର କରିବାପାଇଁ ବୋଉ ମୋତେ ବାରଣ କରିଥିଲା, ଏ ହାତ ଚାପିଯିବାର କଷ୍ଟକୁ ବୋଉର ବାରଣ ମାନି ନଥିବାରୁ ମିଳିବାକୁ ଯାଉଥିବା ଦଣ୍ଡର ଆଶଙ୍କା - କି ଭୟାନକ ବ୍ୟତିବ୍ୟସ୍ତତା !! କଷ୍ଟ ଆଉ ଭୟରେ ଜୋର୍ କରି କାନ୍ଦିବା ଆରମ୍ଭ କରିଦେଲି । ( କେଉଁଠି କିଛି ନ ପାରିଲେ କାନ୍ଦ ଆରମ୍ଭ କରିଦେବା ଯଦିଓ ଥିଲା ମୋର ଶେଷତମ ଉପାୟ ତା'ପରେ ସବୁଠାରୁ ସାନ ଥିବାରୁ ମୋ କାନ୍ଦ ଆଉ ହସର ମହତ୍ତ୍ୱ ମଧ ଥିଲା) କ୍ଷଣକରେ ଧାଇଁ ଆସି ମୋତେ କୋଳେଇ ନେଇଗଲେ ଅଜା, ପରିସ୍ଥିତି ଦେଖି ଆଈ ମୋର ବୋଧ ଦେଉଦେଉ ହାତରେ ମଲମ ବୋଳି ଦେଉଥିଲା । କିନ୍ତୁ ମୋର ସକେଇ ହେବା ବନ୍ଦ ହେଉ ନଥିଲା ଆଈ ଅଜାଙ୍କ ନିର୍ଭୟ ସାନ୍ନିଧ୍ୟରେ ରହିମଧ ବୋଉର ଦଣ୍ଡ ଯେ ଅନିର୍ବାଯ୍ୟ ଏଇ ଆଶଙ୍କାରେ ।

ଏ ସବୁ ଭିତରେ ଅଜା ହଠାତ୍ ଛିଡ଼ାହୋଇ ସିଧା ଚାଲିଲେ ସେଇ ସିନ୍ଧୁକ ପାଖକୁ, ପୂରା ଘଟଣା କଣ ନବୁଝି ଲଦି ଦେଇଗଲେ ସିନ୍ଧୁକ ଉପରେ ଦୁଇଚାରି ଗୋଇଠା - ମୋର ପ୍ରତିଶୋଧ ପାଇଁ, 'ଏଇ ମୋ ନାତିକୁ ମାରିଚି ନା ! ଏଇ ନେ, ମାଡ଼ ଖା ! ମୋ ନାତିକୁ ମାରିବୁ ! ଏଡ଼େ ସାହସ !

ଓଃ, ବିଚରା ନିର୍ଜୀବ, ଅଜ୍ଞାତ ବିନା ଦୋଷରେ ବହେ ମାଡ଼ ଖାଇଲା ପରେବି ନିର୍ବେଦ ହେଇ ଚାହିଁ ରହିଥିଲା...

ଆଜିବି ସେ ଠିକ୍ ସେମିତି ପଡ଼ିରହିଛି ନୀରବ, ନିର୍ବେଦ, ନିଶ୍ଚଳ- ପାରିବାରିକ କ୍ରମାନୁବର୍ତ୍ତନରେ ଅଜା ବି ଏମିତି ସ୍ଥାଣୁ ପଲଟିଯାଇଥିଲେ । ଏଇ ସିନ୍ଧୁକ, ଅଜା ଆଉ ଘର ସବୁ ଏକ ସବୁ ନୀରବ, ସବୁ ସ୍ଥାବର ।

ଅଜା ଏବେ ନାହାନ୍ତି...ଆଈ ଆଉ ଚାଲି ପାରୁନି...ସିନ୍ଧୁକଟି ମାମୁଁ ମାନଙ୍କ ଠାରୁ ବୟସରେ ବଡ଼...

ଆହା, ମାଟିର ଭାଗବଣ୍ଟା ଭିତରେ ଇଏ ଯାହା କାହାରି ଭାଗରେ ଯାଇନି !

ସିନ୍ଧୁକ ଖୋଲିବାକୁ ଚେଷ୍ଟାକଲି, ବହୁଦିନରୁ ବନ୍ଦଥିବା କବଜାଖିଆ ସିନ୍ଧୁକଟି ଖୋଲିଥିଲା ଗୋଟିଏ ନିହାତି କରୁଣ କେଁ ଡ଼ାକ ସହିତ । ସେଇ ଡ଼ାକରେ ଯେ ଭରି ରହିଥିଲା ଦୀର୍ଘଦିନରୁ ସଞ୍ଚିତ ଏକ ଯୌଥପରିବାରର ନୈତିକ ଅଧଃପତନର ଇତିହାସ । ସେଇ କେଁ କଟ୍ କଟ୍ ଶବ୍ଦର ବହମାନତାରେ କିଏ ସତେ ମୋ ଛାତିର କଳିଜାକୁ ଟିକଟିକି କରି କାଟିଦେଲା ପରି କହୁଥିଲା, ଯା ନେଇଯା... ଆଜି ଫିଟେଇ ଦେଉଛି ସବୁ ସ୍ମୃତି...ଯାହା ତମମାନଙ୍କ ପାଇଁ ଦିନେ ସାଇତି ରଖିଥିଲି । ସିନ୍ଧୁକ ତ ନଥିଲି...ଥିଲି ସ୍ମୃତିର ଫରୁଆ । ତମମାନଙ୍କୁ କେବଳ ଅପେକ୍ଷା କରି ବସିଥିଲି, କେବେ ଖୋଜି ଖୋଜି ଆସିବ ତମ ପିଲାଦିନ । ମୁଁ ଧରେଇ ଦେଇ ହେଇଯିବି ନିସ୍ତାର !

**ମୋ-୭୨୦୫୭୯୫୦୨୨**



# ନବ ପ୍ରକାଶ




## ପାପୁଲିଏ ବିଶ୍ୱାସ

**ଲେଖକ-ପ୍ରକାଶ ଚନ୍ଦ୍ର ରାଉତ**
**ପ୍ରକାଶକ-ବନଫୁଲ, ଭୁବନେଶ୍ୱର,**
**ମୂଲ୍ୟ-୧୬୫/-**

ବିଶ୍ୱାସର ପାପୁଲି ରେଖାରେ ଲେଖି ହୋଇଯାଏ, ଯେଉଁ କମନୀୟ କବିତାର ଧାଡ଼ି, ତାହା କବିର ମନକୁ ଯେତେନୁହେଁ ବରଂ ପାଠକଙ୍କ ମନକୁ ସେତିକି ଭିଜାଇ ଦିଏ ଏକ ନୂତନ ଉନ୍ମାଦନାରେ । କବିତା କେବଳ ମନ ଗହନର କଥା ପଢ଼ିପାରେ, କହିପାରେ ଯାହା କିଛି ଗହନ କଥା । ଏହି ସଂକଳନରେ ସ୍ଥାନ ପାଇଥିବା କବିତାଗୁଡ଼ିକ ସେମିତି ଅନେକ କିଛି ଅନୁଚ୍ଚାରିତ ମନ ଗହନର କଥା, ଯାହା ବୁଝିହୁଏ ସିନା ବୁଝେଇ ହୁଏନି । ଅନୁଭବ କରିହୁଏ ସିନା କହି ହୁଏନି । ଧରାବତରଣ, ପ୍ରେମ ପାଇଁ ଚିଠିଟିଏ, ମଧୁର ଦହନ, ରୂପାନ୍ତର, ଛଳନା, ଅଲଂଘ୍ୟ ସକାଳ, ମୁଖା, ନିର୍ବାଣ, କୃଷ୍ଣହସ, ଛଦ୍ମବେଶ, ଶେଷଦୃଶ୍ୟର ଭରସାରେ ଭଳି କବିତା । ଏହା ପାଠକଙ୍କ ପାଇଁ ବେଶ ରୁଚିକର ହେବା ସହ ଜୀବନ ସହ କବିତା ଯୁଝିବାର ବେଦନାକୁ ବୁଝେଇ ଦେବାର ଉପକ୍ରମ ।

## ସ୍ମୃତିର ରଙ୍ଗ

**ସଂପାଦନା-ଉମାକାନ୍ତ ମହାନ୍ତି**
**ହଂସନାଥ ମୁଦୁଲି**
**ପ୍ରକାଶକ-ଏକାମ୍ର ସାହିତ୍ୟ ସଂସଦ, ଭୁବନେଶ୍ୱର,**
**ମୂଲ୍ୟ-୨୦୦/-**



ନୂଆ ପ୍ରକାର ପ୍ରୟାସ ନେଇ ଏକାମ୍ର ସାହିତ୍ୟ ସଂସଦ ପକ୍ଷରୁ ଯେଉଁ କବିତାର ସମ୍ଭାରକୁ ନେଇ ଏହି ସଂକଳନଟି ଆତ୍ମପ୍ରକାଶ କରିଛି, ତାହା ନିଶ୍ଚିତ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଅଭିନବ ପ୍ରଚେଷ୍ଟା । ସମସାମୟିକ କବି ଓ କବିତାକୁ ନେଇ ଅନେକ କବିତା ଏଥିରେ ସ୍ଥାନ ପାଇଛି । ଯୋଗେନ୍ଦ୍ର ନାୟକ, ଅଭୟ କୁମାର ଦାସ, ଉମାକାନ୍ତ ରାଉତ, ସଂଯୁକ୍ତା ମିଶ୍ର, ମୌସୁମୀ ଦାସ, ଗୌର ପଟ୍ଟନାୟକ, ଗୋଲକ ବିହାରୀ ଆଚାର୍ଯ୍ୟ, ଡ.ଲିଙ୍ଗରାଜ ରଥ, ଯଜ୍ଞଦତ୍ତ ସାମନ୍ତରାୟ, ଜ୍ଞାନେନ୍ଦ୍ର କୁମାର ପଣ୍ଡା, ସୌଦାମିନୀ ବେହେରା, ଗୋଲକ ବିହାରୀ ପଲାଇ, ଚମକ ଚାନ୍ଦିନୀ ଦାଶ ଭଳି ୯୮ଜଣଙ୍କର କବିତା ସ୍ଥାନିତ ହୋଇଛି । ଏହା କେବଳ ପାଠକଙ୍କ ପାଇଁ ନୁହେଁ ବରଂ ଉତ୍ତରପିଢ଼ିର ସାହିତ୍ୟିକଙ୍କ ପାଇଁ ପ୍ରେରଣାର ଉତ୍ସ ହେବ । ପରିଚ୍ଛନ୍ନ ତଥା ଉଚ୍ଚକୋଟୀର ହୋଇଥିବାରୁ ସାଇତି ରଖିବା ଭଳି ଏକ ସଂକଳନ ।

# ପାପ



ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ।

ତୁମ କାନ୍ଧରେ ପ୍ରଥମକରି ମୁଣ୍ଡ ଥୋଇଲା ବେଳେ
ମୋତେ ତାରା ପରି ମିଞ୍ଜିମିଞ୍ଜି ଦିଶୁଥିଲା ଆକାଶ,
ତୁମ ଜୁଡ଼ାରେ ଖୁନ୍ଦି ହେଇଥିଲା
ପୃଥିବୀର ସର୍ବୋଚ୍ଚ ପାହାଡ଼
ତୁମ ନୀଳ ଆଖିର କୋରଡ଼ରେ ଜକେଇ ଆସୁଥିଲା ହାଲକା ସମୁଦ୍ର
ହେଲେ ଯାହା ମୋତେ ବାନ୍ଧି ରଖିଥିଲା
ଢ଼େର ଦିନ ଯାଏଁ,
ଗୋଟେ ମିଠା ବନ୍ଧନୀରେ
ସେଇ ତ ତୁମର
ପୋଇ ମଞ୍ଜି ରଙ୍ଗର ଓଠ !
ତମେ କହିଲ, ହେସ୍ ମିଛ କହିବା ମହାପାପ ।

ଦେଖୁ ଦେଖୁ
ମୁଣ୍ଡ ଦେଇ ଗଡ଼ିଗଲା ସତର ବସନ୍ତ,
ଶ୍ରାବଣକୁ ଚାହିଁଚାହିଁ ଲିଭିଗଲା ଦିନେ
ମୋ ଗାଁ ନଈର ସୁବର୍ଣ୍ଣ ଇତିହାସ
ହେଲେ କାହାକୁ ପାଇଲିନି ଅବା ଦେଖିଲିନି କେବେ
ଅବିକଳ ତୁମ ପରି !
ତୁମରି ନାଁ ରେ
ନିରୋଳା ତୁମେ ହିଁ
ଛିଡ଼ା ହେଇଥିଲ ମୋ ସାମ୍ନାରେ
ସାଜି ଅଦ୍ୱିତୀୟ ଈଶ୍ୱରୀ ।

ତୁମକୁ ନେଇ ଥରେ
କବିତାଟେ,
ଦୁଃସାହସ କଲାବେଳେ
କୋଟିଏ ଥର ଝୁଣ୍ଟିପଡ଼ିଲା
ମୋ ବିଶି ଆଙ୍ଗୁଠିର ଟିପ !

ଯାହାର ବର୍ଣ୍ଣନାରେ ସରିଥାନ୍ତା
ପୃଥିବୀର ସବୁ ରାତି ଓ ଋତୁ
ଗୌରବର ଗ୍ଲାସିୟର କ୍ଷଣିକେ ତରଳି ଯାଇଥାନ୍ତା
ଯାହାର ଗୋଟାଏ ଝଲକରେ,
ତାକୁ କେମିତି ବା ଲେଖିପାରିଥାନ୍ତି,
ମୁଁ ବୋକା
ଗୋଟାଏ ମାତ୍ର କବିତାରେ ?

ତମେ କହିଲ: ଜାଣିଛି ପରା
କବି ମାନେ
ଗୋଟେ ଗୋଟେ ମିଛୁଆ ପ୍ରେମିକ,
ହେଲେ ମନେରଖ,
ମିଛ ମାନେ ହିଁ ମହାପାପ !
ମୁଁ କହିଲି,
ପ୍ରେମ ଯାହାର ମୂଳ ବିନ୍ଦୁ,
ସେଠି ପାପ କଣ ? ପୁଣ୍ୟ କଣ ?

**ସହଦେବଖୁଣ୍ଟା, ବାଲେଶ୍ୱର,**
**ମୋ -୭୭୮୮୯୭୭୨୭୬ ।**

## ବିଜେଡି ଓ କଂଗ୍ରେସ ଛାଡ଼ି ବିଜେପିରେ ମିଶିଲେ



**ଜଗତସିଂହପୁର,୩।୫/ଏନ୍‌ଏନ୍‌ଏସ୍:** ଶନିବାର ଜଗତସିଂହପୁର ନିର୍ବାଚନ ମଣ୍ଡଳିର ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ପଞ୍ଚାୟତ ରୋହିଆ ଗ୍ରାମର ୩୧ରୁ ଊର୍ଦ୍ଧ୍ୱ ପରିବାର ବିଜେଡି ଓ କଂଗ୍ରେସ ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି । ଅପରାହ୍ଣରେ ସ୍ଥାନୀୟ ଯୋଗାଯୋଗ ସର୍କିଟ ହାଉସ ପରିସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଓଡିଶା ଉଚ୍ଚ ନ୍ୟାୟାଳୟର ଓକିଲ ସୌମ୍ୟ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ରୋହିଆ ଗ୍ରାମର ୩୧ରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ବିଜେଡି ପରିବାର, ବିଜେପି ଦଳର ଆଭିମୁଖ୍ୟରେ ଅନୁପ୍ରାଣିତ ହୋଇ ଓ ବିଧାୟକ ଅମରେନ୍ଦ୍ର ଦାସଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେପି ଦଳରେ ସାମିଲ ହୋଇଛନ୍ତି । ଏହି ଅବସରରେ ବିଧାୟକ ଅମରେନ୍ଦ୍ର ଦାସ ଉକ୍ତ ପରିବାର ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସାମିଲ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପିର ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ଦେବେନ୍ଦ୍ର କୁମାର ରାଉତ, ପ୍ରତାପ କୁମାର ସାହୁ, ସିଜନ୍ ସ୍ୱାଇଁ, ଧନେଶ୍ୱର ନାୟକ, ଦୀପକ ମହାନ୍ତି, କେଦାର ଚରଣ ମହାନ୍ତି, ସାରଦା ପ୍ରସନ୍ନ ଦାସ, ବୈରାଗୀ ନାୟକ ଏବଂ ଜୟ ରାମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ତେବେ କଂଗ୍ରେସ ଓ ବିଜେଡି ଦଳ ଛାଡିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବହୁ ପୂର୍ବତନ ଓ ବର୍ତ୍ତମାନ ୱାର୍ଡ ସଭ୍ୟ ରହିଥିବା ଦେଖାଯାଇଛି । ସେମାନେ ହେଲେ ବିଶ୍ୱଜିତ୍ ସ୍ୱାଇଁ, ଦେବେନ୍ଦ୍ର ସ୍ୱାଇଁ, ଦିଲ୍ଲିପ କୁମାର ମହାନ୍ତି, ଅନିଲ ମହାନ୍ତି, ରାକେଶ କୁମାର ମହାନ୍ତି, ଅକ୍ଷୟ କୁମାର ମହାନ୍ତି, ଜୀବନ କୁମାର ମହାନ୍ତି, ସତ୍ୟଜିତ୍ ମହାନ୍ତି, ମଣ୍ଟୁ ମହାନ୍ତି, ସଂଗ୍ରାମ କାଣ୍ଡି, ଦୀପକ କୁମାର ସାହୁ, ସାଗର ଭୋଇ, ପବନୀ ଦାସ, ବେଦ ପ୍ରକାଶ ମହାନ୍ତି, ରଞ୍ଜନ ବେହେରା ପ୍ରମୁଖ ଅନ୍ତର୍ଭୁକ୍ତ ।

# ଭାନିରାମ ମଡେଲ୍ ନୋଡାଲ ହାଇସ୍କୁଲର ଛାତ୍ରୀ ସୁଚିସ୍ମିତାଙ୍କୁ ସମ୍ବର୍ଦ୍ଧନା



**ଢେଙ୍କାନାଳ,୩।୫/ଏନ୍‌ଏନ୍‌ଏସ୍:** ପ୍ରକାଶ ପାଇଲା ମାଟ୍ରିକ ଫଳାଫଳ ଢେଙ୍କାନାଳ ଜିଲ୍ଲାରେ ଚଳିତ ବର୍ଷ ୩୧୯ ଜଣ ଏ୍ୱାନ୍ ଗ୍ରେଡ୍ ହାସଲ କରିଥିବା ବେଳେ ୬୦୦ ରୁ ୫୬୫ ନମ୍ବର ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ସଦର ବ୍ଲକର ବଲଭଦ୍ରପୁର ସ୍ଥିତ ଭାନିରାମ ମଡେଲ ନୋଡାଲ ହାଇସ୍କୁଲର ଛାତ୍ରୀ ସୁଚିସ୍ମିତା ପ୍ରିୟଦର୍ଶିନୀ ପରିଡା । ଏହି ସଫଳତା ପାଇଁ ତାଙ୍କ ପିତା ନରୋତମ ପରିଡା ମାତା ଅର୍ଚ୍ଚନା ପରିଡା ଏବଂ ମୁଖ୍ୟ କୋରିଆଁ ଜାଗିଦା ଖୁସି ହେବା ସହିତ ସୁଚିସ୍ମିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆଜି ପୂର୍ବାହ୍ଣରେ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ ସେନାପତି ସୁଚିସ୍ମିତାଙ୍କୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧନା ଜଣାଇଛନ୍ତି । ସେହିପରି ଜିଲ୍ଲାରେ ମୋଟ ୩୧୯ ଜଣଙ୍କ ମଧ୍ୟରୁ କାମାକ୍ଷାନଗର ପଞ୍ଚାୟତ ହାଇସ୍କୁଲର ୧୪ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡରେ ସଫଳତା ହାସଲ କରିଥିବା ବେଳେ କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩ ଜଣ ଛାତ୍ରଛାତ୍ରୀ ଓ ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪ ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ସେହିପରି ଜିଲ୍ଲାରେ ୫୬୪ ନମ୍ବର ରଖି ଯୁଗ୍ମଭାବେ ୩ ଜଣ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । କାନପୁରା ପଞ୍ଚାୟତ ହାଇସ୍କୁଲର ଅଦ୍ୟାଶା ଲେଙ୍କା, ହିନ୍ଦୋଳ କୁରୁମିଠ ହାଇସ୍କୁଲର ପ୍ରଭୁଦତ ସାହୁ, ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୀତାରାମ ପ୍ରସାଦ ମହାନ୍ତି ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ୫୬୩ ନମ୍ବର ରଖି କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରନତ ଏସ ତ୍ରିପାଠୀ, ଏଜିପି ହାଇସ୍କୁଲ ଗୁରୁସିଆ ଭୁବନର ଜ୍ୟୋତିର୍ମୟୀ ସାହୁ ଯୁଗ୍ମଭାବେ ତୃତୀୟ ସ୍ଥାନ ହାସଲ କରିଛନ୍ତି । ୫୬୧ ନମ୍ବର ରଖି ହିନ୍ଦୋଳର ତରକାବେଡା କୁମୁରୁସିଙ୍ଗା ହାଇସ୍କୁଲର ଅମ୍ରିତ ସାହୁ ଚତୁର୍ଥ ସ୍ଥାନ, ଗଁଦିଆ ସୁବର୍ଣ୍ଣ ସରକାରୀ ବିଦ୍ୟାଭବନ ଚିରୁଲେଇର ସତ୍ୟଜିତ ବେହେରା, ଶରାପୁ ରୁଜନାଥ ବଡଜେନା ହାଇସ୍କୁଲ ଢେଙ୍କାନାଳର ଛାତ୍ରୀ ଚିନ୍ମୟୀ ବେହେରା, ହିନ୍ଦୋଳ ଖଜୁରିଆକଟା ସରକାରୀ ଉଚ୍ଚ ବିଦ୍ୟାଳୟର ପିୟାଲି ପ୍ରିୟଦର୍ଶିନୀ ପ୍ରଧାନ, କାମାକ୍ଷାନଗର କାନପୁରା ପଞ୍ଚାୟତରାଜ ହାଇସ୍କୁଲର ଆୟୁଷ ଅରିଜିତ ମହାନ୍ତି, ଜୟନ୍ତ ସାମଲ, ଜୀବନଜ୍ୟୋତି ବେହେରା, ଭୁବନ ଜିରାଳ ଗାର୍ଲ୍ସ ହାଇସ୍କୁଲର ବର୍ଷା ପ୍ରିୟଦର୍ଶିନୀ ସାହୁ, ଫିଙ୍ଗାଲି ପତି, ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଭା ପ୍ରିୟଦର୍ଶିନୀ ୫୬୦ ନମ୍ବର ରଖି ଯୁଗ୍ମଭାବେ ପଂଚମ ସ୍ଥାନ ହାସଲ କରିଛନ୍ତି । ସେହିପରି କାମାକ୍ଷାନଗର କାନପୁରା ପଞ୍ଚାୟତରାଜ ହାଇସ୍କୁଲର କାର୍ତିକେଶ୍ୱର ସେନାପତି ୫୫୮ ନମ୍ବର ରଖି ଷଷ୍ଠ ସ୍ଥାନ ଅଧିକାର କରିଥିବା ବେଳେ ହିନ୍ଦୋଳ କୁରୁମିଠ ହାଇସ୍କୁଲର ପ୍ରଦ୍ୟୁମ୍ନ ସାହୁ, କାମାକ୍ଷାନଗର ପଞ୍ଚାୟତରାଜ ହାଇସ୍କୁଲର କ୍ରିଷ୍ଣପ୍ରିୟା ବାରିକ ୫୫୭ ନମ୍ବର ରଖି ସପ୍ତମ ସ୍ଥାନ ଅଧିକାର କରିଛନ୍ତି । କାମାକ୍ଷାନଗର ପଞ୍ଚାୟତରାଜ ହାଇସ୍କୁଲ କାନପୁରାର ଅଙ୍କିତ ପ୍ରସାଦ ପୃଷ୍ଟି, ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଶୁଭଲକ୍ଷ୍ମୀ ସାହୁ ୫୫୬ ନମ୍ବର ରଖି ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି । ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରାଜେଶ ପାତ୍ର ୫୫୪ ରଖି ନବମ ସ୍ଥାନ, ଓଡ଼ାପଡ଼ା କୁଶପଙ୍ଗା ସରକାରୀ ହାଇସ୍କୁଲର ପ୍ରବିଣ କୁମାର ବେହେରା, କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୌଶିକ ନାରାୟଣ ସାହୁ ୫୫୩ ନମ୍ବର ରଖି ଯୁଗ୍ମଭାବେ ଦଶମ ସ୍ଥାନ, ଢେଙ୍କାନାଳ ତାଳବରକୋଟ ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଜ୍ଞାପରମିତା ରାଉତ ୫୫୨ ନମ୍ବର ରଖି ଏକାଦଶ ସ୍ଥାନ, ଗଁଦିଆ ବ୍ଲକ ଚଣ୍ଡିପାଳ ରାଇସିଙ୍ଗ ପ୍ରସାଦ ସରକାରୀ ଉଚ୍ଚବିଦ୍ୟାଳୟର ସଂଗ୍ରାମ କେଶରୀ ସାହୁ ୫୫୧ ନମ୍ବର ରଖି ଦ୍ୱାଦଶ ସ୍ଥାନ, କଙ୍କଡାହାଡ ବ୍ଲକ ଗଡପଳାଶୁଣି ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ଭୁବନେଶ୍ୱରୀ ବଳ ୫୫୦ ନମ୍ବର ରଖି ତ୍ରୟୋଦଶ ସ୍ଥାନ, ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଜିତ ସାହୁ ୫୪୯ ନମ୍ବର ରଖି ଚତୁର୍ଦ୍ଦଶ ସ୍ଥାନ, ଢେଙ୍କାନାଳ ବିବି ହାଇସ୍କୁଲର ସୋମ୍ୟା ପ୍ରିୟଦର୍ଶିନୀ ଓ ଓଡାପଡା ଗାର୍ଲ୍ସ ହାଇସ୍କୁଲର ମଣିଦେବୀ ହାଇସ୍କୁଲର ହିମାଂଶୁ ଶେଖର ରାଉତ ୫୪୮ ନମ୍ବର ରଖି ଯୁଗ୍ମଭାବେ ପଞ୍ଚଦଶ ସ୍ଥାନ, ହିନ୍ଦୋଳ ପାଟଣାର ପଞ୍ଚାୟତ ହାଇସ୍କୁଲର ତ୍ରିଶା ସାମଲ ୫୪୪ ନମ୍ବର ରଖି ଷୋଡ଼ଶ ସ୍ଥାନରେ ରହିଥିବା ବେଳେ କାମାକ୍ଷାନଗର କାନପୁରା ପଞ୍ଚାୟତରାଜ ହାଇସ୍କୁଲର ଆଶିଷ ମହାରଣା ଓ ସାରସ୍ୱରୂପ ପ୍ରଧାନ ୫୪୩ ନମ୍ବର ରଖି ସପ୍ତଦଶ ସ୍ଥାନ, କାମାକ୍ଷାନଗର କାନପୁରା ପଞ୍ଚାୟତରାଜ ହାଇସ୍କୁଲର ଅନନ୍ୟା ଅନୁପମା ବେହେରା, ଈଶ୍ୱରୀମାନ ସାହୁ, ଗୌରବ କୁମାର ପ୍ରଧାନ ଓ ସ୍ୱାତିସ୍ମାରତୀକା ମହାପାତ୍ର ୫୪୧ ନମ୍ବର ରଖି ଅଷ୍ଟାଦଶ ସ୍ଥାନ, କାମାକ୍ଷାନଗର କାନପୁରା ପଞ୍ଚାୟତରାଜ ହାଇସ୍କୁଲର ଊର୍ଜ୍ଜଳା ରାଉତ, କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନେହାନିତୁ ନାୟକ ୫୪୦ ନମ୍ବର ରଖି ଊନବିଂଶ ସ୍ଥାନରେ ରହି ଢେଙ୍କାନାଳ ଜିଲ୍ଲାପାଇଁ ଗୌରବ ଆଣିପାରିଛନ୍ତି ।

## ଟ୍ରକ୍‌କୁ ପିଟିଲା ଟ୍ରକ୍, ଡ୍ରାଇଭର ମୃତ

**ଢେଙ୍କାନାଳ,୩।୫/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ୫୩ ନଂ ଜାତୀୟ ରାଜପଥର ସରାଙ୍ଗ ଗାଁ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଟ୍ରକର ପଛରୁ ପିଟିଲା କାଚ ବୋତଲ ବୋଝେଇ ଆଇଚର୍ ଟ୍ରକ୍ । ଘଟଣା ସ୍ଥଳରେ ଡ୍ରାଇଭରଙ୍କର ମୃତ୍ୟୁ ହୋଇଛି । ମୃତ ଡ୍ରାଇଭର ଜଣଙ୍କ କଟକ ମାହାଙ୍ଗା ଅଞ୍ଚଳର ହୋଇଥିବା ସୂଚନା । ପିତିରି ଆଡୁ ତାଲଚେର ଆଡକୁ ଯାଉଥିବା ବେଳେ ଘଟିଛି ଦୁର୍ଘଟଣା । ଅସାବଧାନତା କାରଣରୁ ଆଇଚର ଗାଡିଟି ଟ୍ରକ୍ ପଛରେ ଧକ୍କା ଦେଇଥିଲା । ତେବେ ଘଟଣାସ୍ଥଳରେ ପରଜଙ୍ଗ ପୁଲିସ ଏବଂ ଅଗ୍ନିଶମବାହିନୀ ପହଞ୍ଚି ଡ୍ରାଇଭର ମୃତଦେହକୁ ଉଦ୍ଧାର କରିଛନ୍ତି । ପ୍ରାୟ କିଛି ସମୟ ଧରି ଡ୍ରାଇଭର ଜଣଙ୍କ ଟ୍ରକ୍ ଭିତରେ ଚାପି ହୋଇ ରହିଥିଲେ । କଟର ମେସିନ ସାହାଯ୍ୟରେ କାଟି ଅଗ୍ନିଶମ କର୍ମଚାରୀମାନେ ମୃତ ଡ୍ରାଇଭର ଜଣଙ୍କୁ ଉଦ୍ଧାର କରିଛନ୍ତି । ଏ ନେଇ ପରଜଙ୍ଗ ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଧ ପାଇଁ ପଠିବା ସହ ଅଧିକ ତଦନ୍ତ ଜାରି ରଖିଛି ।

## ଅଗ୍ନି ବିପନ୍ନ ପରିବାରଙ୍କୁ ସହାୟତା



**କେନ୍ଦ୍ରାପଡ଼ା,୩।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନିର୍ଦ୍ଦେଶରେ ଅଗ୍ନି ବିପନ୍ନ ପରିବାରଙ୍କୁ ଜିଲ୍ଲା ବିଜେପି ଉପସଭାପତି ଅଭିମନ୍ୟୁ ଗୋଛାୟତ ତାଙ୍କ ବାସଭବନକୁ ଯାଇ ସହାୟତା ପ୍ରଦାନ କରିଛନ୍ତି । କେନ୍ଦ୍ରାପଡା ବ୍ଲକ ଅଧିନ କେଶପୁର ପଞ୍ଚାୟତର ମୁଷାଡିଆ ଗ୍ରାମର ସୁକୁମାର ପରିଡ଼ାଙ୍କର ଦୁଇ ବଖରା ଘର ଏବଂ ଘରେ ଥିବା ଆସବାବପତ୍ର ସଂପୂର୍ଣ୍ଣ ପୋଡିଯାଇ ପାଉଁଶ ହୋଇଯାଇଥିଲା । ଖବର ପାଇଲା ପରେ ସାଂସଦ ଶ୍ରୀ ପଣ୍ଡା ସହାୟତା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ସହାୟତା ପ୍ରଦାନ ସମୟରେ ଦୟାନିଧି ବଳ, ସ୍ମୃତି ରଞ୍ଜନ ଧଳ, ଜୟନ୍ତ ପାତ୍ର, ଜ୍ୟୋତି ରଞ୍ଜନ ସାହୁ, ବିଜୟୀ ମହାନ୍ତି, ଜ୍ଞାନପ୍ରିୟ ଦାସ, ଧରଣୀଧର ଦାସ, ପଦ୍ମନାଭ ପ୍ରଧାନ, ଅନ୍ତର୍ଯ୍ୟାମୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ସାମ୍ବାଦିକ ସଙ୍ଘ କାର୍ଯ୍ୟାଳୟରେ ପ୍ରେସ୍ ଦିବସ



**କାମାକ୍ଷାନଗର ,୩।୫/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ସାମ୍ବାଦିକ ସଙ୍ଘ ତରଫରୁ ବିଶ୍ୱ ମୁକ୍ତ ପ୍ରେସ ଦିବସ ପାଳିତ ହୋଇଯାଇଛି । ସଙ୍ଘର ସଭାପତି ହିମାଂଶୁ ଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସଙ୍ଘର ଅନେକ ସଦସ୍ୟ ଉପସ୍ଥିତ ରହି ଆଜିର ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ । ବର୍ତ୍ତମାନ ସମୟରେ ବିଶ୍ୱରେ ଗଣମାଧ୍ୟମ ଉପରେ ଦିନକୁ ଦିନ ବିଭିନ୍ନ ପ୍ରକାରର ବିପଦ ଦେଖାଦେଉଛି । ଯେଉଁଥିପାଇଁ ସାମ୍ବାଦିକମାନେ ଅନେକ ସମୟରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ କିଭଳି ଆଗାମୀ ସମୟରେ ସାମ୍ବାଦିକମାନେ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇ ପାରିବେ ସେ ନେଇ ସମସ୍ତଙ୍କ ସହଯୋଗ କାମନା କରାଯାଇଛି । କାମାକ୍ଷାନଗର ସାମ୍ବାଦିକ ସଙ୍ଘ ସମ୍ପାଦକ ହୃଦୟ ବଲ୍ଲଭ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଙ୍ଘର ବରିଷ୍ଠ ସଦସ୍ୟ ବିଦ୍ୟାଧର ବରାଳ, ରାକେଶ କୁମାର ଦେହୁରୀ, ସଦାଶିବ ସେଠୀ,ବିନୋଦ ବିହାରୀ ସେଠୀ, ଶ୍ରୁତିପଦ ନନ୍ଦ, ସର୍ବେଶ୍ୱର ପାତ୍ର, ରିତେଶ ବ୍ରହ୍ମା, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସଫଳ ସମବାୟ ସଂପାଦକ ଭାବେ ସମ୍ବର୍ଦ୍ଧିତ ହେଲେ ସୁବୋଧ



**କେନ୍ଦ୍ରାପଡ଼ା,୩।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାର ସଫଳ ସଂପାଦକ ଭାବେ ସମ୍ବର୍ଦ୍ଧିତ ହେଲେ ଭରତପୁର କୃଷି ସମବାୟ ସମିତିର ସଂପାଦକ ସୁବୋଧ କୁମାର ଲେଙ୍କା । କେନ୍ଦ୍ରାପଡା ପୌରସଂସ୍ଥା, ଟାଉନ୍ ହଲ୍ ପରିସରରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷକ ବିକାଶ ସମବାୟ ସମିତି ଲିଃ ତରଫରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀ ଲେଙ୍କାଙ୍କୁ ଜିଲ୍ଲାର ସଫଳ ସଂପାଦକ ଭାବେ ସମ୍ବର୍ଦ୍ଧିତ କରାଯାଇଛି । କୃଷକ ସମବାୟ ସମିତିର ସଭାପତି ପ୍ରମୋଦ କୁମାର ସାହୁ ଓ ଓଡିଶା କର୍ମଚାରୀ ମହାମଞ୍ଚ ରାଜ୍ୟ ସଭାପତି ଗୋଲଖ ମହାପାତ୍ର, ବିଜେପିର ବରିଷ୍ଠ ନେତା ତେଜେଶ୍ୱର ପରିଡ଼ା, ଗୀତାଞ୍ଜଳି ସେଠୀ, ଅନୁଷ୍ଠାନର ସଂପାଦକ ଅରବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଶ୍ରୀ ଲେଙ୍କା ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଦୁଇଥର ସମ୍ମାନୀତ ହୋଇଥିବା ଜଣାପଡିଛି ।

# ବ୍ରାଉନ୍‌ସୁଗର ଜବତ, ୩ ଗିରଫ



**ପାରାଦୀପ,୩।୫/ଏନ୍‌ଏନ୍‌ଏସ୍:** ଅଭୟଚାନ୍ଦପୁର ଥାନା ଅଞ୍ଚଳରୁ ବ୍ରାଉନସୁଗର ଜବତ ହେବାର ଦୁଇ ଦିନ ନପୁରୁଣୁ ଅଭୟଚାନ୍ଦପୁର ଥାନା ପୁଣି ବ୍ରାଉନସୁଗାର ବିକ୍ରେତାଙ୍କୁ ଗିରଫ କରିବାରେ ସଫଳ ହୋଇଛି । ବଗଦିଆ ନିକଟସ୍ଥ ଡାଲିମପୁରରୁ ଅଭୟଚାନ୍ଦପୁର ପୁଲିସ ଶୁକ୍ରବାର ରାତିରେ ୧୫.୫୮ଗ୍ରାମ୍‌ର ବ୍ରାଉନ୍‌ସୁଗର ଜବତ କରିଛି । ଏଥି ସହିତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନେ ବ୍ୟବହାର କରୁଥିବା ଏକ ମୋଟର ସାଇକେଲ୍ ଜବତ କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଥାନା ଅଧିକାରୀ ସମୀର କୁମାର ରାଉତ । ଶୁକ୍ରବାର ବିଳମ୍ବିତ ରାତିରେ ବଗଦିଆ ନିକଟସ୍ଥ ଡାଲିମପୁର ମଶାଣୀ ପଡିଆରେ ବ୍ରାଉନସୁଗାର କାରବାର ହେଉଥିବା ନେଇ ଥାନା ଅଧିକାରୀଙ୍କୁ ସୂଚନା ମିଳିଥିଲା । ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ୍‌ର ଏକ ସ୍ୱତନ୍ତ୍ର ଟିମ୍ ସେଠାକୁ ଥାନା ଅଧିକାରୀ ଶ୍ରୀ ରାଉତ ପଠାଇଥିଲେ । ସବଇନ୍ସପେକ୍ଟର ବିଶ୍ୱନାଥ ଗଡନାୟକଙ୍କ ନେତୃତ୍ୱରେ ଏହି ସ୍ୱତନ୍ତ୍ର ଟିମ୍ ଡାଲିମପୁର ମଶାଣୀ ପଡିଆରେ ବ୍ରାଉନସୁଗର କାରବାର କରୁଥିବା ଡାଲିମପୁର ଗ୍ରାମର ପ୍ରଦୀପ୍ତ ଦଳାଇଙ୍କ ପୁଅ ସଂଗ୍ରାମ ଦଳାଇ ଓରଫ ରାକା, ରାକେଶ, ପାରାଦୀପ ଲକ୍ ଥାନା ଅଧିନସ୍ଥ ସିଜୁ ଗ୍ରାମର କୈଳାସ ନାୟକଙ୍କ ପୁଅ ବିକ୍ରମ ନାୟକ ଓ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧିନସ୍ଥ ସୋରଣ ଗ୍ରାମର ସୁରେଶ ପତିଙ୍କ ପୁଅ ଦୀପକ ପତିଙ୍କୁ ଧରିଥିଲେ । ସେମାନଙ୍କ ନିକଟରୁ ୧୫.୫୮ଗ୍ରାମର ବ୍ରାଉନ୍‌ସୁଗର ଜବତ କରାଯିବା ସହିତ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ପଲସର ମୋଟର ସାଇକେଲ୍ ଜବତ କରିଥିଲେ । ଅଭିଯୁକ୍ତ ସଂଗ୍ରାମ ନାମରେ ପୂର୍ବରୁ ବିଭିନ୍ନ ଅପରାଧିକ କାର୍ଯ୍ୟ ନିମନ୍ତେ ୪ଗୋଟି ମାମଲା ରହିଥିବା ବେଳେ ବିକ୍ରମ ପୂର୍ବରୁ ବ୍ରାଉନସୁଗାର ବ୍ୟବସାୟ ସହିତ ସଂପୃକ୍ତି ଥିବା ପୁଲିସ୍ ଜାଣିବାକୁ ପାଇଛି । ଅନ୍ୟତମ ଅଭିଯୁକ୍ତ ଦୀପକ ନାମରେ ଅପରାଧିକ ମାମଲା ରହିଛି କି ନାହିଁ ସେ ସମ୍ପର୍କରେ ପୁଲିସ ଟାଙ୍ଗୀ ଥାନା ସହିତ ଯୋଗାଯୋଗ କରିଥିବା ଥାନା ଅଧିକାରୀ ଶ୍ରୀ ରାଉତ ସୂଚନା ଦେଇଛନ୍ତି ।

## ବାଲ୍ୟ ବିବାହ ପ୍ରଥାକୁ ସଂପୂର୍ଣ୍ଣ ନିଷେଧ ପାଇଁ ଶପଥପାଠ





**ପଟ୍ଟାମୁଣ୍ଡାଇ,୩।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ସେବକ ସମାଜ ତରଫରୁ ବାଲ୍ୟ ବିବାହ ଭଳି ଏକ ସାମାଜିକ କୁପ୍ରଥାକୁ ବିରୋଧ କରିବା ଅବସରରେ ଜିଲ୍ଲାର ସମସ୍ତ ମନ୍ଦିର, ମସ୍‌ଜିଦ୍ ଓ ଚର୍ଚ୍ଚର ପୂଜକ ଓ ଧର୍ମଗୁରୁମାନଙ୍କର ସଚେତନତା କାର୍ଯ୍ୟକ୍ରମ ସହିତ ବାଲ୍ୟ ବିବାହକୁ ବିରୋଧ କରି ଏକ ଶପଥ ପାଠ ପଟ୍ଟାମୁଣ୍ଡାଇ ଠାରେ କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡରେନ୍ସ ସଂଗଠନର ମିଳିତ ଆନୁକୁଲ୍ୟରେ ଆରମ୍ଭ କରାଯାଇଥିବା ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ଉତ୍କଳ ସେବକ ସମାଜ ଏକ ଅଂଶୀଦାର ଭାବେ ଓଡ଼ିଶାର କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିବା ପାଇଁ ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ସହିତ ମିଳିତ ଭାବରେ ହାତକୁ ନେବା ସହ ବିଭିନ୍ନ ମହିଳା ସଂଗଠନ, ମନ୍ଦିର ପୂଜକ, ପଞ୍ଚାୟତ ପ୍ରତିନିଧି ଓ ଅନ୍ୟାନ୍ୟ ବୁଦ୍ଧିଜୀବୀମାନଙ୍କ ସହିତ କାର୍ଯ୍ୟକ୍ରମମାନ ସମ୍ପାଦନ କରିଆସୁଅଛି । ଏହି ପରୀପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇରେ ପୂଜକ, ମୌଲବୀ, ପାଦ୍ରୀ ସମୂହ ଧର୍ମଗୁରୁମାନେ ନିଜ ଧାର୍ମିକ ଅନୁଷ୍ଠାନରେ କୌଣସି ବାଲ୍ୟ ବିବାହ ସମ୍ପୂର୍ଣ୍ଣ ହେବାକୁ ଦେବେ ନାହିଁ ବୋଲି ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଉତ୍କଳ ସେବକ ସମାଜ ତରଫରୁ ପି ଶ୍ରୀମତୀ ରାଓ, ଅମରେଶ ପାଣି ଓ ତପସ୍ୱିନୀ ଖୁଣ୍ଟିଆ ପ୍ରମୁଖ ନେତୃତ୍ୱ ନେଇ ସମ୍ପାଦନା କରିଛନ୍ତି ।

## ଉପଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଲେ ୧୦ ସରପଞ୍ଚ



**କାମାକ୍ଷାନଗର,୩।୫/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ କଙ୍କଡାହାଡ଼ ବ୍ଲକରେ ବିଭିନ୍ନ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ଉପରେ ବ୍ଲକ ପ୍ରଶାସନର ବନ୍ଦ ଉପରେ ବିରୋଧ । କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ଭେଟି ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଦାବି ଜଣାଇଲେ ୧୦ ପଞ୍ଚାୟତର ସରପଞ୍ଚ । ପ୍ରକାଶ, ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ପଛୁଆ ଅଞ୍ଚଳ ଭାବେ ପରିଗଣିତ । ଏଠାରେ ପୂର୍ବରୁ ବିଭିନ୍ନ ପଞ୍ଚାୟତରେ ସରକାରୀ ଯୋଜନା ଗୁଡିକ ଠିକ ଭାବେ କାର୍ଯ୍ୟ କରାଯାଉଥିବା ବେଳେ ଦୁଇମାସ ହେବ ବ୍ଲକ ପ୍ରଶାସନ ତରଫରୁ ପ୍ରାୟ ୧୦ ଟି ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ଉପରେ ରୋକ ଲଗାଇଯାଇଛି । ଫଳରେ ଏହି ସବୁ ପଞ୍ଚାୟତ ଗୁଡିକରେ ମନରେଗା ଠାରୁ ଆରମ୍ଭ କରି ଅନ୍ୟାନ୍ୟ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇ ପାରୁନାହିଁ । ଏ ସମ୍ପର୍କରେ ବଡିଓଙ୍କୁ ବିଭିନ୍ନ ସରପଞ୍ଚମାନେ ପଚାରିବାରୁ ଉପରୁ ନିର୍ଦ୍ଦେଶ ଆସିଛି ତେଣୁ କାର୍ଯ୍ୟ ବନ୍ଦ କରାଯାଇଥିବା ନେଇ କହୁଥିବା ସରପଞ୍ଚ ମାନେ ଅଭିଯୋଗ କରିଛନ୍ତି । କଙ୍କଡାହାଡ଼ ବ୍ଲକକୁ ପୂର୍ବରୁ ସରକାରଙ୍କ ତରଫରୁ ଆକାଂକ୍ଷା ବ୍ଲକ ଭାବେ ମନୋନୀତ କରାଯାଇଥିବା ବେଳେ ଗତ ଦୁଇ ମାସ ଧରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବନ୍ଦ ହେବା ଫଳରେ ସ୍ଥାନୀୟ ଲୋକ ଅନେକ ସମସ୍ୟା ଭୋଗ କରୁଛନ୍ତି । ତେଣୁ ବ୍ଲକ ପ୍ରଶାସନର ଏହି ଅସହଯୋଗକୁ ନେଇ ଆଜି ୧୦ ପଞ୍ଚାୟତର ସରପଞ୍ଚମାନେ କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣୀ ନାଏକଙ୍କୁ ଭେଟି ତୁରନ୍ତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ କରିବା ନେଇ ଦାବି କରିଥିଲେ ।

## ଆର୍‌ଆଇ କାର୍ଯ୍ୟାଳୟ ଉଦ୍‌ଘାଟିତ



**ଧର୍ମଶାଳା,୩।୫/ଏନ୍‌ଏନ୍‌ଏସ୍:** ୨୪ ବର୍ଷର ସରକାର ଛାଡି ଯାଇଥିବା ସବୁ ସମସ୍ୟାର ବୋଝକୁ ଏବେ ଆମ ସରକାର ମୁଣ୍ଡରେ ମୁଣ୍ଡେଇ ସବୁ ସମସ୍ୟାର ସମାଧାନ କରି ୨୬ ମସିହା ବେଳକୁ ବିକଶିତ ଓଡିଶା ଗଠନ କରି ଶେଷ ସୋପାନରେ ପହଞ୍ଚାଇବାକୁ ଆମେ ସଂକଳ୍ପବଦ୍ଧ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମତବ୍ୟକ୍ତ କରିଥିଲେ । ୨୦୨୬ ମସିହା ବେଳକୁ ରାଜ୍ୟରେ କେହି ଭୂମିହୀନ ରହିବେ ନାହିଁ । ସେମାନଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ଗୃହ ଯୋଗାଇ ଦିଆଯିବାକୁ ଗୁରୁତ୍ୱ ଦିଆଯାଉଥିବ ସେ କହିଛନ୍ତି । ଯେଉଁ ପ୍ରଭାବଶାଳୀ ମାନେ ବେଆଇନ ଭାବେ ଜମି ଜବର ଦଖଲ କରିଛନ୍ତି ସେମାନଙ୍କ ପାଇଁ ବୁଲଡୋଜର ପ୍ରସ୍ତୁତ ହୋଇ ରହିଥିବା କଥା ଶ୍ରୀ ପୂଜାରୀ କହିଛନ୍ତି । ଆଜି ପୂର୍ବାହ୍ନରେ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜସ୍ୱମନ୍ତୀ ଶ୍ରୀ ପୂଜାରୀ ଯୋଗଦେଇ ଜେନାପୁର,ନାକପୋଲ, ରସୁଲପୁର,ବାରବାଟିଠାରେ ନିର୍ମାଣ ହୋଇଥିବା ଚାରିଗୋଟି ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲ । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଅତିଥି ଭାବେ ଯୋଗଦେଇ ଧର୍ମଶାଳାରେ ଏହା ପରେ ପାଚଟି ନୂତନ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟ ଗୃହର ପୁନଃ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତାହା ମଧ୍ୟ ଗୋଟିଏ ବର୍ଷରେ ପୂରଣ କରାଯିବ ବୋଲି ସେ କହିଛନ୍ତି । ରାଜ୍ୟରେ ମୋହନ ସରକାର ସାଧାରଣ ଲୋକଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଅଣ୍ଟା ଭିଡିଛନ୍ତି । ଧର୍ମଶାଳା ମଧ୍ୟ ଆଗମୀ ଅଳ୍ପ ଦିନ ଭିତରେ ବିକାଶର ନୂଆ ଶିଢି ଚଢ଼ିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି । ଏହି ଉତ୍ସବରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ଅତିଥି ଭାବେ ଯୋଗଦେଇ ଯାଜପୁର ଜିଲ୍ଲା ବିକାଶର ଶ୍ରେଷ୍ଠ ସୋପାନରେ ପହଂଚିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଦେବଜାନୀ ପ୍ରଧାନ, ପୂର୍ବତନ ଜିଲା ସଭାପତି ଗୌତମ ରାୟ, ,ବିଜେପି ନେତା କାହ୍ନୁଚରଣ ଦାଶ,ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଜାରକା ମଣ୍ଡଳ ସଭାପତି ଦେବଦତ ପଣ୍ଡା, କୋତପୁର ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଚନ୍ଦ୍ରମଣି ପଣ୍ଡିତ, ମୁରଲୀ ପର୍ଣ୍ଣବ , ଉପେନ୍ଦ୍ର କର, ଧର୍ମଶାଳା ବିଜେପି ଯୁବ ସଂଗଠକ ରାଜେଶ ପାଳ, ଉପେନ୍ଦ୍ର କର, ଦେବରାଜ ମିଶ୍ର, ତପନ ମାହୁନ୍ତ, ଆଲୋକ ଲେଙ୍କା ପ୍ରମୁଖ ଯୋଗଦେଇଥିଲ । ଏହି କାର୍ଯ୍ୟକ୍ରମରେ ୫୪ ପଞ୍ଚାୟତରୁ ବହୁ ବିଜେପି କର୍ମୀ ଓ ସାଧାରଣ ଲୋକେ ଯୋଗ ଦେଇଥିଲେ ।

## ପୋଖରୀରେ ବୁଡ଼ି ନାବାଳକ ମୃତ

**ଆଳି,୩।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ନାଉଡିହ ଗ୍ରାମରେ ଥିବା ଶନି ମନ୍ଦିରରେ ଜଳା ଭିଷେକ କରିବା ପରେ ଶୌଚ ହେଉଥିବା ବେଳେ ପୋଖରୀରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ଜଣା ପଡିଛି । ପ୍ରକାଶ, ନାଉଡିହ ଗ୍ରାମର ପ୍ରହଲାଦ ପରିଡ଼ାଙ୍କ ଏକମାତ୍ର ପୁଅ ପ୍ରଭୁପତ ଶନି ମନ୍ଦିରକୁ ତାଙ୍କ ମା' ଙ୍କ ସହିତ ଜଳା ଭିଷେକ କରିବାକୁ ଯାଇଥିଲେ । ଜଳା ଭିଷେକ ପରେ ପୋଖରୀରେ ଶୌଚ ହେଉଥିବା ବେଳେ ବୁଡି ଯାଇଥିଲେ । ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ମେଡିକାଲ ନେଇ ଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ରାଜସ୍ୱ ସମୀକ୍ଷା ବୈଠକରେ ଯୋଗଦେଲେ ମନ୍ତ୍ରୀ



**ଯାଜପୁର,୩।୫/ଏନ୍‌ଏନ୍‌ଏସ୍:** ଆଜି ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ରାଜସ୍ୱ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ଏହି ବୈଠକରେ ଓଏଲ୍‌ଆର୍ କେସ, ଏନକ୍ରୋଚମେଣ୍ଟ କେସ, ବସୁନ୍ଧରା ଯୋଜନା, ଜନ ଗଣନା, ଭୂ-ଲେଖ, ଜଙ୍ଗଲ ଜମି, ଶିକ୍ଷାନୁଷ୍ଠାନର ଜମି ପଟ୍ଟା ହସ୍ତାନ୍ତର, ଜମି ଅଧିଗ୍ରହଣ, ବିସ୍ଥାପିତଙ୍କ ସମସ୍ୟା, ଇ-ଏମ.ପି.ଆର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ମ୍ୟୁଟେସନ କେସ ଡିସପୋଜାଲ ସମୟ ସୀମା ମଧ୍ୟରେ ଶେଷ କରିବା, ଓଏଲ୍‌ଆର୍ ଅପଡେଟ କରିବା, ସରକାରୀ ଜମିରୁ ଅନଧିକାର ହଟାଇବା, ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜମି ଯୋଗାଇବା ସହ ଜମି ଚିହ୍ନଟ ଦେବା, ଜନଗଣନା ସମୟରେ, ଘରକୁ ଘର ବୁଲି ସର୍ଭେ କରିବା, ଭୂମିହୀନଙ୍କୁ ଚିହ୍ନଟ କରି ବସୁନ୍ଧରା/ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବା, ଜଙ୍ଗଲଜମି ଅଧିକାର ଆଇନରେ ଜନଜାତିଙ୍କୁ ଜମିପଟ୍ଟା ଯୋଗାଇଦେବା ଶିକ୍ଷାନୁଷ୍ଠାନକୁ ଜମିପଟ୍ଟା ଯୋଗାଇବା ସହ ଖେଳପଡିଆ, ପାଇଁ ୨ ଏକର ଜମି ଯୋଗାଇବା, ବିସ୍ଥାପିତଙ୍କୁ ସ୍ଥାନୀୟ ଶିଳ୍ପାନୁଷ୍ଠାନରେ ନିଯୁକ୍ତି ରେ ପ୍ରାଥମିକତା ଯୋଗାଇଦେବାକୁ ଉପସ୍ଥିତି ତହସିଲଦାର ଓ ରାଜସ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଜିର କାମକୁ ଆସନ୍ତା କାଲିକୁ ନରଖିବା ପାଇଁ ପରାମର୍ଶ ଦେଇଥିଲେ । ଜନଗଣନା ସମୟରେ ଘରକୁ ଘର ବୁଲି ଗରିବ ଭୂମିହୀନଙ୍କୁ ଚିହ୍ନଟ କରିବା, ପ୍ରତ୍ୟେକ ମାସରେ ବିଡିଓ, ତହସିଲଦାର ବୈଠକ କରି ବସୁନ୍ଧରା ଯୋଜନାରେ ଘର ଯୋଗାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜିଲ୍ଲାର ରାଜସ୍ୱ ବିଭାଗର ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଏହି ବୈଠକରେ ସମବାୟ, ବୟନଶିଳ୍ପ, ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ,ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ, ବଡ଼ଚଣା ବିଧାୟକ ଶ୍ରୀ ଅମର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସପନ କୁମାର ନନ୍ଦ,ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଡିଏସ୍‌ଆର୍, ଲାଇନ୍ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଧର୍ମଶାଳା ଓ ବଡ଼ଚଣା ଅଞ୍ଚଳ ଗସ୍ତ କରି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟ ପରିଦର୍ଶନ କରିଥିଲେ ।

## ଶତାୟୁ ଦୁର୍ଯ୍ୟୋଧନ ସାହୁଙ୍କ ପରଲୋକ



**ଢେଙ୍କାନାଳ,୩।୫/ଏନ୍‌ଏନ୍‌ଏସ୍:** କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତିରା ଗ୍ରାମର ଦୁର୍ଯ୍ୟୋଧନ ସାହୁଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୧ ବର୍ଷ ହୋଇଥିଲା । ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ । ଅନ୍ତିମ ଶଯ୍ୟା ନିକଟରେ ସପରିବାର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ରୀତିନୀତି ଅନୁସାରେ ଗ୍ରାମ ଶ୍ମଶାନ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ଖବର ପାଇ ପୂର୍ବତନ ପରିବହନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ, ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଚାରୁଲତା ମିଶ୍ର, ବିଜୁ ଜନତା ଯୁବ ସଭାପତି ତାପସ ପାଣୀ, କେରଜୋଳି ସରପଞ୍ଚ ରାଜକିଶୋର ସାହୁ, ଅସିତ ରାୟଚୌଧୁରୀ ଏବଂ ଅଞ୍ଚଳବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଆଜିର ମ୍ୟାଚ୍

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ



କୋଲ୍‌କାତା ନାଇଟ୍ ରାଇଡର୍ସ ବନାମ ରାଜସ୍ଥାନ ରୟାଲ୍ସ
ସମୟ: ଅପରାହ୍ଣ ୩.୩୦, ଭେନ୍ୟୁ: କୋଲ୍‌କାତା

ପଞ୍ଜାବ କିଙ୍ଗ୍ସ ବନାମ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ
ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ଧର୍ମଶାଳା

## ଆଇପିଏଲ୍ ୨୦୨୫ ପଏଣ୍ଟ୍ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଫଳ ଶୂନ୍ୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ମୁମ୍ବାଇ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ପଞ୍ଜାବ | ୧୦ | ୬ | ୩ | ୧ | ୧୩ | +୦.୨୭୦ |
| ଦିଲ୍ଲୀ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| ଲକ୍ଷ୍ନୌ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲ୍‌କାତା | ୧୦ | ୪ | ୫ | ୧ | ୯ | +୦.୦୮୦ |
| ରାଜସ୍ଥାନ | ୧୧ | ୩ | ୮ | ୦ | ୬ | -୦.୭୮୦ |
| ହାଇଦ୍ରାବାଦ | ୧୦ | ୩ | ୭ | ୦ | ୬ | -୧.୧୯୨ |
| ଚେନ୍ନାଇ | ୧୧ | ୨ | ୯ | ୦ | ୪ | -୧.୧୧୭ |

# ବିରାଟ କୋହଲିଙ୍କ ବିଶ୍ୱ ରେକର୍ଡ

### ଆର୍‌ସିବି ପକ୍ଷରୁ ୩୦୦ ଛକାରେ ପ୍ରଥମ ବ୍ୟାଟର୍



**ବେଙ୍ଗାଲୁରୁ,୩।୫/ଏଜେନ୍ସି:** ଚଳିତ ଆଇପିଏଲ୍‌ରେ ଶନିବାର ଚେନ୍ନାଇ ସୁପର୍ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ପ୍ରଥମ ଛକା ଲଗାଇବା ପରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ଏକ କୀର୍ତ୍ତିମାନ କରିଛନ୍ତି। ଏହା ସହିତ ଟି-୨୦ କ୍ରିକେଟ୍‌ରେ ସେ କୌଣସି ଟିମ୍ (ଆର୍‌ସିବି) ପକ୍ଷରୁ ୩୦୦ କିମ୍ବା ଊର୍ଦ୍ଧ୍ୱ ଛକା ମାରିବାରେ ପ୍ରଥମ ଖେଳାଳି ହୋଇଛନ୍ତି। ଏହି ଲିଷ୍ଟର ଦ୍ୱିତୀୟ ସ୍ଥାନରେ କ୍ରିସ୍ ଗେଲ୍ ରହିଛନ୍ତି। ସେ ଆର୍‌ସିବି ପକ୍ଷରୁ ୨୬୩ ଛକା ମାରିଥିଲେ। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସର ରୋହିତ ଶର୍ମା (୨୬୨) ତୃତୀୟ ସ୍ଥାନ ରହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର କାଇରନ୍ ପୋଲାର୍ଡ (୨୫୮) ଏବଂ ଚେନ୍ନାଇ ସୁପର୍ କିଙ୍ଗ୍‌ସର ଏମ୍‌ଏସ୍ ଧୋନି (୨୫୭) ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ଅଛନ୍ତି।

ଏହି ମ୍ୟାଚ୍‌ରେ କୋହଲି ଆଉ ଏକ ରେକର୍ଡ ନିଜ ନାମରେ କରିଛନ୍ତି। ଟି-୨୦ କ୍ରିକେଟ୍‌ରେ ଗୋଟିଏ ଭେନ୍ୟୁରେ ସର୍ବାଧିକ ଛକା ମାରିବାରେ ସେ ପ୍ରଥମ ବ୍ୟାଟର୍ ହୋଇଛନ୍ତି। ଏହି ମାମଲାରେ ସେ କ୍ରିସ୍ ଗେଲ୍‌ଙ୍କୁ ପଛରେ ପକାଇଛନ୍ତି। ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ କୋହଲିଙ୍କ ନାମରେ ଏବେ ୧୫୪ ଛକା ହୋଇଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନରେ ଥିବା କ୍ରିସ୍ ଗେଲ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ୧୫୧ ଛକା ମାରିଥିଲେ। ଲିଷ୍ଟର ତୃତୀୟ ସ୍ଥାନରେ ମଧ୍ୟ ଗିଲ୍ ରହିଛନ୍ତି। ସେ ବାଂଲାଦେଶର ମୀରପୁରରେ ୧୩୮ ଛକା ମାରିଛନ୍ତି। ଆଲେକ୍ସ ହେଲ୍ସ (ନଟିଂହାମ୍‌ରେ ୧୩୫ ଛକା) ଏବଂ ରୋହିତ ଶର୍ମା (ୱାଙ୍ଖେଡେରେ ୧୨୨ ଛକା) ଲିଷ୍ଟର ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

# ଆଇପିଏଲ୍‌ରେ ଇତିହାସ ରଚିଲେ ସାଇ ସୁଦର୍ଶନ



**ଅହମ୍ମଦାବାଦ,୩।୫/ଏଜେନ୍ସି:** ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍‌ରେ ଶୁକ୍ରବାର ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଗୁଜରାଟ ଟାଇଟନ୍ସ ଓପ୍ନର୍ ବ୍ୟାଟର୍ ସାଇ ସୁଦର୍ଶନଙ୍କ କମାଲ ଦେଖିବାକୁ ମିଳିଛି। ମ୍ୟାଚ୍‌ରେ ସୁଦର୍ଶନ ମାତ୍ର ୨୩ ବଲ୍‌ରେ ୯ ଚୌକା ସହାୟତାରେ ୪୮ ରନ୍ କରିଥିଲେ। ଏହି ଅବସରରେ ସେ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍‌ଙ୍କ ସହ ୮୭ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ। ୪୮ ରନ୍‌ର ଇନିଂସ୍ ମଧ୍ୟରେ ସାଇ ସୁଦର୍ଶନ ଆଇପିଏଲ୍‌ରେ ୧୫୦୦ ରନ୍ ମଧ୍ୟ ପୂରା କରିଛନ୍ତି। ଇନିଂସ୍ ହିସାବରେ ଦେଖିବାକୁ ଗଲେ ସେ ଆଇପିଏଲ୍‌ରେ ଦ୍ରୁତ ୧୫୦୦ ରନ୍‌ରେ ପ୍ରଥମ ବ୍ୟାଟର୍ ହୋଇଛନ୍ତି। ୩୫ ଇନିଂସ୍‌ରେ ସେ ଏହି କାରନାମା କରିଛନ୍ତି। ଏହି ମାମଲରେ ସେ ସଚିନ୍ ତେନ୍ଦୁଲକର ଓ ଋତୁରାଜ ଗାଏକ୍‌ୱାଡ୍‌ଙ୍କୁ ପଛରେ ପକାଇଛନ୍ତି। ଉଭୟ ୪୪ ଇନିଂସ୍‌ରେ ୧୫୦୦ ରନ୍ କରିଥିଲେ। ଏହି ଇନିଂସ୍ ଜରିଆରେ ସାଇ ସୁଦର୍ଶନ ଟି-୨୦ କ୍ରିକେଟ୍‌ରେ ନିଜର ୨ ହଜାର ରନ୍ ମଧ୍ୟ ପୂରା କରିଛନ୍ତି। ଏହା ସହିତ ଟି-୨୦ କ୍ରିକେଟ୍‌ରେ ଇନିଂସ୍ ହିସାବରେ ଦ୍ରୁତ ୨ ହଜାର ରନ୍‌ରେ ପ୍ରଥମ ଭାରତୀୟ ବ୍ୟାଟର୍‌ର ଆଖ୍ୟା ଅର୍ଜନ କରିଛନ୍ତି। ସେ ନିଜର ୫୪ତମ ଟି-୨୦ ଇନିଂସ୍‌ରେ ଏହି ଉପଲବ୍ଧିର ଅଧିକାରୀ ହୋଇଛନ୍ତି। ଏହି ମାମଲାରେ ସୁଦର୍ଶନ ମାଷ୍ଟର ବ୍ଲାଷ୍ଟର୍ ତେନ୍ଦୁଲକରଙ୍କ ରେକର୍ଡ ମଧ୍ୟ ଭଙ୍ଗ କରିଛନ୍ତି। ତେନ୍ଦୁଲକର ୨ ହଜାର ରନ୍ କରିବାକୁ ପାଇଁ ୫୯ ଇନିଂସ୍‌ର ସହାୟତା ନେଇଥିଲେ। ଏହି ମାମଲରେ ସାଇ ସୁଦର୍ଶନ ଓଭର୍‌ଅଲ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୫୩ ଇନିଂସ୍‌ରେ ଦ୍ରୁତ ୨୦୦୦ ରନ୍ ମାମଲାରେ ଶନ୍ ମାର୍ଶ ଶୀର୍ଷରେ ରହିଛନ୍ତି।

### ମାହାତ୍ରେ ଓ ଜାଡ଼େଜାଙ୍କ ଅର୍ଦ୍ଧଶତକ ବେକାର: ଚେନ୍ନାଇ ୨ ରନ୍‌ରେ ପରାଜିତ

# ଶେଷ ବଲ୍‌ରେ ଜିତିଲା ଆର୍‌ସିବି

**ବେଙ୍ଗାଲୁରୁ,୩।୫/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜନ୍‌ର ୫୨ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ବିପକ୍ଷରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୨ ରନ୍‌ର ରୋମାଞ୍ଚକର ବିଜୟ ହାସଲ କରିଛି। ଏହି ବିଜୟ ସହ ଆର୍‌ସିବି ପଏଣ୍ଟ୍ ଟେବଲ୍‌ର ଶୀର୍ଷରେ ପହଞ୍ଚିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆର୍‌ସିବି ପ୍ରଥମେ ୫ ୱିକେଟ୍ ବିନିମୟରେ ୨୧୩ ରନ୍ କରିଥିଲା। ଜବାବରେ ସିଏସ୍‌କେ ୫ ୱିକେଟ୍ ହରାଇ ୨୧୧ ରନ୍ କରିବାକୁ ସମର୍ଥ ହୋଇଥିଲା।

ଲକ୍ଷ୍ୟର ପିଛା କରୁଥିବା ଚେନ୍ନାଇକୁ ଆୟୁଷ ମାହାତ୍ରେ ଓ ଶେଖ୍ ରଶିଦ୍ ଭଲ ଆରମ୍ଭ ଦେଇ ୫୧ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ। ତେବେ ପଞ୍ଚମ ଓଭର୍‌ରେ ରଶିଦ୍ ୧୪ ରନ୍ କରି କ୍ରୁଣାଳ ପାଣ୍ଡ୍ୟାଙ୍କ ବଲ୍‌ରେ ଶେଫର୍ଡଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ପରବର୍ତ୍ତୀ ଓଭର୍‌ରେ ସାମ୍ କର୍ ମାତ୍ର ୫ ରନ୍ କରି ବିଦାୟ ନେବାପରେ ଆୟୁଷ ମାହାତ୍ରେ ଇନିଂସ୍ ସମ୍ଭାଳି ୨୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ତାଙ୍କ ସହ କ୍ରିଜ୍‌ରେ ଯୋଗଦେଇଥିବା ରବୀନ୍ଦ୍ର ଜାଡ଼େଜା ମଧ୍ୟ ୨୯ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଉଭୟଙ୍କ ମଧ୍ୟରେ ତୃତୀୟ ୱିକେଟ୍ ପାଇଁ ୧୧୪ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ତେବେ ୧୭ତମ ଓଭର୍‌ରେ ମାହାତ୍ରେ ୯୪ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ୪୮ ବଲ୍‌ର ଇନିଂସ୍‌ରେ ୯ ଚୌକା ଓ ୫ ଛକା ସାମିଲ ଥିଲା। ମାହାତ୍ରେଙ୍କ ଆଉଟ୍ ପରେ ଜାଡ଼େଜା ସହ ମିଶି କ୍ୟାପ୍ଟେନ୍ ଏମ୍‌ଏସ୍ ଧୋନି ଭୁବନେଶ୍ୱର କୁମାରଙ୍କ ୧୯ତମ ଓଭର୍‌ରେ ୧୫ ରନ୍ ଉଠାଇଥିଲେ। ମାତ୍ର ୨୦ତମ ଓଭର୍‌ର ତୃତୀୟ ବଲ୍‌ରେ ଯଶ୍ ଦୟାଲ୍ ଧୋନିଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରଥିଲେ। ଦୟାଲ୍‌ଙ୍କ ପରବର୍ତ୍ତୀ ନୋ-ବଲ୍‌ରେ ଶିଭମ୍ ଦୁବେ ଛକା ଲଗାଇ ମ୍ୟାଚ୍ ଚେନ୍ନାଇ ସପକ୍ଷରେ ନେଇଯାଇଥିଲେ ମଧ୍ୟ ଟିମ୍‌କୁ ବିଜୟୀ କରାଇପାରି ନଥିଲେ। ଫଳରେ ଆର୍‌ସିବି ୨ ରନ୍‌ରେ ରୋମାଞ୍ଚକର ବିଜୟ ହାସଲ କରିଥିଲା। ଜାଡ଼େଜା ୩୪୫ ବଲ୍‌ରେ ୮ ଚୌକା ଓ ଦୁଇଟି ଛକା ସହାୟତାରେ ୭୭ ଏବଂ ଦୁବେ ୮ରନ୍ କରି ଅପରାଜିତ ଫେରିଥିଲେ। ଆର୍‌ସିବି ପକ୍ଷରୁ ଲୁଙ୍ଗି ଏନ୍‌ଗିଡି ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ଭୁବନେଶ୍ୱର କୁମାର ଓ କ୍ରୁଣାଳ ପାଣ୍ଡ୍ୟାଙ୍କୁ ୧-୧ ସଫଳତା ମିଳିଥିଲା।





ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆର୍‌ସିବି ପକ୍ଷରୁ ଜ୍ୟାକୋବ୍ ବେଥେଲ୍ ଓ ବିରାଟ କୋହଲି ବିସ୍ଫୋରକ ଆରମ୍ଭ କରି ପ୍ରଥମ ୱିକେଟ୍ ପାଇଁ ୯୭ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ୧୦ମ ଓଭର୍‌ରେ ମାଥିଶା ପାଥିରାନା ବେଥେଲ୍‌ଙ୍କୁ ଆଉଟ୍ କରି ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ବେଥେଲ୍ ୩୩ ବଲ୍‌ରେ ଆଠ ଚୌକା ଓ ଦୁଇ ଛକା ସହାୟତାରେ ୫୫ ରନ୍ କରିଥିଲେ। ଏହାପରେ କୋହଲି ଇନିଂସ୍ ସମ୍ଭାଳି ୨୮ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ମାତ୍ର ୧୨ଶ ଓଭର୍‌ରେ ସାମ୍ କରନ୍ ତାଙ୍କ ୱିକେଟ୍ ନେଇଥିଲେ। କୋହଲି ୩୩ ବଲ୍‌ରେ ପାଞ୍ଚଟି ଲେଖାଏ ଛକା ଓ ଚୌକା ସହାୟତାରେ ୬୨ ରନ୍‌ର ଇନିଂସ୍ ଖେଳିଥିଲେ। ଦେବଦତ୍ତ ପାଡିକ୍କଲ୍ ୧୬ଶ ଓଭର୍‌ରେ ୧୭ ରନ୍ କରି ବିଦାୟ ନେଇଥିବା ବେଳେ ରଜତ ପାଟିଦାର ମାତ୍ର ୧୧ ରନ୍ କରି ପରବର୍ତ୍ତୀ ଓଭର୍‌ରେ ପ୍ୟାଭିଲିୟନ୍ ଫେରିଥିଲେ। ଏହାପରେ ରୋମାରିଓ ଶେଫର୍ଡ ୧୯ତମ ଓଭର୍‌ରେ ଖଲିଲ୍ ଅହମଦଙ୍କ ବଲ୍‌ରେ ୩୩ ରନ୍ ଉଠାଇଥିଲେ। ଶେଫର୍ଡ ୧୪ ବଲ୍‌ରେ ୫୩ ରନ୍‌ର ବିସ୍ଫୋରକ ଅପରାଜିତ ଇନିଂସ୍ ଖେଳିଥିଲେ। ତାଙ୍କ ଇନିଂସ୍ ଦମ୍‌ରେ ଆର୍‌ସିବି ଚେନ୍ନାଇ ଆଗରେ ୨୧୪ ରନ୍‌ର ଲକ୍ଷ୍ୟ ସ୍ଥାପନ କରିଥିଲା। ଚେନ୍ନାଇ ପକ୍ଷରୁ ପାଥିରାନା ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ନୁର୍ ଅହମଦ ଓ ସାମ୍ କରନ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

# ଏଫ୍‌ସି ଗୋଆକୁ ସୁପର୍ କପ୍ ଟାଇଟଲ୍

**ଭୁବନେଶ୍ୱର,୩।୫/ଏନ୍‌ଏନ୍‌ଏସ୍:** ଜାମସେଦପୁର ଏଫ୍‌ସିକୁ ହରାଇ ଏଫ୍‌ସି ଗୋଆ ଚଳିତ ବର୍ଷର କଳିଙ୍ଗ ସୁପର୍ କପ୍ ଟାଇଟଲ୍ ଜିତିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଶନିବାର ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ବୋର୍ଜା ହେରେରାଙ୍କ ଉଭୟ ହାଫ୍‌ରେ ଦୁଇଟି ଗୋଲ୍

### ଫାଇନାଲ୍‌ରେ ଜାମସେଦପୁର ୩-୦ରେ ପରାଜିତ

ବଳରେ ଗୋଆ ୩-୦ରେ ବିଜୟୀ ହୋଇଛି। ବୋର୍ଜା ମ୍ୟାଚ୍‌ର ୨୩ ଓ ୫୧ତମ ମିନିଟ୍‌ରେ ଗୋଲ୍ ଦୁଇଟି ସ୍କୋର୍ କରିଥିବା ବେଳେ ଡେଜାନ୍ ଡ୍ରାଜିକ୍ ୭୨ତମ ମିନିଟ୍‌ରେ ନିର୍ଣ୍ଣାୟକ ଗୋଲ୍‌ଟି ସ୍କୋର୍ କରିଥିଲେ। ଏହା ସହିତ ଏଫ୍‌ସି ଗୋଆ ଏକମାତ୍ର ଟିମ୍ ଭାବେ ଦ୍ୱିତୀୟ ଥର ପାଇଁ ଏହି ଟାଇଟଲ୍ ହାସଲ କରିଛି। ଏହି ବିଜୟ ସହ ଏଫ୍‌ସି ଗୋଆ ମୁଖ୍ୟ କୋଚ୍ ମାନୋଲୋ ମାର୍କେଜ୍‌ଙ୍କୁ ବିଦାୟ ଦେଇଛି। ଦୁଇ ସିଜନ୍‌ର ବିଫଳତା ପରେ ମାର୍କେଜ୍ ଶେଷରେ ଟିମ୍‌କୁ ଟାଇଟଲ୍ ଜିତାଇବାରେ ସଫଳ ହୋଇଛନ୍ତି। ପୂର୍ବରୁ ସେମିଫାଇନାଲ୍‌ରେ ଗୋଆ ଫେଭରିଟ୍ ତଥା ଶକ୍ତିଶାଳୀ ମୋହନ ବାଗାନ୍ ୩-୧ ଗୋଲ୍‌ରେ ହରାଇ ଫାଇନାଲ୍ ପ୍ରବେଶ କରିଥିଲା। ସେହିପରି ଦୁଇଥର ସେମିଫାଇନାଲ୍‌ରେ ପରାଜିତ ଜାମସେଦପୁର ୧-୦ ଗୋଲ୍‌ରେ ଏଫ୍‌ସି ମୁମ୍ବାଇ ସିଟି ଏଫ୍‌ସିକୁ ପରାସ୍ତ କରି ପ୍ରଥମ ଥର ପାଇଁ ଫାଇନାଲ୍ ସ୍ଥାନ ହାସଲ କରିଥିଲା।





# କାଗିସୋ ରବାଡା କ୍ରିକେଟ୍‌ରୁ ସାମୟିକ ବାସନ୍ଦ



**ନୂଆଦିଲ୍ଲୀ,୩।୫/ଏଜେନ୍ସି:** ଡୋପ୍ ଟେଷ୍ଟରେ ବିଫଳ ହେବା କାରଣରୁ ସାଉଥ୍ ଆଫ୍ରିକା ଫାଷ୍ଟ ବୋଲର୍ କାଗିସୋ ରବାଡା ଏବେ ସାମୟିକ ଭାବେ କ୍ରିକେଟ୍‌ର ସମସ୍ତ ପ୍ରକାର ଫର୍ମାଟ୍‌ରୁ ସାମୟିକ ନିଲମ୍ବିତ ହୋଇଛି। ସ୍ୱୟଂ ରବାଡା ଏହି ସୂଚନା ଦେଇଛନ୍ତି। ଏଥିପାଇଁ ସେ ପ୍ରଶଂସକ ଏବଂ ନିଜ ଟିମ୍ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। ସାଉଥ୍ ଆଫ୍ରିକା ପାଇଁ କ୍ରିକେଟ୍ ଖେଳିବା ମୋ ଜୀବନର ସବୁଠୁ ବଡ଼ ଉପଲବ୍ଧି। ମୋ ଦୋଷ ପାଇଁ ମୁଁ ଲଜ୍ଜିତ। ଏବେ ମୁଁ ସାମୟିକ ବ୍ୟାନ୍ ଭୋଗୁଛି, ଖୁବ୍‌ଶୀଘ୍ର କ୍ରିକେଟ୍ ପଡ଼ିଆକୁ ଫେରିବି ବୋଲି ରବାଡା କହିଛନ୍ତି।

ଚଳିତ ବର୍ଷ ଜାନୁଆରୀରେ ଆୟୋଜିତ ସାଉଥ୍ ଆଫ୍ରିକା ଟି-୨୦ ଲିଗ୍ (ଏସ୍‌ଏ୨୦) ଅବସରରେ ସେ ଆଇସିସି ଦ୍ୱାରା ପ୍ରତିବନ୍ଧିତ ଔଷଧ ସେବନ କରିଥିଲେ। ଡୋପ୍ ଟେଷ୍ଟରେ ପଜିଟିଭ୍ ହେବାପରେ ରବାଡା ଏପ୍ରିଲ୍ ୩ରେ ଆଇପିଏଲ୍ ଛାଡ଼ି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ଅବଶ୍ୟ ରବାଡା ଏବେ ଭାରତ ଫେରିଥିବା ସାଉଥ୍ ଆଫ୍ରିକା କ୍ରିକେଟ୍ ବିଜ୍ଞପ୍ତି ଜାରିକରି ସୂଚନା ଦେଇଛି। ମାତ୍ର ଯେତେବେଳେ ସେ ସ୍ୱଦେଶ ଫେରିଥିଲେ ସେତେବେଳେ ତାଙ୍କ ଫ୍ରାଞ୍ଚାଇଜି ଗୁଜରାଟ ଟାଇଟନ୍ସ କହିଥିଲା, ପାରିବାରିକ କାରଣରୁ ସେ ସାଉଥ୍ ଆଫ୍ରିକା ଯାଇଛନ୍ତି।

# ହେମରାଜ ୪ ଓ ଅଞ୍ଜଳି ୬ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ, ୩।୫/ଏଜେନ୍ସି:** ଲଙ୍ଗ୍ ଡିଷ୍ଟାନ୍ସ ରନର୍ ହେମ୍‌ରାଜ ଗୁର୍ଜର ଓ ଅଞ୍ଜଳି କୁମାରୀ ନାସ୍‌ନାଲ୍ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ଡିସିପ୍ଲିନାରି ପ୍ୟାନେଲ୍ ଦ୍ୱାରା ଯଥାକ୍ରମେ ୪ ଓ ୬ ବର୍ଷ ବାସନ୍ଦ ହୋଇଛନ୍ତି। ଉଭୟେ ଗତବର୍ଷ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ୨୫ ବର୍ଷୀୟ ଗୁର୍ଜର ୨୦୨୩ ଜାତୀୟ ଆନ୍ତଃ-ରାଜ୍ୟ ଚାମ୍ପିୟନଶିପ୍‌ର ୫୦୦୦ ମିଟର ରେସ୍‌ରେ ବ୍ରୋଞ୍ଜ୍ ପଦକ ହାସଲ କରିଥିବା ବେଳେ ୨୦୨୩ ଓ ୨୦୨୪ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଥିଲେ। ନିଷ୍ପତ୍ତି ତାରିଖ ଏପ୍ରିଲ୍ ୨୦ରୁ ହେମରାଜ ୪ ବର୍ଷ ପର୍ଯ୍ୟନ୍ତ ବାସନ୍ଦ ହୋଇଛନ୍ତି। ଗୁର୍ଜର ଆହୁରି ମଧ୍ୟ ଗତବର୍ଷ ୱାର୍ଲ୍ଡ ଆଥ୍‌ଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ଦେଶର ପ୍ରତିନିଧିତ୍ୱ କରିଥିଲେ। ତାଙ୍କଠାରୁ ସଂଗୃହୀତ ଡୋପ୍ ନମୁନାରୁ ନିଷିଦ୍ଧ ଦ୍ରବ୍ୟ ଡାର୍ବେପୋଟିନ (ଡେପୋ) ଠାବ କରାଯିବା ପରେ ନାଡା ତାଙ୍କୁ ସାମୟିକ ନିଲମ୍ବିତ କରିଥିଲା।

ସେହିପରି ଅଞ୍ଜଳିଙ୍କ ୬ ବର୍ଷ ବାସନ୍ଦ ଦଣ୍ଡ ମାର୍ଚ୍ଚ ୩୧ରୁ କାର୍ଯ୍ୟକାରୀ ହେବ ବୋଲି ନାଡା ୱେବ୍‌ସାଇଟ୍‌ର ସଦ୍ୟତମ ଅପ୍‌ଡେଟ୍ ?ରୁ ଜଣାପଡ଼ିଛି। ଏଥିରେ ଏହାଠାରୁ ଅଧିକ କିଛି ତଥ୍ୟ ପ୍ରଦାନ କରାଯାଇ ନାହିଁ। ଅଞ୍ଜଳି ଗତବର୍ଷ ୱାର୍ଲ୍ଡ ଆଥ୍‌ଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ଦେଶର ପ୍ରତିନିଧିତ୍ୱ କରିଥିଲେ।

# ୟୁଏଇ ମହିଳା ଟିମ୍‌କୁ ଦିନିକିଆ ମାନ୍ୟତା





**ଦୁବାଇ,୩।୫/ଏଜେନ୍ସି:** ୟୁଏଇ ମହିଳା କ୍ରିକେଟ୍ ଟିମ୍‌କୁ ଆଗାମୀ ୨୦୨୫-୨୦୨୯ ସାଇକ୍ଲ ପାଇଁ ଆଇସିସି ଦିନିକିଆ ମାନ୍ୟତା ମିଳିଛି। ଆମେରିକା ମହିଳା ଟିମ୍ ଦିନିକିଆ ମାନ୍ୟତା ହରାଇବା ପରେ ୟୁଏଇକୁ ଏହି ସୁଯୋଗ ମିଳିଛି। ଏବେ ୟୁଏଇ ୧୬ ମହିଳା ଟିମ୍ ତାଲିକାରେ ସ୍ଥାନ ପାଇଛି। ଏହା ମେ ୧୨ ତାରିଖରୁ ଲାଗୁହେବ। ଏହି ୧୬ ଟିମ୍‌ରେ ପାଞ୍ଚ ଆସୋସିଏଟ୍ ସଦସ୍ୟ ଥାଇଲାଣ୍ଡ, ନେଦରଲାଣ୍ଡ, ପାପୁଆ ନ୍ୟୁ ଗିନି (ପିଏନ୍‌ଜି), ସ୍କଟ୍‌ଲାଣ୍ଡ ଓ ୟୁଏଇ ସାମିଲ ହୋଇଛନ୍ତି। ଥାଇଲାଣ୍ଡ, ନେଦରଲାଣ୍ଡ, ପିଏନ୍‌ଜି ଓ ସ୍କଟ୍‌ଲାଣ୍ଡ ନିଜ ମାନ୍ୟତା ବଜାୟ ରଖିଥିବା ବେଳେ ୟୁଏସ୍ ସ୍ଥାନରେ ୟୁଏଇ ଲିଷ୍ଟରେ ସାମିଲ ହୋଇଛି। ଥାଇଲାଣ୍ଡ ଓ ସ୍କଟ୍‌ଲାଣ୍ଡ ନିକଟରେ ଆୟୋଜିତ ମହିଳା ଦିନିକିଆ ବିଶ୍ୱକପ୍ କ୍ୱାଲିଫାୟର୍‌ରେ ସ୍ଥାନ ହାସଲ କରି ନିଜ ନିଜର ଦିନିକିଆ ମାନ୍ୟତା ସୁନିଶ୍ଚିତ କରିଥିବା ବେଳେ ପିଏନ୍‌ଜି ଓ ନେଦରଲାଣ୍ଡ ଟି-୨୦ ର୍‍ୟାଙ୍କିଙ୍ଗ୍ ଆଧାରରେ ନିଜ ମାନ୍ୟତା ବଜାୟ ରଖିଛନ୍ତି। ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ୟୁଏଇ ୧୬ଶ ସ୍ଥାନରେ ରହି ପରବର୍ତ୍ତୀ ସର୍ବୋଚ୍ଚ ର୍‍ୟାଙ୍କିଙ୍ଗ୍‌ର ଆସୋସିଏଟ୍ ଟିମ୍ ଭାବେ ନିଜର ଦିନିକିଆ ମାନ୍ୟତା ସୁନିଶ୍ଚିତ କରିଛି। ଦିନିକିଆ ମାନ୍ୟତା ହାସଲ କରିଥିବା ଟିମ୍‌କୁ ର୍‍ୟାଙ୍କିଙ୍ଗ୍ ହାସଲ କରିବା କିମ୍ବା ବଜାୟ ରଖିବା ପାଇଁ ତିନିରୁ ଚାରିବର୍ଷ ଅବଧି ମଧ୍ୟରେ ଅତିକମ୍‌ରେ ଆଠ ଦିନିକିଆ ମ୍ୟାଚ୍ ଖେଳିବାକୁ ପଡ଼ିଥାଏ।

## ଦେଶ ବିଦେଶ

# ପହଲଗାମ୍ ଆକ୍ରମଣ ପରେ ପ୍ରଥମ ଥର ମୋଦୀ-ଓମାର୍ ଅବ୍‌ଦୁଲ୍ଲାହ ସାକ୍ଷାତ



**ନୂଆଦିଲ୍ଲୀ,୩।୫/ଏଜେନ୍ସି:** ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର୍ ଅବ୍‌ଦୁଲ୍ଲାହ ଶନିବାର ପ୍ରଥମ ଥର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ପ୍ରାୟ ୨୫ ମିନିଟ୍ ଧରି ଚାଲିଥିବା ଏହି ବୈଠକରେ ଆତଙ୍କବାଦକୁ ଖତମ୍ କରିବା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ପହଲଗାମ୍ ଘାଟୀରେ ଏପ୍ରିଲ୍ ୨୨ ତାରିଖରେ ଚାରିଜଣ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଜମ୍ମୁ-କଶ୍ମୀର ପର୍ଯ୍ୟଟନ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ପର୍ଯ୍ୟଟନ ଉପରେ ଆଧାରିତ ରୋଜଗାର ପ୍ରାୟତଃ ସମାପ୍ତ ହୋଇଯାଇଛି। ସମସ୍ତ ହୋଟେଲ୍ ଖାଲି ପଡ଼ିଥିବା ବେଳେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଜମ୍ମୁ-କଶ୍ମୀରର ଟିକେଟ୍ ଏବଂ ହୋଟେଲ୍ ବୁକିଂ କ୍ୟାନ୍‌ସଲ୍ କରିଛନ୍ତି। ପହଲଗାମ୍ ଆକ୍ରମଣ ପରେ ଭାରତୀୟ ସେନା ଆତଙ୍କୀ ବିରୋଧରେ ବଡ଼ ଧରଣର ସର୍ଚ୍ଚ ଅପରେସନ୍ ଚଳାଇଛି। ଆତଙ୍କୀ ଆକ୍ରମଣ ପରେ ସୁରକ୍ଷା କାରଣରୁ କେତେକ ସ୍ଥାନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରିଦିଆଯାଇଛି।

# ସଞ୍ଜୌଲି ମସ୍‌ଜିଦ୍ ଭାଙ୍ଗିବାକୁ ନିର୍ଦ୍ଦେଶ

### କାଗଜପତ୍ର ଦେଇପାରିଲାନି ୱକଫ୍ ବୋର୍ଡ

### କମିଟି ପାଖରେ ଏନ୍‌ଓସି ମଧ୍ୟ ନାହିଁ

**ସିମ୍‌ଲା,୩।୫/ଏଜେନ୍ସି:** ହିମାଚଳ ପ୍ରଦେଶର ବିବାଦିତ ସଞ୍ଜୌଲି ମସ୍‌ଜିଦ୍ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିବାକୁ ସିମ୍‌ଲା ନଗର ନିଗମ ଆଦେଶ ଦେଇଛି। ଶନିବାର ନିଗମ କମିଶନର୍ ଭୁପେନ୍ଦ୍ର ଅତ୍ରୀ ମସ୍‌ଜିଦ୍‌କୁ ଅବୈଧ ଘୋଷଣା କରିବା ସହିତ ତଳ ଦୁଇ ମହଲା ମଧ୍ୟ ଭାଙ୍ଗିବାକୁ କହିଛନ୍ତି। ନିଗମ ଅଦାଲତରେ ୱକଫ୍ ବୋର୍ଡ ମସ୍‌ଜିଦ୍ ଜମିର ମାଲିକାନା ହକ୍ ସମ୍ପର୍କିତ କାଗଜପତ୍ର ଦାଖଲ କରିନପାରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। କେବଳ ଏତିକି ନୁହେଁ, ମସ୍‌ଜିଦ୍‌ର ନକ୍ସା ଏବଂ କୌଣସି ପ୍ରକାର ଏନ୍‌ଓସି ମଧ୍ୟ ମସ୍‌ଜିଦ୍ କମିଟି ପାଖରେ ନାହିଁ। ମାତ୍ର ୱକଫ୍ ବୋର୍ଡ ଦୀର୍ଘଦିନ ଧରି ଜମି ଉପରେ ମାଲିକାନା ହକ୍ ଦାବି କରିଆସୁଥିଲା। ମସ୍‌ଜିଦ୍ କମିଟି ଅଧ୍ୟକ୍ଷ ମହମ୍ମଦ ଲତିଫ୍ କହିଛନ୍ତି, ଏବେ ଆଦେଶ କପି ତାଙ୍କୁ ମିଳିନାହିଁ। ଆଦେଶକୁ ପୂରା ପଢ଼ିବା ଓ ବୁଝିବା ପରେ ହିଁ ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରାଯିବ।

ସୂଚନାଯୋଗ୍ୟ, ମସ୍‌ଜିଦ୍‌ର ଉପର ଭାଗରେ ଥିବା ତିନି ମହଲାକୁ ଭାଙ୍ଗିବା ପାଇଁ ନିଗମ କମିଶନର୍ ଗତବର୍ଷ ଅକ୍ଟୋବର ୫ ତାରିଖରେ ଆଦେଶ ଦେଇଥିଲେ। ଏହାପରେ ହିଁ ମସ୍‌ଜିଦ୍ ଭଙ୍ଗାଯିବା କାର୍ଯ୍ୟ ଚାଲିଥିଲା। ସଦ୍ୟ ଆଦେଶ ପରେ ଏବେ ସଞ୍ଜୌଲିର ଜନବସି ଅଞ୍ଚଳରେ ନିର୍ମିତ ମସ୍‌ଜିଦ୍‌କୁ ସମ୍ପୂର୍ଣ୍ଣ ଭାବେ ହଟାଇବାକୁ ହେବ।



ନିଗମ କମିଶନରଙ୍କ କୋର୍ଟରେ ଏହି ମାମଲାରେ ଗତ ୧୫ ବର୍ଷ ଧରି ଚାଲିଆସିଥିଲା। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ୫୦ରୁ ଊର୍ଦ୍ଧ୍ୱ ଥର ଶୁଣାଣି ହୋଇସାରିଛି। ସଞ୍ଜୌଲି ମସ୍‌ଜିଦ୍ ଆଖପାଖର ସ୍ଥାନୀୟ ବାସିନ୍ଦା ନିଗମ କୋର୍ଟରେ ଚାଲିଥିବା ଏହି କେସ୍‌ର ଶୀଘ୍ର ସମାଧାନ ନିମନ୍ତେ ଗତବର୍ଷ ହାଇକୋର୍ଟରେ ପିଟିସନ୍ ମଧ୍ୟ ଦାଖଲ କରିଥିଲେ। ପିଟିସନ୍‌ର ଶୁଣାଣି କରି ହାଇକୋର୍ଟ ଗତବର୍ଷ ଅକ୍ଟୋବର ୨୧ ତାରିଖରେ ୮ ସପ୍ତାହ ମଧ୍ୟରେ ମାମଲାର ସମାଧାନ ପାଇଁ ନିଗମ କମିଶନର୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ସମୟସୀମା ମଧ୍ୟରେ ମାମଲାର ସମାଧାନ ହୋଇପାରି ନଥିଲା। ଏହାପରେ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଏକ୍‌ଜିକ୍ୟୁସନ୍ ପିଟିସନ୍ ଦାଖଲ କରାଯାଇଛି। ଏହାପରେ ମେ ୮ ତାରିଖ ସୁଦ୍ଧା ନିଷ୍ପତ୍ତି ଶୁଣାଇବାକୁ ହାଇକୋର୍ଟ ନିଗମ କମିଶନର୍‌ଙ୍କୁ ଆଦେଶ ଦେଇଥିଲେ।

# ସେନାକୁ ମିଳିବ ନେକ୍ସଟ୍ ଜେନେରେସନ୍ ଏୟାର ଡିଫେନ୍ସ ସିଷ୍ଟମ୍

**ନୂଆଦିଲ୍ଲୀ,୩।୫/ଏଜେନ୍ସି:** ଶତ୍ରୁ ପକ୍ଷରୁ ଡ୍ରୋନ୍, ହେଲିକପ୍ଟର ଓ ଯୁଦ୍ଧ ବିମାନକୁ ମାରି ଖସାଇବା ନିମନ୍ତେ କାନ୍ଧରେ ରଖି ଚଳାଯାଉଥିବା ଏୟାର୍ ଡିଫେନ୍ସ ସିଷ୍ଟମ୍ କିଣିବା ପ୍ରକ୍ରିୟା ଆରମ୍ଭ କରିଛି। ଏହି ସିଷ୍ଟମ୍ ପାଇଁ ସେନା ପକ୍ଷରୁ ଟେଣ୍ଡର କରାଯାଇଛି, ଯେଉଁଥିରେ ୪୮ ଲଞ୍ଚର୍, ୪୮ ମିସାଇଲ୍ ଏବଂ ସେଥିରେ ସମ୍ପୃକ୍ତ ଆବଶ୍ୟକ ଉପକରଣ ସାମିଲ। କମ୍ ଉଚ୍ଚତାର ଉଡୁଥିବା ଶତ୍ରୁ ପକ୍ଷର ବିମାନ, ହେଲିକପ୍ଟର ଓ ଡ୍ରୋନ୍‌କୁ ଲକ୍ଷ୍ୟକରି ଶୂନ୍ୟରେ ଧ୍ୱଂସ କରିବା ନିମନ୍ତେ ଏହାର ବ୍ୟବହାର କରାଯିବ। ପ୍ରତିରକ୍ଷା ଅଧିକାରୀଙ୍କ ଅନୁସାରେ ଏହି ସିଷ୍ଟମ୍ ମେକ୍ ଇନ୍ ଇଣ୍ଡିଆ ଅଧୀନରେ କିଣାଯିବ। ପ୍ରତିରକ୍ଷା ବିଶେଷଜ୍ଞଙ୍କ ଅନୁସାରେ ଏହି ପଦକ୍ଷେପ ଡ୍ରୋନ୍ ଏବଂ ହେଲିକପ୍ଟର ଜରିଆରେ ଅନୁପ୍ରବେଶର ଆଶଙ୍କା ଥିବା ସୀମାବର୍ତ୍ତୀ ଅଞ୍ଚଳରେ ଭାରତୀୟ ବାୟୁସେନାର ସୁରକ୍ଷାକୁ ଆହୁରି ଶକ୍ତିଶାଳୀ କରିବ। ସେନାର ଏହି ନିଷ୍ପତ୍ତି ଦେଶର ଆତ୍ମନିର୍ଭର ପ୍ରତିରକ୍ଷା ନୀତିକୁ ମଧ୍ୟ ଶକ୍ତି ପ୍ରଦାନ କରିବ।

# ପାକିସ୍ତାନର ଅବ୍‌ଦାଲୀ ବାଲେଷ୍ଟିକ୍ ମିସାଇଲ୍ ପରୀକ୍ଷଣ

**ନୂଆଦିଲ୍ଲୀ,୩।୫/ଏଜେନ୍ସି:** ଭାରତ ସହିତ ଦେଖାଦେଇଥିବା ଉତ୍ତେଜନା ମଧ୍ୟରେ ପାକିସ୍ତାନ ଶନିବାର ଅବ୍‌ଦାଲୀ ୱେପନ୍ ସିଷ୍ଟମ୍ ନାମକ ବାଲେଷ୍ଟିକ୍ ମିସାଇଲ୍‌ର ସଫଳ ପରୀକ୍ଷଣ ଦାବି କରିଛି। ପାକିସ୍ତାନର କହିବା ଅନୁସାରେ ଅପରେସନାଲ୍ ରେଡିନେସ୍ ଏକ୍ସରସାଇଜ୍ 'ଇଣ୍ଡସ୍' ଅଧୀନରେ ୪୫୦ କିଲୋମିଟର ମାରକ କ୍ଷମତା ବିଶିଷ୍ଟ ଏହି ଭୂପୃଷ୍ଠରୁ ଭୂପୃଷ୍ଠ ମିସାଇଲ୍‌ର ପରୀକ୍ଷଣ କରାଯାଇଛି। ଏହି ମିସାଇଲ୍ ୫୦୦ରୁ ୭୦୦ କିଲୋଗ୍ରାମ ପର୍ଯ୍ୟନ୍ତ ନ୍ୟୁକ୍ଲିୟର୍ ଏବଂ ପାରମ୍ପରିକ ଅସ୍ତ୍ରଶସ୍ତ୍ର ବହନ କରିପାରିବ। ତେବେ ଏହାର ବ୍ୟବହାର ମୁଖ୍ୟ ରୂପେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପାଇଁ କରାଯାଇଥାଏ। ଏଥିରେ ଆଧୁନିକ ନେଭିଗେସନ୍ ଏବଂ ଗାଇଡେଡ୍ ସିଷ୍ଟମ୍ ରହିଛି, ଯାହା ସଠିକ୍ ଲକ୍ଷ୍ୟଭେଦ କରିବାରେ ସକ୍ଷମ।


Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra